ଟ.:୨୪

# ଆମରି ସତ୍ୟ

# AMARI SATYA

RNI Regn. No. - ODIODI/2010/35051
Postal Regd. No. : PURI-33/2019-21

ଏକାଦଶ ବର୍ଷ । ସଂଖ୍ୟା ଦଶମ । ମାସିକ । ଅପ୍ରେଲ୍ - ୨୦୨୧ । ଆର.ଏନ୍.ଆଇ. ନଂ : ଓଡିଆଇଓଡିଆଇ/୨୦୧୦/୩୫୦୫୧ ପୃଷ୍ଠା ସଂଖ୍ୟା ୫୨










amarisatyanews app ( )୨୪.୦୩.୨୦୨୧ ଦିନ ଆରମ୍ଭ ହୋଇଛି।

ଏହା ଗୁଗୁଲ ପ୍ଲେଷ୍ଟୋରରେ ( ) ଉପଲବ୍ଧ ଅଟେ।

ଏହା ମାତ୍ର ଖୁବ୍ କମ୍ ଏମ୍‌ବି ଅଟେ।

ଏଥିରେ ଇଂରାଜୀ ଓ ଓଡ଼ିଆ ଭାଷାରେ ଖବରମାନ ଉପଲବ୍ଧ ଅଛି।

ଆପଣମାନେ ନିଜ ଅଞ୍ଚଳର କିଛି ସମ୍ବାଦ ନିଜ ମୋବାଇଲ୍‌ରେ ଟାଇପ୍ କରି
ଘଟଣା ସମ୍ବନ୍ଧୀୟ ଫୋଟ ପଠାଇଲେ ତାହା ପ୍ରକାଶ ପାଇବ
ଏବଂ ସେଥିରେ ଆପଣଙ୍କ ନାମ ରହିବ
ବିନା ଫୋଟରେ ସମ୍ବାଦ ପ୍ରକାଶ କରାଯିବ ନାହିଁ।

www.amarisatyanews.in ରେ ଏହା ମଧ୍ୟ ଆପଣ ଦେଖିପାରିବେ।

9437281655 amarisatya@gmail.com

# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଏକାଦଶ ବର୍ଷ - ଦଶମ ସଂଖ୍ୟା - ଅପ୍ରେଲ୍ ୨୦୨୧**

**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସଂପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨
ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ.ରଶ୍ମି ରଞ୍ଜନ ନାଥ
୯୯୮୬୧୪୭୭୧୯୫

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
୭୯୭୮୭୧୫୧୪୯

**ଯୋଗାଯୋଗ:**

**ମୁଖ୍ୟ କାର୍ଯ୍ୟାଳୟ -**
**'ଆମରିସତ୍ୟ'**
ଏମ୍ - ୧/୫,
ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଖୋର୍ଦ୍ଧା -୭୫୨୦୫୭, ଓଡ଼ିଶା
ଦୂରଭାଷ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ -**
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ,ଆମରିସତ୍ୟ
ପ୍ଲଟ ନଂ-ଏମ୍ -୫/୨୩ , ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୭୫୧୦୧୩ , ଜି-ଖୋର୍ଦ୍ଧା
ଦୂରଭାଷ : ୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ -**
ଶ୍ରୀ ପଦ୍ମନାଭ ପାଣିଗ୍ରାହୀ
ବନମାଳି କଲୋନୀ, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦
ଦୂରଭାଷ : ୯୩୩୮୨୨୧୩୭୪

**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଦ୍ୱିବାର୍ଷିକ ଦେୟ | ଟ.୪୫୦/- |
| ୪. ତ୍ରୟବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

(ଆଜୀବନ ଗ୍ରାହକ ସଦସ୍ୟତା ୧୪ ବର୍ଷ ପାଇଁ )

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର
**ଡ.ଶରଚ୍ଚନ୍ଦ୍ର ମହାପାତ୍ର**
ପୂର୍ବତନ ଅଧ୍ୟକ୍ଷ,
ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀ
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର
**ଡ.ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ ଓ ସାମାଜସେବୀ, ଭୁବନେଶ୍ୱର
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର - ୩୧୦୩୩୯୭୪୨୨୬
**IFSC-SBIN0012027, MICR-752002151**

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

**AMARISATYA**
**AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.**
**Website: www.amarisatya.in   Email:amarisatya@gmail.com / amarisatya@rediffmail.com**

# ସୂଚୀପତ୍ର


| କ୍ର.ସଂ. ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. ସକାଳ ବନ୍ଦନା | ରମେଶ ମଙ୍ଗରାଜ | ୦୪ |
| ୨. ସମ୍ପାଦକୀୟ | | ୦୫ |
| ୩. ହିତ ବାଣୀ | | ୦୬ |
| ୪. ସ୍ୱତନ୍ତ୍ର ଉତ୍କଳପ୍ରଦେଶର... | ଉମାଶଙ୍କର ପ୍ରସାଦ | ୦୭ |
| ୫. ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୧୦ |
| ୬. ଅତିବଡ଼ୀ ଜଗନ୍ନାଥ ଦାସ | କରୁଣାକର ସାହୁ | ୧୩ |
| ୭. ମୂର୍ତ୍ତିମନ୍ତ ଅଣାକାର | ଶିବ ମିଶ | ୧୪ |
| ୮. ସାହିତ୍ୟ ଓ ଆମରିସତ୍ୟ... | ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି | ୧୫ |
| ୯. ଭଜୁଥିବି ନିରନ୍ତର | ସୁମତୀ ଦେଈ | ୧୬ |
| ୧୦.ଝରାଶେଫାଳୀଙ୍କୁ ହୋଲିରେ ପଦେ | ପ୍ରମୋଦ ମହାନ୍ତି | ୧୬ |
| ୧୧.କାକୁଡ଼ି ଦହି ସର୍ବତ | ସୌମିତ୍ରା ହରିଚନ୍ଦନ | ୧୬ |
| ୧୨.ବାର ବାର ନେବି ନାରୀଜନ୍ମ | ଡକ୍ଟର ସ୍ନିଗ୍ଧା ସ୍ୱାଇଁ | ୧୯ |
| ୧୩.ଠିକଣା | ବୈଜୟନ୍ତୀ ପଟ୍ଟନାୟକ | ୨୦ |
| ୧୪.ବେଙ୍ଗ ବାହାଘର | ତ୍ରିଲୋଚନ ମହାପାତ୍ର | ୨୦ |
| ୧୫.ସିଦ୍ଧାନ୍ତ ଦର୍ପଣରେ ଉତ୍କଳ - ସ୍ତବ | ଡକ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ | ୨୧ |
| ୧୬.ମେକେଲସ ଡାଇଭରଟିକୁଲମ | ଡା.ଧନେଶ୍ୱର ସାହୁ | ୨୨ |
| ୧୭.ବଡ଼ ମଣିଷଙ୍କ ଜୀବନ କଥା - ୪ | ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ | ୨୪ |
| ୧୮.ସବୁଠାରୁ ଯୋଗ୍ୟ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୨୬ |
| ୧୯.ଜଣା ଅଜଣା | ଡ.ପ୍ରମୋଦ ଚନ୍ଦ୍ର ଦାଶ | ୨୯ |
| ୨୦.ବିଶ୍ୱ ସୃଷ୍ଟି ଦିବସ | ପଦ୍ମନାଭ ସ୍ୱାଇଁ | ୩୧ |
| ୨୧.ଉଦ୍ଧବ | ସତ୍ୟନାରାୟଣ ସାମନ୍ତରାୟ | ୩୨ |
| ୨୨.କରୋନା ପାଇଁ ବିଶେଷ... | ଡ. ରାଜଶ୍ରୀ ଉପାଧ୍ୟାୟ | ୩୩ |
| ୨୩.ଗଜପତି ନରସିଂହ ଦେବ | ଡ. ପ୍ରସନ୍ନ କୁମାର ଜେନା | ୩୪ |
| ୨୪.ଜୀବନ | ଶ୍ରୀମତୀ ସୁକେଶିନୀ ଶତପଥି | ୩୫ |
| ୨୫.ଡ. ପ୍ରାଣକୃଷ୍ଣ ପରିଜା | ଡ.ଶରଚ୍ଚନ୍ଦ୍ର ମହାପାତ୍ର | ୩୬ |
| ୨୬.ଗାନ୍ଧୀଙ୍କ ଛି - ଛ... | ଜବାହରଲାଲ ସୁବୁଦ୍ଧି | ୩୮ |
| ୨୭.ଦେହାତୀତ | ଦେବଯାନୀ ରାୟ | ୩୮ |
| ୨୮....ଧଣ୍ଡ ସାପ | ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର | ୩୯ |
| ୨୯.ଇଂଲାଣ୍ଡ ବିପକ୍ଷରେ ନିର୍ଣ୍ଣାୟକ ବିଜୟ | ଆଶିଷ କୁମାର ରାୟ | ୪୦ |
| ୩୦.ସମ୍ବାଦ ବିଚିତ୍ରା | | ୪୨ |
| ୩୧.ସାଧାରଣ ଜ୍ଞାନ | | ୪୩-୫୦ |

## ॥ ସକାଳ ବନ୍ଦନା :
## ସଂଜ ପ୍ରାର୍ଥନା - ୫୬


### ରମେଶ ମଙ୍ଗରାଜ

ଜଗତର ବନ୍ଧୁ ଆହେ କୃପାସିନ୍ଧୁ
ଜୟ ଜଗଦିଶ ହରେ
ଜଗତର ନାଥ କାଳିଆସାଆନ୍ତ
ଶରଣ ମୁଁ ପାଦତଳେ । ॥୦॥
ଜଡ଼ରୁ ଜୀବନ ପାଣିରୁ ପବନ
ମାଟିରୁ ଆକାଶ ଯାଏ
ଜନ୍ମରୁ ମରଣ ସତରୁ ସପନ
ତୁମ ରୂପ ଦିଶିଥାଏ
ଜଳ, ବନଗିରି ଧରଣୀ ଆକାଶ
ତୁମେ ପ୍ରଭୁ ସବୁଠାରେ । ॥୧॥
ଜଗତର ବନ୍ଧୁ..........
ଜନମ ଦେଇଛ ଜଞ୍ଜାଳ ଦେଇଛ
ଜଳୁଛି ସଳିତା ହୋଇ
ଜଞ୍ଜିରରେ ବନ୍ଧା ହାତପାଦ ମୋର
ଚଳିବାକୁ ବଳନାହିଁ
ଜୁଇ ପରେ ନିଆଁ ଜଳିବା ଆଗରୁ
ଦେଖାଦିଅ ପ୍ରଭୁ ବାରେ । ॥୨॥
ଜଗତର ବନ୍ଧୁ........


କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା
ଖୋର୍ଦ୍ଧା - ୭୫୨୦୫୪
ଦୂରଭାଷ - ୯୧୭୮୬୬୬୨୮୦


ଦୁର୍ଭାଗ୍ୟକୁ ଭୟ କରନାହିଁ। ସୌଭାଗ୍ୟ ହିଁ ତାହାରି ପଛରେ ଲୁଚିରହିଛି।

# ସମ୍ପାଦକୀୟ....





ଏପ୍ରିଲ୍ ଏକ ତାରିଖ – ଉତ୍କଳ ଦିବସ।

୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଦିନ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଆତ୍ମପ୍ରକାଶ କଲା। ପ୍ରଥମ କରି ଭାଷାଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା। ଏଥିସହ ଇଂରେଜ ଶାସନାଧୀନ ଭାରତବର୍ଷର ଏକମାତ୍ର ରାଜ୍ୟ ଭାବରେ ଓଡ଼ିଶା ପ୍ରଥମକରି ଏହି ସୌଭାଗ୍ୟର ଅଧିକାରୀ ହୋଇପାରିଥିଲା।

ତେବେ, ଏହା କୌଣସି ଆକସ୍ମିକତା କିମ୍ବା ଅଲୌକିକତା ନଥିଲା। ଏହା କିଛି ଦେଶପ୍ରେମୀ, ଜାତିପ୍ରେମୀ ଓ ଭାଷାପ୍ରେମୀଙ୍କ ଦୀର୍ଘବର୍ଷର ସାଧନାର ଫଳ ଥିଲା। ଏମାନଙ୍କ ମଧ୍ୟରେ ଥିଲେ ଉତ୍କଳ ଗୌରବ ମଦୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ସାହିତ୍ୟର ଉଜ୍ଜ୍ୱଳ ଜ୍ୟୋତିଷ୍କ ସ୍ୱରୂପ ଫକୀର ମୋହନ ସେନାପତି, ପ୍ରକୃତି କବି ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ପାରଳାର ରାଜା କୃଷ୍ଣଚନ୍ଦ୍ର ଗଜପତି ଆଦି ମା', ମାଟି ଓ ମମତ୍ୱବୋଧକୁ ଭଲ ପାଉଥିବା କିଛି ବ୍ୟକ୍ତି। ତତ୍କାଳୀନ ଓଡ଼ିଶାର ଅନେକ ଭୂଖଣ୍ଡ ବିହାର, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗ ସହ ମିଶି ରହିଥିଲା। ସେସବୁ ସ୍ଥାନକୁ ଆଜିର ଓଡ଼ିଶାର ମାନଚିତ୍ରରେ ସ୍ଥାନିତ କରିବାକୁ ଏ ବ୍ୟକ୍ତିବିଶେଷମାନଙ୍କୁ ଯଥେଷ୍ଟ ଶ୍ରମ ସ୍ୱୀକାର କରିବାକୁ ପଡ଼ିଥିଲା।

ତେବେ, କଥାଟି ସେତିକିରେ ସୀମିତ ନାହିଁ। ଏହିଭଳି ଅନ୍ୟ କିଛି ବ୍ୟକ୍ତିଙ୍କ ଅହରହ ପ୍ରଚେଷ୍ଟା, ନଥି, ଦଲିଲ୍ ଯୋଗାଡ଼ ଓ ସେସବୁକୁ କେନ୍ଦ୍ର ସରକାରଙ୍କ ପାଖରେ ପଇଠକରି ଦୃଢ଼ ଯୁକ୍ତି ଉପସ୍ଥାପନ କରିବା ଦ୍ୱାରା ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା। ସଂସ୍କୃତ, ତେଲଗୁ, ତାମିଲ, କନ୍ନଡ଼ ଓ ମାଲାୟାଲାମ୍ ପରେ ଓଡ଼ିଆ ଭାଷାକୁ କେନ୍ଦ୍ର ସରକାର ଏଥିରେ ପ୍ରାଚୀନ ଭାଷାର ମୋହର ମାରି ଏହାକୁ ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନକଲେ। ସାରା ଓଡ଼ିଶାରେ ଖୁସିର ଲହରୀ ଖେଳିଗଲା। ଖବର କାଗଜରେ ବଡ଼ବଡ଼ ଅକ୍ଷରରେ ଏହି ଖବର ଛପାଗଲା। ଲୋକେ ପଢ଼ିଲେ। ଲୋକେ ଲୋକଙ୍କୁ ଅଭିନନ୍ଦନ ଜଣେଇବାକୁ ଲାଗିଲେ। କିଛିଦିନ ବେଶ୍ ଧୁମ୍‌ଧାମ୍‌ରେ ସଭାସମିତିରେ କିମ୍ବା ସାହିତ୍ୟ ଚର୍ଚ୍ଚା ଅବସରରେ ଏକଥାକୁ ବକ୍ତାମାନେ କହୁଥିବାବେଳେ ଶ୍ରୋତା ନିବିଷ୍ଟ ଚିତ୍ତରେ ଶୁଣିଲେ। ଓଡ଼ିଆ ଭାଷାରେ ସରକାରୀ ଦପ୍ତର କାର୍ଯ୍ୟଠାରୁ ବ୍ୟବସାୟ ପ୍ରତିଷ୍ଠାନର ଫଳକ ଆଦି ଲେଖାଯିବାକୁ ସମସ୍ତେ ପ୍ରତିଜ୍ଞା କଲେ। ସେହି ଅନୁରୂପେ ସରକାରଙ୍କଠାରୁ କିଛି ବେସରକାରୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଉଦ୍ୟମ ଅବ୍ୟାହତ ରଖିଲେ। ମାତ୍ର ସବୁ କେବଳ ପ୍ରଚାରସର୍ବସ୍ୱ ହୋଇ ପୁଣି ପୂର୍ବାବସ୍ଥାକୁ ଫେରିପଡ଼ିଲେ।

ଏ ପରିପ୍ରେକ୍ଷୀରେ ଆମେ ଏ କଥା ଏହି ସଂପାଦକୀୟରେ ଲେଖିଲାବେଳେ ଆମକୁ ଯଥେଷ୍ଟ ଲଜ୍ଜାବୋଧ ହେଉଛି। କାରଣ, ଆମେ ଯଦି ଆମର କୌଣସି ବି ପଡ଼ୋଶୀ ରାଜ୍ୟକୁ କେବେ ଯାଇଥାଉ, ତେବେ ସେମାନଙ୍କର ଭାଷାପ୍ରୀତି ଓ ଜାତିବୋଧ ନିଶ୍ଚିତ ଆମ ଦୃଷ୍ଟିକୁ ଆସିଥିବ। ସେମାନଙ୍କର ଦୋକାନ ବଜାରଠାରୁ ସରକାରୀ ଦପ୍ତରର ନାମ ଫଳକ ନିଶ୍ଚିତ ଭାବେ ସେମାନଙ୍କ ନିଜ ଭାଷାରେ ହିଁ ଲେଖା ହୋଇଥିବ, ଯାହା ଆମ ରାଜ୍ୟରେ ପ୍ରାୟ ଦେଖିବାକୁ ମିଳେ ନାହିଁ। ଯଦି ବା କେହି ଲେଖିଥାଏ, ତେବେ, ଇଂରେଜୀ ଅକ୍ଷରକୁ ମାନ୍ୟତା ସ୍ୱରୂପ ବଡ଼ କରି ଲେଖି ତା ତଳକୁ ଖୁବ୍ ଛୋଟ ଭାବେ ଓଡ଼ିଆରେ ଲେଖାଯାଇଥାଏ। ସତେ ଯେମିତି ଓଡ଼ିଆରେ ଲେଖିଦେଲେ ନିଜ ହୀନମନ୍ୟତା ପଦାରେ ପଡ଼ିଯିବ ।


ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପଦିକ କଥା ଆମେ ଅହରହ ଘୋଷି ହେଉଛେ ଓ ଆମ ଜାତିପ୍ରୀତିର ଉଦାହରଣ ଦେଉଛେ – " ପୂରୁବ ଗୌରବ ପୂରୁବ ମହିମା ପଡୁନାହି କି ତୋ ମନେ" ? ସୁତରାଂ, ପୂର୍ବକଥାକୁ ମନେ ପକେଇବା ପାଇଁ ଆମେ କେବଳ ଉତ୍କଳ ଦିବସ ପାଳନ କରୁଛେ, ନଇଲେ ଏହି ପାଳନ କେବଳ ଲୋକଦେଖାଣିଆ ଓ ନିଜ ପ୍ରୌଢ଼ି ପ୍ରଦର୍ଶନ। ନା ଏଥିରେ କିଛି ସ୍ୱାଭିମାନ ଅଛି ନା ପୂର୍ବସୂରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ କିଛି ସମବେଦନା ଅଛି ?

ମାନସିକତା ପରିବର୍ତ୍ତନ ହେବା ଆଜିର ଉତ୍କଳ ଦିବସରେ ସଭିଙ୍କ ମୁଖ୍ୟ ଲକ୍ଷ୍ୟ ହେଉ।

ଡ. ପ୍ରସନ୍ନ କୁମାର ଜେନା

# ହିତ ବାଣୀ





## ଗୀତା

ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ।
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍ ।।୬/୭।।

ଯେଉଁ ଜୀବାତ୍ମାଦ୍ୱାରା ମନ ଓ ଇନ୍ଦ୍ରିୟସହିତ ଶରୀରକୁ ଜୟ କରାଯାଇଛି, ସେହି ଜୀବାତ୍ମା ନିଜେ ହିଁ ନିଜର ମିତ୍ର ଏବଂ ଯାହାଦ୍ୱାରା ମନ, ଇନ୍ଦ୍ରିୟ ଓ ଶରୀରକୁ ଜୟ କରାଯାଇନାହିଁ, ସେ ନିଜେ ହିଁ ନିଜର ଶତ୍ରୁପରି ଆଚରଣ କରେ ।

## ଚାଣକ୍ୟ ଶ୍ଳୋକ

ସୁଖ - ଦୁଃଖ :-

ଈପ୍ସିତଂ ମନସଃ ସର୍ବଂ କସ୍ୟ ସମ୍ପଦ୍ୟତେ ସୁଖମ୍ ।
ଦୈବାୟତ୍ତଂ ୟତଃ ସର୍ବଂ ତସ୍ମାତ୍ ସନ୍ତୋଷମାଶ୍ରୟେତ୍ ।।୧୩।।

ଆର୍ଯ୍ୟ ଚାଣକ୍ୟଙ୍କ ବକ୍ତବ୍ୟ ହେଉଛି ଯେ, ମନରେ ରହିଁଥିବା ସୁଖ କାହାକୁ ଅବା ମିଳିଛି। କାରଣ ସବୁକିଛି ଭାଗ୍ୟର ଅଧୀନ। ଏଣୁ ସବୁବେଳେ ସନ୍ତୁଷ୍ଟ ହେବା ଆବଶ୍ୟକ।

## ମହତ ବାଣୀ

ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବାପାଇଁ ଆଘାତ ସ୍ୱରୂପ ।

## ଭାଗବତ ବାଣୀ

ସକଳ ଦେହେ ନାରାୟଣ । ବସନ୍ତି ଅନାଦି କାରଣ ।।
ସେ ନାରାୟଣ ଦେହ ଗତେ । ବସନ୍ତି ଭାବ ଅନୁମତେ ।।
ଏ ଭାବ ଦୃଢ଼ ଯାର ମନ । ସେ ପ୍ରାଣୀ ଭକତ ଉତ୍ତମ ।।
ଈଶ୍ୱର ଠାରେ ପ୍ରେମ କରେ । ମିତ୍ର ଭାବନା ସାଧୁଠାରେ ।।

## କୁହତ ଦେଖି

ପୂର୍ବ ଗଲି, ପଶ୍ଚିମ ଗଲି, ତହୁଁ ଗଲି ଉତ୍ତର
ଏକ ରାଇଜରେ ଦେଖି ଅଇଲି ଫୁଲ ଉପରେ ପତର ।

(ଗଇସ)

## ରୂଢ଼ି ପ୍ରୟୋଗ

ଘୋଡ଼ାକୁ ଭାଗବତ - ବୁଝି ନପାରିବା ଲୋକକୁ ସେଇକଥା ଶୁଣେଇବା।
ଚହିଁ ଜଳକା - ଜାଣିଶୁଣି ଚିହ୍ନିନପାରିବା ।
ଚିତା କାଟିବା - ଠକିବା ।

## ଢଗଢମାଳି

କୂଅରେ ପଇଲା ଇଟା, ଜୁଆଳିବାଡ଼ିରେ ଭାଙ୍ଗିବି ଅଣ୍ଟାଲୋ
ଶିଖାଇବି ଧାନ କୁଟା।
(ଅଳସ ପଣିଆ ଭାଙ୍ଗି ଘର କାମରେ ମନ ଦେବାକୁ ସ୍ୱାମୀର ସ୍ତ୍ରୀକୁ ଚେତାବନୀ।

# ସ୍ୱତନ୍ତ୍ର ଉତ୍କଳପ୍ରଦେଶର ଉତ୍ତର ଦାୟାଦ

ଉମାଶଙ୍କର ପ୍ରସାଦ



**ସ୍ୱ**ଦେଶାନୁରାଗ ପ୍ରଣୋଦିତ ସର୍ବୋତ୍ତମ ଅଭିଳାଷ ସଚେଷ୍ଟ ଭାଷା ଓ ସଂସ୍କୃତିର ସମାବେଶରେ ଏକ ସାଂସ୍କୃତିକ ସଂହତି ପ୍ରତିଷ୍ଠା କରିବାର ଆକାଂକ୍ଷା ହିଁ ଜାତିୟତାବାଦ। ଜାତିପ୍ରୀତି, ସ୍ୱଦେଶପ୍ରେମ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ରହିତ ଗୋଟିଏ ଜାତିର ସର୍ବବିଧ ବିକାଶ ପାଇଁ ଅନୁବଂଧିତ ପ୍ରେରଣା ହିଁ ଜାତୀୟତାବାଦ। ଜାତିର ଉନ୍ନତି କରିବା ଜାତୀୟ ସଂସ୍କୃତି, ସାହିତ୍ୟ, କଳା, ଐତିହ୍ୟ ଇତ୍ୟାଦିକୁ ରକ୍ଷାକରିବା ସହିତ ଜାତିର ସାମାଜିକ, ଅର୍ଥନୈତିକ ଉନ୍ନତି ସହିତ ତାହାର ସାର୍ବଭୌମ ଭୌଗଳିକ ଅଖଣ୍ଡତା ଓ ଐକ୍ୟ ଏବଂ ସଂହତି ବଜାୟ ରଖିବା ସ୍ୱଦେଶାନୁରାଗ ବା ଜାତୀୟତାବାଦର ମୂଳମନ୍ତ୍ର।

ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ପରେ ୧୫୬୮ ମସିହାରେ ଓଡିଶା ଆଫଗାନ୍ ଶାସନାୟତ୍ତ ହେଲା। ଏବଂ ପର୍ଯ୍ୟାୟ କ୍ରମେ ଏହା ମୋଗଲ, ମରହଟ୍ଟା ଓ ଇଂରେଜ ଶାସନାଧୀନ ହୋଇ ପରାଧୀନ ଥିବାବେଳେ ବଙ୍ଗ ବିହାର ଓ ମଧ୍ୟ ପ୍ରଦେଶରେ ଖଣ୍ଡ ବିଖଣ୍ଡିତ ହୋଇ ନିଜସ୍ୱ ସତ୍ତା ଓ ଅଖଣ୍ଡତା ହରାଇ ବସିଥିଲା ଓଡିଶାର ବିଶାଳ ଭୂଖଣ୍ଡ। ୧୫୬୮ରୁ ୧୯୩୬ ଅର୍ଥାତ୍ ୩୬୮ ବର୍ଷ ପରେ ସୁଦୀର୍ଘ ସୂର୍ଯ୍ୟତୃଷ୍ଣା ଏବଂ ସଂଘର୍ଷମୟ କ୍ରାନ୍ତିର ଉତ୍ତୀର୍ଣ୍ଣ ଉଚ୍ଛ୍ୱାସରୁ ୧୯୩୬ ଏପ୍ରିଲ ପହିଲାରେ ୬ଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଆଦେଶନାମା ପ୍ରକାଶ ପାଇଲା। ଏହାର ୧୧ବର୍ଷ ପରେ ଅର୍ଥାତ୍ ୧୯୪୭ରେ ଗଡଜାତ ଅଞ୍ଚଳର ମିଶ୍ରଣ ଉତ୍ତାରୁ ଓଡିଶାର କାୟା ବିସ୍ତାର ଘଟିଥିଲା, ଯଦିଓ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ସୀମାନ୍ତବର୍ତ୍ତୀ ଓଡିଆ ବିଚ୍ଛିନ୍ନାଞ୍ଚଳରେ ନିର୍ବାସିତ ହୋଇ ରହିଗଲେ। ୧୫୬୮ରୁ ୧୯୪୭ ଏହି ଦୀର୍ଘ ୩୭୯ ବର୍ଷ ମଧ୍ୟରେ ଉତ୍କଳୀୟ ସ୍ୱଦେଶାନୁରାଗ ଚେତନାକୁ ଉତ୍କଳ ଭାରତୀଙ୍କର ଯେଉଁ ସାରସ୍ୱତ ସାଧକ ଓ ବାଂଗ୍ମୀବରପୁତ୍ର ଆପଣାର କବିତ୍ୱମୟ ପ୍ରାଣର ସ୍ୱତଃ ସ୍ଫୁର୍ତ୍ତ ଭାଷାରେ ଅଭିମଂତ୍ରିତ କରିବା ସଙ୍ଗେ ସଙ୍ଗେ ଓଡିଶାର ଜନଚେତନାକୁ 'ଉର୍ଜ୍ଜାଘର' (Power House) ରୂପେ ପ୍ରେରଣା ଓ ଉଦ୍ଦୀପନାରେ ଅନୁପ୍ରାଣିତ କରିବାରେ ଅନୁବଂଧିତ ଥିଲେ; ଉପରୋକ୍ତ ଦୀର୍ଘ ୩୭୯ ବର୍ଷ ଧରି ସେମାନେ ସ୍ୱତନ୍ତ୍ର ଉତ୍କଳପ୍ରଦେଶର ଉତ୍ତର ଦାୟାଦ ରୂପେ ଆମ ସମସ୍ତିଙ୍କର ଚିରନମସ୍ୟ ଓ ବରେଣ୍ୟ। ୭୯ତମ ଉତ୍କଳ ଦିବସର ଏହି ମହାର୍ଘ ଅବସରରେ ସେମାନଙ୍କ ଉଦ୍ଦେଶ୍ୟରେ ଏହି ସଶ୍ରଦ୍ଧ ସ୍ମୃତିତର୍ପଣ ଓ ଶ୍ରଦ୍ଧା ସୁମନର କୁସୁମାଞ୍ଜଳି

**ଉତ୍କଳ ଗୌରବ ମଧୁସୂଦନ ଦାସ :**

ପ୍ରଚଣ୍ଡ ପ୍ରତିଭାଧାରୀ, ଜାତିପ୍ରାଣ ଯେ କି ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାର ମୁଖ୍ୟ ଭୂମିକା ନେଇ ଉନବିଂଶ ଶତାବ୍ଦୀର ଘନ ଅନ୍ଧକାରରୁ (ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ) 'ଶତାବ୍ଦୀର ସୂର୍ଯ୍ୟ' ପରି ଆଲୋକର ପଥ ଦେଖାଇଥିଲେ; ସେ ଥିଲେ ଆଧୁନିକ ଉତ୍କଳର ସ୍ୱପ୍ନ ଦ୍ରଷ୍ଟା ଓ ସ୍ରଷ୍ଟା। 'ସେ ବି ଥିଲେ ଭାରତର ଗର୍ବ'। ଗାନ୍ଧିଜୀଙ୍କ ପରିଭାଷାରେ ମଧୁସୂଦନ ମୋ ଗୁରୁ, ମହର୍ଷି ଅରବିନ୍ଦଙ୍କ ଭାଷାରେ ସେ ଥିଲେ ନେତୃତ୍ୱର ଶିଖର ପୁରୁଷ, ନେହୁରଙ୍କ ଦୃଷ୍ଟିରେ ସେ ଥିଲେ ଜନବାଦୀ ମହାନ ନେତା, ସାର ରାମ୍‌ସେଙ୍କ ଭାଷାରେ ସେ ଓଡିଶାର ଅଦ୍ୱିତୀୟ ମୁକୁଟ ବିହୀନ ସମ୍ରାଟ।

ତାଙ୍କ ରଚିତ କବିତା ମଧ୍ୟରେ ସେ ଏ ଜାତିକୁ ପୁନର୍ବାର ଅଭିମନ୍ତ୍ରିତ ହେବା ପାଇଁ ପ୍ରଚେଷ୍ଟା କରି ସେ ଉଦାତ୍ତ ଆହ୍ୱାନ ଦେଇଥିଲେ :-

"ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ତୁହି ଭୀରୁ,
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା ଡରୁ ?

ଯେଉଁମାନେ କେବଳ ବାକ୍‌ପଟୁତାରେ ହିଁ ଆକାଶ ପର୍ଯ୍ୟନ୍ତ ସ୍ୱହସ୍ତ ଲମ୍ବାଇ ଦେଇପାରନ୍ତି। ମାତ୍ର କବି ଓ ବାଗ୍ମୀ ମଧୁବାବୁ ଅନୁଭବ କରିଛନ୍ତି ଉତ୍କଳ ଜନନୀ ପରାଧୀନତା ରୂପକ ଅନ୍ଧକାର ମଧ୍ୟରେ ଦୀର୍ଘ ଦିନ ଧରି ରୋଦନ କରୁଛି। ଅସଂଖ୍ୟ କର୍ମବୀରମାନଙ୍କୁ ସେ ନିଜର ଗର୍ଭରେ ଧାରଣ କରିଥିଲେ ହେଁ ସେମାନେ ଜନନୀର ଏପରି ଅସହାୟ ଅବସ୍ଥାରେ ତାକୁ ବାଚନିକ ଆଶ୍ୱାସନା ଓ ସାନ୍ତ୍ୱନା ଦେବା ପରିବର୍ତ୍ତେ ନିଜ ନିଜ ସ୍ୱାର୍ଥରେ ମସଗୁଲ ହୋଇଛନ୍ତି। ତେଣୁ ସେ ତାଙ୍କ 'ସନ୍ତାନର ଉକ୍ତି' କବିତାରେ ଓଡ଼ିଆମାନଙ୍କ ହୃଦୟରେ ଜାତୀୟତା ଭାବ ଉଦ୍ରେକ କରିବା ପାଇଁ କହିଛନ୍ତି -

"ଜାତି ପ୍ରେମ ବହ୍ନି ପଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି,
ସ୍ୱାର୍ଥମେଧ ଯଜ୍ଞେ ଚାରିଆଡେ ନାଚ
ଛାତିକୁ ମିଶାଇ ଛାତି।"

**ପଣ୍ଡିତ ଗୋପବନ୍ଧୁ ଦାସ :**

ସେହିପରି ଅନନ୍ୟ ସାଧକ ପଣ୍ଡିତ ଗୋପବନ୍ଧୁ ଦାସ ଦୁଃଖ, ଦୈନ୍ୟ, ବନ୍ୟା ମରୁଡି, ବାତ୍ୟାରେ ସଢୁଥିବା ଗରିବ ମଣିଷର ସେବା କିପରି କରାଯାଇପାରେ ତା'ର ସେ ଥିଲେ ଜ୍ୱଳନ୍ତ ଉଦାହରଣ। ନିଜର ବ୍ୟକ୍ତିଗତ ସୁଖ, ସ୍ୱାସ୍ଥ୍ୟ ପ୍ରତି ନଜର ନଦେଇ ଜାତିର ସେବାରେ ଅମ୍ଳାନ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ସେବାର ସେ ଥିଲେ ଅନନ୍ୟ ପ୍ରତୀକ। ସେ ଥିଲେ ସ୍ୱତନ୍ତ୍ରର ଉତ୍କଳ ପ୍ରଦେଶ ଅଭିଯାନର ଅବକାଶ ବିନ୍ଧାଣୀ। ସେ ଥିଲେ ତ୍ୟାଗଦୀପ୍ତ ଐତିହ୍ୟର ଅତୁଳ ବିନ୍ଧାଣୀ, ତାଙ୍କ ସ୍ୱପର ଉତ୍କଳ ସଂପର୍କରେ ସେ କହୁଥିଲେ:-

"ଜଗତ ସରସେ ଭାରତ କମଳ
ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ :
ଥିଲେ ଯହିଁ ମୁଁ ଭାରତ ବକ୍ଷରେ
ମଣିବି ମୁଁ ଅଛି ଆପଣା କକ୍ଷରେ।"

ପ୍ରକୃତପକ୍ଷେ ଉତ୍କଳ ସଂପ୍ରୀତିରେ ପ୍ରବୁଦ୍ଧ ତାଙ୍କର ସ୍ୱଦେଶ ଅନୁରାଗ ମହାଭାରତୀୟ ଚେତନାରୁ ପୃଥକ ନଥିଲା। ପୁଣ୍ୟାତ୍ମା ଗୋପବନ୍ଧୁ ଥିଲେ ଜଣେ ସଚ୍ଚା ଦେଶ ପ୍ରେମୀ। ଭାରତର ପ୍ରତି ସ୍ଥାନ ଥିଲା ତାଙ୍କର ଅତିପ୍ରିୟ। ଏ ଦେଶର ପାହାଡ ପର୍ବତ, ପଥର, ଶିଳା, ମାଟି ବାଲି ଥିଲା ତାଙ୍କ ଦୃଷ୍ଟିରେ ପରମ ପୂଜ୍ୟ ଶାଳଗ୍ରାମ ସଦୃଶ। ପ୍ରବାହିତ ନଦୀର ଜଳ ଥିଲା ତାଙ୍କ ପାଇଁ ପବିତ୍ର ପଞ୍ଚତୀର୍ଥର ଜଳ। ଭାରତର ପ୍ରତ୍ୟେକ ବୃକ୍ଷ ମହାବୃକ୍ଷ କଳ୍ପବଟ ସଦୃଶ। ସବୁଠି ଜଗତର ନାଥ ଜଗନ୍ନାଥ ତାଙ୍କ ଜ୍ଞାନ ଚକ୍ଷୁରେ ହୋଇ ଉଠିଛନ୍ତି ପ୍ରକଟିତ। ତେଣୁ ସେ ଲେଖିଅଛନ୍ତି :

"ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ
ପ୍ରତିସ୍ଥାନ ମୋର ପ୍ରିୟ ପୁରୀ ଧାମ :
ସକଳ ସଲିଳ ପଞ୍ଚତୀର୍ଥ ଜଳ
ପ୍ରତି ଧର୍ମାଳୟ ମୋର ନୀଳାଚଳ।
ଭାରତର ପ୍ରତି ବୃକ୍ଷ କଳ୍ପବଟ
ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ।"

ଉତ୍କଳୀୟତାର ମହାମାନ୍ତ୍ରିକ କବି ଗୋପବନ୍ଧୁଙ୍କ ପ୍ରାର୍ଥନା ଓ ପାଥେୟ ଥିଲା :-

"ଉତ୍କଳ ତନୟେ ଦିଅ ନବ ବଳ
ଉତ୍କଳ ପାଦପେ ରସମୟ ଫଳ।
ଉତ୍କଳ ସରିତେ ପବିତ୍ର ଜୀବନ,
ଉତ୍କଳ କାନନେ ସ୍ୱର୍ଗୀୟ ସୁମନ।
ଉତ୍କଳ ଆକାଶେ ନବ ଯଶଃ ରବି,
ଉତ୍କଳ ପ୍ରକୃତି ଧରୁ ନବ ଛବି।"

ସେ ସର୍ବଦା କହୁଥିଲେ :- ଆମ ପରିଚୟ : ଆମେ ଉତ୍କଳୀୟ : ଉତ୍କଳ ଆମର ପ୍ରାଣାଧିକ ପ୍ରିୟ।

ଜାତୀୟତାର ମହାମନ୍ତ୍ରରେ ପ୍ରତି ଓଡିଆକୁ ସେ ଏପରି ଭାବେ ଅଭିମନ୍ତ୍ରିତ କରିଥିଲେ।

**ଜାତିପ୍ରାଣ ମହାରାଜା କୃଷ୍ଣଚନ୍ଦ୍ର ଗଜପତି :**

ଉତ୍କଳ ପ୍ରୀତିର ଆଉଜଣେ ଅନନ୍ୟ ସାଧକ ଥିଲେ ଜାତିପ୍ରାଣ ମହାରାଜା କୃଷ୍ଣଚନ୍ଦ୍ର ଗଜପତି। ଜଣେ ଶାସକ କିପରି ଦକ୍ଷ ହୋଇପାରେ, ନିଜର ପ୍ରଜାମାନଙ୍କର ଉନ୍ନତି ଶାସକର କିପରି ଧ୍ୟେୟ ହୋଇପାରେ ଆଉ ଶାସକ ମଧ୍ୟ ନିଜ ଜାତିର, ମାତୃଭାଷାର କିପରି ରକ୍ଷା କରିପାରେ ତା'ର ବିମୂର୍ତ୍ତ ପ୍ରତୀକ ହେଉଛନ୍ତି କୃଷ୍ଣଚନ୍ଦ୍ର ଗଜପତି। ଓଡିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ସହ ସଂଯୋଗ ମଣିକାଞ୍ଚନ୍ ସଦୃଶ ଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବଦାନ ଚିରସ୍ମରଣୀୟ।

**ଉତ୍କଳହିତୈଷୀ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ :**

ସେହିପରି ଉତ୍କଳ ହିତୈଷୀ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଅନନ୍ୟ ଉଦାହରଣ। ଆଜିର ଗଣତନ୍ତ୍ରର ପୂଜାରୀ ବୋଲାଉଥିବା ଶାସନମୁଖ୍ୟମାନେ ଯେତେବେଳେ ସାମନ୍ତବାଦୀ ପରି ବ୍ୟବହାର କରୁଛନ୍ତି। ସେତେବେଳେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାମନ୍ତବାଦୀର ଶାସନ ଚାଲିଥିବା ବେଳେ ଜଣେ ମହାରାଜା କିପରି ଗଣତାନ୍ତ୍ରିକ ରୀତିରେ ଶାସନ କରି ପ୍ରଜାପାଳନ କରୁଥିଲେ ତାର ମହାର୍ଘ ଉଦାହରଣ ହେଲେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ। ପୁରୁଷୋତ୍ତମ ଶ୍ରୀରାମଙ୍କ ଶାସନ ସହିତ ତାଙ୍କ ଶାସନକୁ ତୁଳନା କରିବା ଅସମୀଚୀନ ହେବ ନାହିଁ। ତାଙ୍କର ଦମ୍ଭୋକ୍ତି ଥିଲେ - "ଯେଉଁମାନେ ଉତ୍କଳର ସ୍ଥାୟୀ ଅଧିବାସୀ ହୋଇଛନ୍ତି, ଅର୍ଥାତ୍ ଯେଉଁମାନେ ଉତ୍କଳକୁ

ସେମାନଙ୍କର ଗୃହ ମନେକରି ଅଛନ୍ତି, ସେମାନେ ଭିନ୍ନ ଜାତୀୟ ହେଲେ ସୁଦ୍ଧା ଆମର ସହୋଦର ଓ ସେମାନଙ୍କୁ ଉତ୍କଳୀୟ ବୋଲି ଗଣନା କରାଯିବ।" ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କର ଭାଷା ଓ ସାହିତ୍ୟ ପ୍ରେମ ଥିଲା ଅତୁଳନୀୟ। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ତାଙ୍କରି ସଭାପତିତ୍ୱରେ ୧୯୦୩ ମସିହାରେ କଟକର ଇଦ୍‌ଗା ପଡିଆରେ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ମହାରାଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଉତ୍କଳ ସମ୍ମିଳନୀରେ ନିମ୍ନୋକ୍ତ ପ୍ରସ୍ତାବ ଗୃହୀତ ହୋଇ ଏହି ସମ୍ମିଳନୀର ନାମ ଉତ୍କଳ ସମ୍ମିଳନୀ ରଖାଯାଇଥିଲା ଏବଂ ଯେଉଁମାନେ ଉତ୍କଳକୁ ଆସି ଓଡ଼ିଶାକୁ ଆପଣାର ମାତୃଭୂମି ସ୍ୱରୂପ ଗ୍ରହଣ ଏବଂ ସ୍ୱୀକାର କରୁଅଛନ୍ତି ଓ ଓଡ଼ିଆମାନଙ୍କର ହିତ ସାଧନାକୁ ସ୍ୱଜାତିର କର୍ତ୍ତବ୍ୟ କର୍ମ ବୋଲି ମନେ କରୁଛନ୍ତି, ସେମାନଙ୍କୁ ଅନୁରୂପ ଭାବେ ଆମ୍ଭେମାନେ ଉତ୍କଳୀୟ ଭାବିବା ଦରକାର।


**ବ୍ୟାସକବି ଫକୀର ମୋହନ ସେନାପତି :**

ଜାତି, ପ୍ରେମ, ବହ୍ନିକୁ ଅଧିକ ଶାଣିତ କରିବାରେ ବ୍ୟାସକବି ଫକୀର ମୋହନ ସେନାପତି ଥିଲେ ଚିର ନମସ୍ୟ। ଯେତେବେଳେ ପଡ଼ୋଶୀ ବଙ୍ଗାଳୀମାନେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ' କହି ଓଡ଼ିଆ ଭାଷା ସାହିତ୍ୟକୁ ଲୋପ କରିଦେବାକୁ ବସିଥିବା ବେଳେ ଆଧୁନିକ ଓଡ଼ିଆ ସାହିତ୍ୟର ମହାମାନ୍ତ୍ରିକ ସେନାପତି ନିଜର ବଳିଷ୍ଠ ଲେଖନୀ ଚାଳନା କରି ଓଡ଼ିଆ ଭାଷାକୁ ବଂଚାଇ ଥିଲେ। ତାଙ୍କର କାବ୍ୟୋକ୍ତି ଥିଲା ଏକ ଜାଗୃତିର ମହାମନ୍ତ୍ର। ନିଜ ମାତୃଭୂମି ସଂପର୍କରେ ତାଙ୍କର ଅଭିବ୍ୟକ୍ତି ଥିଲା -

"ଦେଖିଲି ବୁଲି ବହୁଦୂର,
କାଞ୍ଚି କାମାକ୍ଷା କାନପୁର
ପାଇଲି ନାହିଁ ଘୂରି ଘୂରି
ମୋ ମାତୃଭୂମିର ମାଧୁରୀ।"
"ପଢ଼ିଲି ନାନା ଦେଶ ଭାଷା,
କାହିଁ ତ ନ ପୂରିଲା ଆଶା।
ହେଉ ପଛକେ ସେ ନିକୃଷ୍ଟ,
ମୋ ମାତୃଭାଷା ମୋତେ ଶ୍ରେଷ୍ଠ।"

**ଡଃ ହରେକୃଷ୍ଣ ମହତାବ :**

ସେହିପରି ନିଜ ମାତୃଭୂମି ଉତ୍କଳକୁ ଭଲ ପାଇଥିବା ଆଉ ଜଣେ ଅନନ୍ୟ କାଣ୍ଡାରି ଥିଲେ ଡ. ହରେକୃଷ୍ଣ ମହତାବ। ସ୍ୱାଧୀନୋତ୍ତର ଓଡିଶାର ନବନିର୍ମାଣର ମହାଯୁଦ୍ଧରେ ହରେକୃଷ୍ଣ ମହତାବ ହେଉଛନ୍ତି, ମହାଭାରତ ଯୁଗର ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପରି। ସେ କେବଳ ରାଜନୈତିକ ନେତା ନଥିଲେ, ସେ ଥିଲେ ସ୍ୱାଧୀନୋତ୍ତର ଓଡିଶାର ରାଜନୀତି, ଶିକ୍ଷା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା, କ୍ରୀଡା, ନୃତ୍ୟ, କଳା ଆଦି ବିଭାଗକୁ ଯେଉଁମାନେ ପ୍ରଭାବିତ କରିଛନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କର ସେ ଥିଲେ ଗୁରୁ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ରୂପାୟନ ଥିଲା ତାଙ୍କର ସ୍ୱପ୍ନ ଓ ସୂର୍ଯ୍ୟ ତୃଷ୍ଣା। ୧୯୩୬ ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ପରିଚୟ ପାଇଲା, ମାତ୍ର ୧୯୪୮ ଜାନୁଆରୀ ପହିଲାରେ ଜନ୍ମ ନେଲା ପୂର୍ଣ୍ଣାଙ୍ଗ ଓଡିଶା। ବୃହତ୍ତର ନୂତନ ଓଡିଶା ଦୀର୍ଘଦିନ ଧରି ବିଚ୍ଛିନ୍ନ ହୋଇ ରହିଥିବା ଗଡଜାତ ରାଜ୍ୟ ସମୂହ ଡକ୍ଟର ମହତାବଙ୍କ କ୍ରାନ୍ତିକାରୀ ପଦକ୍ଷେପ ହେତୁ ମିଳିତ ହୋଇଥିଲା ଓଡିଶା ସହିତ।



ଏହିପରି ଭାବେ ଓଡ଼ିଆ ଜାତିକୁ ବିଶ୍ୱାଭିମୁଖୀ କରିବାର ଚେତନା ଆଜିଠାରୁ ଶହେ ବର୍ଷ ପୂର୍ବେ ଭକ୍ତକବି ମଧୁସୂଦନ ରାଓ କରିଥିଲେ। ଏହି ବ୍ରାହ୍ମ ଧର୍ମୀ କବି ହିନ୍ଦୁ ଧର୍ମର ଦେବଦେବୀ କୀର୍ତ୍ତି ସବୁର ପ୍ରଶଂସା ମୁଖର ହୋଇ ଉତ୍କଳ ସନ୍ତାନଗଣଙ୍କୁ ଅତୀତର ଗୌରବ କାହାଣୀ ଶୁଣାଇଛନ୍ତି।

ସେହିପରି କାନ୍ତକବିଙ୍କ କାଳଜୟୀ ଗୀତି ଆବାହନୀ 'ବନ୍ଦେ ଉତ୍କଳ ଜନନୀ' ଆଜି ୧୦୭ ବର୍ଷରେ କାନ୍ତକବିଙ୍କୁ ଚିର ଅମର କରିରଖିଛି। ଓଡ଼ିଆ ଜାତି ଆଜି ତାଙ୍କ ନିକଟରେ ଋଣି ହୋଇଯାଇଛି। ତାଙ୍କର ଏହି ଉଦ୍‌ବୋଧନ ଆମ ପାଇଁ ଧ୍ୟେୟ ହେଉ। ଓଡ଼ିଶାବାସୀ ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ ହୁଅନ୍ତୁ। ଏତିକି ଅଭିଳାଷ ୭୯ତମ ଉତ୍କଳ ଦିବସର ଏହି ମହାନ୍ ମହାର୍ଘ ତିଥିରେ।

**କିମଧିକମ୍**

**ସମ୍ପାଦକ, "ମାର୍ଗଦର୍ଶୀ", ଖୋରଧା**

# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## ଲିଚ୍ ବା ଜୋକ ଚିକିତ୍ସା :-




ଆମେ କେତେକ ଅସାଧ୍ୟ ରୋଗରେ ପଡ଼ି ଆଧୁନିକ ଚିକିତ୍ସା ବ୍ୟବସ୍ଥାରେ ବିଫଳ ହେଲାପରେ ଆମ ପୁରାତନ ପାରମ୍ପାରିକ ଚିକିତ୍ସାର ଆଶ୍ରୟ ଲୋଡ଼ିଥାଉ। ଏପରି ଏକ ଚିକିତ୍ସା ହେଲା ଲିଚ୍ ଥେରାପୀ ବା ଜୋକ ଚିକିତ୍ସା। କିଛି ଚର୍ମ ଓ ରକ୍ତଜନିତ ରୋଗ ଯଥା - ବର୍ଜର ଡିଜିଜ୍ ଏବଂ Thromto - Angitis Obliterans ପାଇଁ ବହୁ ଉପଯୋଗୀ ଅଟେ। ଏହାଛଡ଼ା ସୋରିଆସିସ୍, ଥ୍ରମ୍ବୋଟିକ୍ ପାଇଲସ ଏବଂ ବର୍ମାଟାଇଟିସ୍ ରୋଗପାଇଁ ଏହା ଏକ ସଫଳ ଓ ଆରାମଦାୟକ ଚିକିତ୍ସା ପଦ୍ଧତି ବୋଲି ଜଣାପଡ଼ିଛି। ବର୍ଜର ଡିଜିଜ୍‌ରେ ଛୋଟ ଛୋଟ ରକ୍ତବାହୀନଳୀର ଗତିରୋଧ ହୋଇ ରକ୍ତଯୋଗାଣ ବନ୍ଦହେବା ଯୋଗୁଁ ଅଧିକାଂଶ ସମୟରେ ସେହି ଅଙ୍ଗଟିକୁ କାଟିବାକୁ ପଡ଼ିଥାଏ କିନ୍ତୁ ଲିଚ୍ ଥେରାପୀରେ ଯେ କେବଳ ରକ୍ତ ବିଶୋଧିତ ହୋଇ କ୍ଷରଣ ଜାରିରହେ ତାହା ନୁହେଁ ବରଂ ରକ୍ତଶୋଷିଲା ପରେ ଜୋକଟି ଯେଉଁ ଲାଳ ଛାଡ଼ିଯାଏ ସେଥିରେ କେତେକ ମୂଲ୍ୟବାନ ପ୍ରୋଟିଓଲିଟିକ୍ ଏନ୍‌ଜାଇମ୍ ଛାଡ଼ିଯାଏ ଯାହା ସେହି ରୋଗର ଉପଶମ ପାଇଁ ସହାୟତା କରିଥାଏ। ଜୋକ ବିଷାକ୍ତ କିମ୍ବା ଅଣବିଷାକ୍ତ ହୋଇଥାନ୍ତି। ଭାରତରେ ସମୁଦ୍ର କିମ୍ବା ସନ୍ତସନ୍ତିଆ ସ୍ଥାନରେ ଦେଖାଯାଉଥିବା ଜୋକମାନେ ବିଷଧର ଶ୍ରେଣୀର ନୁହଁନ୍ତି। ଜୋକ ସଂପର୍କରେ କୁହାଯାଏ, ଏହିପ୍ରାଣୀର ନର୍ଭସ ସିଷ୍ଟମ ବା ସ୍ନାୟୁତନ୍ତ୍ର ଅତି ଉନ୍ନତମାନର ଅଟେ। ତେଣୁ ଜୋକଟିକୁ ଶରୀରର ଯେକୌଣସି ସ୍ଥାନକୁ ଛାଡ଼ିଲେ ମଧ୍ଯ ସେ ଖୋଜି ଖୋଜି ପ୍ରଭାବିତ ଅଂଶ ପାଖରେ ପହଞ୍ଚି ତାର କାର୍ଯ୍ୟ ଆରମ୍ଭ କରିଦିଏ। ଦୂଷିତରକ୍ତକୁ ଶୋଷିନେଇ ବିଶୋଧନ କଲାପରେ ଘାଆଟି ଶୁଖିବା ଆରମ୍ଭ କରିଥାଏ। ପ୍ରକ୍ରିୟା ସରିଲା ପରେ ଜୋକର ମୁହଁ ପାଖରେ ହଳଦୀ ଦେଲେ ସେ ଶୋଷିଥିବା ଦୂଷିତ ପଦାର୍ଥକୁ ବାନ୍ତି ଆକାରରେ ବାହାର କରିଦିଏ ଫଳରେ ଏହି ଜୋକକୁ ପୁନଃ ବ୍ୟବହାର କରିହୁଏ। ପ୍ରଚାର ଓ ପ୍ରସାର ଅଭାବରୁ ଏହି ବିକଳ୍ପ ଚିକିତ୍ସା ପଦ୍ଧତି ଅଗ୍ରଗତି କରିପାରୁନାହିଁ କିନ୍ତୁ ଏହି ବିକଳ୍ପ ଚିକିତ୍ସା ପଦ୍ଧତିକୁ ଭବିଷ୍ୟତରେ ଥାଇରଏଡ୍ ଏବଂ ଓଷ୍ଟି ଓ ଆର୍ଥାଇଟିସ୍ ଭଳି ରୋଗର ଚିକିତ୍ସାପାଇଁ ବ୍ୟବହାର କରାଯାଇପାରିବ।

## ଆଇସ୍‌କ୍ରିମ୍ :-



କୁହାଯାଏ ଆଇସ୍‌କ୍ରିମ୍‌ର ପ୍ରଚଳନ ଖ୍ରୀ.ପୂ ୪ର୍ଥ ଶତାବ୍ଦୀରୁ ହୋଇଥିଲା। ରୋମ୍‌ର ସମ୍ରାଟ ନିରୋ ପ୍ରଥମେ ବରଫ, ମହୁ ଓ ଫଳରସରୁ ଏହାକୁ ପ୍ରସ୍ତୁତ କରି ବ୍ୟବହାର କରୁଥିଲେ। ଆମେରିକାରେ ଏକ ନିର୍ଦ୍ଦିଷ୍ଟ ଭେରାଇଟିକୁ ଆଇସ୍‌କ୍ରିମ୍ କୁହାଯାଉଥିବାବେଳେ ଇଟାଲୀରେ ସବୁପ୍ରକାରକୁ ସେଇ ଗୋଟିଏ ନାମ ଆଇସ୍‌କ୍ରିମ ଦିଆଯାଇଥାଏ। ବିଭିନ୍ନ ସ୍ୱାଦର ଆଇସ୍‌କ୍ରିମ ମଧ୍ୟରୁ ଭାନିଲା ଏବଂ ଚକୋଲେଟ୍ ଫ୍ଲେଭର ମୁଖ୍ୟଅଟେ। ୟୁରୋପ ଓ ବ୍ରିଟେନ୍‌ର ଆଇସ୍‌କ୍ରିମ ସର୍ବାଧିକ ବ୍ୟବହୃତ ହୁଏ। ଏଠାରେ ବର୍ଷକୁ ଜଣପିଛା ପ୍ରାୟ ୮ଲିଟର ବ୍ୟବହାର କରାଯାଏ। କୋନ୍ ଆକାରରେ ମିଳୁଥିବା ଆଇସ୍‌କ୍ରିମ୍‌ର ବ୍ୟବହାର ୧୯୦୪ ମସିହାରେ ସେଣ୍ଟଲୁଇସ୍‌ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମେଳାରେ ସର୍ବପ୍ରଥମେ ପ୍ରଚଳିତ ହୋଇଥିଲା। ୧୯୮୮ ମସିହାରେ କାନାଡ଼ାର ଆଲବଟା ସ୍ଥିତ ଏଡ୍‌ମଂଟନରେ ୨୪ଟନ୍ ଓଜନର ସର୍ବବୃହତ୍ ଆଇସ୍‌କ୍ରିମ ପ୍ରସ୍ତୁତ ହୋଇଥିଲା ଯାହାର ନାମ ଥିଲା Sundae। କୋନାକାରର ଆଇସ୍‌କ୍ରିମ୍ ପରିବେଶ ମିତ୍ରଅଟେ। କାରଣ ଏଥିରେ ଆବର୍ଜନାର ନାମ ନଥାଏ। ସବୁକୁ ଖାଦ୍ୟରୂପେ ବ୍ୟବହାର କରାଯାଇପାରେ।

## ତୁଳସୀ :-



ସମଗ୍ର ଗୁଳ୍ମ ଜାତୀୟ ଉଦ୍ଭିଦ ମଧ୍ୟରେ ତୁଳସୀକୁ ରାଣୀରୂପେ ଗ୍ରହଣ କରାଯାଏ। କେଉଁ ଆବହମାନ କାଳରୁ ଏଥିରେ ବହୁ ଉପକାରୀ ଔଷଧିୟଗୁଣ ଯୋଗୁ ପ୍ରତ୍ୟେକ ହିନ୍ଦୁ ଗୃହର ଅଗଣାରେ ତୁଳସୀ ବୃକ୍ଷକୁ ଦେବୀରୂପେ ପୂଜା କରାଯାଏ। ଆଜି ଅତ୍ୟାଧୁନିକ ଔଷଧର ଆବିଷ୍କାର ସତ୍ତ୍ୱେ ମଧ୍ୟ ତୁଳସୀର ଗୁରୁତ୍ୱ ହ୍ରାସପାଇନାହିଁ। ଆସନ୍ତୁ କେତେକ ରୋଗର ଘରୋଇ ଉପଚାରରେ ତୁଳସୀର ବ୍ୟବହାର ସଂପର୍କରେ ଆଲୋଚନା କରିବା।

୧) ଯଦି ଆପଣ ଜ୍ୱରରେ ପୀଡ଼ିତ ଅଛନ୍ତି ତେବେ ତୁଳସୀପତ୍ରର ରସକୁ ଦିନରେ ୨ଥର ନିଅନ୍ତୁ ତାପମାତ୍ରା କମିବା ସଙ୍ଗେ ସଙ୍ଗେ ଆପଣ ଆରାମ ଅନୁଭବ କରିବେ।

୨) ସାଧାରଣ ଥଣ୍ଡାରୋଗ ହେଉଥିଲେ ଖାଲିପେଟରେ କିଛି ତୁଳସୀପତ୍ର ଚୋବାଇ ରସ ଢ଼ୋକିଲେ ଉପଶମ ମିଳିଥାଏ ।

୩) ଆଜ୍‌ମା, ବ୍ରୋକାଇଟିସ୍ କିମ୍ବା ତଣ୍ଟିଦରଜ ହେଉଥିଲେ ଫୁଟନ୍ତାପାଣିରେ ତୁଳସୀପତ୍ର ସିଝାଇ ସେ ପାଣିକୁ ପିଅନ୍ତୁ। ଦେଖିବେ ଆରାମ ଲାଗିବ ।

୪) ଖରାଦିନରେ ପ୍ରବଳ ଗରମ ହେତୁ ମୁଣ୍ଡବିନ୍ଧିବା ଏକ ସାଧାରଣ କଥା। ତେବେ ବ୍ୟସ୍ତ ହୁଅନ୍ତୁନାହିଁ, ତୁଳସୀପତ୍ରର ବଟାସହ ଚନ୍ଦନର ପ୍ରଲେପକୁ କପାଳରେ ଦେଲେ କିଛିସମୟ ମଧ୍ୟରେ ଆରାମ ଲାଗିବ।

୫) ଦାନ୍ତ କିମ୍ବା ମାଢ଼ି ଦରଜ ହେଉଥିଲେ ତୁଳସୀପତ୍ରକୁ ସୁଖାଇ ଗୁଣ୍ଡକରି ସୋରିଷ ତେଲ ସହ ମିଶାଇ ଦରଜ ଜାଗାରେ ଲଗାନ୍ତୁ କିମ୍ବା ପେଷ୍ଟ ଆକାରରେ ଦାନ୍ତ ଘଷନ୍ତୁ ନିଶ୍ଚିତ ଉପକାର ପାଇବେ।

୬) ଧବଳ କୁଷ୍ଠ ଭଳି କିଛି ଚର୍ମରୋଗରେ ତୁଳସୀପତ୍ର ବଟା ଲଗାନ୍ତୁ, ଭଲହେବା ସୁନିଶ୍ଚିତ।

୭) ଯଦି କୌଣସି କୀଟପତଙ୍ଗ ଦଂଶନ ହେତୁ କଷ୍ଟ ପାଉଛନ୍ତି ତେବେ ତୁଳସୀଗଛର ଚେରକୁ ବାଟି ଲଗାନ୍ତୁ ଆରାମ ଲାଭ କରିବେ।

୮) କିଡ୍‌ନୀରେ ପଥର ହୋଇଥିଲେ ତୁଳସୀପତ୍ର ରସ ସହିତ ମହୁମିଶାଇ ପାନକଲେ ଅଧିକାଂଶ ରୋଗୀଙ୍କ ପ୍ରାଥମିକ ଅବସ୍ଥାରେ ଏହି ପଥର ସବୁ ପରିସ୍ରାନଳୀ ଦେଇ ବାହାରକୁ ଚାଲିଯାଏ।

୯) ଆଜିକାଲି ପ୍ରତ୍ୟେକ ମଣିଷ ଘରେ କି ବାହାରେ ହେଉ ସବୁଠାରେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ଜାଣନ୍ତି ତୁଳସୀପତ୍ର ଏକ Adaptogen ବା Antistress ରୂପେ କାମ କରେ। ଅଭ୍ୟାସ କରି ଦିନକୁ ୧୨ଟି ତୁଳସୀପତ୍ରକୁ ଚୋବାଇ ଖାଆନ୍ତୁ ମାନସିକ ଚାପ କମିଯିବ।

## ଶବ୍ଦତରଙ୍ଗ :-

କମ୍ପନରୁ ଶବ୍ଦର ସୃଷ୍ଟି। ଯେତେବେଳେ ଶବ୍ଦତରଙ୍ଗ ବାୟୁ କିମ୍ବା ଜଳମଧ୍ୟ ଦେଇ ଆମ କର୍ଣ୍ଣଗହ୍ୱରରେ ପହଞ୍ଚେ ଆମେ ଶବ୍ଦ ଶୁଣିଥାଉ। ଶବ୍ଦ ଆସୁଥିବା ଉତ୍ସ ସହିତ ସମତାଳ ରଖି ଆମ କର୍ଣ୍ଣପରଦା କମ୍ପିତ ହେଲେ ଆମେ ଶବ୍ଦର ତୀବ୍ରତାକୁ ବାରିପାରିଥାଉ। କୁକୁରର ଶ୍ରବଣେନ୍ଦ୍ରିୟ ଆମଠାରୁ ଉନ୍ନତ ଅଟେ। ତେଣୁ ଅତି ଧୀରବେଗରେ ଆସୁଥିବା ଶବ୍ଦକୁ ମଧ୍ୟ ସେମାନେ ବାରିପାରନ୍ତି। ତେଣୁ ଅନେକ କ୍ଷେତ୍ରରେ କୁକୁରମାନେ ଏହିପରି ଶବ୍ଦରୁ ବିପଦ ସ୍ଥିତିର ପ୍ରାକ୍‌ସୂଚନା ପାଇ ତରକିଯାଆନ୍ତି। ଘଣ୍ଟାକୁ ୭୬୭ ମାଇଲ୍ ବା ୧୨୩୦ କି.ମି ବେଗରେ ଏହା ଗତି କରିପାରେ। ଜଳ ମଧ୍ୟରେ ଏହି ବେଗର ଗତି ବାୟୁଅପେକ୍ଷା ୪ ଗୁଣ ଅଧିକ ଅଟେ। ଶବ୍ଦ ସମ୍ବନ୍ଧରେ ବୈଜ୍ଞାନିକ ଅଧ୍ୟୟନକୁ Acoustics କୁହାଯାଏ। ସଙ୍ଗୀତ ପ୍ରାୟତଃ ଶ୍ରୁତିମଧୁର ହୋଇଥାଏ। ତା'ର କାରଣ ଏଥିରେ ଶବ୍ଦତରଙ୍ଗ ସବୁକୁ ଶୃଙ୍ଖଳାବଦ୍ଧ ଭାବେ ଛଡ଼ାଯାଇଥାଏ। ବିଜୁଳି ମାରିବା ସମୟ ଓ ପରିବେଶର ଉତ୍ତାପ ହଠାତ୍ ବଢ଼ିଯିବାରୁ ବାୟୁ ପ୍ରସାରିତ ହୋଇ ଘଡ଼ଘଡ଼ିକୁ ଜନ୍ମଦେଇଥାଏ।

## ମଙ୍ଗଳଗ୍ରହରେ ଜଳଥିଲା :-




ନାସାଦ୍ୱାରା ପ୍ରେରିତ କ୍ୟୁରୋସିଟି ରୋଭର ପ୍ରମାଣିତ କରିଛି ଦିନେ ପୃଥିବୀପରି ମଙ୍ଗଳଗ୍ରହରେ ଅଗାଧ ଜଳରାଶି ଥିଲା ଏବଂ ପରୋକ୍ଷରେ ଏଠାରେ ଜୀବଜଗତର ଅବସ୍ଥିତି ସଂପର୍କରେ ସମ୍ଭାବନା ସୃଷ୍ଟିକରିଛି। ଏହି ଯାନଦ୍ୱାରା ପ୍ରେରିତ ଫଟୋ ଏବଂ ଅନ୍ୟାନ୍ୟ ଡାଟାରୁ ଜଣାଯାଏ ଯେ, ଏଠାକାର Gale Crate ଥିବା ହ୍ରଦରେ ବିଭିନ୍ନ ନଦୀରୁ ବୋହି ଆସୁଥିବା ନଦୀଗୁଡ଼ିକ ମିଶୁଥିଲେ। ଏହି ଟିମ୍‌ର ମୁଖ୍ୟ ଭାରତୀୟ ବଂଶୋଦ୍ଭବ ଅଶ୍ୱିନ୍ ଭାସବଦଙ୍କ ମତରେ ସେତେବେଳେ ମଙ୍ଗଳଗ୍ରହରେ ଜଳବାୟୁ ଅନୁକୂଳ ଥିବାରୁ ଅନେକଗୁଡ଼ିଏ ଦୀର୍ଘସ୍ଥାୟୀ ହ୍ରଦ ସୃଷ୍ଟିହୋଇଥିଲା। ସେ ଆହୁରି କହନ୍ତି ଯେ, ଏହିଗ୍ରହରେ ଥିବା ମାଉଣ୍ଟ ସାର୍ପ ନାମକ ପର୍ବତ କୋଟି କୋଟି ବର୍ଷଧରି ହ୍ରଦମାନଙ୍କ ଦ୍ୱାରା ଆନୀତ ପଟୁମାଟି ଜମାହେବାଦ୍ୱାରା ସୃଷ୍ଟିହୋଇଛି। ପୂର୍ବରୁ ଅନୁମାନ ହେଉଥିଲା ଯେ, ମଙ୍ଗଳଗ୍ରହରେ ଉତ୍ତପ୍ତ ଓ ଆର୍ଦ୍ର ଅବସ୍ଥା କ୍ଷଣସ୍ଥାୟୀ, ସ୍ଥାନୀୟ କିମ୍ବା ଭୂଗର୍ଭରେ କେବଳ ସଂଗଠିତ ହେଉଥିଲା। କିନ୍ତୁ ଆଜିର ଅବସ୍ଥା ଏହି ଥିଓରିକୁ ଖଣ୍ଡନ କରେ। ଏହି ପାହାଡ଼ର ଆକାର ସୂଚୀତ କରେ ଯେ, ଲକ୍ଷଲକ୍ଷ ବର୍ଷଧରି ଜମା ହେଉଥିବା ପଟୁମାଟି ଗେଲ୍ କ୍ରେଟରର ୧୫୦ କି.ମି ପରିଧି ମଧ୍ୟରେ ଭୂଗର୍ଭକୁ ମଧ୍ୟ ମାଡ଼ିଯାଇଛି। କାଳକ୍ରମେ ହ୍ରଦସବୁ ଶୁଖିଯିବା ଫଳରେ ମାଟି ଜମାହୋଇ ପାହାଡ଼ର ଭ୍ରମ ସୃଷ୍ଟିକରିଛି। ମାଉଣ୍ଟ ସାର୍ପର ଉଚ୍ଚତା ପ୍ରାୟ ୩ ମାଇଲ ବା ୫ କି.ମି ଏବଂ ଏହାର ପାଦଦେଶ ପ୍ରାୟ ଶତାଧିକ ସ୍ତର ବିଦ୍ୟମାନ ଅଛି। ସମ୍ଭବତଃ ଏହି ସ୍ତରଗୁଡ଼ିକ ହ୍ରଦ, ନଦୀ ତଥା ବାୟୁପ୍ରବାହ ଯୋଗୁଁ ସୃଷ୍ଟି ହୋଇଥିବା ଅନୁମାନ କରାଯାଏ। ଏତେବଡ଼ ବିସ୍ତୀର୍ଣ୍ଣ ଅଞ୍ଚଳରେ ପାହାଡ଼ର ପରିବ୍ୟାପ୍ତ ହ୍ରଦଟିର ଦୀର୍ଘସ୍ଥାୟିତ୍ୱକୁ ସୂଚୀତ କରିଥାଏ। ଅନ୍ୟତମ ଗବେଷକ ପାସାସେନାର କାର୍ଲିଫର୍ଣ୍ଣିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିର ବୈଜ୍ଞାନିକ John Grotzinger ଙ୍କ ମତରେ ଆଜି ଯେଉଁଠି ପାହାଡ଼ ଅଛି ସେଠାରେ ଦିନେ ଅନେକ ହ୍ରଦ ଲଗାଲଗି ହୋଇ ରହିଥିଲା। ପାହାଡ଼ର ବିଭିନ୍ନ ସ୍ତରକୁ ଏବେବି କ୍ୟୁରସିଟି ତନ୍ନ ତନ୍ନକରି ଅନୁଧ୍ୟାନ ଜାରିରଖିଛି।

## ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ ଇସ୍ରୋ ସଂପର୍କରେ :-

ଏହି ସଂସ୍ଥାନ ୧୯୬୯ ମସିହା ଅଗଷ୍ଟ ୧୫ ତାରିଖରେ ଡ. ବିକ୍ରମ ସରାଭାଇଙ୍କ ଦ୍ୱାରା ଗଠିତ ହୋଇଥିଲା। ସଂପୂର୍ଣ୍ଣ

ନିଜସ୍ୱ ଜ୍ଞାନକୌଶଳରେ SLV - 3 ନାମକ ଉପଗ୍ରହ ପ୍ରେରଣ ସଂପର୍କେ ଆକାଶକୁ ପ୍ରେରଣ କଲା ସମୟରେ ଡ. ଏ.ପି.ଜେ. ଅବ୍ଦୁଲ କାଲାମ ଏହି ପ୍ରକଳ୍ପର ନିର୍ଦ୍ଦେଶକ ଥିଲେ। ଯଦି ନିରୀକ୍ଷଣ କରିବା ତେବେ ଜଣାଯିବ ଯେ, ବିଗତ ୪୦ ବର୍ଷ ମଧ୍ୟରେ ଇସ୍ରୋପାଇଁ ବରାଦ ଖର୍ଚ୍ଚରାଶି ନାସାପାଇଁ ଉଦ୍ଦିଷ୍ଟ ଖର୍ଚ୍ଚର ଅର୍ଦ୍ଧେକ ଅଟେ। ଭୁବନ ନାମକ 3D Web Satelitea ଇସ୍ରୋଦ୍ୱାରା ପ୍ରେରିତ ହୋଇଥିଲା ଯାହା Google Earth ର ଭାରତୀୟ ରୂପଅଟେ। ଇସ୍ରୋଦ୍ୱାରା ବେଙ୍ଗାଲୁରୁଠାରେ ମହାକାଶଚାରୀମାନଙ୍କପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ସିମୁଲେସନ୍ ଫେସିଲିଟିକ୍ ମାଧ୍ୟମରେ ବଛାବଛା ଆଷ୍ଟ୍ରୋଟ୍ରାନ୍‌ଟମାନଙ୍କୁ ଜିରୋ ଗ୍ରାଭିଟିରେ ରହି ବିକାରଣ ଆଚ୍ଛାଦିତ ପରିବେଶକୁ କିପରି ସାମ୍ନା କରିବାକୁ ହେବ ତଥା ମହାକାଶରେ କୌଣସି ଅଘଟଣ ଘଟିଲେ କିପରି ଉଦ୍ଧାର କାର୍ଯ୍ୟ କରିହେବ ସେ ସଂପର୍କରେ ପ୍ରଶିକ୍ଷଣ ଦିଆଯିବ। ଚନ୍ଦ୍ର ଅଭିମୁଖେ ଭାରତର ପ୍ରଥମ ଲୁନାର୍ ମିଶନ ଚନ୍ଦ୍ରାୟନ - ୧ ରେ ଇସ୍ରୋଦ୍ୱାରା ପ୍ରାୟ ୩୯୦ କୋଟି ଟଙ୍କା ବ୍ୟୟ କରାଯାଇଥିଲା ଯାହା ନାସାଦ୍ୱାରା ପ୍ରେରିତ ସମାନ ଯାନ ବ୍ୟୟଭାରର ୮ - ୯ଗୁଣ କମ୍ ଅଟେ। ଇସ୍ରୋଦ୍ୱାରା ଆଣ୍ଟ୍ରିକ୍ସ ନାମକ ଏକ କର୍ପୋରେଟ ସଂସ୍ଥା ଜ୍ଞାନକୌଶଳ, ପରାମର୍ଶ ତଥା ଉପଗ୍ରହ ପ୍ରେରଣ ଭଳି କାର୍ଯ୍ୟକୁ ବ୍ୟବସାୟିକ ସୂତ୍ରରେ ବନ୍ଧୁରାଷ୍ଟ୍ରକୁ ପ୍ରଦାନ କରିବା। ଏହି କାର୍ଯ୍ୟରେ ଭାରତର ସହଯୋଗୀ ଭାବେ ୟୁରୋପ ମଧ୍ୟପୂର୍ବ ଓ ଦକ୍ଷିଣ ପୂର୍ବ ଏସିଆର ରାଷ୍ଟ୍ରମାନେ ଅଛନ୍ତି। ଆଣ୍ଟ୍ରିକ୍ସରେ ଇସ୍ରୋକୁ ଛାଡ଼ି ରତନ ଟାଟା ଓ ଜାମସିଦ୍ ଗୋଦରେଜ ମଧ୍ୟ ଡିରେକ୍ଟର ଅଛନ୍ତି। ୨୦୦୮ - ୦୯ରେ ଚନ୍ଦ୍ରାୟନ - ୧ ରେ ସଫଳ ଯାତ୍ରା ଏବଂ ଚନ୍ଦ୍ରରେ ଜଳର ଉପସ୍ଥିତି ସଂପର୍କରେ ଜ୍ଞାନ ମଙ୍ଗଳ ଯାତ୍ରାପାଇଁ ପ୍ରେରଣା ଯୋଗାଇଥିଲା। ମାତ୍ର ୪୦୦ କୋଟି ଟଙ୍କା ଖର୍ଚ୍ଚରେ ପ୍ରଥମଥର ପାଇଁ ଥରକ ଚେଷ୍ଟାରେ ମଙ୍ଗଳଗ୍ରହରେ ପଦାର୍ପଣ କରିବା ଭାରତ ପାଇଁ ଏକ ବିରାଟ ସଫଳତା ବୋଲି ବିଶ୍ୱବାସୀ ସ୍ୱୀକାର କଲେ। କାରଣ ପୂର୍ବରୁ ସୋଭିଏତ୍ ଋଷ୍ ୯ଥରରେ ଏବଂ ଆମେରିକା ୫ଥର ବିଫଳ ହେଲାପରେ ଯାଇ ମଙ୍ଗଳପୃଷ୍ଠରେ ପଦାର୍ପଣ କରିବାର ସଫଳତା ପାଇଥିଲେ। ସାରାବିଶ୍ୱରେ ରହିଥିବା ୬ଟି ସ୍ପେଶ୍ ଏଜେନ୍ସି ମଧ୍ୟରେ ଇସ୍ରୋ ନିଜକୁ ସାମିଲ କରିପାରିଛି ଯିଏ ନିଜମାଟିରେ ନିଜସ୍ୱ ଜ୍ଞାନକୌଶଳ ବଳରେ ଉପଗ୍ରହ ତିଆରି କରିଛି ଏବଂ ତାକୁ ମହାକାଶକୁ ପ୍ରେରଣ କରିବାର କ୍ଷମତା ହାସଲ କରିପାରିଛି।

## କରୋନା ଭୂତାଣୁର ହୃତପିଣ୍ଡ ଉପରେ ପ୍ରଭାବ :-



ୱାସିଂଟନ ୟୁନିଭରସିଟି ସ୍କୁଲ ଅଫ୍ ମେଡ଼ିସିନ୍‌ର ଡ.କୋରୀ ଜେ.ଲେଭିନ୍‌ଙ୍କ ଗବେଷଣା ଆଧାରରେ କୁହାଯାଇଛି ଯେ, କରୋନା ଭୂତାଣୁ ହୃତପିଣ୍ଡର ମାଂସପେଶୀକୁ ସଂକ୍ରମିତ କରି ସେଠାକାର କୋଷମାନଙ୍କ ମୃତ୍ୟୁର କାରଣ ସାଜୁଛି ଫଳରେ ଏହାର ସଙ୍କୋଚନ, ପ୍ରସାରଣ କ୍ଷମତା ବାଧାପ୍ରାପ୍ତ ହୋଇ ରକ୍ତଯୋଗାଣକୁ କମ୍ କରିଦେଉଛି। ଷ୍ଟେମ୍‌ସେଲରୁ ବୟୋଟେକ୍‌ନୋଲୋଜି ସହାୟତାରେ ହୃତପିଣ୍ଡ କୋଷ ପ୍ରସ୍ତୁତ କରି ତା'ଉପରେ କରୋନା ଭୂତାଣୁର ପ୍ରଭାବକୁ ସେମାନେ ଅନୁଧ୍ୟାନ କରୁଥିଲେ। ଅନ୍ୟପ୍ରକାର ଭୂତାଣୁ ସଂକ୍ରମଣରେ ପ୍ରଭାବିତ ସ୍ଥାନରେ T-Cells ଓ B-Cells ର ସଂଖ୍ୟା ବଢ଼ିଯାଉଥିବାବେଳେ କୋଭିଡ୍ - ୧୯ କ୍ଷେତ୍ରରେ ଅନ୍ୟ ଇମ୍ୟୁନ୍ ସେଲ୍‌ସ ଯଥା Macrophages, Monocytes ଏବଂ Dendritic Cell ର ସଂଖ୍ୟା ବୃଦ୍ଧିପାଉଛି। ଅନ୍ୟ ଭୂତାଣୁ ଆକ୍ରମଣ କଲେ ତାହା ଅସ୍ଥାୟୀ ହୁଏ ଏବଂ କିଛି ଔଷଧ ନେଲାପରେ ଭଲହୋଇଯାଏ କିନ୍ତୁ ଏ କ୍ଷେତ୍ରରେ ଫଳ ପୂରା ଓଲଟା ଦେଖାଯଉଛି। ଅଳ୍ପବୟସ୍କ ରୋଗୀମାନଙ୍କ କ୍ଷେତ୍ରରେ ତତ୍‌କ୍ଷଣାତ୍ କିଛି ଲକ୍ଷଣ ଦେଖାନଦେଲେ ମଧ୍ୟ ଭବିଷ୍ୟତରେ ଯେ ହୃତପିଣ୍ଡଟି ସୁସ୍ଥ ରହିବ ତାହା କହିହେବନାହିଁ। କାରଣ ଏହି ଭୂତାଣୁ ଉଭୟ ମାଂସପେଶୀ ଏବଂ କୋଷଗୁଡ଼ିକର ମଧ୍ୟ କ୍ଷତି ଘଟାଉଛି।

## ଆଣ୍ଟାର୍କଟିକାରେ ଏକ ବିଶାଳ ବରଫଖଣ୍ଡ ତରଳିଲା :-



ଆଣ୍ଟାର୍କଟିକାର ୱେଲ୍ ସେକ୍‌ସନ୍ ୧ Brunt Ice Shelf ପ୍ରାୟ ୪୯୦ ବର୍ଗମାଇଲ ଅଞ୍ଚଳର ୪୯୨ ଫୁଟ ଗଭୀରତାର ଏକ ବିଶାଳ ବରଫଖଣ୍ଡ ତାର ମୂଳ ଆକାର ଅଲଗା ହୋଇଯାଇଛି। ଏହାର ଆକାର ମାଲହାଟାନ୍ ନଗରୀର ଆକାରରୁ ୨୦ଗୁଣ ଅଧିକ ହେବବୋଲି ଜଣାଯାଇଛି। ୨୦୧୭ ମସିହାରେ ମଧ୍ୟ ଏହିପରି ବିଶାଳ ବରଫଶିଳା Larsen C Ice Self ରୁ ଅଲଗା ହୋଇଯାଇ ସାଉଥ୍ ଜର୍ଜିଆ ଦ୍ୱୀପରେ କୃତ୍ରିମ ବନ୍ୟା ସୃଷ୍ଟିକରିଥିଲା। ଏହା ପ୍ରକାଶ କରିଛନ୍ତି ବ୍ରିଟିଶ୍ ଆଣ୍ଟାର୍କଟିକ୍ ସର୍ଭେ ସଂସ୍ଥାର ମୁଖ୍ୟ ସାଇମନ୍ ଗେରୋଡ୍। ବିଗତ ଦଶନ୍ଧି ମଧ୍ୟରେ ଏପରି ତିନୋଟି ଘଟଣା ଘଟିଲାଣି। ଏହା ଆମ ଜଳବାୟୁର ଦ୍ରୁତ ପରିବର୍ତ୍ତନ ଯୋଗୁ ଘଟୁଛି। ସ୍ୱାନ୍ ସି ୟୁନିଭରସିଟିର ଗବେଷକ ଆଡ୍ରିଆନ୍ ଲକ୍‌ମ୍ୟାନ ବିଗତ କିଛିବର୍ଷ ହେଲା ଉପଗ୍ରହ ଚିତ୍ର ମାଧ୍ୟମରେ ଶିଳାଖଣ୍ଡରେ ସୃଷ୍ଟି ହେଉଥିବା ଫାଟକୁ ଅନୁଧ୍ୟାନ କରିଆସୁଥିଲେ। ଥରେ ଏହି ପ୍ରକ୍ରିୟା ଆରମ୍ଭ ହେଲେ ତାହା ଥମିବାର ନାଁ ଧରେନାହିଁ। ଏବେ ଭୟ ଆସିଲାଣି ଯେ ଏହି ପ୍ରକ୍ରିୟା ଯଦି ଜାରିରହେ ତେବେ ସମୁଦ୍ରର ଜଳସ୍ତର ବଢ଼ିଚାଲିବ ଏବଂ ତାହା ଧୀରେ ଧୀରେ ସ୍ଥଳଭାଗକୁ ଖାଇଚାଲିବ।

# ଅତିବଡ଼ୀ ଜଗନ୍ନାଥ ଦାସ




**କରୁଣାକର ସାହୁ**

କପିଳେନ୍ଦ୍ର ଦେବଙ୍କ ଶାସନକାଳ ଓଡ଼ିଶା ପାଇଁ ଥିଲା ଅତ୍ୟନ୍ତ ମହନୀୟ। ରାଜାଥିଲେ ଧାର୍ମିକ, ଦୂରଦର୍ଶୀ ଓ ନ୍ୟାୟବାନ୍। ଜଣେ ଗାଈଆଳ ପିଲା ଯେ ଉତ୍କଳ ସିଂହାସନରେ ଅଧିଷ୍ଠିତ ହୋଇ ଜଗନ୍ନାଥ ସଂସ୍କୃତି ଓ ଧର୍ମର ପ୍ରସାର କରି ଦେଶର ସମ୍ମାନ ବୃଦ୍ଧିରେ ସହାୟକ ହେବ, ଏହାଥିଲା ଓଡ଼ିଆଜାତିର କଳ୍ପନାର ବହୁଦୂରରେ। କିନ୍ତୁ ପ୍ରଭୁ ଜଗନ୍ନାଥ ଓଡ଼ିଆଜାତିର ପ୍ରାଣକେନ୍ଦ୍ର। ତାଙ୍କର ଇଚ୍ଛା ହିଁ ଥିଲା ସର୍ବଶ୍ରେଷ୍ଠ ଦିଗ୍‌ଦର୍ଶନ। କପିଳେନ୍ଦ୍ର ଦେବଙ୍କ ସମୟରେ ଉତ୍କଳ ଧନଧାନ୍ୟରେ ପରିପୂର୍ଣ୍ଣ ଥିଲା। ଧର୍ମ, ସାହିତ୍ୟ, ଦର୍ଶନ ଓ ବୀରତ୍ୱରେ ମଧ୍ୟ ଭାରତ ବର୍ଷରେ ସର୍ବଶ୍ରେଷ୍ଠ ରାଜ୍ୟରୂପେ ପ୍ରସିଦ୍ଧିଲାଭ କରିଥିଲା।

ରାଜା କପିଳେନ୍ଦ୍ର ଦେବ ଜଣେ କୁଳୀନ ଓ ଜ୍ଞାନୀ ବ୍ରାହ୍ମଣ ନରୋତ୍ତମ ଦାଶଙ୍କୁ ଶ୍ରୀମନ୍ଦିରରେ ପୁରାଣପଣ୍ଡା ପଦରେ ନିଯୁକ୍ତି ଦେଇଥିଲେ। ବଂଶ ପରମ୍ପରା କ୍ରମେ ତାଙ୍କର ପୌତ୍ର ଭଗବାନ ଦାଶ ଶ୍ରୀମନ୍ଦିରରେ ପ୍ରତ୍ୟହ ସଂସ୍କୃତ ଭାଗବତ ପାଠକରି ଭକ୍ତମାନଙ୍କୁ ଉପଦେଶ ପ୍ରଦାନ କରୁଥିଲେ। ତାଙ୍କ ପତ୍ନୀ ପଦ୍ମାବତୀ ମଧ୍ୟ ଧର୍ମପରାୟଣା ଓ ଜଗନ୍ନାଥ ଭକ୍ତଥିଲେ। ନିଃସନ୍ତାନ ଦମ୍ପତି ପୁତ୍ର ରତ୍ନଟିଏ ପାଇବାପାଇଁ ଜଗନ୍ନାଥଙ୍କ ପଦାରବିନ୍ଦରେ ନିବେଦନ କଲେ। ପ୍ରଭୁ ପତିପତ୍ନୀଙ୍କର ଡାକଶୁଣିଲେ। ୧୪୮୭ ଖ୍ରୀଷ୍ଟାବ୍ଦ ଭାଦ୍ରବମାସ ରାଧାଷ୍ଟମୀ ଦିନ ମାହେନ୍ଦ୍ରବେଳାରେ ଦେବକୁମାର ସଦୃଶ ପୁତ୍ର ରତ୍ନଟିଏ ପଦ୍ମାବତୀଙ୍କ କୋଳମଣ୍ଡନକଲେ। ଶ୍ରୀ ଜଗନ୍ନାଥଙ୍କ କୃପାରୁ ପୁତ୍ର ପାଇଥିବାରୁ ପତିପତ୍ନୀ ତାଙ୍କର ନାମ ରଖିଲେ ଜଗନ୍ନାଥ ।

ସେ ସମୟରେ ସମାଜରେ ବାଲ୍ୟବିବାହ ପ୍ରଚଳିତ ଥିଲା। ବାରବର୍ଷ ବୟସରେ ଜଗନ୍ନାଥଙ୍କ ବିବାହ କାର୍ଯ୍ୟ ସଂପାଦନ କରିବାପାଇଁ ପତିପତ୍ନୀ ଉଦ୍ୟମ କଲେ। କିନ୍ତୁ ଜଗନ୍ନାଥ ନମ୍ର ଭାବରେ ପିତାମାତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ। ପୁତ୍ର ହୃଦୟରେ ଦେବତ୍ୱ ଗୁଣମାନ ଦେଖିପାରି ପିତାମାତା ବିବାହ ପ୍ରସ୍ତାବର ପୁନରାବୃତ୍ତି କଲେନାହିଁ।



ବେଦ, ବେଦାନ୍ତ, ରାମାୟଣ ଓ ମହାଭାରତ ପ୍ରଭୃତି ଗ୍ରନ୍ଥଗୁଡ଼ିକ ଅଧ୍ୟୟନ କରି, ଜଗନ୍ନାଥ ସର୍ବଦା ଆତ୍ମସନ୍ତୋଷ ଲାଭକରୁଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ହେଲେ ପିତୃହରା। ତତ୍ପରେ ଶ୍ରୀମନ୍ଦିରରେ ଭାଗବତ ପାଠ କରିବାକୁ ଗଜପତି ମହାରାଜା ତାଙ୍କୁ ନିଯୁକ୍ତ କଲେ। ଜୀବଦ୍ଦଶାରେ ସେ ଦୁଇଟି କର୍ମ ସଂପାଦନ କରୁଥିଲେ। ପ୍ରଥମଟି ମାତୃସେବା ଓ ଦ୍ୱିତୀୟଟି ଶ୍ରୀ ଜଗନ୍ନାଥଙ୍କ ସମ୍ମୁଖରେ ଭାଗବତ ପାରାୟଣ ।

କାର୍ତ୍ତିକ ମାସରେ ସ୍ତ୍ରୀ ଲୋକମାନେ ଏକତ୍ର ହୋଇ ସଂସ୍କୃତ ଭାଗବତ ଶୁଣୁଥିଲେ। ଏକଦା ପଦ୍ମାବତୀ ଗୋଟିଏ ସ୍ଥାନରେ ବୁଝିବାକୁ ଅକ୍ଷମ ହୋଇ ପୁରାଣପଣ୍ଡାଙ୍କୁ ପଚାରିଲେ। ସେ ବୁଝାଇବା ପରିବର୍ତ୍ତେ ପଦ୍ମାବତୀଙ୍କୁ ମୂର୍ଖ ବୋଲି ସମ୍ବୋଧନ କରି ତିରସ୍କାର କଲେ।

ପଦ୍ମାବତୀଙ୍କ ହୃଦୟରେ ଏହି ଦାରୁଣ ଦୁଃଖ ଅଶ୍ରୁରୂପ ନେଇ ଝରିବାକୁ ଲାଗିଲା। ଘରକୁ ଫେରି ପୁତ୍ର ଜଗନ୍ନାଥଙ୍କୁ କାନ୍ଦି କାନ୍ଦି ସବୁକଥା କହି ଓଡ଼ିଆ ଭାଷାରେ ଭାଗବତ ଲେଖିବାକୁ ଉପଦେଶ ଦେଲେ। ମାତାଙ୍କ ଉପଦେଶ ଜଗନ୍ନାଥଙ୍କ ହୃଦୟକୁ ଝଂକୃତ କଲା। ସେ ପ୍ରଭୁ ଜଗନ୍ନାଥଙ୍କର ଶରଣାପନ୍ନ ହେଲେ। ପ୍ରଭୁ ଭକ୍ତ ଦୁଃଖ ବୁଝିପାରି ସ୍ୱପ୍ନରେ ଦେଖାଦେଲେ ଓ ପ୍ରାକୃତ ଭାଷାରେ ଭାଗବତ ଲେଖିବାକୁ ଉପଦେଶ ଦେଲେ ଓ ସର୍ବାନ୍ତକରଣରେ ସାହାଯ୍ୟ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଲେ।

ଦୁଇଟି ଅମୃତର ଧାରା ସତେ ଯେପରି ଜଗନ୍ନାଥ ଦାସଙ୍କ ହୃଦୟକୁ ପ୍ଲାବିତ କରିବାକୁ ଲାଗିଲା। ପ୍ରଥମଟି ମାତାଙ୍କ ପ୍ରେରଣା ଓ ଦ୍ୱିତୀୟଟି କାଳିଆଠାକୁରଙ୍କ ଆଶୀର୍ବାଦ। ଫଳରେ ଦାସଙ୍କ ହୃଦୟରେ ପ୍ରାକୃତ ଭାଷାରେ ଅଂକୁରିତ ଭାଗବତ ରୂପି କଳିକାଟି ପ୍ରସ୍ଫୁଟିତ ହେବାକୁ ଲାଗିଲା। ପରବର୍ତ୍ତୀ ସମୟରେ ଦିନେ ନିଶାର୍ଦ୍ଧରେ ଜଗନ୍ନାଥ ଗଭୀର ନିଦ୍ରା ଯାଇଥିବା ବେଳେ ପ୍ରଭୁ ଜଗନ୍ନାଥ ସ୍ୱପ୍ନରେ ଦେଖାଦେଇ ପ୍ରାକୃତଭାଷାରେ ଭାଗବତ ଲେଖିବାକୁ ଆଦେଶ ଦେଲେ ଓ କାର୍ଯ୍ୟ ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସେ ସର୍ବଦା ତାଙ୍କ ହୃଦୟରେ ବିରାଜିତ ହୋଇ, ଅଟକିବା ସ୍ଥାନରେ ସଂଶୟ ଦୂରକରିବେ।

ଓଡ଼ିଆଭାଷାରେ ଭାଗବତ ଲେଖାଚାଲିବା ସଂଗେ ସଂଗେ, ଜଗନ୍ନାଥ ଦାସଙ୍କ କଣ୍ଠରୁ ସତେ ଯେପରି ଅମୃତର ଧାରା ଝରିଆସୁଥିଲା। ଆବାଳ ବୃଦ୍ଧ ବନୀତା ମନ୍ତ୍ରମୁଗ୍ଧ ପରି ଭାଗବତ ରସାମୃତ ପାନ କରିବାକୁ ଲାଗିଲେ। ବିଶେଷତଃ ନାରୀମାନେ ମନ୍ତ୍ରମୁଗ୍ଧ ପରି ଶୁଣୁଥିଲେ। ସେମାନେ ଜଗନ୍ନାଥ ଦାଶଙ୍କୁ ସ୍ୱଗୃହକୁ ନିମନ୍ତ୍ରଣ କରି ଭାଗବତ ଶୁଣିଲେ। ପୁରୀପରି ପୁଣ୍ୟଧାମରେ ଅମୃତର ଧାରା ପ୍ରବାହିତ ହେବାକୁ ଲାଗିଲା।

କେତେକ ଖଳଲୋକ ଦାସଙ୍କ ବିରୁଦ୍ଧରେ କୁତ୍ସା ରଟନା କରି ଷଡ଼ଯନ୍ତ୍ର କଲେ। ଜଗନ୍ନାଥ ଦାସ ଜଣେ ଲଂପଟ ଓ ନାରୀମାନଙ୍କ ଇଜ୍ଜତ ଲୁଣ୍ଠନକରି ଅନ୍ୟାୟ କାର୍ଯ୍ୟ କରୁଛନ୍ତି ବୋଲି ରାଜାଙ୍କ ନିକଟରେ ଅଭିଯୋଗ

କଲେ। ଫଳରେ ସେ ରାଜାଙ୍କଦ୍ୱାରା ବନ୍ଦୀହେଲେ। ସେ ନିଜକୁ ପୁରୁଷମାନଙ୍କ ମଧ୍ୟରେ ପୁରୁଷ ଓ ନାରୀମାନଙ୍କ ମଧ୍ୟରେ ନାରୀବୋଲି ପ୍ରକାଶ କଲେ। ଦୁଇଦିନ ପରେ ରାଜା ବନ୍ଦୀଶାଳାରେ ଜଗନ୍ନାଥ ଦାସଙ୍କୁ ସୁନ୍ଦରୀ ନାରୀ ରୂପରେ ଦେଖି ସତ୍ୟ ଉପଲବ୍ଧି କରି ମୁକ୍ତିଦେଲେ। ପୁନଶ୍ଚ ରାଜାଙ୍କ ସମ୍ମୁଖରେ ପୁଷ୍କରିଣୀରେ ସ୍ନାନକରି ପୁରୁଷ ହୋଇଗଲେ। ରାଜା ତାଙ୍କର ଶିଷ୍ୟତ୍ୱ ଗ୍ରହଣକଲେ।

ନିଶାର୍ଦ୍ଧରେ ଦୁଇଜଣ ଅପରୂପ ସୁନ୍ଦରୀକନ୍ୟା ଜଗନ୍ନାଥ ଦାସଙ୍କ ନିକଟକୁ ଆସୁଥିଲେ। ଏହାର ସତ୍ୟତା ଅବଶ୍ୟ ଥିଲା। ଖଳ ଲୋକମାନେ ତାଙ୍କର ଚରିତ୍ର ସଂହାରପାଇଁ ଲାଗିପଡ଼ିଲେ। ରାଜା ଜଗୁଆଳୀ ନିଯୁକ୍ତ କଲେ। ସେମାନେ ଦୁଆର ଖୋଲିଲା ବେଳକୁ ମେଧା ଓ ସୁମେଧା ନାମ୍ନୀ ଦେବକନ୍ୟା ଦ୍ୱୟ ଶୂନ୍ୟରେ ମିଶିଗଲେ।

ଦିନେ ରାଜା ପ୍ରତାପରୁଦ୍ରଦେବ ବଟ ଗଣେଶଙ୍କ ନିକଟରେ ଜଗନ୍ନାଥ ଦାସଙ୍କ ନିକଟରୁ ଭାଗବତ ଶୁଣିବାକୁ ଯାଇଥିଲେ। ସେ ଦୂରରୁ ଦେଖିଲେ ତାଙ୍କର ଅଷ୍ଟଭୁଜ। ଛଅଟି ଭୁଜରେ ଶଂଖ, ଚକ୍ର, ଗଦା, ପଦ୍ମ, ଧନୁ ଓ ଶର। ଅନ୍ୟ ଦୁଇଟି ହସ୍ତରେ ମୋହନ ବଂଶୀ। ରାଜା ଭକ୍ତିପୂର୍ଣ୍ଣ ହୃଦୟରେ ମୁଣ୍ଡିଆ ମାରିଲାବେଳେ ତାଙ୍କ ନୟନରୁ ଆନଂଦାଶ୍ରୁ ଝରୁଥାଏ।

ଶ୍ରୀ ଚୈତନ୍ୟ ମହାପ୍ରଭୁ ବଟଗଣେଶଙ୍କ ନିକଟରେ ଜଗନ୍ନାଥ ଦାସଙ୍କ ଭାଗବତ ଶ୍ରବଣକରି ବିହ୍ୱଳ ହୋଇଗଲେ ଓ ତାଙ୍କୁ କୋଳାଗ୍ରତ କରି 'ଅତିବଡ଼' ବୋଲି ଘୋଷଣା କଲେ। ସେହିଦିନଠାରୁ ସେ ହେଲେ 'ଅତିବଡ଼ୀ' ଜଗନ୍ନାଥ ଦାସ।

ଜଗନ୍ନାଥ ଦାସଙ୍କ ଭାଗବତ ଏପରି ଲୋକପ୍ରିୟ ହେଲା ଯେ, ପ୍ରତିଗ୍ରାମ ଓ ସାହିମାନଙ୍କରେ 'ଭାଗବତ ଟୁଙ୍ଗୀ' ସ୍ଥାପିତହେଲା। କର୍ମକ୍ଳାନ୍ତ ଦିବସର ଅବସାନ ପରେ ଗ୍ରାମ ଲୋକମାନେ ସେଠାରେ ଏକତ୍ରିତ ହୋଇ ଭାଗବତ ରସ ପାନକରି ଜୀବନସାର୍ଥକ କରୁଥିଲେ। ବାସ୍ତବରେ ଉତ୍କଳୀୟ ଜୀବନକୁ ଦୀର୍ଘ ପାଞ୍ଚଶହ ବର୍ଷଧରି ଜଗନ୍ନାଥ ଦାସଙ୍କ ଭାଗବତ ଆଲୋକିତ କରିଆସିଛି। ଅବଶ୍ୟ ଆଧୁନିକ ନଗ୍ନ ସଭ୍ୟତାର ପ୍ରସାର ଫଳରେ ଭାଗବତ ଟୁଙ୍ଗୀର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତଥାପି ଜନମାନସରେ ଜଗନ୍ନାଥ ଦାସଙ୍କ ଭାଗବତ ବଂଚିରହିଛି ଓ ଏଜାତି ଥିବା ପର୍ଯ୍ୟନ୍ତ ବଂଚି ରହିଥିବ ।

ବାସ୍ତବରେ ଜଣେ ଜଗନ୍ନାଥ ଭକ୍ତ, କବି, ସନ୍ଥ ଓ ସର୍ବୋପରି ଚିର ବ୍ରହ୍ମଚାରୀ ଜଗନ୍ନାଥ ଦାସ ଥିଲେ ଉତ୍କଳର ଦେଦୀପ୍ୟମାନ ଦୀପଶିଖା। ୧୫୪୭ ଖ୍ରୀଷ୍ଟାବ୍ଦ ମାଘ ଶୁକ୍ଳ ସପ୍ତମୀ ତିଥିରେ ପ୍ରଭୁଙ୍କ ନାମ କୀର୍ତ୍ତନ ଶୁଣି ଶୁଣି ସେ ଏ ମର ସଂସାରରୁ ବିଦାୟ ନେଲେ। ତାଙ୍କର ଆତ୍ମା ପରମାତ୍ମାଙ୍କଠାରେ ମିଶିଗଲା କିନ୍ତୁ ତାଙ୍କର ଅମରକୃତି ଭାଗବତ, ସୃଷ୍ଟିରେ ଓଡ଼ିଆଜାତି ଥିବା ପର୍ଯ୍ୟନ୍ତ ତାଙ୍କୁ ଅମରକରି ରଖିଥିବ ।

**॥ ଜୟ ଜଗନ୍ନାଥ ॥**

**ଗାନ୍ଧୀନଗର, କଟଣୀ**



# ମୂର୍ତ୍ତିମନ୍ତ ଅଣାକାର

**ଶିବ ମିଶ୍ର**



ମୋ ଠାରୁ ଜାତ ଜଗତ
ମୁଁ ଗଢ଼ିଛି, ଗଢୁଛି
ଭାଂଗୁଛି ବି, ଯୋଡୁଛି
ମୋ ମନ ମୁତାବକ ।
ଆଉ କାହା ଲାଭରେ କ୍ଷତିରେ
ମୋର ବା ଯାଏ ଆସେ କ'ଣ ?
ତଥାପି ତମେ ବନ୍ଧୁଛ ମୋତେ
ପୁଣି କେବେ ନିନ୍ଦୁଛ
ତମ ଭଲରେ ମନ୍ଦରେ
ମୋତେ ଅଯଥା ଛନ୍ଦୁଛ ।
ମୋର ବା ବେଳ କାହିଁ
ତମ ଅଳି ବୁଝିବାକୁ
ତମ ନ୍ୟାୟ ନିଶାପରେ
ଭଦ୍ରଲୋକୀ କରିବାକୁ ।
ମୁଁ ବାଧ୍ୟ ନୁହେଁ ତମ, -
ଢ଼ୋଲର ତାଳରେ ନାଚିବାକୁ ।
ତମେ ଜାଣିପାରୁନ
ଏଇ ପବନ ଲହର
ଏଇ ପାଣିର ସୁଅ
ମାଟିର ଗନ୍ଧ, ଅଂଧାର ଆଲୁଅ
ଏସବୁ, ମୋ ବଂଚିବାର ଉପାଦାନ ।
ମୋର ଲୋଡ଼ାନାହିଁ
ତମ ଧୂପ, ଦୀପ,
ନୈବେଦ୍ୟ ସମର୍ପଣ
ପାରୁଛ ଯଦି, ମୁଁ ଆଙ୍କିଥିବା
ଚିତ୍ରରେ ରଂଗଦିଅ
ମୁଁ ତୋଳିଥିବା ଘରକୁ ସଜାଅ
ତା' ଭିତରେ ମୋତେ ଦେଖ
ମୋ ଆଖିରେ ଆଖି ମିଳାଅ
ବୁଝିବାକୁ ଚେଷ୍ଟାକର
ମୁଁ ମୂର୍ତ୍ତିମନ୍ତ, ମୁଁ ଅଣାକାର ॥

**ବାଣପୁର, ଖୋରଧା**

# ସାହିତ୍ୟ ଓ ଆମରିସତ୍ୟ ଦୁନିଆର ହାଲ୍



ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ଏଇ ବେଶ୍ କେତେବର୍ଷ ହେବ ଖୋର୍ଦ୍ଧାରୁ ସାହିତ୍ୟ ପତ୍ରିକାଟିଏ ପ୍ରକାଶ ପାଉଛି। ସେଦିନ ତା'ର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳନ ହେଉଥିଲା। ପ୍ରାଣନାଥ ସ୍ୱୟଂଶାସିତ କଲେଜର ମୈତ୍ରୀଭବନ ଅତିଥି ଓ ନିମନ୍ତ୍ରିତ ଅତିଥିମାନଙ୍କୁ ନେଇ ଭରପୂର ଥିଲା। ଏହି ପତ୍ରିକାଟିକୁ ପୂରାପୂରି ସାହିତ୍ୟପତ୍ରିକା ନକହି, ସଚିତ୍ର ପତ୍ରିକା ବୋଲି କହିଲେ ବରଂ ଗ୍ରହଣୀୟ ହେବ।

ସାହିତ୍ୟ ଏବଂ ସାହିତ୍ୟ ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷମାନଙ୍କୁ ଆମେ ତ ସାହିତ୍ୟିକ ବୋଲି କହିଥାଉ। ସେମାନଙ୍କର ଲେଖାସବୁ ଗୋଟିଏ ଶବ୍ଦରେ ସାହିତ୍ୟ ବୋଲି ବିବେଚିତ ହେବ। ଏହି ସାହିତ୍ୟିକମାନେ ସବୁବର୍ଗର ସେମାନେ କିଏ ଯେ ନୁହନ୍ତି, ସେମାନେ ସବୁବର୍ଗର ସାହିତ୍ୟିକ। ସେମାନେ ଯଦି ସାମ୍ବାଦିକ ହୋଇଛନ୍ତି ସେମାନେ ମଧ୍ୟ ସାହିତ୍ୟିକ। ବିଭିନ୍ନ ବିଷୟ ତଥା ତଥ୍ୟ ଯଦି ପରିବେଷଣ କରୁଛନ୍ତି, ସେମାନେ ମଧ୍ୟ ସାହିତ୍ୟିକ। ଲେଖା, ଲେଖିକା, ଗଳ୍ପକାର, ଔପନାସିକ, କବି, କବୟିତ୍ରୀ, ନାଟ୍ୟକାର ସମସ୍ତେ ସାହିତ୍ୟିକ। କିଏ ସାହିତ୍ୟିକ ବୋଲି କହିହେବନାହିଁ।

'ଆମରିସତ୍ୟ' ବାର୍ଷିକ ସମାବେଶରେ ରାଜ୍ୟର ସବୁ ଅଞ୍ଚଳରୁ ସାହିତ୍ୟିକମାନେ ଆସିଥାଆନ୍ତି। ମନଖୋଲି କଥା କହିଥାଆନ୍ତି। ସେମାନେ ଯେପରି କଥା କହିଥାଆନ୍ତି, ଅନୁଭବ ଆସେ ଯେ ସେମାନେ ସବୁ ସାହିତ୍ୟାନୁରାଗୀ।

ଅତୀତରେ ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆମରିସତ୍ୟ ଅନୁଦାନ ପ୍ରଦାନ କରୁଥିଲା, ଏବେ ଏପରି ପ୍ରକ୍ରିୟାରେ ଭଟ୍ଟା ପଡ଼ିଗଲାଣି। ଆମରିସତ୍ୟର ସମ୍ମୁଖରେ ଦୁଇଟି ଆହ୍ୱାନ - ସଚିତ୍ର ପତ୍ରିକାଟି ପ୍ରକାଶପାଇବ, ମାସକୁ ଥରେ। ଗବେଷଣାଲବ୍ଧ ଜ୍ଞାନକୁ ପାଥେୟ କରି ଗବେଷଣାମୂଳକ ପତ୍ରିକାଟି ପ୍ରକାଶପାଇବ। ପ୍ରତିଷ୍ଠାତାମାନେ ନିରନ୍ତର ଭାବରେ ଲାଗିଥାଆନ୍ତି କିପରି ନିୟମିତ ଏହି ପତ୍ରିକାସବୁ ପ୍ରକାଶ ପାଇବ।

ଏବେ ଗୋଟିଏ ତର୍କ ସାମ୍ନାକୁ ଆସିଥିଲା - ଏ ବିଷୟଟିର ପର୍ଯ୍ୟାୟ ଆଲୋଚନା ହୋଇପାରିନଥିଲା। ତଥାପି ସାହିତ୍ୟିକମାନଙ୍କ ମନରେ ଉଦ୍‌ବେଳନ ସୃଷ୍ଟି ହୋଇଥିଲା। ଆମେ ତ ଜାଣିଛେ ସମାଜରେ ସାହିତ୍ୟ ପ୍ରତିଫଳିତ ହୋଇଥାଏ। ଏପରି ପ୍ରତିଫଳନ ସ୍ୱାଭାବିକ। ଏପରି ପ୍ରକ୍ରିୟାକୁ ବାଦ୍‌ଦେଇ ସାହିତ୍ୟ ସୃଷ୍ଟି ହୋଇନଥାଏ।

ସମାଜକୁ ବାଦ୍‌ଦେଇ ସାହିତ୍ୟ ମଧ୍ୟ ସୃଷ୍ଟିହୁଏ। ରାଜା ରାଣୀ ସମ୍ରାଟ (ସମାଜରେ ମାତ୍ର ଜଣେ ଲେଖାଏ) ସେଇମାନଙ୍କୁ ନେଇ ସାହିତ୍ୟ ଲେଖାଯାଇଥାଏ। ରାଜା କି ରାଣୀ ସେମାନେ ଅତି ପ୍ରଭାବଶାଳୀ ବ୍ୟକ୍ତି, ସମାଜର ଓ ସାହିତ୍ୟର ମୋଡ଼ ବଦଳେଇ ଦେଇଥାଆନ୍ତି। ଅନେକ ସମୟରେ ତାଙ୍କରି ନିର୍ଦ୍ଦେଶରେ ସାହିତ୍ୟ ସୃଷ୍ଟିହୁଏ। ସମାଜକୁ ନେଇ ସାହିତ୍ୟ ଲେଖାଗଲେ ମଧ୍ୟ ସମାଜ ଏପରି ସାହିତ୍ୟଦ୍ୱାରା ପ୍ରଭାବିତ ହୋଇ ନିଜପାଇଁ ଅନେକ ସଂସ୍କାରକୁ ଗ୍ରହଣ କରିଥାଏ। ଏପରିକ୍ଷେତ୍ରରେ ସାହିତ୍ୟର ମୂଲ୍ୟବୋଧ ସମସ୍ତଙ୍କୁ ପ୍ରଭାବିତ କରିଥାଏ। ଆଉ ଗୋଟିଏ ବିଚାର ମଧ୍ୟ ସମ୍ମୁଖକୁ ଆସିଥାଏ। ସେ ବିଚାରଟି ହେଲା ସାହିତ୍ୟ ସମାଜକୁ ପ୍ରଭାବିତ କରିଥାଏ। ଯଦି ପଲ୍ ଏସ୍ ବକ୍ 'ଗୁଡ୍ ଆର୍ଥ' ଲେଖିନଥାନ୍ତେ, ଚୀନ୍ ସଭ୍ୟତା ଅନ୍ଧାର ଭିତରେ ଥାଆନ୍ତା। ସାମ୍ୟବାଦ ସମାଜରେ ସୃଷ୍ଟିନଥାନ୍ତା। ସେଠିକାର ସାମ୍ୟବାଦ ସମାଜ ସବୁଦୃଷ୍ଟିରୁ ଭଲ ଏକଥା କହିହେବ ନାହିଁ। ଗୋଟିଏ ସମାଜ ସହିଷ୍ଣୁତା ଓ ଅସହିଷ୍ଣୁତା ମଧ୍ୟରେ ଘାଣ୍ଟି ହେଉଥାଏ। ସେଠି ଅନେକ ପରିବର୍ତ୍ତନ ଆସିଛି। ଏପର୍ଯ୍ୟନ୍ତ ସବୁ ପରିବର୍ତ୍ତନ ସେଠାରେ ହିତକର ହୋଇନାହିଁ। ଭଲମନ୍ଦର ଦ୍ୱନ୍ଦ୍ୱ ଚାଲିଛି। ତଥାପି ତାଙ୍କ ପ୍ରଗତି ଉତ୍ସାହଜନକ।

ଅତୀତରେ ଆମ ପୁରାଣ ଏପରି ସାହିତ୍ୟ ସୃଷ୍ଟି କରିଥିଲା ଯେ, ନୈତିକତା ପାଇଁ ଅନେକ ଆହ୍ୱାନ ଓ ଦିଗ୍‌ଦର୍ଶନ ଦେଇଥିଲା। ସେସବୁ ସାହିତ୍ୟ ଅତି ଚମତ୍କାର ଥିଲା। ଆମ ସାହିତ୍ୟ ବି ସମୃଦ୍ଧ। କାଳଜୟୀ ସାହିତ୍ୟିକ ଫକୀରମୋହନ ସେନାପତିଙ୍କର ଡାକମୁନ୍‌ସି ଗଳ୍ପ ଲକ୍ଷଲକ୍ଷ ଲୋକଙ୍କର ମାନସିକତାକୁ ପ୍ରଭାବିତ କରିଛି। ପୁଅର ତା' ବାପାପ୍ରତି ପାଷାଣ୍ଡ ପ୍ରତି ବ୍ୟବହାର ସମସ୍ତଙ୍କ ମନରେ ଗଭୀର ରେଖାପାତ ସୃଷ୍ଟି କରିଥିଲା। କାଳଜୟୀ ସାହିତ୍ୟ ସବୁ ସମୟରେ ଅମର।

ଗୋଟିଏ ସଭ୍ୟତା ତା'ର ସମୃଦ୍ଧି ପାଇଁ ସାହିତ୍ୟର ବିକାଶ ଉପରେ ନିର୍ଭର କରିଥାଏ। ଆମ୍ଭେମାନେ ଗୋଟିଏ ବହୁବିଧ ସମାଜର ଅଂଶବିଶେଷ। ଆମ୍ଭେମାନେ ସହିଷ୍ଣୁତା ଓ ଅସହିଷ୍ଣୁତା ନେଇ ବିଭିନ୍ନ ସଂଘର୍ଷର ସମ୍ମୁଖିନ ହେଉଛୁ। ସମାଜର ସଂସ୍କାରପାଇଁ ଆମକୁ ସମର୍ପିତ ହେବାକୁ ପଡ଼ିବ। ଖାଲି କଥାରେ କହିଲେ ହେବନାହିଁ। ସବୁ ପ୍ରଗତିଶୀଳ ସଂସ୍କାରପାଇଁ ତ୍ୟାଗ ସ୍ୱୀକାର କରିବାକୁପଡ଼ିବ। ସବୁକଥାର ନିର୍ଲିପ୍ତ ଆକଳନ ହେବାକଥା। ଆସାମର ଲେଖିକା ଇନ୍ଦିରା ଗୋସ୍ୱାମୀ ମଥୁରା ଓ ବୃନ୍ଦାବନ ନେଇ ଯେଉଁ ସଂସ୍କାର କଥା କହିଥିଲେ ତାହା ଅତି ପ୍ରଭାବ ସୃଷ୍ଟି କରିଥିଲା। ଦେଶଛାଡ଼ି ଚାଲିଯିବା, କୌଣସି ଦେଶ ତଥା ସମାଜପାଇଁ ମଙ୍ଗଳକର ନୁହେଁ। ଆମଦେଶରୁ ସିଏ ଯିଏବି ହେଉ, ଦେଶ ଛାଡ଼ି ଚାଲିଯିବା ଉଚିତ୍ ନୁହେଁ। ହିନ୍ଦୁ ଦେବଦେବୀଙ୍କର ରୂପର କଦର୍ଥ ଚିତ୍ରଣ ହୁଏତ ଅସହ୍ୟ ହୋଇପାରେ। କିନ୍ତୁ ହୋସେନ୍ ତାଙ୍କ ଭାବନାରେ କାହିଁକି ପୂର୍ଣ୍ଣଚ୍ଛେଦ ଟାଣିବେ, କାହିଁକି ଦେଶଛାଡ଼ି ଚାଲିଯିବେ। ଏକଛତ୍ରବାଦ, ଧର୍ମାନ୍ଧତା, ନିଜ ଆଦର୍ଶକୁ ସଞ୍ଜୀବିତ କରିବାପାଇଁ ସନ୍ତ୍ରାସବାଦର ସାହାଯ୍ୟକୁ ପଛରେ ପକାଇବାକୁ ପଡ଼ିବ। 'ଆମରିସତ୍ୟ' ର ସାହିତ୍ୟିକ-ମାନଙ୍କର ଗୁରୁଦାୟିତ୍ୱ ହେଉଛି, କୌଣସି କଥାପାଇଁ ସେମାନେ କାହାପାଖରେ

ଆଉ ଦାୟ ହେବକି ? ହୋଇଯିବେ ନାହିଁ। ସେପରି ହେବାର ଆବଶ୍ୟକତା ନାହିଁ। ଆମରିସତ୍ୟର ଲେଖକମାନେ ସେଇଦିନ ସମୃଦ୍ଧ ହେବେ, ଯେବେ ସେମାନେ ଯାହା ଲେଖିବେ ତାହା ଆଦୃତ ହେବ। ହୁଏତ ସେମାନଙ୍କୁ ଜିନ୍ଦାବାଦ ଓ ମୁର୍ଦ୍ଦାବାଦ କହିପାରନ୍ତି। ସାହିତ୍ୟିକମାନେ ଏପରି ସ୍ଲୋଗାନଦ୍ୱାରା ପ୍ରଭାବିତ ହେବେନାହିଁ ।


ଜେଲ୍‌ରୋଡ୍, ଖୋର୍ଦ୍ଧା
ମୋ - ୯୪୩୮୧୭୯୦୪୩

## ଭଜୁଥିବି ନିରନ୍ତର



ସୁମତୀ ଦେଈ

ତୁମରି କୋମଳ ପରଶରେ ଖୋଲେ
ମୋର ନିଦ୍ରିତ ନୟନ
ସ୍ନାନ ବେଳେ ପାଣି ଆଞ୍ଜୁଳା ଭିତରେ
କରେ ତୁମ ଦରଶନ ।
ସୂରୁଯ ମୁରୁଜେ ବୁଣିହୋଇ ତୁମେ
ଦେଖାଅ ଜୀଇଁବା ରାହା
ଆଧାର ଭିତରେ ଶକତି ହେ ତୁମେ
ଜୀବଜଗତର ସାହା ।
ମନଲୋଭା ପୁଷ୍ପେ ଲେପି ଦେଇଅଛ
ତୁମରି ତନୁର ବାସ୍ନା
ପୁଲକିତ ପ୍ରାଣେ ମୁଦ୍ରିତ ନୟନେ
ମେଣ୍ଟୁଥାଏ ମନର ତୃଷ୍ଣା ।
ସଂଧ୍ୟା ଆଳତୀର ଦୀପଶିଖା ତୁମେ
ଜୀବନୁ ତମସା ହରି
କାଉଁରି ପରଶେ ନିଦ୍ରିତ ନୟନେ
ସପନ ଦିଅ ହେ ଭରି ।
ମୋର ଏ ହୃଦୟ ବିନୟେ ସପନେ
ଜାଗରଣେ ତୁମମୟ
ଖୋଜିନାହିଁ ଦିନେ ହେ ପ୍ରାଣର ସଖା
ତୁମେ ପରା ସର୍ବମୟ ।
କରୁଣାର ବାରି ଦିଅ ବାରେ ଭରି
ଜୀବନ ପାତ୍ରରେ ମୋର
ସଂସାରର ମାୟା ବନ୍ଧନ ତୁଟାଇ
ଭଜୁଥିବି ନିରନ୍ତର ।





## ଝରାଶେଫାଳୀକୁ ହୋଲିରେ ପଦେ

ପ୍ରମୋଦ ମହାନ୍ତି

କହିଥିଲପରା ଏସନ ଫଗୁଣେ ଯେଉଁଠିବି ଥାଅ ଆସିବ
ରଙ୍ଗର ଫୁଆରା ଛୁଟାଇ ମୋ ପାଶେ ଆରସନପରି ବସିବ।
ଲୁଚକାଳି ଖେଳ ବାଦଲ ଉହାଡ଼େ କୁହକିଆଁ ନାହିଁ ନାହିଁ ?
ହେଲେ ମୁଁ ଜାଣିଛି ବୁଜା ଆଖିରେ ମୋ ଯୋଉଠି ଥିଲେବି ଦିଶିବ।।
ତୁମ ସନ୍ତକକୁ କି ଉତ୍ତର ଦେବି ଯେବେ ସେ ହୋଇବ ଅଝଟ
ମିଛବାହାନାରେ ତୁମପରି କୁହ କରିକି ପାରିବି କପଟ
କୁହ କେଉଁଦିନ ଆକାଶ ଛାତିରୁ ତାରାଫୁଲ ସାଜି ଖସିବ ?
ମାଟି ମା ପାଇଁ କରଜ ଉତାରି ମାଟିରେ ପଡ଼ିଲ ଢଳି
ଜମା ପଛକରି ଆସିଲନି ଫେରି ଛାତିରେ ଆବୋରି ଗୁଳି
ନେହୁରା ହେଉଛି ମୋ ବୀରପୁରୁଷ କାଲି ସପନରେ ଆସିବ ।।
ଜନମ ଭୂଇଁର ଋଣ ସୁଝିବାକୁ ଭୂଇଁକୁ ଓଲିଗି ହେବକି ?
ବାଟ ଚାହିଁ ଚାହିଁ ହାଟ ମୋ ସରିଲା ଚାହିଁ ମୁଁ ପାରୁନି ସଳଖି
ସାତଜନମର ସାଥୀପରା ଆମେ ଦିନେ ନା ଦିନେ ତ ମିଶିବ ।

ବାଛେରା, ଜଟଣୀ, ମୋ - ୭୦୦୮୩୬୧୧୪୮

## କାକୁଡ଼ି ଦହି ସର୍ବତ



ସୌମିତ୍ରା ହରିଚନ୍ଦନ

ସାମଗ୍ରୀ -

କାକୁଡ଼ି - ୧ ଗୋଟା, ଦହି - ୨୫୦ ଗ୍ରାମ, ଧନିଆପତ୍ର, ଏକକପ୍ ବରଫ, ଭଜା ଜୀରାଗୁଣ୍ଡ ୧ ଛୋଟ ଚାମଚ, ଅଧଚାମଚ ଗୋଲମରିଚ ଗୁଣ୍ଡ, ଅଳ୍ପ ପୋଦିନା ପତ୍ର ଏବଂ ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତି ପ୍ରଣାଳୀ :-

ପ୍ରଥମେ କାକୁଡ଼ିରୁ ଚୋପାଛଡ଼ାଇ ସରୁ ୨ କାଟିଦିଅନ୍ତୁ। କାକୁଡ଼ି ସହିତ ଅନ୍ୟସମସ୍ତ ସାମଗ୍ରୀକୁ ଏକାଠି କରି ଗ୍ରାଇଣ୍ଡିଂ କରିଦିଅନ୍ତୁ। ତା'ପରେ ତାକୁ ଗ୍ଲାସରେ ଢାଳି ଜିରାଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ପରିବେଷଣ କରନ୍ତୁ ଓ ନିଜେ ପିଅନ୍ତୁ ।

# ବରଗଛର କଥା



ଦେବାହୃତି ଆଚାର୍ଯ୍ୟ

କେରଳର ପଶ୍ଚିମଘାଟ ପର୍ବତମାଳାର ଜଙ୍ଗଲ ସଫାକରି ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ବିରୁଦ୍ଧରେ ସତୁରୀ ଦଶକର ଶେଷଭାଗରେ ଆରମ୍ଭ ହୋଇଥିଲା ନୀରବ ଉପତ୍ୟକା ବା 'Silent Vallay' ଆନ୍ଦୋଳନର ଉଦ୍ୟମ ଥିଲା,କେରଳ ଶାସ୍ତ୍ରୀୟ ସାହିତ୍ୟ ପରିଷଦର। ୭୦ ଦଶକର ଶେଷଭାଗରେ ଭାରତର ଉତ୍ତର ସୀମାନ୍ତର ଚିପ୍‌କୋ ଆନ୍ଦୋଳନଠାରୁ କେରଳର ନୀରବ ଉପତ୍ୟକା ଆନ୍ଦୋଳନ ପର୍ଯ୍ୟନ୍ତ ବହୁ ଜନମଞ୍ଚ ଗଢ଼ିଉଠିଥିଲା ପରିବେଶ ସୁରକ୍ଷା ପାଇଁ ଜନଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ। ତେବେ ସେ ଏକ ଭିନ୍ନ ଅଧ୍ୟାୟ। କେରଳ ଶାସ୍ତ୍ରୀୟ ସାହିତ୍ୟ ପରିଷଦ ତଥା ନୀରବ ଉପତ୍ୟକା ଆନ୍ଦୋଳନର ଅନ୍ୟତମ କାଣ୍ଡାରୀ କବୟିତ୍ରୀ ସୁଗାଥା କୁମାରୀଙ୍କର ନିକଟରେ ଦେହାବସାନ ଘଟିଛି। ନିଜ ଅନୁଗାମୀମାନଙ୍କୁ ତାଙ୍କର ଶେଷଇଚ୍ଛା ଥିଲା ତାଙ୍କର ପାଉଁଶ ଉପରେ ବରଗଛଟିଏ ଲଗାଇବାପାଇଁ ,ବିନା ନାମ ଫଳକରେ, ଯାହା ଯୋଗାଇବ ଅସୁମାରୀ ପକ୍ଷୀଙ୍କୁ ନିର୍ଭୟ ଆବାସ। ବରଗଛ ପାଇଁ ଏ ଆଗ୍ରହ ପଛରେ ଥିଲା ଆମ ପରିବେଶ ସୁରକ୍ଷା ଦିଗରେ ବରଗଛର ଭୂମିକା।

ଏହି ଅବସରରେ ପୁରୁଣା ଖବର କାଗଜକୁ ଖେଳାଉ ଖେଳାଉ ଦୁଇଟି ଖବର ନଜରକୁ ଆସିଲା। ଫେବୃୟାରୀ ୨୬ ତାରିଖ ୨୦୧୮ ମସିହା ଦୈନିକ Indian Express ର ଏକ ଖବର ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାର ଦାଶଙ୍କର ପଞ୍ଚାୟତର ଏକ ଗ୍ରାମରେ ପବିତ୍ର ବୈଦିକ ମନ୍ତ୍ର ଉଚ୍ଚାରଣ ସହ ମହାସମାରୋହରେ ବର ଓ ଓସ୍ତଗଛର ବିବାହ ଅନୁଷ୍ଠିତ ହେଉଥିଲା। ଏ ବିବାହ ଉତ୍ସବ ଅନୁଷ୍ଠାନ ପଛର ଉଦ୍ଦେଶ୍ୟ ଥିଲା ନିଆରା। ପରିବେଶ ସୁରକ୍ଷା ବିଷୟରେ ଜନସଚେତନତା ସୃଷ୍ଟିପାଇଁ ସ୍ଥାନୀୟ ଜନସାଧାରଣ ଏହାର ଆୟୋଜନ କରିଥିଲେ। ସେହିଭଳି ୨୦୧୮ ମସିହା ଏପ୍ରିଲ ମାସ ୩୦ ତାରିଖରେ ପ୍ରକାଶିତ Times of India ର ଏକ ଖବର ଅନୁଯାୟୀ ବର୍ଷା ଓ ଅନୁକୂଳ ପାଣିପାଗ କାମନା କରି କୋଏମ୍ବାଟୁର ସହର ନିକଟସ୍ଥ ଏକ ମନ୍ଦିର ପ୍ରାଙ୍ଗଣରେ ଏକ ବର ଓ ନିମଗଛ ମଧ୍ୟରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭାରତବର୍ଷରେ ବର ଓ ଓସ୍ତ ମଧ୍ୟରରେ ବା ବର ଓ ନିମଗଛ ମଧ୍ୟରେ ସନ୍ତାନସନ୍ତତି କାମନା କରି ବିବାହ ଅନୁଷ୍ଠାନ କରିବା ଏକ ବହୁ ପ୍ରଚଳିତ ପରମ୍ପରା। ଯଦିଓ ଏ ଦୁଇଟିର ଉଦ୍ଦେଶ୍ୟ ଥିଲା ବିଶ୍ୱକଲ୍ୟାଣ। ଆମ ସାମାଜିକ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପରମ୍ପରାରେ ବରଗଛ ସହ ସଂପର୍କ ଅତ୍ୟନ୍ତ ନିବିଡ଼। ବରଗଛ ଆମପାଇଁ କଳ୍ପବୃକ୍ଷ, ବରଗଛ ଚିରନ୍ତନୀର ପ୍ରତୀକ, ବରଗଛ ମୁକ୍ତିର ମାର୍ଗଦର୍ଶକ ପୁଣି ବରଗଛ ସନ୍ନ୍ୟାସର ପ୍ରତୀକ। ସୃଷ୍ଟିର ପ୍ରଳୟକାଳରେ ସମୁଦ୍ରରେ ଉତ୍ତାଳ ତରଙ୍ଗମାଳା ସମଗ୍ର ଜଗତକୁ ,ଗ୍ରାସକଲା ମାତ୍ର ଏଥିରୁ ବଞ୍ଚିଥିଲା ଏକ ବରଗଛ। ଉତ୍ତାଳ ତରଙ୍ଗ ରାଶି ଉପରେ ଭାସମାନ ତଥା ଅମରତ୍ୱର ବରପ୍ରାପ୍ତି ଲାଭକରିଥିବା ଏକମାତ୍ର ଭୂଜୀବିତ ଋଷି ମାର୍କଣ୍ଡେୟ ଏକ ଅଦ୍ଭୁତ ପୂର୍ବ ଦୃଶ୍ୟ ଦେଖି ସିହରିତ ହୋଇଥିଲେ। ତାହାଥିଲା ଏକ ବଟପତ୍ର ଉପରେ ନିଜ ଦକ୍ଷିଣପାଦର ବୃଦ୍ଧାଙ୍ଗୁଠି ମୁହଁରେ ରଖି ଭାସୁଥିବା ଏକ ଶିଶୁ। ଭଗବାନ୍ ବିଷ୍ଣୁଙ୍କ ଏ ରୂପ ବଟପ୍ରତ୍ୟାଶୀ, ବଟକୃଷ୍ଣ ଭାବରେ ଘରେ ଘରେ ଅତି ପରିଚିତ।

ଆଜି ମଧ୍ୟ କୁରୁକ୍ଷେତ୍ରର ଅନ୍ୟତମ ଆକର୍ଷଣ ଏକ ବରଗଛ ଯାହାର ଛାୟାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଶୁଣାଇଥିଲେ ଗୀତାର ଅମରବାଣୀ ଏବଂ ଗୀତାର ପଞ୍ଚଦଶ ଅଧ୍ୟାୟରେ ଦେଇଥିଲେ ବରଗଛର ଉପମା। ଯାହାର ମୂଳ ଉପରେ, ଶାଖା ନିମ୍ନରେ। ଆତ୍ମା ପରମାତ୍ମାଙ୍କର ଏ ଖେଳ ଶୂନ୍ୟ ଭଜନ



ଭାବରେ ଓଡ଼ିଆଙ୍କ ଘରେ ଘରେ ପରିଚିତ "ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା"।

ମହାଭାରତର ଅନ୍ୟଏକ ଆଖ୍ୟାୟିକା ହେଉଛି ସତୀ ସାବିତ୍ରୀଙ୍କ କଥା। ଏକ ବଟବୃକ୍ଷ ତଳେ ହିଁ ସତୀ ନିଜ ସାଧନା ବଳରେ ସ୍ୱାମୀ ସତ୍ୟବାନଙ୍କ ଜୀବନ ଯମଙ୍କଠାରୁ ଫେରାଇଆଣିଥିଲେ। ହିନ୍ଦୁ ବିବାହିତା ନାରୀ ଏପର୍ବକୁ ଅତି ନିଷ୍ଠାର ସହ ପାଳନ କରନ୍ତି। ଜଗନ୍ନାଥ ଆମର ଆରାଧ୍ୟ ଦେବତା। ଜଗନ୍ନାଥ ମନ୍ଦିରକୁ ଯାଇ କଳ୍ପବୃକ୍ଷରେ ମାନସିକ ଚଢ଼ାଇ ସୂତା ବାନ୍ଧିବା ଏକ ବହୁ ପ୍ରାଚୀନ ପରମ୍ପରା। ଶଙ୍ଖକ୍ଷେତ୍ରରେ ଗର୍ଭସ୍ଥଳରେ ଦଣ୍ଡାୟମାନ କଳ୍ପବୃକ୍ଷର ଅନ୍ୟତମ ନାମ ବାଞ୍ଛାବଟ ବା ଅକ୍ଷୟବଟ। ଏହିଠାରେ ବଟଗଣେଶଙ୍କ ନିକଟରେ ଅତିବଡ଼ୀ ଶୁଣାଇଥିଲେ ଓଡ଼ିଆ ଭାଗବତ। ଏଇଠି ମିଳନ ହୋଇଥିଲା ଦୁଇଧର୍ମର ମହାପୁରୁଷ ଜଗନ୍ନାଥ ଦାସ ଓ ଶ୍ରୀଚୈତନ୍ୟଙ୍କର।

ହିନ୍ଦୁ ବିଶ୍ୱାସରେ ବରଗଛ ତ୍ରିମୂର୍ତ୍ତିର ପ୍ରତୀକ। ଏହାର ବଲ୍କଳରେ ବିଷ୍ଣୁ, ଶାଖାରେ ବ୍ରହ୍ମା ଓ ପତ୍ରରେ ଶିବ ବିରାଜମାନ। ଏଣୁ ବରଗଛର ଛେଦନ ନିଷିଦ୍ଧ। ଅବଶ୍ୟ ଏ ନିଷେଧାଦେଶ ପଛରେ ଉଦ୍ଦେଶ୍ୟ ଥାଇପାରେ ଏକ କ୍ଷୁଦ୍ର ଜୈବମଣ୍ଡଳର ସୁରକ୍ଷା କିନ୍ତୁ ଅନେକ ଯୁକ୍ତିଯୁକ୍ତ ବୈଜ୍ଞାନିକ କାରଣକୁ ଜନମାନସରେ ସହଜ ସରଳ ଭାବରେ ସ୍ଥାନିତ କରିବାପାଇଁ ଧାର୍ମିକ ପରମ୍ପରାର ଆଶ୍ରୟ ନେବା ଏକ ବହୁ ପ୍ରଚଳିତ ପ୍ରଥା। ଏହାର ପରିବ୍ୟାପ୍ତ ଓହଳରେ ଚିରହରିତ୍ ପତ୍ରରାଜି ଏହାକୁ ଚିରନ୍ତନୀର ଆଖ୍ୟା ଦେଇଛି। ବରଗଛ ଅମରତ୍ୱର ପ୍ରତୀକ। ବରଗଛର ତଳେ ଘାସ ମଧ୍ୟ କଅଁଳେ ନାହିଁ। ଏଣୁ ବରଗଛ ସଂସାରତ୍ୟାଗୀ ସନ୍ନ୍ୟାସୀର ପ୍ରତୀକ। ଯୋଗୀ ଶିରୋମଣି ଶଙ୍କର ଏଠାରେ ଦକ୍ଷିଣ ଦିଗକୁ ମୁହଁକରି ବିଦ୍ୟମାନ। ଦକ୍ଷିଣ ଦିଗ ମୃତ୍ୟୁ ପୁଣି ନବ ସର୍ଜନାର ଦିଶା ନିର୍ଦ୍ଦେଶ କରେ। ଗ୍ରାମ ବାହାରେ ଶିବ ବରଗଛ ତଳେ ଧ୍ୟାନରତ। ସନ୍ନ୍ୟାସୀମାନଙ୍କର ତେଣୁ ଏଇଠି ଧୂନୀ ସ୍ଥାପନା କରନ୍ତି। ଏଇଠି ଗଢ଼ିଉଠିଛି ବହୁ ମଠ, ଆଶ୍ରମ, ଗାଦି। କୈଳାସଠାରୁ କୁମାରିକା ପର୍ଯ୍ୟନ୍ତ ଏହା ଚରାଚର ଦୃଶ୍ୟମାନ। ଓଡ଼ିଶାରେ ମଧ୍ୟ ବହୁ ସାଧୁସନ୍ଥଙ୍କର ସାଧନାର କେନ୍ଦ୍ରସ୍ଥଳୀ ବଟବୃକ୍ଷ। ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ସାଧନାପୀଠ ନେମାଳ ବଟ, ମହାପୁରୁଷ ହାଡ଼ିଦାସଙ୍କ ସାଧନାସ୍ଥଳ ଛତିଆବଟ, ବୁଦ୍ଧିଆ ବାବାଙ୍କ ଗାରେଇ ଆଶ୍ରମର ଶ୍ୱେତବଟ, କନ୍ଦରପୁରର ରତ୍ନବଟ, କୁଜଙ୍ଗର ଉଦୟବଟ, କେନ୍ଦ୍ରାପଡ଼ାର ବାଞ୍ଛୀବଟ, ଅନୁଗୁଳର ଅକ୍ଷୟବଟ ଓଡ଼ିଶାର ବହୁ ପବିତ୍ରପୀଠମାନଙ୍କ ମଧ୍ୟରୁ କେତୋଟି ମାତ୍ର। ଶୁଣାଯାଏ ଲୋକକଥାରେ ଉଦୟବଟ ନିକଟରେ ହିଁ ଥିଲା ଋଷି ମାର୍କଣ୍ଡେୟଙ୍କ ଆଶ୍ରମ। ଏଠାରେ ସନ୍ଧ୍ୟାକାଳରେ ପ୍ରସାଦ ଲାଗୁଥିବା କ୍ଷୀରିର ସ୍ୱାଦ ଅନୁପମ। ସାଧୁ ସନ୍ନ୍ୟାସୀଙ୍କର ଆକର୍ଷଣୀୟ ପ୍ରସାଦ।

କେବଳ ହିନ୍ଦୁ ପରମ୍ପରାରେ ନୁହେଁ, ବୌଦ୍ଧ, ଜୈନ, ଧାର୍ମିକ ପରମ୍ପରାରେ ମଧ୍ୟ ବରଗଛ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଗୌତମ ବୁଦ୍ଧ ଏକ ବରଗଛ ମୂଳରେ ସିଦ୍ଧିଲାଭ କରିଥିଲେ। ଜୈନଧର୍ମର ପ୍ରଥମ ତୀର୍ଥଙ୍କର ଋଷଭନାଥ ମଧ୍ୟ ଏହିଠାରେ ସିଦ୍ଧିପ୍ରାପ୍ତ ହୋଇଥିଲେ। ଆମର ସାମାଜିକ ଜୀବନରେ ମଧ୍ୟ ବରଗଛର ମହନୀୟ ଭୂମିକା ରହିଛି। ଅତୀତରେ ବରଗଛର ବିସ୍ତୀର୍ଣ୍ଣ ଛାୟାଘନ ଭୂମିରେ ଗଢ଼ିଉଠୁଥିଲା ବିପଣି। ଏହିଠାରେ ବସୁଥିଲା ସାପ୍ତାହିକ ହାଟ, ପଶୁବଜାର, ମେଳା ମହୋତ୍ସବର ଉତ୍ସବମୁଖର ଆୟୋଜନ। ଇଂରେଜ ବ୍ୟବସାୟୀମାନେ ଭାରତରେ ବ୍ୟବସାୟ କରିବାର ଆଦ୍ୟକାଳରେ ଗୁଜୁରାଟରେ ଦେଖିଥିଲେ ବରଗଛ ଥିଲା ବ୍ୟବସାୟୀ ବା ସ୍ଥାନୀୟ ଭାଷାରେ ବଣିଆଙ୍କର କାରବାରର ପେଣ୍ଠ। ସେହି ଅନୁସାରେ ଏଗଛର ନାମକରଣ କରିଥିଲେ "Bannian Tree"। ଅତୀତରେ ପଦଯାତ୍ରୀ ବା ବଳଦବାହୀ ଶକଟ ଥିଲା ଗମନାଗମନ, ସରଳ ପରିବହନର ମାଧ୍ୟମ। ବ୍ୟବସାୟ ପାଇଁ ହେଉ, ତୀର୍ଥଯାତ୍ରା ପାଇଁ ହେଉ ଯାତ୍ରାପଥରେ ଥକା ମେଣ୍ଟାଇବା ପାଇଁ ବରଗଛ ଥିଲା ନିରାପଦ ଆଶ୍ରୟ। ଏହାରି ତଳେ ଘଡ଼ିଏ ବିଶ୍ରାମ ପୁଣି ଯୋଗାଉଥିଲା ଶକ୍ତି, ଭବିଷ୍ୟତର ପ୍ରଲମ୍ବିତ ଯାତ୍ରାପାଇଁ, ନଦୀଘାଟରେ ନାଉରୀପାଇଁ ଅପେକ୍ଷାରତ ପଂଝାରୀକୁ। ସହରକୁ ଦୂର ମଫସଲକୁ କି ଗ୍ରାମରୁ ଦୂରଗ୍ରାମ, ନବ ବିବାହିତା ବଧୂକୁ ନେଇ ଯାତ୍ରାକରିଥିବା ଲୋକଙ୍କ ପାଇଁ ସାହାର ହୋଇଥିଲା ବରଗଛ। ଥକ୍କା ମେଣ୍ଟାଇବାର ନିଶ୍ଚିତ ଆଶ୍ରୟସ୍ଥଳି। ଏହିଠାରେ ହେଉଥିଲା ଗାଁର ଯନ୍ତାଳ, ନ୍ୟାୟନିଶାପ, ସଭାସମିତି । ରଜଦୋଳ ଖେଳ ପାଇଁ ଏହାଥିଲା ସବୁଠାରୁ ଆକର୍ଷଣୀୟ ପ୍ରାଙ୍ଗଣ। କୋର୍ଟ, କଚେରୀ, ଅଦାଲତ, ସରକାରୀ ଦପ୍ତର ବାହାରେ ବରଗଛ ହିଁ ଥିଲା ଆଶ୍ରୟସ୍ଥଳୀ। ଏଇଠି ବାଦୀ, ପ୍ରତିବାଦୀ, ଓକିଲ, ମହକିଲଙ୍କର ହେଉଥିଲା ଭେଟଭାଟ, ଏଇଠି ହେଉଥିଲା ସିରସ୍ତା। ବାୟା ଓ ମୁସ୍ତରିଙ୍କ ମଧ୍ୟରେ ଏଇଠି ହେଉଥିଲା ଚୂଡ଼ାନ୍ତ ମୂଳଚଲ। ନାଁ ଲୋଡ଼ାଥିଲା ବିଶ୍ରାମ କକ୍ଷ ନା ବିଜୁଳି ପଙ୍ଖା। ସେଥିପାଇଁ ଗାଁରେ କଳି ଲାଗିଲେ ପ୍ରତିବାଦୀ କହୁଥିଲା ମୁଁ ତତେ ବରଗଛ ଦେଖାଇଦେବି। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଭାଇଭାଗ ଗଳ୍ପର ଶେଷ ପର୍ଯ୍ୟାୟ। ଅଦାଲତରେ ନାଲିଶ, ମହାଜନର ପାଉଣା ପାଇଁ ଘର କୋରକି ପୁଣି ଦୁଇଭାଇଙ୍କର ମିଳନର ଦୃଶ୍ୟ ଗାଁ ବାହାରେ ଥିବା ବରଗଛ ମୂଳେ ଏକ ଅବିସ୍ମରଣୀୟ ବର୍ଣ୍ଣନା। ସ୍ୱାଧୀନତା ସଂଗ୍ରାମରେ ଅନେକ ସଂଗ୍ରାମୀ ଏହି ବରଗଛରେ ଫାଶୀ ପାଇଥିଲେ କଟକର ଫାଶୀଦିଆ ବର ଏକଥା ବାରମ୍ବାର ସ୍ମରଣ କରାଇଦିଏ। ବରଗଛ ମୂଳରୁ ଆରମ୍ଭ ହୋଇଥିବା ବ୍ୟବସାୟ ପେଣ୍ଠ ଗୁଜୁରାଟ ଭଦୋଦଡ଼ା ଆଜି ଗୁଜୁରାଟରଏକବଡ଼ ବ୍ୟବସାୟ କେନ୍ଦ୍ର। ସହରର ମଧ୍ୟସ୍ଥଳରେ ଆଜିମଧ୍ୟ ବଞ୍ଚିଛି ୩୫୦ ବର୍ଷ ବୟସର ବରଗଛ। ନଦୀମାତୃକା ଓଡ଼ିଶାର ଉପକୂଳ ଅଞ୍ଚଳରେ ନଦୀକଡ଼ର ବହୁବରଗଛ ଗ୍ରାମମାନଙ୍କୁ ରକ୍ଷା କରୁଥିଲା । ବନ୍ୟାଦାଉରୁ ବାତ୍ୟାର ପ୍ରକୋପରୁ ଉଦ୍ଧାରପାଇଁ ବହୁସ୍ଥଳରେ ବରଗଛର ଶାଖା ହିଁ ଥିଲା ଭରସା। ବରଗଛର ଜଳଧାରଣ କ୍ଷମତା ଅସୀମ, ତେଣୁ ଏହା ନିକଟରେ ଭୂମିତଳର ଜଳସ୍ତର ବେଶ୍ ଉଚ୍ଚରେ ଥାଏ। ଏହାର ବର୍ଷଯାକ ଉପଲବ୍ଧ ଫଳ, କ୍ଷୁଦ୍ର ବୀଜ ଖାଦ୍ୟ ଯୋଗାଇଥାଏ। ବହୁ ପ୍ରଜାତିର ପକ୍ଷୀ, ବାଦୁଡ଼ି, ଗୁଣ୍ଡୁଚି ତଥା ଅନ୍ୟଜୀବମାନଙ୍କୁ। ଏହା ସୃଷ୍ଟିକରେ ଏକ କ୍ଷୁଦ୍ର ଜୈବମଣ୍ଡଳ। ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତିରେ ବରଗଛର ଚେର, ଶାଖା, ପତ୍ର, କଢ଼, ଫଳ, ବଲ୍କଳ, କ୍ଷୀର ବହୁ ଜଟିଳ ରୋଗ ଉପଶମ ପାଇଁ ବ୍ୟବ ହୃତ ହୁଏ। ସେଥିପାଇଁ ଏହାକୁ ବର ବା ଶ୍ରେଷ୍ଠଗଛ ବୋଲି ବିଚର କରାଯାଏ।

ପିଲାଦିନରେ ବହୁ ଆଈମା କାହାଣୀର ମୂଳ ଉତ୍ସ ଥିଲା ବରଗଛର

କୋଟର। ବରଗଛ ଅନ୍ୟଗଛକୁ ଆଶ୍ରାକରି ବଢ଼େ। କାଳକ୍ରମେ ଏହାର ପ୍ରଲମ୍ବିତ ଶାଖା, ମୂଳଗଛକୁ ଚାପି ମୃତ୍ୟୁମୁଖକୁ ଠେଲିଦିଏ ଓ ସେଇଠି ସୃଷ୍ଟିହୁଏ ବିରାଟ କୋଟର। ଏହାର ଭିତରୁ ବାହାରି ଆସନ୍ତି ଆଇମା କାହାଣୀର ବୁଢ଼ୀ ଅସୁରୁଣୀ। କୋଟର ଭିତରେ ମହାମହଲରୁ ବନ୍ଦିନୀ ରାଜକୁମାରୀଙ୍କୁ ଉଦ୍ଧାର କରି ପକ୍ଷୀରାଜ ଘୋଡ଼ାରେ ନେଇଯାଏ ରାଜକୁମାର। ରାତ୍ରିଚର ପ୍ରାଣୀ ବରଗଛରେ ସୃଷ୍ଟିକରନ୍ତି ଭୂତ ପିଶାଚର ଭ୍ରମ। କେବଳ ଆମ ଲୋକକଥା ନୁହେଁ ଜାତକ କାହାଣୀରେ ମଧ୍ୟ ବରଗଛର ବର୍ଣ୍ଣନା ମିଳେ। Ruskin Bond ଙ୍କର Under the Bannian Tree ଏକ ଜନପ୍ରିୟ ଗଳ୍ପ। କଲିକତା ଜଗଦୀଶ ଚନ୍ଦ୍ର ବୋଷ ପାର୍କର ୫୦୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବରଗଛ, ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଲକ୍ଷ୍ମୀ ନୃସିଂହ ମନ୍ଦିରର ୫ ଏକର ପରିବ୍ୟାପ୍ତ ବରଗଛ। ଗୁଜୁରାଟର ବରୁଚ ସହର ନିକଟରେ ସନ୍ଥ କବୀରଙ୍କ ନାମଧାରୀ କବିରାବାଦ ବରଗଛ, ତେଲେଙ୍ଗାନାର ମେହବୁବ ନଗରର ୫୦୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବରଗଛ, ବାଙ୍ଗାଲୋର ରାମାହାଲିର ବରଗଛ ପ୍ରସିଦ୍ଧ ପୁରାତନ ବଟବୃକ୍ଷମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ। ଚେନ୍ନାଇ ସହରସ୍ଥ ଆଦିଆର ନିକଟସ୍ଥ ବରଗଛ ମୂଳରେ ଜନ୍ମଲାଭ କରିଥିଲା ଥିଓସୋଫିକାଲ ସୋସାଇଟି। ମନଷୀ ଆନିବେସାନ୍ତ, ଜାମିନୀ କୃଷ୍ଣମୂର୍ତ୍ତି, ସାରିଆ ମଣ୍ଟେସୋରୀ ଥିଲେ ଏହାର ପ୍ରବକ୍ତା। କେନ୍ଦ୍ରାପଡ଼ା ସହରସ୍ଥ ୫୦୦ ବର୍ଷରୁ ଅଧିକ ବୟସର ବାଞ୍ଛାବାଟ ଏବେ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ। କେବଳ ଭାରତ ନୁହେଁ, ଭିଏତନାମ, ଫିଲିପାଇନ୍ସ, ହାୱାଇ ଦ୍ୱୀପପୁଞ୍ଜ, ଇଣ୍ଡୋନେସିଆ ଇତ୍ୟାଦି ଦେଶରେ ମଧ୍ୟ ଏହାର ମହନୀୟତା ସ୍ୱୀକୃତ।

ମଣିଷ ଜୀବନ ସହ ବରଗଛର ଏ ସଂପର୍କର ସମ୍ମାନ ପାଇଁ ଏହାକୁ ଭାରତର ଜାତୀୟ ବୃକ୍ଷ ଭାବରେ ସ୍ୱୀକୃତି ଦିଆଯାଇଛି। ମାତ୍ର ଆଜିର ମଣିଷ ବିଚାରରେ ତଥାକଥିତ ବିକାଶ ପରମ୍ପରାର ପରିପନ୍ଥୀ। ସଭ୍ୟତାର ଅଗ୍ରଗତି ପାଇଁ, ଗମନାଗମନ ଭିତ୍ତିଭୂମିର ବିକାଶ ପାଇଁ, ଗ୍ରାମାଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଯୁବଗୋଷ୍ଠୀର ଦାବି ଅନୁଯାୟୀ କ୍ରିକେଟ ପଡ଼ିଆପାଇଁ ଅକାତରେ ବଳିପଡ଼ିସାରିଲେଣି ବହୁ ବରଗଛ। ଲୋପପାଇଛି ବହୁ କ୍ଷୁଦ୍ର ଜୈବମଣ୍ଡଳ। ସେଦିନର ବରଗଛ ଦଳର ଛାୟାସ୍ନିଗ୍ଧ ଗାମ୍ଭୀର୍ଯ୍ୟ ପୂର୍ଣ୍ଣ ବାତାବରଣ ଆଜି ସ୍ୱପ୍ନ। ସହରୀ ଚକଚକ୍ୟ ଗ୍ରାସ କରିଛି ଅତୀତର ପ୍ରଶାନ୍ତିକୁ। ଏ ପରମ୍ପରାକୁ, ପରିବେଶକୁ ପୁନରାୟ ଜୀବିତ କରିବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ସ୍ୱୀକୃତ ହେବାର ସମୟ ଆସିଛି। ନାଗରିକର ବିଭିନ୍ନ ଅଧିକାରଦାବୀ ଆନ୍ଦୋଳନ ମଧ୍ୟରେ କର୍ତ୍ତବ୍ୟବୋଧର ସ୍ୱର ଆଜି କ୍ଷୀଣ। ଏହାକୁ ପୁର୍ନଜୀବିତ କରିବାକୁ ପଡ଼ିବ। ସ୍ୱର୍ଗତା ସୁଗାଥା କୁମାରୀଙ୍କ ଭଳି ଆମେ ମଧ୍ୟ ଆଜି ବରଗଛଟିଏ ରୋପଣ କରିବାପାଇଁ ଶପଥ ନେବାର ସମୟ ଆସିଛି। ସମାଜରେ ଏବେ ମଧ୍ୟ ଦାୟିତ୍ୱ ସଂପନ୍ନ ନାଗରିକ ଅଛନ୍ତି। ଆମେ ସେମାନଙ୍କ ସହ ହାତ ମିଳାଇବା। ଚାଲନ୍ତୁ ବରଗଛଟିଏ ରୋପଣ କରିବା।

ଶୈଳଶ୍ରୀ ବିହାର,ଭୁବନେଶ୍ୱର
ଦୂରଭାଷ-୯୭୭୭୨୨୧୬୫୮

# "ବାର ବାର ନେବି ନାରୀଜନ୍ମ"

ଡକ୍ଟର ସ୍ନିଗ୍ଧା ସ୍ୱାଇଁ



ନାରୀଟିଏ କରି ଜନ୍ମଦେଲ ବୋଲି
ଦୁଃଖ ନାହିଁ ମୋର ଲବେ ପ୍ରଭୁ
ସଂସାର ଯାତନା ସହିବା ପାଇଁକି
ଧୈର୍ଯ୍ୟଶୀଳା କର ଆହେ ବିଭୁ ।

ଝିଅଟିଏ ହୋଇ ବାପାମାଆଙ୍କର
ରଖିବି ମୁଁ ପିତୃକୂଳର ଟେକ
ଭଗିନୀଟେ ହୋଇ ଭାଇଭଉଣୀଙ୍କ
ହାତଧରି ମୁଁ ଚାଲିବି ବାଟ ।

ବୋହୂଟିଏ ହୋଇ ବହନ କରିବି
ଶାଶୂଘର କରି ଆପଣାର
ମଥାପୋତି ପ୍ରଭୁ ସହିଯିବି ସବୁ
ବାଟ ଚାଲୁଥିବି ନିରନ୍ତର ।

ତୁମରି ଆଶିଷ ମଥାରେ ନେଇ ମୁଁ
ଦମ୍ଭ, ଧୈର୍ଯ୍ୟ କରି ଆପଣାର
ଜାୟା, ବଧୂ ଆଉ ଜନନୀ ଭାଉଜ
କୁମାରୀରୁ ହେବି ରୂପାନ୍ତର ।

ସମାଜକୁ ଦେବି ସ୍ୱାର୍ଥହୀନ ସେବା
ସ୍ନେହ ବାଣ୍ଟୁଥିବି ନିରନ୍ତର
ବିଶ୍ୱମାତୃତ୍ୱର ପରିଚୟ ଦେବି
ହଜିଯିବ ପ୍ରାଣୁ ହାହାକାର ।

କିଏ ମୋତେ ପୁଣି ନିନ୍ଦାକରୁ ଅବା
କିଏ ପୁଣି କରୁ କେବେ ସ୍ତୁତି
ସମସ୍ତଙ୍କ ପାଇଁ ମଙ୍ଗଳ ଚିନ୍ତାରେ
ସଦା ରହିଥାଉ ମୋର ମତି ।

ସଂସାରକୁ ଦେବି ଆଜି ମୁଁ ଆହ୍ୱାନ
ଉଠ ଆର୍ଯ୍ୟ ସନ୍ତାନଗଣ
ଅନ୍ୟାୟ ଅସତ୍ୟ ବିରୁଦ୍ଧରେ ଲଢ଼ି
ହୁଅ ତୁମେମାନେ ଗରୀୟାନ ।

ସମାଜରେ ଯେତେ ନାରୀମାନେ ଅଛ
ହୁଅନାହିଁ ଉଶୃଙ୍ଖଳ
ପୁରୁଷ ସାଙ୍ଗରେ ସମାନ ହେବାକୁ
କରନାହିଁ ଆଉ ହଟ୍ଟଗୋଳ ।

ପୁରୁଷ ତାହାର ସମ୍ମାନରେ ଉଚ୍ଚ
ନାରୀ ଉଚ୍ଚ ତା'ସମ୍ମାନରେ
ମାଆପଣିଆରୁ ସୃଷ୍ଟି ସିନା ଧରା
ତା'ଠାରୁ ଅମୃତ ଝରେ ।

ବାର ବାର କରି ନାରୀ ଜନ୍ମଦିଅ
ଏତିକି ମାଗୁଣି ପ୍ରଭୁ ମୋର
ସ୍ନେହ, ପ୍ରେମ, ପ୍ରୀତି ଆଧାର
ହୋଇ ମୁଁ ପୂଜୁଥିବି ତୁମ ଶ୍ରୀପୟର ।

# ଠିକଣା




ବୈଜୟନ୍ତୀ ପଟ୍ଟନାୟକ

କେବେଠୁ ଖୋଜୁଚି
ତମକୁ ମୁଁ - ବଣରେ
ପାହାଡ଼ରେ, ଜନପଦରେ
ନିକାଞ୍ଚନରେ - କେତେ କାହାକୁ
ପଚାରି ବୁଝୁଚି ତମ ଠିକଣା -
କୋଉ ଠିକଣାରେ ବି ମିଳୁନ ତମେ
ତମକୁ ଜାଣିଛନ୍ତି ବୋଲି
କହୁଥିବା ଲୋକମାନେ
ତମକୁ କ'ଣ ଜାଣିଛନ୍ତି ?
ଗୋଟେ ଅମୁହାଁ ଦେଉଳ
ଚାରିପଟେ କୀର୍ତ୍ତନ କରି
ନାଚୁଥିଲେ ସେମାନେ - କହୁଥିଲେ
ସେଇ ଦେଉଳ ଭିତରେ

ତମେ ଅଛ ବୋଲି -
ତମେ ନିଜେ ତ ପାଣି ପବନ
ତମକୁ ପାଣି ପବନ କି ଲୋଡ଼ା
ବୋଲି ଭାବିଲି - ପାଦ ରହିଲାନି କିନ୍ତୁ ।
କେତେ କେତେ ଦେବସ୍ଥାନ ବୁଲିଲି
ଅସ୍ତିତ୍ୱବାଦୀଙ୍କ ଧାଡ଼ିରେ ଠିଆହେଲି
ନାସ୍ତିକଙ୍କ କଥା ଶୁଣିଲି
କିନ୍ତୁ ତମ ଠିକଣାତ
କେବଳ ତମକୁ ଜଣାଥିବ !
ଠିକଣା ଖୋଜାରେ ମୋର
ଅଧା ଆୟୁଷ କି ପୂରା ଆୟୁଷ
ସରିଲାଣି ସେକଥା
ତମେ ଜାଣିଥିଲେ ଜାଣିଥିବ !

ଲୋକେ ବଡ଼ ମନ୍ଦିର ବୋଲି
କହୁଥିବା ସେଇ ଗମ୍ଭୀରାଟା
ଯଦି ତମର ଠିକଣା ହେଇଥାଏ
ତମେ ତ ଆଦୌ ଈଶ୍ୱର ନୁହଁ!
କାନ୍ଥରେ ଟଙ୍ଗା ହେଇଥିବା
ଦର୍ପଣକୁ ଚାହିଁଲି - ତା'ଭିତରେ
ହସ ହସ ମୁହଁଟା ତମେ ତମେ ଲାଗିଲ
ନିଜକୁ ଆଶ୍ୱସ୍ତ କରିନେଲି -
ଆଉ ଠିକଣା ଖୋଜିବା ଲୋଡ଼ାନାହିଁ
ଏଇଟା ହିଁ ଈଶ୍ୱରଙ୍କ ଠିକଣା -
ଶକ୍ତ ହେଇଆସୁଥିଲା ମୁହଁର ମାଂସପେଶୀ
ଝଲସି ଉଠିଲା ଦର୍ପଣରେ
ଏଇଟା ବି ସୈତାନର ଠିକଣା !

# ବେଙ୍ଗ ବାହାଘର



ତ୍ରିଲୋଚନ ମହାପାତ୍ର

ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା,
ସାରୁ ବୁଦା ମୂଳେ ବେଙ୍ଗୁଲି ନାନୀକି
ବାହାହୁଏ ବେଂଗ ରଜା ।
କୁଂଭାଟୁଆ ସୁରେ ମହୁରୀ ବଜାଏ
ହଂସ ଫୁଙ୍କେ ଶଂଖ ଧରି,
ଭାଲୁ ନାଚ କରେ ତାଥେଇ ତାଥେଇ
ପାତି ସଂଗେ ଲୟ କରି ।
ଠେକୁଆ ନେଉଳ ପାଲିଂକି ବୋହିଲେ
'ହୁମରା ଭାଇରେ ହୁଁ',
ଭାର ଭାର ମାଛ ପରିବା ଚାଉଳ
ଆସିଗଲା ଚାହୁଁ ଚାହୁଁ ।

ବିଲୁଆ ନନାଟି କୁଶପାତ୍ରି ଧରି
ଶୋଳକ ପଢ଼ଇ ଆଣ୍ଟେ,
ବାଚିକ ସାଜିଣ ମୂଷା ମଉସାଟି
ପାନ ଖିଲ କରି ବାଣ୍ଟେ ।
ବିଲେଇ କାଟଇ ଇଳିଶି ବାଳିଆ
ଓଧ କରେ ଡାଲି ଛୁଙ୍କ,
ବଣଭୁଆ ଡକେ ରୋଷେଇ ଶାଳରେ
ଲାଗିଛି ଗଂଜେଇ ଝୁଂକ ।
ହନୁ, ଗାଡ଼ଭାଲୁ, ଶାଳିଆ ପତନି
ଲଗାଇ ପତର ପାଣି,
ଭାତ, ଡାଲି, କ୍ଷୀରି, ପୁରି ପରଷନ୍ତି
ଯେଝା ମନକଥା ଜାଣି ।

ବାଘ, ସିଂହ, ହାତୀ, ମିରିଗ, ସମ୍ବର,
କୋଇଲି, କଜଳପାତି,
ଶୁଆ, ଶାରୀ, ଚିଲ, ଖାଇପିଇ ଖୁସି
ଯେତେ ଥିଲେ ବରଯାତ୍ରୀ ।
ସାଇପଡ଼ିଶାଙ୍କ କାନ୍ଧ ବୋବାଳିରେ
ବରକନ୍ୟା ହେଲେ ବିଦା,
ଯାନି ଯଉତୁକ ନଥିଲା ସେକାଳେ
ଗଲେ ଯେଝା ବଣବୁଦା ।
ମେଘ ବରଷିଲା ଟପର ଟପର
କାଂକଡ଼ ଧଇଲା କଷି,
ବେଂଗରଜା ରାଣୀ ଗୀତ ଗାଉଛନ୍ତି
ସାରୁ ବୁଦାମୂଳେ ବସି ।

ଜଟଣୀ

# ସିଦ୍ଧାନ୍ତ ଦର୍ପଣରେ ଉତ୍କଳ - ସ୍ତବ



ଡକ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ

ସିଦ୍ଧାନ୍ତ ଦର୍ପଣର ତ୍ରୟୋବିଂଶ ପ୍ରକାଶ (ଅଧ୍ୟାୟ) 'ପୁରୁଷୋତ୍ତମ ସ୍ତବ ବର୍ଣ୍ଣନା' ଭାବେ ନାମିତ। ଏହି ଅଧ୍ୟାୟର ୫୬ ଟି ଶ୍ଳୋକରେ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ମନ୍ଦିର ବେଢ଼ା, ତତ୍ରସ୍ଥ ଦେବଦେବୀ ଓ ଦଶାବତାରଙ୍କ ଉଦ୍ଦେଶ୍ୟରେ ସ୍ତବମାନ ରହିଛି। ଅଧ୍ୟାୟଟିର ଦ୍ୱିତୀୟ ଏବଂ ତୃତୀୟଶ୍ଳୋକ ଉତ୍କଳ / ଓଡ୍ର ଭୂମିପାଇଁ ଉଦ୍ଦିଷ୍ଟ। ସାମନ୍ତ ଚନ୍ଦ୍ରଶେଖରଙ୍କର ସେହି ଭାବ -ଗମ୍ଭୀର ଭକ୍ତି ନୈବେଦ୍ୟର ଭାବାନୁବାଦ ମୂଳ ଶ୍ଳୋକ ସହିତ ଏଠାରେ ଦିଆଯାଉଛି। ଏ ଅନୁସୃଜନ ଗୀତି କବିତାର ରୂପ ପାଇଛି। ଏହାକୁ ସ୍ୱର ସଂଯୋଗକରି ସଂଗୀତ ଭାବେ ଗାନ କରାଯାଇପାରେ। ତାହାହିଁ ସାମନ୍ତଙ୍କ ଅନନ୍ୟ ପ୍ରତିଭାପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ।

## (୧) ଉତ୍କଳ - ସ୍ତବ

ଯତ୍ର କ୍ଷେତ୍ରଂ ପବିତ୍ରଂ ବିଲସତି ସିତରୁଙ୍ନିଂତ୍ରନେତ୍ରସ୍ୟ ଗାତ୍ରଂ।
ଗୋତ୍ରା ଯତ୍ରାତିମାତ୍ରାସ୍ତଦବୟବସୃତା ଦୀପବତ୍ୟୋ ବିଚିତ୍ରାଃ।
ସ୍ୱସ୍ଥାନସ୍ଥା ପଦସ୍ଥାପିତନିଜଜନତା ଦେବତାଃ ସନ୍ତି ନିତ୍ୟା।
ମର୍ତ୍ତ୍ୟାଃ ସ୍ମାର୍ତ୍ତାଃ ସ୍ୱରାର୍ତ୍ତା ହରିଚରଣରତାଶ୍ଚୋତ୍କଳ ସ୍ତାତ୍ କଳିଘ୍ନଃ।।

## ଗୀତି ଭବାନୁବାଦ

ଉତ୍କଳ, ବନ୍ଦେ ଉତ୍କଳ
ଉତ୍କଳ, ବନ୍ଦେ ଉତ୍କଳ ।
ଯହିଁ କ୍ଷେତ୍ର ପବିତ୍ର ଉତ୍ପଳ-ନେତ୍ର,
ବରତନୁ ଧରି ଉଜ୍ଜ୍ୱଳ ।
ସାନୁ ଟେକି ଯହିଁ ଭାନୁପଥ ଗହିଁ
ତୁଙ୍ଗ ଗିରିମାଳ ଉତ୍‌ଥଳ।
ଉତ୍କଳ, ବନ୍ଦେ ଉତ୍କଳ ।।୧।।

ଯା'ର ମନ୍ଦିରେ ନିତି ଜଳେ ଦ୍ୱୀପଜ୍ୟୋତି
ଦେବଦେବୀ ହର୍ଷ ଚଞ୍ଚଳ,
ଢାଳନ୍ତି ଆଶିଷ କରି ବିଘ୍ନ ଶେଷ
ଭକ୍ତଙ୍କ ପଥ ପୁଷ୍କଳ ।
ଉତ୍କଳ, ବନ୍ଦେ ଉତ୍କଳ ।।୨।।

ସ୍ମାର୍ତ୍ତ ଶେଖର ଯେ ଭୂମିର ନର
ନିତ୍ୟ ହରିନାମ ସ୍ମରି ବିହ୍ୱଳ,
ବିଭୁପଦରତ ଯା'ର ସୁତାସୁତ
କଳି-କଳୁଷ କରନ୍ତୁ ନିର୍ମଳ ।
ଉତ୍କଳ, ବନ୍ଦେ ଉତ୍କଳ ।।୩।।

## (୨) ଓଡ୍ର (ଉଡ୍ର) ବର୍ଣ୍ଣନା

ସ୍ତବ୍ୟା ଭବ୍ୟା ଅଭବ୍ୟା ଅପି ବଚନଚୟୈର୍ନବ୍ୟ ନବୈଶ୍ଟ ଦିବୈ -
ର୍ବାସ୍ତବ୍ୟା ଯତ୍ ପୃଥ୍ୱିବ୍ୟାମବନତବଦନୈର୍ବ୍ୟୋମ୍ନି ନିବର୍ଣ୍ଣ୍ୟମାନାଃ।
ବାହୁବ୍ୟୂହାଗ୍ରବିଭ୍ରାଜିତବନଜଗଦାକମ୍ବୁଚକ୍ରାଇବୋଚ୍ଚୈ -
ରୋଡ୍ରଃ ପ୍ରୌଢ଼ପ୍ରଭାବୋ ଜୟତି ପରିବୃଢ଼ଃ ସର୍ବ ଦେଶସ୍ୟ ସୋଽୟଂ।

## ଗୀତାନୁସୃଜନ

ଓଡ୍ର ଭୂମି , ଆମ ଓଡ୍ର ଭୂମି ।
ଓଡ୍ର ଭୂମି , ଆମ ଓଡ୍ର ଭୂମି ।
ବନବିଥି ଯା'ର ଶ୍ୟାମ ଶୋଭାଧାର
ଅଦ୍ରି ନଭଶ୍ଚୁମ୍ୱୀ ।
ଓଡ୍ର ଭୂମି , ଆମ ଓଡ୍ର ଭୂମି । ।।୧।।

ଏଇ ମାଟିର ସନ୍ତାନମାନ
ରୂପେ ବିଷ୍ଣୁଲୋକ ପରିଜନ ।
ଶଙ୍ଖ, ଚକ୍ରପାଣି ଶଶୀବର୍ଣ୍ଣ ଠାଣି,
ଶୌର୍ଯ୍ୟେ ଆଗ୍ରଗାମୀ ।
ଓଡ୍ର ଭୂମି , ଆମ ଓଡ୍ର ଭୂମି । ।।୨।।

ଏ ଲୋକ - କର୍ମ - କୌଶଳ ଦେଖି
ଦେବେ ଅମରଧାମ ଉପେକ୍ଷି ।
ଶିରକରି ନତି ଢାଳନ୍ତି ପ୍ରଶସ୍ତି,
ଦିବ୍ୟ ବଚନେ ରମି ।
ଓଡ୍ର ଭୂମି , ଆମ ଓଡ୍ର ଭୂମି ।।।୩।।


ଯା'ର ଇତିହାସ ସୁପ୍ରାଚୀନ,
ଯିଏ ଦେଶେ କାଳେ ମହୀୟାନ ।
ପୁରାଣ ପ୍ରସିଦ୍ଧ ପ୍ରାଜ୍ଞ - ପ୍ରବୁଦ୍ଧ
ସଦା ଜୈତ୍ର - ପଥ - ଅନୁଗାମୀ ।
ଓଡ୍ର ଭୂମି , ଆମ ଓଡ୍ର ଭୂମି । ।।୪।।

ଦୂରଭାଷ-୯୪୩୭୪୯୩୨୫୩

# ମେକେଲସ ଡାଇଭରଟିକୁଲମ



ଡା.ଧନେଶ୍ୱର ସାହୁ
ଏମ.ବି.ବି.ଏସ.ଏମ.ଏସ




ଏହା ମଣିଷର ସାନ ଖାଦ୍ୟନଳୀର ଶେଷ ଭାଗରେ ଥିବା ଏକ ସାଧାରଣ ପାଉଚ୍ କିମ୍ବା ସାକ। ଏହା ଜନ୍ମଗତ। ଛୁଆ ମାଆ ପେଟରେ ଥିବା ସମୟରେ ୬ ରୁ ୭ ସପ୍ତାହ ଗର୍ଭ ସମୟରେ ଏହା ଦେଖାଯାଏ। ଏହା ଆଣ୍ଟିମିଜେଣ୍ଟେରିକ ବଡ଼ରରେ ଥାଏ। ଏହାର ୱାଲରେ ସାନ ଖାଦ୍ୟନଳୀର ସବୁସ୍ତର ରହିଥାଏ। ତା'ଛଡ଼ା ଏକ୍ଟୋପିକ ଟିସୁ ଯଥା ଗାଷ୍ଟ୍ରିକ୍, ପାନକ୍ରିୟାଟିକ୍ ଟିସୁଥାଏ। ବେଳେବେଳେ ଡାହାଣପଟ ଇଂଗ୍ୱିନାଲ ହାରନିଆରେ ମେକେଲସ ଡାଇଭରଟିକୁଲମ ଦେଖାଯାଏ। ସେତେବେଳେ ସେ ହାରନିଆକୁ ଲିଟରସ ହାରନିଆ (Littre's Hernia) କୁହାଯାଏ।

ଏହାର ନିଜସ୍ୱ ରକ୍ତ ସଞ୍ଚାଳନ ହୁଏ। ଜନ୍ମ ସମୟରେ ଡାହାଣପଟ ଭାଇଟେଲିନ ଆରଟେରି ସୁପରିଅର ମିଜେଣ୍ଟେରିକ ଆରଟେରିରେ ପରିଣତ ହୁଏ। ଡାହାଣ ଅଗ୍ରଭାଗରୁ ଏକ ବ୍ରାଂଚ ମେକେଲସ ଡାଇଭରଟିକୁଲମକୁ ରକ୍ତ ସଂଚଳନ କରେ। ସେଥିପାଇଁ ଏହାର ବାରମ୍ବାର ଇନଫେକସନ ହୁଏ ଓ ସେ ହୋଇଥିବା ଯାଗାରେ ଅବସ୍ଟ୍ରକସନ୍ ହୁଏ। ଜନ୍ମଗତ ବାମପଟ ଭାଇଟେଲିନ ଆରଟେରି ଭବିଷ୍ୟତକୁ ରହେନାହିଁ। ଏହା ଇନଭଲ୍ୟୁଟ ହୁଏ।

## ମେକେଲସ ଡାଇବରଟିକୁଲମର ୨ ରୁଲ କ'ଣ:-

- ଏହା ସାଧାରଣ ଲୋକସଂଖ୍ୟାର ୨% ଲୋକଙ୍କୁ ହୁଏ।
- ଏହା ଇଲିଓସିକାଲ ଭାଲଭଠାରୁ ୨ଫୁଟ ଦୂରରେ ସାନ ଖାଦ୍ୟନଳୀରେ ଥାଏ।
- ଏହାର ଲମ୍ବ ୨ ଇଞ୍ଚ।
- ଏଥିରେ ଦୁଇପ୍ରକାରର ଏକ୍ଟୋପିକ ଟିସୁ ଥାଏ। ସେଗୁଡ଼ିକ ହେଲା - ଗାଷ୍ଟ୍ରିକ ଟିସୁ ଓ ପାନକ୍ରିଆଟିକ ଟିସୁ।
- ଅଧିକାଂଶ ପିଲାଙ୍କୁ ୨ ବର୍ଷ ହେଲାବେଳେ ଏହାର ସଙ୍କେତ ଓ ଲକ୍ଷଣ ଦେଖାଯାଏ ।
- ଏହି ରୋଗରେ ପୁରୁଷ ଓ ନାରୀର ଅନୁପାତ ୨.୧ ।

## ଏହାର କାରଣ :-

ସାଧାରଣ ଭାବରେ ମା ପେଟରେ ଶିଶୁ ଥିବା ସମୟରେ ଏକ ଅଂଫାଲୋମିଜେଣ୍ଟେରିକ ଡକ୍ଟ ବା ଭାଇଟେଲିନ ଡକ୍ଟ (Vitelline duct) ବଢୁଥିବା ଶିଶୁର ମିଡଗଟକୁ ଯୋକ ସ୍ୟାକ ସହ ଯୋଗାଯୋଗ କରି ଖାଦ୍ୟ ଯୋଗାଏ। ଏହାର ବାଟ ସାଧାରଣ ଭାବରେ ୬ ରୁ ୭ ସପ୍ତାହ ପାଇଁ ଗର୍ଭ ସମୟରେ ବନ୍ଦ ହୋଇଯାଏ। ମାତ୍ର କୌଣସି କାରଣରୁ ଯଦି ଏହି ଭାଇଟେଲିନ ଡକ୍ଟ ସଂପୂର୍ଣ୍ଣ ଭାବରେ ବନ୍ଦ ନହୁଏ, ତେବେ ମେକେଲସ ଡାଇଭରଟିକୁଲମ ଦେଖାଯାଏ।

## ସଂକେତ ଓ ଲକ୍ଷଣ :-

ଅଧିକାଂଶଙ୍କର କୌଣସି ଅସୁବିଧା ହୁଏନାହିଁ। ଯେଉଁମାନଙ୍କର ହୁଏ, ସେଗୁଡ଼ିକ ହେଲା -

- ମଳଦ୍ୱାରରୁ କଷ୍ଟହୀନ ଭାବରେ ରକ୍ତପଡ଼େ।
- ପେଟ ବ୍ୟଥା ହୁଏ।
- ନାହି ପାଖରେ ଦରଜ ଲାଗେ।
- ବାନ୍ତି ଲାଗେ, ବାନ୍ତି ହୁଏ।
- ରକ୍ତହୀନତା ଦେଖାଯାଏ ।
- ମେକେଲସ ଡାଇଭରଟିକୁଲାଇଟିସ ହୁଏ।
- ଖାଦ୍ୟନଳୀ ବାଟ ବନ୍ଦ ହୁଏ। ଫଳରେ ପେଟଫୁଲା, ପେଟବ୍ୟଥା, ବାନ୍ତି ଆଦି ହୁଏ। ବିଭିନ୍ନ କାରଣରୁ ଖାଦ୍ୟନଳୀ ବାଟ ବନ୍ଦ ହୁଏ। ସେଗୁଡ଼ିକ ହେଲା - ଭଲଭୁଲସ, ଇଣ୍ଟୁସସେପସନ, ଖାଦ୍ୟନଳୀ ବ୍ୟାଣ୍ଡ ଦ୍ୱାରା ଗୁଡ଼େଇ ହେବା, ଷ୍ଟ୍ରିକ୍‌ଚର।
- ପେଟବ୍ୟଥା ଯୋଗୁ ନିଦ ହୁଏନା ।
- ମେକେଲସ ଡାଇଭରଟିକୁଲମରେ ଗାଷ୍ଟ୍ରିକ ମ୍ୟୁକୋସା ଥିବା ଯୋଗୁ ଗାଷ୍ଟ୍ରିକ ପ୍ରୋବ୍‌ଲେମ, ଯଥା - ପେଟପୋଡ଼େ, ବାନ୍ତିଲାଗେ, ପେଟବ୍ୟଥା ହୁଏ।
- ମେକେଲସ ଡାଇଭରଟିକୁଲମରେ ପାନକ୍ରିଆଟିକ ଟିସୁ ଥିବା ଯୋଗୁ ପାନକ୍ରିଆଟାଇଟିସ ଫିଚର ଦେଖାଯାଏ। ଯଥା - ରକ୍ତ ଆମାଇଲେଜ ସ୍ତର ବଢ଼େ।

ନିଦାନ :-

- ସଂକେତ ଓ ଲକ୍ଷଣ ଦେଖି, ରକ୍ତପରୀକ୍ଷା କରି -

- ସି.ବି.ସି - ଲୋହିତ ରକ୍ତ ସେଲ କମ ରହେ ଓ ହିମୋଗ୍ଲୋବିନ କମ ରହେ ଯଦି ରକ୍ତସ୍ରାବ ହେଉଥାଏ।
- ସେରମ ଆମାଇଲେଜ ସ୍ତର ଅଧିକ ରହେ ଯଦି ପାନକ୍ରିଆଟାଇଟିସ ଫିଚର ଦେଖାଯାଏ।

- ଝାଡ଼ାର ରକ୍ତ ପରୀକ୍ଷା କରି -

ଝାଡ଼ାରେ ରକ୍ତ ଯାଏ ।

- ଟେକନେସିଅମ ୯୯ଏମ ସ୍କାନ (Technetium 99m Scan)-

ଏହା ଗାସ୍ଟ୍ରିକ ମ୍ୟୁକୋସା ନିରୂପଣ କରେ।

- କଲୋନୋସ୍କୋପି କିମ୍ବା ଅପର ଗାସ୍ଟ୍ରୋଇଣ୍ଟେଷ୍ଟାଇନାଲ ଏଣ୍ଡୋସ୍କୋପି
- ଏହାଦ୍ୱାରା ରକ୍ତ କେଉଁଠାରୁ ଆସୁଛି ଜଣାଯାଏ।
- ୱାଇଆରଲେସ କ୍ୟାପସୁଲ ଏଣ୍ଡୋସ୍କୋପି (Wireless Capsule Endoscopy) -

ଏହାଦ୍ୱାରା ରୋଗୀ ଏକ ଛୋଟ କ୍ୟାମେରା ଗିଳେ, ଯାହାଦ୍ୱାରା ସାନ ଖାଦ୍ୟନଳୀରୁ ରକ୍ତସ୍ରାବ କେଉଁଠି ହେଉଛି ଜଣାଯାଏ।

- ଆଂଜିଓଗ୍ରାଫିଂ - ଏହାଦ୍ୱାରା ମେକେଲସ ଡାଇଭରଟିକୁଲମର ଅବସ୍ଥିତି ସମ୍ବନ୍ଧରେ ଜଣାଯାଏ।
- ଅଲଟ୍ରାସୋନୋଗ୍ରାଫି - ଏହାଦ୍ୱାରା ଅଂଫାଲୋମିଜେଣ୍ଟେରିକ ଡକ୍ଟ ରିମ୍ନାଣ୍ଟ କିମ୍ବା ସିଷ୍ଟ ଆଦି ଜଣାଯାଏ ।
- କଂପୁଟେଡ଼ ଟୋମୋଗ୍ରାଫି ।

## ଜଟିଳତା :-

- ଖାଦ୍ୟନଳୀରେ ରକ୍ତସ୍ରାବ।
- ପେରିଟୋନାଇଟିସ ।
- ଖାଦ୍ୟନଳୀର ବାଟ ବନ୍ଦହେବା ।
- ଡାଇଭରଟିକୁଲାଇସିସ ।
- କ୍ରୋନିକ ପେପଟିକ ଅଲସରେସନ।
- ପରଫୋରେସନ
- ଟ୍ୟୁମର -

(କ) କ୍ୟାନସର ହୋଇନଥିବା ଟ୍ୟୁମର - ଲିଓମାଇଓମା, ଲାଇପୋମା, ଭାସ୍କୁଲାର ଓ ନ୍ୟୁରୋମସ୍କୁଲାର ହାମାରଟୋମା।

(ଖ) କ୍ୟାନସର ହୋଇଥିବା ଟ୍ୟୁମର - କାରସିନଏଡ଼ ୪୪%

- ମିଜେନକାଇମାଲ ଟ୍ୟୁମର - ୩୫%

ଲିଓମାଇଓସାରକୋମା

ପେରିଫେରାଲ ନରଭସିଥ ଓ

ଗାସ୍ଟ୍ରୋଇଣ୍ଟେଷ୍ଟାଇନାଲ ଷ୍ଟ୍ରୋମାଲ ଟ୍ୟୁମର

- ଆମ୍ବାଲିକାଲ ଆନୋମାଲିସ -
  - ଫାଇବ୍ରସ କର୍ଡ଼
  - ସିଷ୍ଟ
  - ସାଇନସ
  - ଫିସ୍ଟୁଲା
- ଡଟର ଡାଇଭରଟିକୁଲାଇଟିସ
- ଷ୍ଟୋନ୍ ଓ ଫାଇଟୋବେଜୋର
- ଭେସିକୋ ଡାଇଭରଟିକୁଲାର ଫିସ୍ଟୁଲା
- ଲିଟରସ ହାରନିଆ
- ପାନକ୍ରିଆଟାଇଟିସ

## ଏକାପରି ଜଣାପଡୁଥିବା ରୋଗ :-

- ଡାଇଭରଟିକୁଲୋସିସ
- ଆଂଜିଓଡ଼ିସପ୍ଲାସିଆ
- ହିମୋରଏଡ଼ସ
- ଫିସର
- ମିଜେଣ୍ଟେରିକ ଇସ୍‌ଚିମିଆ
- ଇସ୍‌ଚିମିକ କଲାଇଟିସ
- ଇନଫ୍ଲାମେଟୋରି ବାଉଏଲ ରୋଗ
- କଲୋରିକ୍ଟାଲ କାରସିନୋମା
- ଆକ୍ୟୁଟ ଆପେଣ୍ଡିସାଇଟିସ
- ପେପଟିକ ଅଲସର
- ପାନକ୍ରିଆଟାଇଟିସ

ଚିକିତ୍ସା :-

- ଅଧିକାଂଶ ଚିକିତ୍ସା ଦରକାର ପଡ଼େନି।
- ଅପେରେସନ କରି - ଖୋଲାଭାବରେ କିମ୍ବା ଲାପାରୋସ୍କୋପିକ ଉପାୟରେ।
  - ମେକେଲସ ଡାଇଭରଟିକୁଲମ ବାହାର କରାଯାଏ।
  - ମେକେଲସ ଡାଇଭରଟିକୁଲମ ସହ ଖାଦ୍ୟନଳୀର କିଛି ଅଂଶ ବାହାର କରାଯାଏ ଓ ଯୋଡ଼ାଯାଏ।

ଯଦି କୌଣସି ଲୋକର ମଳଦ୍ୱାରରେ ରକ୍ତପଡ଼େ, ପେଟ ବ୍ୟଥାହୁଏ, ନାହି ଗରିପଟ ଦରଜ ହୁଏ, ବାନ୍ତି ଲାଗେ, ବାନ୍ତି ହୁଏ, ରକ୍ତହୀନତା ଦେଖାଯାଏ, ପେଟ ଫୁଲେ, ପେଟ ପୋଡ଼େ, ନିଦ ହୁଏନା, ତେବେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରିବା ଉଚିତ। ନଚେତ ଅସୁବିଧା ହୋଇପାରେ।

**ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା**

# ବଡ଼ ମଣିଷଙ୍କ ଜୀବନ କଥା - ୪
# ନାଟୁଆ ପିଲାଟି ବଡ଼ମଣିଷ ହେଲା (କ୍ରମଶଃ)



ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ

ଗୋଦାବରୀଶଙ୍କର ଏକାଦଶ ଶ୍ରେଣୀରେ ପାଠପଢ଼ିବା ବର୍ଷ।

କେଉଁଠୁ ଧାର କରଜକରି ବା ଜମିବାଡ଼ି ବିକି ପୁଅର ପାଠପଢ଼ାଲାଗି ନନା ସିନା ଟଙ୍କା ପଠାଉଥାଆନ୍ତେ? ନନା - ବୋଉ ଆରପାରିକୁ ଚାଲିଗଲେଣି, ଆଉ ପଠାଇବ କିଏ? ଏବେ ତ ଗୋଦାବରୀଶ ନିଜେ ଘର ଚଳାଇବା ଲୋକ। ଏଣେ ନିଜର ପାଠପଢ଼ା ଖର୍ଚ୍ଚ ସାଙ୍ଗକୁ ତେଣେ ଘରଖର୍ଚ୍ଚ ତୁଲାଇବାକୁ ପଡୁଛି।

ଗୋଦାବରୀଶଙ୍କ ହାତକୁ ରାମକୃଷ୍ଣ ବୋଷଙ୍କଠାରୁ ଦାନସୂତ୍ରରେ ଆସୁଥିବା ପାଞ୍ଚଟଙ୍କାରୁ ଛାତ୍ରାବାସରେ ରହିବା-ଖାଇବା ବାବଦକୁ ତିନିଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚପାଇଁ ଟଙ୍କାଟିଏ, ଆଉ ଗାଁକୁ ଟଙ୍କାଟିଏ ପ୍ରତିମାସରେ ପଠାଇଦିଅନ୍ତି। ଏତିକିରେ ଯିଏ ଯେଝା ଖର୍ଚ୍ଚକରି କଷ୍ଟେ ମଷ୍ଟେ ଚଳିଯାଆନ୍ତି। ଗୋଦାବରୀଶ ଏଟଙ୍କାରୁ ପାଠ୍ୟପୁସ୍ତକ କିଣିପାରନ୍ତି ନାହିଁ।

ସୁତରାଂ ଗୋଦାବରୀଶ ବଡ଼ ଚିନ୍ତାରେ ଥାଆନ୍ତି। କିପରି ଓ କେଉଁଠୁ ବହି ପାଇବେ? ପରୀକ୍ଷା ପାଖେଇ ଆସୁଥାଏ।

ସୁତରାଂ - "ବୁଦ୍ଧି - ଶୁଦ୍ଧି ଅଛି ଭଲ ପଢ଼ନ୍ତି
ହେଲେ ବହି ଖଣ୍ଡେ ପାଉନାହାନ୍ତି
କିପରି ପଢ଼ିବେ ପାଠ
ଭାଳୁଥାନ୍ତି ମନେ ମିଳିଯାଆନ୍ତା କି
ମାଗଣା ପାଠ୍ୟପୁସ୍ତକ ?"

ଗୋଦାବରୀଶ ଏମିତି ମନେ ମନେ ଭାବୁଥାନ୍ତି। ଭାଗବତରେ ଲେଖାଅଛି - "ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା"। ଅର୍ଥାତ୍ ମଣିଷ ମନରେ ଯାହା ଭାବୁଥାଏ, ବେଳେବେଳେ ତାର ମନସ୍କାମନା ପୂରଣ ହୋଇଯାଏ। ଏହାହିଁ ଘଟିଥିଲା ଗୋଦାବରୀଶଙ୍କ ପାଇଁ ।

ତହିଁ ପରଦିନ ସ୍କୁଲର ଘଟଣା। ଗୋଦାବରୀଶଙ୍କର ପ୍ରଭାସ ନାମରେ ଜଣେ ଧନୀ ସହପାଠୀ ଥିଲା। ଦୁହେଁ ପାଖାପାଖି ଶ୍ରେଣୀରେ ବସନ୍ତି। ସେଦିନ ସ୍କୁଲଛୁଟି ଘଣ୍ଟା ବାଜିଲା। ପ୍ରଭାସ କୌଣସି କାମରେ ତରବରିଆ ବାହାରିଗଲା ଶ୍ରେଣୀ ପ୍ରକୋଷ୍ଠରୁ। ଛାଡ଼ି ଗଲାବେଳେ ଦୁଇଖଣ୍ଡ ବହି ଭୁଲବଶତଃ ଛାଡ଼ିଦେଇ ଯାଇଥିଲା, ଯାହା ଗୋଦାବରୀଶଙ୍କର ଅତ୍ୟନ୍ତ ଲୋଡ଼ାଥିଲା। ସୁତରାଂ ଗୋଦାବରୀଶ କୌଶଳରେ ନେଇ ତାଙ୍କର ବ୍ୟାଗ୍‌ଭିତରେ ରଖିଦେଲେ। ଏକଥା ଶ୍ରେଣୀରେ ଅନ୍ୟପିଲା କେହି ଦେଖିପାରିଲେ ନାହିଁ।

ଏବେ ଶୁଣ ତା'ପରର ଘଟଣା ।

"ସତେ ଅବା ନିଜ କିଣା ପୁସ୍ତକ
ଭଳି ଲଗାଇଲେ ନୂଆ ମଲାଟ
କିଏ ଜାଣିଦେବ କାଳେ
ବହିସାରା ଲେଖିଦେଇ ନିଜ ନାମ
ମାଲିକ ପାଲଟି ଗଲେ ।"

ତେଣେ ପ୍ରଭାସ ଛାତ୍ରାବାସରେ ବହି ପଢ଼ିବାକୁ ବ୍ୟାଗ୍ ଖୋଜିଲା ବେଳକୁ ଦେଖିଲା, ଦି'ଖଣ୍ଡ ବହିନାହିଁ। ତା'ପାଖରେ ତ ପଇସାର ଅଭାବ ନଥିଲା। ସୁତରାଂ ଅଧିକ ଖୋଜାଲୋଡ଼ା ନକରି ଆଉ ଦୁଇଖଣ୍ଡ ନୂଆବହି କିଣିଆଣି ପଢ଼ିଲା।

ଏବେ ପ୍ରବେଶିକା ପରୀକ୍ଷା ଶେଷହେଲା। ଯିଏ ଯେଝା ଗାଁକୁ ଫେରିଗଲେଣି। ଗୋଦାବରୀଶଙ୍କ ମନଟା କାହିଁକି ଛଟପଟ ହେଲା। ସେ ସହପାଠୀର ବହି ଦି'ଖଣ୍ଡ ଫେରାଇଦେବାକୁ ଚିଠି ଲେଖିଲେ। ଘଟଣା ସଂପର୍କରେ ଆମୂଳଚୂଳ ବର୍ଣ୍ଣନା କରିଦେଲେ ଚିଠିରେ। ଏବେ ଚିଠି ସହିତ ବହି ଦି'ଖଣ୍ଡ ଡାକଯୋଗେ ପାର୍ଶଲକରି ସହପାଠୀ ପ୍ରଭାସର ଗାଁ ଠିକଣାରେ ଡାକଯୋଗେ ପଠାଇଦେଲେ।

ସହପାଠୀ ପ୍ରଭାସ ବହିପାଇଲା। ସାଥୀ ଗୋଦାବରୀଶଙ୍କ ଚିଠିଖୋଲି ପଢୁ ପଢୁ ତା'ଆଖିରୁ ଅଜାଣତରେ ଦୁଇଟୋପା ଲୁହ ଖସିପଡ଼ିଲାଣି ସେଇ ଚିଠି ଉପରେ।

ପ୍ରଭାସ ମନେମନେ ଭାବୁଥିଲା -

"ବହି ତ ଚୋରେଇ ନେଇ ନଥିଲା
ମୋତେ କିଆଁ କ୍ଷମା ମାଗି ବସିଲା
ଛାଡ଼ି ଆସିଥିବା ବହି
କିଏ ନେଇଥାନ୍ତା, ମୋ ସାଙ୍ଗ ନେଲା
ତା'ର ଭୁଲ୍ ଜମା ନାହିଁ ।"

ସୁତରାଂ ଗୋଦାବରୀଶ ଭୁଲ୍ ନକରି ଭୁଲ୍ ମାଗିବାଟା କ'ଣ ଠିକ୍। ତା'ଛଡ଼ା ଅଭାବୀ ସାଥୀଟା ଅଯଥା ପଇସା ଖର୍ଚ୍ଚକରି ଡାକଯୋଗେ ପଠାଇବା କି'ଲୋଡ଼ାଥିଲା? ପରୀକ୍ଷା ଶେଷ, ତା'ଛଡ଼ା ଏବେ ବହିତ କାହାର କୌଣସି କାମରେ ଆସିବ ନାହିଁ? ତେବେ ଏସବୁ ଅଯଥା କାମ ସେ କଲା କାହିଁକି?

ଏହିସବୁ ଘଟଣାରୁ ଜଣାଯାଏ ଗୋଦାବରୀଶ କେଡ଼େ ସଚ୍ଚୋଟ ଥିଲେ ।

## କଟକରେ କଲେଜ ପାଠପଢ଼ା :-

୧୯୦୬ ମସିହାରେ ଗୋଦାବରୀଶ ପ୍ରବେଶିକା (ଆଜିକାଲିର ମାଟ୍ରିକ୍ୟୁଲେସନ୍) ପରିକ୍ଷାରେ କୃତିତ୍ୱର ସହ ପାସ୍‌କରି ମାସିକ ଦଶଟଙ୍କା ବୃତ୍ତିପାଇଲେ। ସେତେବେଳକୁ ଚନ୍ଦ୍ରମୋହନ ମହାରଣା ପୁରୀରୁ ବଦଳିହୋଇ କଟକ ନର୍ମାଲ ସ୍କୁଲରେ ଯୋଗଦାନ କରିସାରିଥିଲେ। କଟକଭଳି ଅଜଣା ସ୍ଥାନରେ ଗୋଦାବରୀଶଙ୍କର ଚିହ୍ନାଜଣା ଥିଲେ, ଏକମାତ୍ର ତାଙ୍କର ପୂର୍ବତନ ପ୍ରଧାନଶିକ୍ଷକ ଚନ୍ଦ୍ରମୋହନ ମହାରଣା। ସୁତରାଂ ତାଙ୍କରି ପରାମର୍ଶରେ ସେ ରେଭେନ୍ସା କଲେଜରେ ନାମ ଲେଖାଇଲେ ଓ ତାଙ୍କରି ଘରେ ରହି ପାଠପଢ଼ିଲେ।

ଗୋଦାବରୀଶଙ୍କର କଲେଜରେ ନାମଲେଖା ସରିଲା ସିନା କିନ୍ତୁ ସେ ପାଇଥିବା ସରକାରୀ ବୃତ୍ତି କଲେଜ ପଢ଼ା ଖର୍ଚ୍ଚକୁ ନିଅଣ୍ଟ ହେଲା। ତେବେ ଘରକଥା ବୁଝାହେବ କେମିତି ?

ସୁତରାଂ ଗୋଦାବରୀଶ କ'ଣ କଲେନା -

"କଲେଜରେ ପାଠ ପଢ଼ିବାବେଳେ
ଘରୋଇ ଟ୍ୟୁସନ୍ ମାଷ୍ଟ୍ର ସାଜିଲେ
କେଉଁଠି ରୋଷେୟା ସାଜି
ତାଙ୍କର ଅଭାବ ମେଣ୍ଟାଇ ଦିଅନ୍ତି
ମାନ-ଅପମାନ ତେଜି ।"

ପ୍ରଥମେ ପ୍ରଥମେ ଅଜଣା ସ୍ଥାନରେ ଅଚିହ୍ନା ପିଲାଟିକୁ କିଏ କାହିଁକି ଘରେ ଟ୍ୟୁସନ ମାଷ୍ଟ୍ର କରିରଖିବ ? ଚନ୍ଦ୍ରମୋହନ ବାବୁ ଗୋଦାବରୀଶଙ୍କ ବିଦ୍ୟା-ବୁଦ୍ଧି, ଜ୍ଞାନ-ଗାରିମା ଜାଣିଥିବାରୁ ତାଙ୍କଘରେ ପୁଅର ଟ୍ୟୁସନ୍ ଦାୟିତ୍ୱ ଦେଲେ ଗୋଦାବରୀଶଙ୍କୁ। ତଥାପି କ'ଣ ଅଭାବ ମେଣ୍ଟିଲା। ଗୋଦାବରୀଶ ଥିଲେ ବ୍ରାହ୍ମଣ ପିଲା, ଆଉ ତାଙ୍କୁ ଭଲ ରୋଷେଇବାସ ଜଣାଥିଲା। ସୁତରାଂ ସେଇଠି ମଧ୍ୟ ଗୁରୁଜୀଙ୍କ ଘରେ ତାଙ୍କୁ ରୋଷେୟା କାମଟି ମିଳିଗଲା। ସେଠାରେ ନିଜେ ରହିବା, ଖାଇବା ସାଙ୍ଗକୁ କିଛି ପଇସା ମିଳିବାରୁ ଗୋଦାବରୀଶ କଷ୍ଟେମଷ୍ଟେ ଚଳିଗଲେ।

## ପାଠପଢ଼ା ସହିତ ସମାଜସେବା :-

୧୯୦୭ ମସିହା ବେଳକୁ ଗୋପବନ୍ଧୁ କଟକରେ "ଉତ୍କଳ ସେବା ସମିତି" ନାମରେ ଏକ ଅନୁଷ୍ଠାନ ଗଢ଼ିଲେ। ସେତେବେଳର କଲେଜ ଛାତ୍ର ନୀଳକଣ୍ଠ ଦାସ ଓ ଗୋଦାବରୀଶ ମିଶ୍ରଙ୍କ ଭଳି ଅନେକ ଛାତ୍ର ସେଥିରେ ଯୋଗଦେଲେ। ଏହି ସେବାକାର୍ଯ୍ୟ ଯୋଗୁଁ ଗୋଦାବରୀଶ କଟକରେ କ୍ରମେ ଜଣାଶୁଣା ହେବାକୁ ଲାଗିଲେ। କାରଣ ପ୍ରତ୍ୟେକ ସେବାକାର୍ଯ୍ୟକୁ ସେ ଅତି ଆଦରର ସହିତ କରିନେଉଥିଲେ।

ଏବେ ଶୁଣ ସେକଥା -

"ବଢ଼ି - ମରୁଡ଼ି ଓ ଘରପୋଡ଼ିରେ
ହଇଜା - ବସନ୍ତ ଡିଆଁରୋଗରେ
ଅଣ୍ଟା ଭିଡ଼ି ଠିଆହେଲେ
ନହେଲା କାମକୁ କରିଦେଉଥିଲେ
ବୋଲି ସାବାସି ପାଇଲେ। "

କଟକରେ ପାଠପଢ଼ା ସାଙ୍ଗକୁ ସେବାକାର୍ଯ୍ୟ ଚାଲିଥାଏ। ଯେତେବେଳେ ଗୋଦାବରୀଶ ଛୁଟିମାନଙ୍କରେ ଗାଁକୁ ଆସି ଘରକଥା ବୁଝିବା ଆଗରୁ ପାଞ୍ଚଜଣ ଲୋକଙ୍କର ଦୁଃଖ ଓ ସେମାନଙ୍କର ସମସ୍ୟା ବୁଝନ୍ତି। ତାକୁ ଦୂରକରିବାପାଇଁ ବାଣପୁରରେ ଭଗବତୀ ପ୍ରସାଦିନୀ ସମିତି ଗଠନ କରନ୍ତି।

ସେତେବେଳେ ବାଣପୁର ଅଞ୍ଚଳର ଜନସଂଖ୍ୟା ପ୍ରାୟ ଷାଠିଏ ସତୁରୀ ହଜାର ହେବ। ଏତେ ଲୋକଙ୍କ ଭିତରେ ଗୋଦାବରୀଶ ଥିଲେ ଏକା କଲେଜ ପଢୁଆ ପିଲା। ତେଣୁ ଲୋକେ ତାଙ୍କୁ ଖାତିର କରୁଥିଲେ, ତାଙ୍କ କଥା ମାନୁଥିଲେ। ସୁତରାଂ ସେ ଯେତେବେଳେ ଗାଁକୁ ଆସୁଥିଲେ, ଲୋକେ ସେମାନଙ୍କର ଦୁଃଖ ଜଣେଇବାକୁ ଆସି ତାଙ୍କୁ ଘେରି ବସୁଥିଲେ। ଗୋଦାବରୀଶ ମଧ୍ୟ ଖାଇବା-ପିଇବା ଭୁଲି ଲୋକଙ୍କ କଥା ଶୁଣୁଥିଲେ ଓ ସମସ୍ୟ ସମାଧାନର ବାଟ ବତାଇ ଦେଉଥିଲେ।

ସେତେବେଳେ ଦେଶ ପରାଧୀନ ଥିଲା, ସୁତରାଂ ଲୋକଙ୍କର ଦୁଃଖ କହିଲେ ନସରେ, ଠିକ୍ ଏହିଭଳି -

"ଏ ନୁହେଁ କାହାଣୀ କଥାଟି ସତ
ଚାଲିଥିଲା ସେବେ ଗୋରା ରାଜତ୍ୱ
ଶାସନ ଥିଲା କଠୋର
ତୁଣ୍ଡ ଖୋଲିବାକୁ ମନାଥିଲା ଲୋକେ
ହେଉଥାନ୍ତି ହରବର ।"

ଏବେ ଗୋଦାବରୀଶ ବାଣପୁର ଅଞ୍ଚଳରେ ବେଳକୁ ବେଳ ଜନପ୍ରିୟ ହେବାକୁ ଲାଗିଲେ। ଗୋରା ସରକାର ସମ୍ମୁଖରେ ଅତି ନିର୍ଭୀକ ଭାବରେ ଲୋକଙ୍କର ସମସ୍ୟା ବାଢ଼ିଲେ। ଗୋଟିକ ପରେ ଗୋଟିକରେ ସଫଳତା ବି ଲାଭକଲେ। ସେତେବେଳେ ବାଣପୁରର ଲୋକେ ଲଣ୍ଠନର ବ୍ୟବହାର ଜାଣିନଥିଲେ। ସେ ୧୮୯୦ ମସିହାରେ ନୂଆକରି ବାଣପୁରକୁ ଲଣ୍ଠନ ଆଣିଥିଲେ। ଲଣ୍ଠନର ଉଜ୍ଜ୍ୱଳ ଆଲୋକ ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଥିଲେ। କେତେଦିନ ପର୍ଯ୍ୟନ୍ତ ଲୋକେ ଏହାକୁ ଦେଖିବାପାଇଁ ଗୋଦାବରୀଶ ଘରକୁ ଦୌଡୁଥିଲେ। ଏହାପୂର୍ବରୁ ଗୋଦାବରୀଶ ବାଣପୁରକୁ 'ମିଶ୍ରି' ଓ 'କିସ୍‌ମିସ୍' ଆଣିଥିଲେ।

ଧନ୍ୟ କହିବ ସେହି ବାଳକ ଗୋଦାବରୀଶଙ୍କୁ। ତାଙ୍କ କଥା ଶୁଣିଲେ ଚକିତ ହେବାକୁ ହୁଏ। ଗୋଦାବରୀଶ ପାଠରେ କଦାପି ପଛୁଆ ନଥିଲେ, ତଥାପି ଏତେଗୁଡ଼ିଏ କାମ କରିଚାଲିଥିଲେ।

ଶୁଣ ସେକଥା - "ରେଭେନ୍ସା କଲେଜେ ପଢ଼ାଚାଲିଛି
ତା'ସାଥେ ପୀଡ଼ିତ ସେବା ହେଉଛି
କେବେ ଆସିଲେ ଗାଆଁକୁ

ଘରଛାଡ଼ି ପରକଥା ବୁଝିବାକୁ
ବେଳ ଅଣ୍ଟେ ନାହିଁ ତାଙ୍କୁ ।”

ପିଲାଦିନର ସେଇ ନାଟୁଆ ପିଲାଟି ଭବିଷ୍ୟତରେ ଅଭାବ ଅନଟନ ଭିତରେ ଏମିତି ଆଗକୁ ମାଡ଼ିଚାଲିବ କିଏ ଜାଣିଥିଲା। ଯିଏ ପିଲାଦିନେ ଭୂତପ୍ରେତକୁ ଖୁବ୍ ଡରୁଥିଲା, ଏକୁଟିଆ ଅନ୍ଧାରରେ କୁଆଡ଼େ ବାହାରୁନଥିଲା, ଏକୁଟିଆ ରାତିରେ ଘରେ ଶୋଇପାରୁନଥିଲା, ସେ ବଡ଼ ହେଲାପରେ ନିର୍ଭୀକ ଭାବରେ ଗୋରାସରକାରଙ୍କୁ ପାଣି ପିଆଇଦେବା କଥାଟା ଶୁଣିଲେ ସ୍ୱପ୍ନଭଳି ଲାଗୁଛି।

ଏହିଭଳି ଗୋଦାବରୀଶଙ୍କର ପିଲାଦିନର କଥାଅଛି ଅସରନ୍ତି। ଆଉ କହିବି ଆରଥରକୁ........ ।

**ରାଜ୍ୟ ଓ ଜାତୀୟ ସମ୍ମାନ ପ୍ରାପ୍ତ ପ୍ରଧାନ ଶିକ୍ଷକ**
**ଖମାରସାହି,ବାଣପୁର, ଖୋରଧା**
**ପିନ୍ - ୭୫୨୦୩୧**
**ମୋ - ୯୬୬୮୫୬୦୬୪୫**

## ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡିଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟାଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

**ଉତ୍ତର ପୃଷ୍ଠା ନ.-୩୭**

| | | | | | | | | |
|---|---|---|---|---|---|---|---|---|
| 5 | | | | | 7 | 2 | 4 | 9 |
| | 2 | 9 | | 4 | 8 | | | |
| | 4 | 7 | | | 9 | 1 | 3 | 8 |
| 3 | 9 | | 8 | 7 | | 4 | | 2 |
| | 1 | 4 | 9 | | 2 | | 6 | |
| 7 | | | | 6 | | | 9 | 3 |
| 2 | | 5 | 7 | | | 3 | 8 | |
| | | | 2 | 5 | | | 7 | |
| 9 | 7 | 3 | | | 6 | 5 | | 4 |

# ସବୁଠାରୁ ଯୋଗ୍ୟ



**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ହୁସେନ୍ ଖାଁ ଥିଲେ ଆକବରଙ୍କ ରାଣୀଙ୍କ ଭାଇ। ବୀରବଲଙ୍କୁ ମନ୍ତ୍ରୀପଦରୁ ହଟେଇ ହୁସେନ୍ ଖାଁଙ୍କୁ ମନ୍ତ୍ରୀ କରେଇବା ପାଇଁ ରାଣୀ ବହୁତ ଉଦ୍ୟମ କରିଥିଲେ ମାତ୍ର ସମ୍ରାଟ୍ ଆକବର ଏଥିରେ ଆଦୌ ରାଜି ହେଲେନି। ତଥାପି ହୁସେନ୍ ଖାଁ ନିଜର ଚେଷ୍ଟା ଜାରିରଖିଲେ। ନିଜର ଦୁଇଜଣ ଅତି ବିଶ୍ୱସ୍ତ ଲୋକଙ୍କୁ ଡକେଇ ଆକବରଙ୍କୁ ରାଜି କରେଇବାର ଦାୟିତ୍ୱ ଦେଲେ। ସେ ଦୁହେଁ ଆକବରଙ୍କ ପାଖରେ ପହଞ୍ଚି କହିଲେ, “ମହାମାନ୍ୟ ସମ୍ରାଟ୍, ଆପଣ ବୀରବଲଙ୍କୁ ମନ୍ତ୍ରୀପଦରୁ ବାହାର କରିଦେଇ ବୀରବଲଙ୍କ ସ୍ଥାନରେ ହୁସେନ୍ ଖାଁଙ୍କୁ ମନ୍ତ୍ରୀଭାବରେ ନିଯୁକ୍ତ କଲେ ରାଜ୍ୟର ଓ ଆପଣଙ୍କର ଅଶେଷ ମଙ୍ଗଳ ହୋଇପାରିବ ।”

ସେହି ଦୁଇଜଣଙ୍କ ପରାମର୍ଶ ଶୁଣି ସମ୍ରାଟ ଉତ୍ତରଦେଲେ, “ବୀରବଲ ଅତ୍ୟନ୍ତ ବୁଦ୍ଧିମାନ୍। ମୋର ସବୁ ମନ୍ତ୍ରୀଙ୍କ ମଧ୍ୟରେ ସେ ସବୁଠାରୁ ପାରଙ୍ଗମ। ସବୁଥିରେ ସେ ଅତ୍ୟନ୍ତ ଦକ୍ଷମଧ୍ୟ ।”


ମାତ୍ର ସେହି ବ୍ୟକ୍ତିଦ୍ୱୟ ବାରମ୍ବାର ଅନୁରୋଧ କରିବାରୁ ଆକବର ଭାବିଲେ, “ଏଇ ଲୋକମାନେ ବଡ଼ ଏକଜିଦିଆ। ଏମାନେ ବୀରବଲଙ୍କର କୌଣସି କ୍ଷତି କରିପକେଇବା ମଧ୍ୟ ଅସମ୍ଭବ ନୁହେଁ। ତେଣୁ ସବୁଦିନ ପାଇଁ ଏହି ସମସ୍ୟାର ଶେଷ ଘଟାଇବା ଉଚିତ୍ ହେବ ।”

ପରଦିନ ସମସ୍ତେ ଦରବାରରେ ଉପସ୍ଥିତ ରହିଥିବା ସମୟରେ ସମ୍ରାଟ ଆକବର କହିଲେ, “ହୁସେନ୍ ଖାଁ ଓ ବୀରବଲ ଉଭୟେ ମୋ ନିକଟକୁ ଆସନ୍ତୁ ।”

ଉଭୟେ ସମ୍ରାଟଙ୍କ ନିକଟକୁ ଯାଇ ତାଙ୍କୁ ଯଥାରୀତି ସମ୍ମାନ ଜଣେଇଲେ ଓ ତାଙ୍କ ସମ୍ମୁଖରେ ଠିଆହୋଇ ରହିଲେ। ହୁସେନ୍ ଖାଁ ମନେ ମନେ ଖୁସି ହେଉଥିଲେ ଯେ, ଏବେ ଆକବର ବୀରବଲଙ୍କୁ ମନ୍ତ୍ରୀପଦରୁ ବହିଷ୍କାର କରିଦେବେ ଓ ବୀରବଲଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତ କରିଦେବେ ମନ୍ତ୍ରୀଭାବରେ ।

କିନ୍ତୁ ଆକବର କହିଲେ, “ଦେଖ ଏହା ସିଲ୍ ହୋଇଥିବା ଏକ ଚିଠି। ତୁମେ ଦୁହେଁ ଏହି ସିଲ୍‌କରା ହୋଇଥିବା ଲଫାପାକୁ କସ୍ମିନ୍‌କାଳେ ଖୋଲିବନି। ସାଙ୍ଗେ ସାଙ୍ଗେ ବର୍ମାକୁ ଯାଇ ବର୍ମାର ରାଜାଙ୍କୁ ଏଇ ଚିଠିଟିକୁ ଦେବ ।”

ଆକବରଙ୍କ ଉଦ୍ଦେଶ୍ୟକୁ ହୁସେନ୍ ଖାଁ ଓ ବୀରବଲ କେହି ବୁଝିପାରିଲେନି। ହେଲେ ସେମାନେ ବର୍ମା ଯିବା ନିମନ୍ତେ ସମ୍ରାଟଙ୍କୁ ତ ଆଉ ମନାକରିପାରିନଥାନ୍ତେ ! ଅତି କଷ୍ଟସାଧ୍ୟ ଯାତ୍ରାପରେ ଉଭୟେ ବର୍ମାର ରାଜାଙ୍କ ଉଆସରେ ପହଞ୍ଚିଗଲେ। ସେଠାରେ ମୁୟତନ ଥିବା ପ୍ରହରୀମାନେ ହୁସେନ୍ ଖାଁ ଓ ବୀରବଲଙ୍କୁ ପାଛୋଟି ନେଲେ ବର୍ମାରାଜାଙ୍କ ସମ୍ମୁଖକୁ।



ଉଭୟେ ବର୍ମାର ରାଜାଙ୍କୁ ଯଥାରୀତି ସମ୍ମାନ ଜଣେଇଲେ ଏବଂ ସମ୍ରାଟ ଆକବର ପଠେଇଥିବା ସିଲ୍‌କରା ଲଫାପାଟିକୁ ତାଙ୍କୁ ଅର୍ପଣ କଲେ।

ରାଜା ଚିଠିଟିକୁ ପଢ଼ିଲେ ଓ ନିଜର ଅତି ବିଶ୍ୱସ୍ତ ମନ୍ତ୍ରୀଙ୍କୁ ଡକେଇ ତାଙ୍କୁ ନିର୍ଦ୍ଦେଶ ଦେଲେ - "ଏହି ଅତିଥି ଦୁଇଜଣଙ୍କୁ ଖୁବ୍ ଆରାମରେ ରଖିବ। ଅତିଥିଶାଳାର ଖୁବ୍ ସମ୍ଭ୍ରାନ୍ତ କୋଠରୀରେ ରଖି ସେମାନେ ଯେପରି ଖସି ଯାଇନପାରନ୍ତି, ସେଥିପାଇଁ ସେମାନଙ୍କ ଉପରେ କଡ଼ା ନିଘା ରଖିବ ।"

ବୀରବଲ ଓ ହୁସେନ୍ ଖାଁ ଦରବାରରୁ ଚାଲିଯିବା ପରେ ରାଜା ଅନ୍ୟ ମନ୍ତ୍ରୀମାନଙ୍କୁ କହିଲେ, "ସମ୍ରାଟ ଆକବର ମୋତେ ଏକ ଅଦ୍ଭୁତ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶଟି ହେଲା - ଏଇ ଦୁଇଜଣଙ୍କୁ କୌଣସି ଏକ ପୂର୍ଣ୍ଣିମା ରାତ୍ରିରେ ଫାଶୀ ଦିଆଯିବ। ମୁଁ ଏହି ନିର୍ଦ୍ଦେଶର ଉଦ୍ଦେଶ୍ୟ କିଛି ବୁଝିପାରୁନାହିଁ। ଫାଶୀ ଦେବାପାଇଁ ସେହି ଦୁଇଜଣଙ୍କୁ ଆମର ଏଠାକୁ ପଠାଯାଇଛି କାହିଁକି ?"

ଜଣେ ମନ୍ତ୍ରୀ ଉତ୍ତର ଦେଲେ, "ସେମାନେ ଏଠାକୁ ଆସିବାଟା ମୋତେ କେମିତି ସନ୍ଦେହପୂର୍ଣ୍ଣ ହେଉଛି ।"

ଅନ୍ୟଜଣେ ମନ୍ତ୍ରୀ କହିଲେ, "ମୁଁ ଭାବୁଛି ସେହି ବ୍ୟକ୍ତି ଦୁଇଜଣ ହୁଏତ ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି। ସେମାନଙ୍କୁ ନିଜ ନଗରରେ ଫାଶୀ ଦେଲେ ବିଦ୍ରୋହ ହେବାର ଆଶଙ୍କା ଥିବାରୁ ସମ୍ରାଟ ସେଥିପାଇଁ ବୋଧହୁଏ ଏଠାରେ ଫାଶୀଦେବା ନିମନ୍ତେ ପଠାଇଥାଇପାରନ୍ତି ।"

"ତଥାପି ଉଭୟଙ୍କୁ ଫାଶୀଦେବା ପୂର୍ବରୁ ସେମାନଙ୍କ ବିଷୟରେ ଅଧିକ କିଛି ତଥ୍ୟ ସଂଗ୍ରହ କରିବା ଉଚିତ୍ ହେବ", କହିଲେ ବର୍ମାର ରାଜା।

ଇତ୍ୟବସରରେ ବୀରବଲଙ୍କୁ କେମିତି ଟିକିଏ ଝଟକା ଲାଗିଲା। ସେ ବଡ଼ ଅସ୍ୱସ୍ତି ଅନୁଭବ କଲେ। ସେ ହୁସେନ୍ ଖାଁଙ୍କ ସହ କଥାବାର୍ତ୍ତା କରି କହିଲେ, "ଦେଖ ହୁସେନ୍ ଖାଁ, ମୁଁ ଭାବୁଛି ଯେ ଆମେ ଏବେ ବଡ଼ ବିପଦରେ ପଡ଼ିଯାଇଛେ। କିଛି ନା କିଛି ଗଣ୍ଡଗୋଳ ଅଛି। ମୁଁ ଯେ ତୁମର ଶତ୍ରୁ ଏହା ତୁମେ ଭୁଲିଗଲେ ଆମ ଦୁହିଁଙ୍କର ମଙ୍ଗଳ ହେବ। ଆମେ ଦୁହେଁ ବୁଦ୍ଧି ଖଟେଇ ନିଜ ନିଜକୁ ରକ୍ଷା କରିପାରିବା ।"

"ହଁ ବୀରବଲ୍। ମୁଁ ଲକ୍ଷ୍ୟକରୁଛି ଯେ, ଏଠାକାର ପ୍ରହରୀମାନେ ଆମକୁ ଏପରି କଡ଼ାଭାବରେ ଜଗିଛନ୍ତି ଯେ ଆମେ ଦୁହେଁ ସତେଯେପରି ମହା ଅପରାଧୀ। ହେଲେ ଆମେ କଅଣ କରିପାରିବା ? ମୁଁ ଏତେ ଭୟଭୀତ ହୋଇପଡ଼ିଛି ଯେ, ମୋ ମୁଣ୍ଡକୁ କୌଣସି ଚିନ୍ତା ଢୁକିପାରୁନି। ତୁମେ ଅତି ବିଜ୍ଞ, ଅତି ବୁଦ୍ଧିମାନ୍। ତେଣୁ ତୁମେ ହିଁ କିଛିକର", କହିଲେ ହୁସେନ୍ ଖାଁ ।

ବୀରବଲ କିଛିସମୟ ଧରି ଚିନ୍ତାକଲେ । ତା'ପରେ କହିଲେ, "ମୁଁ ମୋର ପାରୁପର୍ଯ୍ୟନ୍ତ ଚେଷ୍ଟାକରିବି। କେବଳ ମନେରଖ ଯେ, ମୁଁ ଯାହା କହିବି ତୁମେ କେବଳ ସେଇଆ କହି ଦୋହରେଇବ। ଫଳରେ ଆମେଦୁହେଁ ସେହି ସମାନ କଥା ହିଁ କହିବା ।"

ପରେ ପରେ ସେଠାରେ ଆସି ପହଞ୍ଚିଗଲେ ବର୍ମାର ଜଣେ ମନ୍ତ୍ରୀ। ସେ ଉଭୟଙ୍କୁ କହିଲେ, "ତୁମ ଭିତରୁ ଜଣେ ହେଉଛ ବୀରବଲ ଓ ଅନ୍ୟ ଜଣକ ହୁସେନ୍ ଖାଁ। ତାଙ୍କ ଚିଠିରେ ସମ୍ରାଟ ଆକବର ତୁମ ଦୁହିଁଙ୍କୁ ପୂର୍ଣ୍ଣିମା ରାତ୍ରୀରେ ଫାଶୀ ଦେବାପାଇଁ ଲେଖିଛନ୍ତି।"

ଏହାଶୁଣି ଭୟରେ କଳାକାଠ ପଡ଼ିଗଲେ ହୁସେନ୍ ଖାଁ। ତାଙ୍କ ତୁଣ୍ଡରୁ ହଠାତ୍ ବାହାରି ପଡ଼ିଲା, "କଅଣ କହିଲେ ? ଫାଶୀ!"

କିନ୍ତୁ ବୀରବଲ ଅତ୍ୟନ୍ତ ଶାନ୍ତଭାବରେ କହିଲେ, "ଆମ ସମ୍ରାଟ ଅତ୍ୟନ୍ତ ମହାନ୍। ତେଣୁ ସେ ଯେପରି ନିର୍ଦ୍ଦେଶ ଦେଇଛନ୍ତି, ସେହିପରି କରନ୍ତୁ ।"

ବୀରବଲଙ୍କ ପରାମର୍ଶ ହୁସେନ୍‌ଙ୍କର ମନେପଡ଼ିଗଲା। ତେଣୁ ସେ ବୀରବଲଙ୍କ କଥାକୁ ଦୋହରେଇ କହିଲେ, "ହଁ, ହଁ, ସମ୍ରାଟଙ୍କ ଇଚ୍ଛାନୁସାରେ ଆମ ଦୁହିଁଙ୍କୁ ପୂର୍ଣ୍ଣିମା ରାତ୍ରୀରେ ଫାଶୀ ଦେଇଦିଅନ୍ତୁ।"

ନିଜ ନିଜର ମୃତ୍ୟୁ ସମ୍ବାଦକୁ ଅତ୍ୟନ୍ତ ଶାନ୍ତଭାବରେ ଗ୍ରହଣ କରି ବୀରବଲ ଓ ହୁସେନ୍ ଖାଁ ଖୁସିରେ ଫାଶୀ ପାଇବାପାଇଁ ପ୍ରସ୍ତୁତଥିବାର ଜାଣି

ବର୍ମାର ରାଜାଙ୍କ ବିସ୍ମୟର ସୀମା ରହିଲାନି। ବର୍ମାବାସୀମାନେ ମଧ୍ୟ ଚିନ୍ତିତ ହୋଇପଡ଼ିଲେ ।

ବର୍ମାର ରାଜା କହିଲେ, "ଏହି ଦୁଇଜଣ ମୃତ୍ୟୁପାଇଁ ଯେପରି ପ୍ରସ୍ତୁତହୋଇ ରହିଛନ୍ତି। ସତରେ ଏହା ଚିନ୍ତାକରି ମୋତେ ବଡ଼ ଝଟକା ଲାଗୁଛି। କେଉଁଠି କିଛି ଭୁଲ୍ ହୋଇଯାଇଥିବାର ମନେହେଉଛି ମୋତେ। ମାତ୍ର ଆମେ ଯଦି ଉଭୟଙ୍କୁ ଫାଶୀ ନଦେଉ ତେବେ ସମ୍ରାଟ ଆକବର ଆମ ଉପରେ ଖୁବ୍ କ୍ରୋଧକରିବେ। ଏଥିରେ ଆମର ଆଦୌ ମଙ୍ଗଳ ହେବନାହିଁ ।"

ପୂର୍ଣ୍ଣିମାର ପୂର୍ବଦିନ ବୀରବଲ କହିଲେ, "ଦେଖ ହୁସେନ୍ ଖାଁ, ସେମାନେ ଆସନ୍ତାକାଲି ଆମଦୁହିଁଙ୍କୁ ଯେତେବେଳେ ଫାଶୀମଞ୍ଚକୁ ନେବାପାଇଁ ଆସିବେ, ସେତେବେଳେ ଆମେ କଅଣ କରିବା ତାହା ଆଗରୁ ସ୍ଥିର କରିନେବା ଦରକାର। ଆମେ ଛାନିଆ ହୋଇପଡ଼ିଲେ କୌଣସି ଫାଇଦାନାହିଁ। ବରଂ କିଛିବାଟ ବାହାର କରିବାପାଇଁ ଚିନ୍ତାକରିବା ଉଚିତ୍ ହେବ ।"

ବୀରବଲ ହଠାତ୍ କହିଲେ, "ସେମାନେ ଆମକୁ ଯେତେବେଳେ ଫାଶୀଖୁଣ୍ଟ ପାଖରେ ନେଇ ପହଞ୍ଚେଇବେ, ସେତେବେଳେ ମୋତେ ଆଗେ ଫାଶୀ ଦେବାପାଇଁ ମୁଁ ସେମାନଙ୍କୁ ଅନୁରୋଧ କରିବି। ତୁମେ ବି ଆଗେ ଫାଶୀ ପାଇବାପାଇଁ ଜିଦ୍ ଧରିବ।"

ପରଦିନର ପୂର୍ଣ୍ଣିମା ରାତ୍ରୀରେ ଉଭୟଙ୍କୁ ଫାଶୀପାଇବା ସ୍ଥାନକୁ ନିଆଗଲା। ସେଠାରେ ଲଟକି ରହିଥିଲା ମାତ୍ର ଗୋଟିଏ ଫାଶୀ ଦଉଡ଼ି। ଏହା ଦେଖିପକେଇ ବୀରବଲଙ୍କ ମୁଣ୍ଡକୁ ଗୋଟିଏ ବୁଦ୍ଧି ଭୁକିଗଲା। ବୀରବଲ ବର୍ମାର ରାଜାଙ୍କୁ କହିଲେ, "ହେ ପରମ ସମ୍ମାନାସ୍ପଦ ରାଜା, ମୁଁ ହିଁ ତ ଆପଣଙ୍କ ହାତକୁ ସମ୍ରାଟଙ୍କ ପତ୍ରଟିକୁ ବଢ଼େଇ ଦେଇଥିଲି। ତେଣୁ ମୁଁ ପ୍ରଥମେ ଫାଶୀ ପାଇବାପାଇଁ ହକ୍‌ଦାର ।"

ହୁସେନ୍ ଖାଁ କହିଲେ, "ମୁଁ ହେଉଛି ସମ୍ରାଟଙ୍କର ସଂପର୍କୀୟ। ତେଣୁ ପ୍ରଥମେ ଫାଶୀପାଇବା ମୋର ପ୍ରାପ୍ୟ ।"

ତେଣୁ କିଏ ପ୍ରଥମେ ଫାଶୀପାଇବ ଏଇକଥାକୁ ନେଇ ଉଭୟେ ନିଜ ନିଜ ଭିତରେ କଳିକଜିଆ ଆରମ୍ଭ କରିଦେଲେ।

ସେମାନଙ୍କ କଳି ତୁଟୁ ନଥିବାର ଦେଖି ବର୍ମାର ଜଣେ ମନ୍ତ୍ରୀ ପଚାରିଲେ, "ଏ ତ ବଡ଼ ଆଶ୍ଚର୍ଯ୍ୟ କଥା। ତୁମେ ଦୁହେଁ ଫାଶୀପାଇବା ନିମନ୍ତେ ଏତେ ବ୍ୟାକୁଳ କାହିଁକି ?"

ବୀରବଲ ଉତ୍ତର ଦେଲେ, "ଏହାର ପଛରେ ରହିଛି ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ଜଣେ ମହାନ୍ ସାଧୁ ଭବିଷ୍ୟ ଗଣନା କରି କହିଛନ୍ତି ଯେ, ଯିଏ ପ୍ରଥମେ ଫାଶୀ ପାଇବ, ସେ ପରଜନ୍ମରେ ହେବ ବର୍ମାର ରାଜା। ତେଣୁ ମୁଁ ବର୍ମାର ପରବର୍ତ୍ତୀ ରାଜା ହେବାପାଇଁ ଋହୁଁଛି ।"

ହୁସେନ୍ ଖାଁ ମଧ୍ୟ କହିଲେ, "ନା, ନା, ବର୍ମାର ପରବର୍ତ୍ତୀ ରାଜାହେବା ନିମନ୍ତେ ମୁଁ ଋହୁଁଛି ।"

ଏହା ଶୁଣି ବର୍ମାର ରାଜା ଖୁବ୍ ରାଗିଗଲେ। ଚିତ୍କାରଛାଡ଼ି କହିଲେ, "କେବେ ନୁହେଁ, ମୋ ପୁତ୍ର ବ୍ୟତୀତ ଅନ୍ୟକେହି ବର୍ମାର ପରବର୍ତ୍ତୀ ରାଜା ହୋଇପାରିବେନି। ବନ୍ଦକର। ସେମାନଙ୍କୁ ଫାଶୀଦିଅନି। ଆମେ ଆକବରଙ୍କୁ ଜଣେଇଦେବା ଯେ, ଏହି ଦୁଇଜଣ ବର୍ମାରେ କୌଣସି ଅପରାଧରେ ଜଡ଼ିତ ନଥିବାରୁ ଆମେ କେହି ଏହି ନିରୀହ ବ୍ୟକ୍ତି ଦୁଇଜଣଙ୍କୁ ଫାଶୀଦେବା ବେନିୟମ ହେବ ।"

ଏହାଶୁଣି ବୀରବଲ ବଡ଼ ମନଦୁଃଖ କରିବାର ଛଳନା କଲେ। ସେ ବର୍ମାରାଜାଙ୍କ ନିକଟରେ ଅଭିଯୋଗ ବାଢ଼ି କହିଲେ, "ଆପଣ ଆମକୁ ଫାଶୀ ଦେଉନାହାନ୍ତି କାହିଁକି ? ଆମ୍ଭମାନଙ୍କ ପ୍ରତି ଏହା ବଡ଼ ଅନ୍ୟାୟ ।"

ରାଜା ସଙ୍ଗେ ସଙ୍ଗେ ନିଜର ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଲେ, "ଏହି ଦୁଇଜଣଙ୍କୁ ଅତି ନିରାପଦରେ ସେମାନଙ୍କ ରାଜ୍ୟରେ ପହଞ୍ଚେଇ ଦିଅ। ବାଟରେ ସେମାନଙ୍କର କୌଣସି କ୍ଷତି ନହୁଏ ସେଥିପ୍ରତି ସତର୍କ ରହିଥିବ ।"

ବର୍ମାର ରାଜାଙ୍କୁ ଯଥାବିଧି ସମ୍ମାନ ଜଣେଇ ବର୍ମାର ସୈନ୍ୟମାନଙ୍କ ହେପାଜତରେ ବୀରବଲ ଓ ହୁସେନ୍ ଖାଁ ନିଜ ରାଜ୍ୟ ଅଭିମୁଖେ ଯାତ୍ରାକଲେ। ସମ୍ରାଟ ଆକବରଙ୍କ ଦରବାରରେ ପହଞ୍ଚି ସମ୍ରାଟଙ୍କୁ ବିନୀତ ସମ୍ମାନ ଜଣେଇଲେ।

ଉଭୟଙ୍କୁ ଦେଖି ଆକବର ଖୁସିହୋଇ ପଚାରିଲେ, "ବର୍ମାରେ ତୁମର ଦିନଗୁଡ଼ିକ ଖୁବ୍ ଆନନ୍ଦରେ କଟିଥିଲା ତ ?"

ବୀରବଲ ଉତ୍ତର ଦେଲେ, "ହଁ ଜାହାଁପନା ।"

ତା'ପରେ ବର୍ମାରେ ଯାହା ଯାହା ଘଟିଲା, ତାହା ଅତ୍ୟନ୍ତ ବିସ୍ତାର ଭାବରେ ବର୍ଣ୍ଣନା କଲେ ହୁସେନ୍ ଖାଁ ।

ଆକବର ସବୁ ଶୁଣି କହିଲେ, "ମୁଁ ଜାଣେ ଯେ ବୀରବଲ ସବୁ ସମସ୍ୟାକୁ ସରଳ ଭାବରେ ସମାଧାନ କରିଦେବାରେ ଖୁବ୍ ଧୁରନ୍ଧର ।"

ହୁସେନ୍ ସମ୍ରାଟଙ୍କ କଥାକୁ ସମର୍ଥନ କରି କହିଲେ, "ହଁ ମଣିମା, ବୀରବଲ ଅତ୍ୟନ୍ତ ବୁଦ୍ଧିମାନ। ତାଙ୍କର ଚତୁରତା ଯୋଗୁ ଆମ ଦୁହିଁଙ୍କ ଜୀବନ ରକ୍ଷା ହୋଇଗଲା ।"

ତା'ପରେ ଆକବର ହୁସେନ୍ ଖାଁଙ୍କୁ ପଚାରିଲେ, "ତଥାପି ତୁମେ କଅଣ ଋହୁଁଛ ଯେ, ବୀରବଲଙ୍କୁ ମନ୍ତ୍ରୀପଦରୁ ତଡ଼ି ମୁଁ ତୁମକୁ ସେହି ପଦରେ ନିଯୁକ୍ତି କରିଦେବି ?"

ହୁସେନ୍ ଖାଁ ଉତ୍ତର ଦେଲେ, "ନାଁ ଜାହାଁପନା। ବୀରବଲ ଅତ୍ୟନ୍ତ ବୁଦ୍ଧିମାନ ଓ ମନ୍ତ୍ରୀପଦରେ ରହିବାପାଇଁ ସବୁଠାରୁ ଯୋଗ୍ୟବ୍ୟକ୍ତି।"

**'ଅଭୀପ୍ସା'**
**ସେକ୍ଟର - ୬, ପ୍ଲଟ୍ ନଂ - ୧୧୩୧**
**ଅଭିନବ ନିବାସୀ,**
**କଟକ - ୭୫୩୦୧୪**




### ଉପସ୍ଥାପନା - ଡ.ପ୍ରମୋଦ ଚନ୍ଦ୍ର ଦାଶ

୧. 'ସତ୍ୟମେବ ଜୟତେ' ଉକ୍ତିଟି କେଉଁ ଉପନିଷଦରୁ ଆସିଛି ?
**ଉ - ମୁଣ୍ଡକ ।**

୨. ଅଶ୍ୱଘୋଷ କେଉଁ ଭାଷାର କବି ?
**ଉ - ସଂସ୍କୃତ ଭାଷାର ।**

୩. ବେଦ କେଉଁ ଭାଷାରେ ଲିପିବଦ୍ଧ ଅଟେ ?
**ଉ - ବୈଦିକ ସଂସ୍କୃତ ।**

୪. ଅହଲ୍ୟା ପତିଙ୍କର ନାମ କ'ଣ ?
**ଉ - ଗୌତମ ।**

୫. କେଉଁ ଫୁଲକୁ ସୂଚୀକୁସୁମ କୁହାଯାଏ ?
**ଉ - କେତକୀ ।**

**୬. ସାରଳା ମହାଭାରତରେ କେତୋଟି ପଦ ଅଛି ?**
ଉ. ୧ ଲକ୍ଷ ୪୦ ହଜାର ।

### ବନାନ ଶୁଦ୍ଧି

| | ଅଶୁଦ୍ଧ | ଶୁଦ୍ଧ | | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|---|
| ୧. | ଅମୀୟ | ଅମିୟ | ୧୧. | ଅଭ୍ୟନ୍ତରିଣ | ଆଭ୍ୟନ୍ତରୀଣ |
| ୨. | ଅରୁଣୀମା | ଅରୁଣିମା | | | ଅଭ୍ୟନ୍ତରୀଣ |
| ୩. | ଅଶ୍ଳିଳ | ଅଶ୍ଳୀଳ | ୧୨. | ଅହର୍ନିଶି | ଅହର୍ନିଶ |
| ୪. | ଅଶିତି | ଅଶୀତି | ୧୩. | ଅକ୍ଷୁର୍ଣ୍ଣ | ଅକ୍ଷୁଣ୍ଣ |
| ୫. | ଅଶ୍ୱସ୍ତି | ଅସ୍ୱସ୍ତି | ୧୪. | ଅହୋରାତ୍ରି | ଅହୋରାତ୍ର |
| ୬. | ଅଷ୍ଟବକ୍ର | ଅଷ୍ଟାବକ୍ର | ୧୫. | ଅଧୋପତନ | ଅଧଃପତନ |
| ୭. | ଅମର୍ଷି | ଅମର୍ଷୀ | ୧୬. | ଅଲମ୍ପିକ୍ | ଅଲିମ୍ପିକ୍ |
| ୮. | ଅଭୁତପୂର୍ବ | ଅଭୂତପୂର୍ବ | ୧୭. | ଅନ୍ତେଷ୍ଟି | ଅନ୍ତ୍ୟେଷ୍ଟି |
| ୯. | ଅଭିଷ୍ଟ | ଅଭୀଷ୍ଟ | ୧୮. | ଅବସ୍ତା | ଅବସ୍ଥା |
| ୧୦. | ଅଭିସେକ | ଅଭିଷେକ | ୧୯. | ଅର୍ନ୍ନବ | ଅର୍ଣ୍ଣବ |
| | | | ୨୦. | ଅବିଭାବକ | ଅଭିଭାବକ |


## ଭଲଖବର

### କାଗଜ ନୋଟ୍ ପ୍ରଚଳନକୁ ୧୬୦ ବର୍ଷ ହୋଇଛି :-




୧୮୬୧ ମସିହାରେ ଦେଶରେ ପ୍ରଚଳିତ ହୋଇଥିବା ବର୍ତ୍ତମାନ ନୋଟ୍‌ପରି ନଥିଲା । ଏହାର ଅର୍ଥ ନୁହେଁ ଯେ, ଇଂରେଜ -ମାନଙ୍କ ଦ୍ୱାରା ଅଣାଯାଇଥିବା କାଗଜ ନୋଟ୍ ବ୍ୟବହାର ପୂର୍ବରୁ ଭାରତରେ ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ ନାନା ଧାତୁରେ ମୁଦ୍ରାଦ୍ୱାରା ଅର୍ଥବ୍ୟବସ୍ଥା ନିୟନ୍ତ୍ରିତ କରାଯାଉଥିଲା । ସେ ସମୟରେ ମଧ୍ୟ ସୁନାଭଳି ଧାତୁ ବ୍ୟବହାର ହେଉଥିଲା । ବିଭିନ୍ନ ସମୟରେ ରାଜତନ୍ତ୍ର, ସ୍ଥାନୀୟ ଶାସକମାନେ ମୁଦ୍ରାରେ କାରବାର କରିଆସୁଥିଲେ । କିନ୍ତୁ ଭାରତରେ ୧୮୫୭ ରେ ସିପାହୀ ବିଦ୍ରୋହ ଇଂରେଜମାନଙ୍କୁ ଏକ ଶିକ୍ଷାଦେଇଥିଲା ବିଦ୍ରୋହର ମୁକାବିଲା କରିବାପାଇଁ ଇଷ୍ଟଇଣ୍ଡିଆ କଂପାନୀ ଋଣରେ ବୁଡ଼ିଯାଇଥିଲା । ବ୍ରିଟିଶ୍ ରାଜତନ୍ତ୍ର ଯଦି ଇଷ୍ଟଇଣ୍ଡିଆ କଂପାନୀ ଭାରତର ଶାସନକୁ ଛଡ଼ାଇ ନେବ ତେବେ ଋଣ କିଏ ସୁଝିବ ତାହା ଥିଲା ଏକ ପ୍ରଶ୍ନ । ଭାରତ ନିଜେ ଋଣ ସୁଝିବ ବୋଲି ବ୍ରିଟିଶ ସରକାର ସ୍ପଷ୍ଟ କରିଥିଲେ । ସେଥିପାଇଁ ୧୮୬୧ ରେ ବ୍ରିଟିଶ୍ ରାଜତନ୍ତ୍ର କାଗଜମୁଦ୍ରା ଭାରତୀୟ ଆର୍ଥିକ ବ୍ୟବସ୍ଥାପାଇଁ ପ୍ରଚଳନ କରିଥିଲେ । ଇତିମଧ୍ୟରେ ଏବେ ଏହାକୁ ୧୬୦ ବର୍ଷ ପୂରିଛି । ଏସବୁ ସଂପର୍କରେ ଆର.ବି.ଆଇ.ର ପୂର୍ବତନ ମୁଖ୍ୟ ମହାପ୍ରବନ୍ଧକ ତଥା ସଚିବ ବାଜିଲ୍ ସେଖ୍ 'ଦି କଞ୍ଚରସ୍ ଟ୍ରିକ୍, ଏବାଉଟ୍ ଦି ଇଭୋଲୁସନ ଅଫ୍ ଇଣ୍ଡିଆନ୍ ପେପର୍ ମନି' ପୁସ୍ତକରେ ବର୍ଣ୍ଣନା କରିଛନ୍ତି ।

### ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଜଲାଲ ଆଦେନୀ :-



ଜଲାଲ ଆଦେନୀଙ୍କର ଜନ୍ମ ୧୯୩୬ ମସିହା ଜୁନ୍ ୨୩ ତାରିଖରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗରଠାରେ । ତାଙ୍କର ଏବେ ନିକଟରେ ୮୫ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି । ସେ ଏକାଧାରରେ ଜଣେ ସଂଗୀତ ନିର୍ଦ୍ଦେଶକ, ଗୀତିକାର, ଗାୟକ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଥିଲେ । ତାଙ୍କର 'ନିଦଭରା ରାତି' ସଂଗୀତ ନିର୍ଦ୍ଦେଶନା ଏବେବି ଓଡ଼ିଆ ମନରେ ରହିଛି । ୧୯୭୬ ରେ ସେ ଓଡ଼ିଆ ଚଳଚ୍ଚିତ୍ର 'ହୀରା ମୋତି ମାଣିକ' ର ନିର୍ଦ୍ଦେଶନା ଦେଇଥିଲେ ।

## ଭାରତର ପ୍ରଥମ ମହିଳା ବାରିକ ଶାନ୍ତିବାଈ ଜାଦଭ୍ :-

ଶାନ୍ତିବାଈ ଜାଦଭ୍ ମହାରାଷ୍ଟ୍ରର ଜଣେ ମହିଳା। ସେ ଏକ ସେଲୁନ୍ ଦୋକାନ କରି ଦୀର୍ଘ ୪୦ ବର୍ଷଧରି କାମ କରିଆସୁଛନ୍ତି। ନିଜ ଘରେ ଏକ ସେଲୁନ୍ ଦୋକାନ କରିଥିଲେ। ସେଲୁନ୍ ଦୋକାନ କରିବା ପଛର ଏକ କାହାଣୀ ଅଛି। ତାଙ୍କର ସ୍ୱାମୀଙ୍କ ଦେହାନ୍ତ ପରେ ସେ ଏକ ଫାର୍ମରେ ଶ୍ରମିକ ଭାବରେ କାମ କରୁଥିଲେ। ଯାହା ରୋଜଗାର କରୁଥିଲେ ତାହା ପାଞ୍ଚପ୍ରାଣୀ କୁଟୁମ୍ବ ଚଳାଇବା ପାଇଁ କାଠିକର ପାଠ ଥିଲା। ଦିନେ ତାଙ୍କ ଗାଁର ସଭାପତି ହରି ଭାଉ ତାଙ୍କୁ କହିଥିଲେ ଏକ ସେଲୁନ୍ ଦୋକାନ ଖୋଲିବାପାଇଁ। ଏହି କଥାଟି ଶାନ୍ତିବାଈଙ୍କ ମନକୁ ପାଇଲା ଏବଂ ଡ଼େରି ନକରି ନିଜେ ଘରେ ଏକ ସେଲୁନ୍ ଆରମ୍ଭ କରିଥିଲେ ଯାହାର ପ୍ରଥମ ଗ୍ରାହକ ହୋଇଥିଲେ ହରି ଭାଉ। ଧୀରେ ଧୀରେ ତାଙ୍କର ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ଏପରି ହେଲା ଲୋକମାନେ ପଇସା ବଦଳରେ ଧାନ, ଋଉଳ ଦେଲେ। ପରିବାରର ଲୋକମାନେ ଭଲରେ ଚଳିଲେ। ବାରିକ କାମପାଇଁ ଶାନ୍ତିଙ୍କୁ ଆଖପାଖ ଗାଁ ଲୋକମାନେ ଡାକିଲେ। ଶାନ୍ତି ସେହି ପଇସାରେ ଘର ତିଆରି କରି ଋରିଝିଅଙ୍କୁ ବାହାଘର ବି କରାଇପାରିଲେ। ଶାନ୍ତିଙ୍କୁ ଏବେ ୮୦ ବର୍ଷରୁ ଅଧିକ ହେଲାଣି। ନାରୀ ପୁରୁଷଠାରୁ କୌଣସି ଗୁଣରେ କମ୍ ନୁହେଁ ଏବଂ ସେ ଆତ୍ମନିର୍ଭରଶୀଳ ହେବାପାଇଁ ଏବଂ ପରିସ୍ଥିତିରେ ନିଜକୁ ଖାପଖୁଆଇ ଚଳିବାପାଇଁ ଯଥେଷ୍ଟ ସାମର୍ଥ୍ୟ ଅଛି। ଏକ ସେଲୁନ୍ ଦୋକାନ କରି ନିଜକୁ ରୋଜଗାରକ୍ଷମ କରିବାରେ ସେ ପାଲଟିଯାଇଛନ୍ତି ଏକ ପ୍ରେରଣା ଏବଂ ଭାରତର ଆଜି ସେ ପ୍ରଥମ ମହିଳା ବାରିକ ଭାବରେ ପରିଚିତ।



## ଭାରତର ଦ୍ୱିତୀୟ ବୃହତ୍ତମ ଧନୀ ଗୌତମ ଆଦାନୀ :-

୧୯୮୦ ମସିହା ଶେଷବେଳକୁ କମୋଡିଟି ଟ୍ରେଡିଙ୍ଗ୍ ଆରମ୍ଭ କରିଥିଲେ କିନ୍ତୁ ଆଜିର ଦିନରେ ସେ ମୁକେଶ ଅମ୍ବାନୀଙ୍କ ପଛରେ ଭାରତର ୨ୟ ବଡ଼ ଧନୀ ଏବଂ ତାଙ୍କର ସଂପତ୍ତିର ମୂଲ୍ୟ ୫୬ ଅରଫ୍ ଡଲାର ଅଟେ। ତାଙ୍କୁ ଭାରତର ଇନ୍‌ଫ୍ରାଷ୍ଟ୍ରକ୍‌ଚର ବାଦ୍‌ସାହ ବୋଲି କୁହାଯାଏ। ବିଶେଷକରି ତାଙ୍କର ବ୍ୟବସାୟ ମଧ୍ୟରେ ମାଇନିଙ୍ଗ୍, ବନ୍ଦର, ବିଜୁଳି, ଏୟାର୍‌ପୋର୍ଟ, ଡାଟା ସେଣ୍ଟର ଏବଂ ଡିଫେନ୍ସ ରହିଛି। ଆଦାନୀ ଗ୍ରୁପ୍‌ର



ସେୟାର ଦ୍ରୁତଗତିରେ ବୃଦ୍ଧିପାଉଛି। ଏବେ କମ୍ ସମୟ ମଧ୍ୟରେ ସେ ୭ଟି ଏୟାରପୋର୍ଟର ଦାୟିତ୍ୱ ନେଇଛନ୍ତି। ଏହାଦ୍ୱାରା ଏକ ଚତୁର୍ଥାଂଶ ଏୟାର ଟ୍ରାଫିକ୍ ତାଙ୍କଦ୍ୱାରା ନିୟନ୍ତ୍ରଣରେ ରହିଛି। ୨୦୨୫ ବେଳକୁ ସେ ନବୀକରଣ ଯୋଗ୍ୟ ଶକ୍ତିକୁ ଆଠଗୁଣ ବଢ଼ାଇବାପାଇଁ ଯୋଜନା ରଖିଛନ୍ତି। ଶ୍ରୀଲଙ୍କାର ପୋର୍ଟ ଟର୍ମିନାଲକୁ ସଂଯୁକ୍ତ ଭାବେ ବିକାଶ କରିବାପାଇଁ କଂଟ୍ରାକ୍ଟ ହାସଲ କରିଛି। ସରକାରଙ୍କର ନିକଟତର ହୋଇପାରିଥିବାରୁ ଆଦାନୀ ଅନେକଗୁଡ଼ିଏ ସୁବିଧା ସରକାରଙ୍କଠାରୁ ପାଇପାରିଛନ୍ତି।

ଆଦାନୀ ଗୁଜୁରାଟର ବାସିନ୍ଦା। ସେ ମୋଦୀଙ୍କୁ ଗୁଜୁରାଟରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଖୋଲାଖୋଲି ଭାବେ ସମର୍ଥନ କରୁଥିଲେ। ୨୦୦୩ ରେ ଗୁଜୁରାଟରେ ସେ ଗ୍ଲୋବାଲ୍ ଇନ୍‌ଭେଷ୍ଟମେଣ୍ଟ ସମ୍ମିଳନୀ ଆରମ୍ଭ କରିଥିଲେ ଯାହା ୨ବର୍ଷରେ ଥରେ ଆୟୋଜିତ ହେଉଛି। ମୋଦୀଙ୍କ ଜୀବନୀ ଲେଖିଥିବା ନିରଞ୍ଜନ ମୁଖୋପାଧ୍ୟାୟଙ୍କ ମତରେ ୨୦୦୩ ରୁ ମୋଦୀ ଏବଂ ଆଦାନୀଙ୍କ ସଂପର୍କ ରହିଛି।

## କେ. ପଦ୍ମରାଜନ୍ - ୬୧ ବର୍ଷୀୟ ସ୍ୱାଧୀନ ପ୍ରାର୍ଥୀ :-

କେ. ପଦ୍ମରାଜନ୍ ଜଣେ ୬୧ ବର୍ଷୀୟ ବ୍ୟକ୍ତି ଯିଏ ୧୯୮୮ ମସିହାରୁ ନିର୍ବାଚନ ଲଢୁଥିଲେ ବି ଏବେବି ବିଜୟର ସ୍ୱାଦ ଋଖିନାହାନ୍ତି। ସେ ଅଟଳ ବିହାରୀ ବାଜପେୟୀ, ମନମୋହନ ସିଂ, ଜୟ ଲଳିତା, କରୁନା ନିଧି, ଏ.କେ. ଆନ୍ଥୋନୀ, ୟେଦି ଇଉରୋପା, ଏସ୍.ଏମ୍.କ୍ରିଷ୍ଣା, ଏ.ପି.ଜେ. ଅବ୍‌ଦୁଲ କାଲାମ୍, ରାମାନାଥ କୋବିନ୍ଦ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ଏବେ କେରଳର ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ ଏବଂ ତାମିଲନାଡୁର ମୁଖ୍ୟମନ୍ତ୍ରୀ କେ.ପଲାନି ସ୍ୱାମୀଙ୍କ ବିରୋଧରେ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଅଣ୍ଟା ଭିଡ଼ିଛନ୍ତି। ନିଜର ୨୧୭ତମ ନାମାଙ୍କନ ଭରି ସେ ଖୁସିରେ ଅଛନ୍ତି ଏବଂ ଚଳିତଥର ହାରିବେ ବୋଲି ଜାଣିଛନ୍ତି। ପ୍ରାୟ ୩୩ ବର୍ଷ ହେଲା ନିର୍ବାଚନରେ ୫୦ଲକ୍ଷ ଖର୍ଚ୍ଚ କରିସାରିଲେଣି। ଏପରି ନିଶା ଲିମ୍‌କା ବୁକ୍ ଅଫ୍ ରେକର୍ଡ଼ସ୍‌ରେ ତାଙ୍କୁ ସ୍ଥାନିତ କଲେମଧ୍ୟ ଆହୁରି ସେ ରେକର୍ଡ଼ କରିବାପାଇଁ ଆଶାବାଦୀ ଅଛନ୍ତି।

# ବିଶ୍ୱ ସୃଷ୍ଟି ଦିବସ



**(ଅପ୍ରେଲ ୧୩, ଚୈତ୍ର ଶୁକ୍ଳ ପ୍ରତିପଦା ଉପଲକ୍ଷେ)**

**ପଦ୍ମନାଭ ସ୍ୱାଇଁ**

ଭାରତୀୟ କାଳଗଣନା ପ୍ରାଚୀନବୈଦିକ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ହୋଇଥାଏ। ଏହା ବିଶ୍ୱର ପ୍ରାଚୀନତମ ପଦ୍ଧତି। ଏହି କାଳଗଣନା ପଦ୍ଧତିରେ ପ୍ରତ୍ୟେକ ସୃଷ୍ଟିକାଳକୁ ବ୍ରହ୍ମଦିନ ଏବଂ ପ୍ରଳୟକାଳକୁ ବ୍ରହ୍ମରାତ୍ରି କୁହାଯାଏ। ପ୍ରତ୍ୟେକ ସୃଷ୍ଟି ଓ ପ୍ରଳୟର ଅବଧି ଏକହଜାର (୧୦୦୦) ଚତୁର୍ଯୁଗୀ ହୋଇଥାଏ। ପୁଣି ଦିବାରାତ୍ରି ପରି ଏହି ସୃଷ୍ଟି ଓ ପ୍ରଳୟର ଚକ୍ର ଅନାଦି କାଳରୁ ନିରନ୍ତର ଚାଲିଛି।ସୃଷ୍ଟି ଉତ୍ପତ୍ତି ସମ୍ବନ୍ଧରେ "ହିମାଦ୍ରୀ" ଜ୍ୟୋତିଷ ଗ୍ରନ୍ଥରେ କୁହାଯାଇଛି -

**ଚୈତ୍ରେ ମାସି ଜଗଦ୍‌ବ୍ରହ୍ମା ସସର୍ଜ ପ୍ରଥମେଽହନି।**
**ଶୁକ୍ଳ ପକ୍ଷେ ସମଗ୍ରନ୍ତୁ, ତଦା ସୂର୍ଯ୍ୟୋଦୟେ ସତି।।**

ଅର୍ଥାତ୍ ଚୈତ୍ର ମାସ ଶୁକ୍ଳ ପକ୍ଷର ପ୍ରଥମ ଦିନରେ ନୂତନ ସୂର୍ଯ୍ୟୋଦୟ ସହିତ ପରମାତ୍ମା ଏହି ସୃଷ୍ଟିର ରଚନା କଲେ।ପ୍ରସିଦ୍ଧ ଜ୍ୟୋତିଷାଚାର୍ଯ୍ୟକୃତ 'ସିଦ୍ଧାନ୍ତ ଶିରୋମଣି'ରେ ମଧ୍ୟ କୁହାଯାଇଛି କି ଚୈତ୍ର ମାସ ଶୁକ୍ଳ ପକ୍ଷର ପ୍ରଥମ ତିଥିରେ ଦିନ, ମାସ, ବର୍ଷ, ଯୁଗ ଆଦି ଏକତ୍ର ଆରମ୍ଭ ହୁଏ। ଏଥିରୁ ଜଣାଯାଏ କି ଏହି ତିଥିରେ ହିଁ ବ୍ରହ୍ମଦିନ, ସୃଷ୍ଟି ସମ୍ବତ୍, ବୈବସ୍ୱତାଦି ମନ୍ୱନ୍ତର, ସତ୍ୟ-ତ୍ରେତୟା ଆଦିଯୁଗ ଆରମ୍ଭ ହୋଇଥାଏ। ଏହିପରି ଅନେକ ପ୍ରାଚୀନ ଜ୍ୟୋତିଷ ଗ୍ରନ୍ଥରୁ ଜଣାଯାଏ ସୃଷ୍ଟିର ଉତ୍ପତ୍ତି ଚୈତ୍ର ଶୁକ୍ଳ ପ୍ରତିପଦାରେ ହୋଇଥିଲା ଏବଂ ସେହି ଦିନ ବିଷୁବ ସଂକ୍ରାନ୍ତିରେ ପ୍ରଥମ ସୂର୍ଯ୍ୟୋଦୟ ହୋଇଥିଲା। ପରବର୍ତ୍ତୀ ସମୟରେ ସୌରବର୍ଷ ଏବଂ ଚନ୍ଦ୍ର ବର୍ଷ ମଧ୍ୟରେ ରହିଥିବା ପ୍ରଭେଦ ଯୋଗୁଁ ଉଭୟ ବିଷୁବ ସଂକ୍ରାନ୍ତି ଏବଂ ଚୈତ୍ର ଶୁକ୍ଳ ପ୍ରତିପଦା ଗୋଟିଏ ଦିନରେ ହେବା ସମ୍ଭବ ହେଉନାହିଁ। ପ୍ରାୟତଃ ଦେଖାଯାଏ ଅନେକ ବ୍ୟକ୍ତି ଚୈତ୍ରଶୁକ୍ଳ ପ୍ରତିପଦାକୁ ନବବର୍ଷ ରୂପେ ପାଳନ କରୁଥିବା ବେଳେ ଆଉ କିଛି ଲୋକ ବିଷୁବ ସଂକ୍ରାନ୍ତିକୁ ନବବର୍ଷ ରୂପେ ପାଳନ କରନ୍ତି। ତେବେ ଉଭୟ (ଚନ୍ଦ୍ର ଓ ସୌର) ଗଣନା ବୈଦିକ ଜ୍ୟୋତିଷଶାସ୍ତ୍ର ସମ୍ମତ ଅଟେ। ବିଭିନ୍ନ ଋତୁମାନଙ୍କର ବ୍ୟବସ୍ଥା ସୌର(ଗଣନା)ବର୍ଷ ଅନୁସାରେ ହୋଇଥାଏ, ତଦନୁସାରେ ପଶ୍ଚିମବଙ୍ଗରେ ବଙ୍ଗାବ୍ଦ ଦକ୍ଷିଣ ଭାରତର ଅନେକ ରାଜ୍ୟରେ ଶାଳିବାହନଶକ ଏବଂ ପଞ୍ଜାବରେ ପ୍ରବିଷ୍ଟା ପ୍ରଚଳନ ହୋଇଆସୁଛି।

ସମଗ୍ର ବିଶ୍ୱରେ ଅନେକ ପ୍ରକାର କାଳଗଣନା ପଦ୍ଧତି ପ୍ରଚଳନ ହେଉଛି, ହେଲେ କେବଳ ଭାରତବର୍ଷ ହିଁ ଏପରି ଏକ ରାଷ୍ଟ୍ର ଯେଉଁଠି ସର୍ବ ପ୍ରାଚୀନ ତଥା ସର୍ବାଧିକ କାଳଗଣନା ପଦ୍ଧତି ପ୍ରଚଳିତ। ଏହି ସୃଷ୍ଟିର ଆୟୁ ସମ୍ବନ୍ଧରେ ପାଶ୍ଚାତ୍ୟ ବୈଜ୍ଞାନିକମାନେ ଅନେକ ଗବେଷଣା କରି ରେଡିୟମ୍ ଆବିଷ୍କାର ପରେ ପ୍ରାୟ ଦୁଇଶହ (୨୦୦) କୋଟି ବର୍ଷ ହେବ ବୋଲି ଅନୁମାନ କରୁଛନ୍ତି। ତେବେ ଆମ ଭାରତୀୟ ପରମ୍ପରାରେ ଅଦ୍ୟାବଧି ପ୍ରଚଳିତ କାଳଗଣନା ବା ପ୍ରାଚୀନ ଭାରତୀୟଙ୍କ ସଂଖ୍ୟାଗଣନାରେ ଅଭୂତପୂର୍ବ ସଫଳତା ଯୋଗୁଁ ଏହି ସୃଷ୍ଟିର ଆୟୁ ସମ୍ବନ୍ଧରେ ଏକ ନିର୍ଭୁଲ ସ୍ପଷ୍ଟ ଚିତ୍ର ଆଜି ଆମନିକଟରେ ଉପଲବ୍ଧ। ବୈଦିକ ସଂସ୍କୃତିରେ ଦୈନିକ ଅଗ୍ନିହୋତ୍ର ବା ଯେ କୌଣସି ଶୁଭକର୍ମ (ସଂସ୍କାର) ସମୟରେ ଯେଉଁ ସଂକଳ୍ପ ପାଠ କରାଯାଏ ଯଥା - ଓମ୍ ତତ୍‌ସତ୍ ଶ୍ରୀ ବ୍ରହ୍ମଣୋ ଦ୍ୱିତୀୟେ ପ୍ରହରୋତ୍ତରାର୍ଦ୍ଧେ .......... ଆଦିରୁ ଏହି ସୃଷ୍ଟିର ଆୟୁ ସମ୍ବନ୍ଧରେ ନିମ୍ନ ଲିଖିତ ତଥ୍ୟ ମିଳିଥାଏ।

ଅର୍ଥାତ୍ ଚଳିତ ୨୦୨୧ ଅପ୍ରେଲ ୧୩ ତାରିଖ ଚୈତ୍ର ଶୁକ୍ଳ ପ୍ରତିପଦାରେ ଏହି ବିଶ୍ୱସୃଷ୍ଟିର ଅବଧି ୧୯୬,୦୮,୫୩,୧୨୨ (ଏକଶତ ଛୟାନବେ କୋଟି ଆଠଲକ୍ଷ ତେପନ ହଜାର ଏକଶତ ବାଇଶି) ବର୍ଷରେ ପହଞ୍ଚିଛି।

ଅତଃ ପ୍ରତ୍ୟେକ ସଚେତନ, ସ୍ୱାଭିମାନୀ, ସଂସ୍କୃତିପ୍ରେମୀ ବ୍ୟକ୍ତି ଈଶ୍ୱରଙ୍କର ଏହି ମହାନ ସୃଷ୍ଟିକୁ ଭଲ ପାଇବା ଏବଂ ସ୍ରଷ୍ଟାଙ୍କ ପ୍ରତି କୃତଜ୍ଞତା ଜଣାଇବା ସଙ୍ଗେସଙ୍ଗେ ଆମର ମହାନ୍ ପ୍ରାଚୀନ ପରମ୍ପରାକୁ ସମ୍ମାନ ଜଣାଇ ଏହି ଚୈତ୍ର ଶୁକ୍ଳ ପ୍ରତିପଦା (ଅପ୍ରେଲ ୧୩)କୁ "ବିଶ୍ୱସୃଷ୍ଟି ଦିବସ ବା ନବବର୍ଷ" ରୂପେ ପାଳନ କରିବା ସଙ୍ଗେସଙ୍ଗେ, ଆଜିର ଏହି ଦିବସକୁ ଆତ୍ମସମୀକ୍ଷା ପୂର୍ବକ ନବୀନ ଶୁଭ ସଂକଳ୍ପର ଦିବସ ରୂପେ ପାଳନ କରିବା ଉଚିତ।

**ସଂପାଦକ - ଶ୍ରୁତିନ୍ୟାସ**
**ଚଳଭାଷ-୯୮୬୧୩୩୫୩୨୧**

୧) ବିଭିନ୍ନ ଯୁଗର ଅବଧି - ସତ୍ୟ = ୧୭,୨୮,୦୦୦ (ସତର ଲକ୍ଷ ଅଠାଇଶି ହଜାର ବର୍ଷ)
ତ୍ରେତୟା = ୧୨,୯୬,୦୦୦ (ବାରଲକ୍ଷ ଛୟାନବେ ହଜାର ବର୍ଷ)
ଦ୍ୱାପର = ୦୮,୬୪,୦୦୦ (ଆଠଲକ୍ଷ ଚଉଷଠି ହଜାର ବର୍ଷ)
କଳି = ୦୪,୩୨,୦୦୦ (ଚାରିଲକ୍ଷ ବତିଶି ହଜାର ବର୍ଷ)
ଏକ ଚତୁର୍ଯୁଗୀର ଅବଧି = ୪୩,୨୦,୦୦୦ (ତେୟାଳିଶି ଲକ୍ଷ କୋଡିଏ ହଜାର ବର୍ଷ)
ଏକ ମନୁ ବା ମନ୍ୱନ୍ତର =୭୧ ଚତୁର୍ଯୁଗୀ=(୪୩,୨୦,୦୦୦) ୭୧ = ୩୦,୬୭,୨୦,୦୦୦ ବର୍ଷ
(ତିରିଶି କୋଟି ସତଷଠି ଲକ୍ଷ କୋଡିଏ ହଜାର ବର୍ଷ)

୨) ବର୍ତ୍ତମାନ ଏହି ସୃଷ୍ଟିର ଆୟୁ ହେଲା -

| | | |
|---|---|---|
| ୬ ମନୁ = (୩୦,୬୭,୨୦,୦୦୦) ୬ | = | ୧୮୪,୦୩,୨୦,୦୦୦ ବର୍ଷ |
| ୭ମ ମନୁର ୨୭ ଚତୁର୍ଯୁଗୀ =( ୪୩,୨୦,୦୦୦)୨୭ | = | ୧୧,୬୬,୪୦,୦୦୦ ବର୍ଷ |
| ୨୮ତମ ଚତୁର୍ଯୁଗୀର ସତ୍ୟ ,ତ୍ରେତୟା ଓ ଦ୍ୱାପର | = | ୩୮,୮୮,୦୦୦ ବର୍ଷ |
| ମାର୍ଚ୍ଚ୨୫ ତାରିଖରେ କଳିଯୁଗର ଆୟୁ ହେଉଛି | = | ୫,୧୨୨ ବର୍ଷ |
| ସର୍ବ ମୋଟ | = | ୧୯୬,୦୮,୫୩,୧୨୨ ବର୍ଷ |

ଓଁ ନମଃ ଭଗବତେ ବାସୁଦେବାୟ
(ଧାରାବାହିକ ଉପନ୍ୟାସ)

# ଉଦ୍ଧବ



ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଳ୍ପ)

**ଉପୋଦ୍‌ଘାତ**

'ଉଦ୍ଧବ' – ଏହା କେବଳ ଗୋଟିଏ ଭାଗବତୀୟ ଚରିତ୍ର ନୁହେଁ କି କେବଳ ନାମବାଚକ ବିଶେଷ୍ୟ ଭାବରେ ଏହାର ଅର୍ଥ ସୀମିତ ନୁହେଁ। ଉଦ୍ଧବ, ଏକ ବିଶେଷଣ ବି! ଗୁଣ, ଧର୍ମ, ବର୍ଣ୍ଣ, କାର୍ଯ୍ୟ ଓ କାରଣର ବହୁଧା ସ୍ୱରୂପର ଏକାତ୍ମତା ଓ ଆତ୍ମୀୟତା ହେଉଛି ଉଦ୍ଧବ! ଏହା ଏକ ଭାବ, ଭାବନା, ଉଚ୍ଛ୍ୱାସ ଓ ଉପଲବ୍ଧି।

ଅନ୍ୟପକ୍ଷରେ, ଉଦ୍ଧବ ହେଉଛି ଜିଜ୍ଞାସାର ପରିଭାଷା! ଜୀବର ପ୍ରତ୍ୟେକ ଜିଜ୍ଞାସା ଭିତରେ ଉଦ୍ଧବର ଆତ୍ମା ଏବେବି ଉତ୍ତରର ସନ୍ଧାନ କରୁଛି। ଏବେବି ଉଦ୍ଧବର ଆତ୍ମା ସତ୍ୟର ସନ୍ଧାନରେ ମଗ୍ନ!

ଜିଜ୍ଞାସୁ ପ୍ରଶ୍ନ ପଚାରେ! ଅବିରତ ସେ ଧାରା।

ପ୍ରତ୍ୟେକ ଜିଜ୍ଞାସୁ ପ୍ରଶ୍ନ ପଚାରନ୍ତି, ମାତ୍ର ପ୍ରତି ପ୍ରଶ୍ନକର୍ତ୍ତା ଜିଜ୍ଞାସୁ ନୁହଁନ୍ତି! କାରଣ, ପ୍ରଶ୍ନକର୍ତ୍ତା ପାଖରେ ଅହଂକାର ଓ ଆତ୍ମଶ୍ଲାଘା ଥାଏ; ମାତ୍ର, ଜିଜ୍ଞାସୁର ପ୍ରଶ୍ନିଳମନରେ ଆତ୍ମଦର୍ଶନର କୋମଳତା ଓ ନମନୀୟତା ଥାଏ। ଉଦ୍ଧବ ଏଇମିତି ଏକ ଆତ୍ମଦର୍ଶୀ  ନମନୀୟ ଓ କମନୀୟ ଚରିତ୍ର!

ଉପସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଏହା ଖୁବ୍ କମ୍ ହୋଇଥିଲେ ମଧ୍ୟ ଉଦ୍ଧବଙ୍କ ବିନା ଉପସ୍ଥିତିରେ ଭାଗବତର ଗୁଣଧର୍ମ ବିକଶିତ ହୋଇପାରିନଥା'ନ୍ତା। ଜ୍ଞାନ ଓ ଭକ୍ତିର ମନ୍ଦାକିନୀ ବୁହାଇ ଭାଗବତକୁ ଭାବଗତ କରାଇବା ଓ ପରମପୁରୁଷ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀକୁ ପ୍ରଚାର ପ୍ରସାର କରିବା ଉଦ୍ଧବଙ୍କ ମୁଖ୍ୟ ଉଦ୍ଦେଶ୍ୟ।

ମହାଭାରତୀୟ ଯୁଗରେ ଶ୍ରୀକୃଷ୍ଣଙ୍କ ମୁଖରୁ ପ୍ରତ୍ୟକ୍ଷଭାବେ ଦୁଇଜଣ ଗୀତା ଶ୍ରବଣ କରିଥିବାର ସୌଭାଗ୍ୟପ୍ରାପ୍ତ ହୋଇଛନ୍ତି। ଜଣେ ମହାଭାରତର ଅର୍ଜୁନ ଓ ଆଉ ଜଣେ ଭାଗବତର ଉଦ୍ଧବ! ଅର୍ଜୁନ ମହାଭାରତରେ ଭାଗବତ ଗୀତା ଶୁଣିଥିବାବେଳେ ଉଦ୍ଧବ ଭାଗବତରେ ହଂସଗୀତା ନାମାନ୍ତରେ ଉଦ୍ଧବଗୀତା ଶ୍ରବଣ କରିଛନ୍ତି।

ଏପରିଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଚରିତ୍ରକୁ ନେଇ ଉପନ୍ୟାସ ରଚନା ଭଳି ଏକ ବୃହତ୍ ପ୍ରୟାସ କେତେ ଫଳବତୀ ହେବ ଜାଣେନା। ତେବେ, ଉପୋଦ୍‌ଘାତରେ ଏତିକି ସୂଚନା ଦେବାକୁ ଚାହିଁବି ଯେ, ବଦ୍ରିକାଶ୍ରମରେ ଉଦ୍ଧବ ଯୋଗାରୂଢ଼ ଅବସ୍ଥାରେ ପ୍ରାଣ ବିସର୍ଜନ କରିବା ପରେ ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ପରବର୍ତ୍ତୀ ସମୟରେ ଉଦ୍ଧବଙ୍କର ଶ୍ରୀକୃଷ୍ଣ-ବିରହବିଧୁରିତ ଆତ୍ମା ମର୍ତ୍ତ୍ୟଧାମରେ ସତ୍‌ସଙ୍ଗ କରିବାର ମନସ୍କତାପୂର୍ବକ ମର୍ତ୍ତ୍ୟବିହାର ଏକ କାଳ୍ପନିକତା ହୋଇପାରେ, ମାତ୍ର ପ୍ରତ୍ୟେକେ ଜଣେ ଜଣେ ଉଦ୍ଧବ ବୋଲି ନିଜକୁ ବିଚାରକରି ବା ନିଜକୁ ନିଜେ ଉଦ୍ଧବଙ୍କ ପୁନର୍ଜନ୍ମ ବୋଲି ବିଶ୍ୱାସ କରି ଏହାକୁ ପାଠକଲେ ଏହାର ରହସ୍ୟ ଭେଦ କରିହେବ ଓ ଉପନ୍ୟାସର ଧାରାକୁ ଧାରଣ କରିହେବ ବୋଲି ମୋର ବିଶ୍ୱାସ। ମୋର ଅନ୍ୟ ଲେଖାଗୁଡ଼ିକ ଭଳି ଏଇଟି ଆପଣମାନଙ୍କୁ ଭଲଲାଗିଲେ ଶ୍ରମ ସାର୍ଥକ ହେବ।

ଅଳଂମତି ବିସ୍ତରେଣ
ସତ୍ୟ ସାମନ୍ତରାୟ

## ଶେଷରୁ ଆରମ୍ଭ

ଯେତେଥର ତୁମକୁ ଆରମ୍ଭ କରିବି ବୋଲି ଭାବିଛି, ସେତେଥର ମୁଁ ମୋ ଭିତରେ ଶେଷ ହୋଇଯାଇଛି ! ଆରମ୍ଭ କରିବାର ବିବଶତା ଓ ଶେଷ ହୋଇଯାଉଥିବାର ଗ୍ଲାନି ମୋତେ ମୁହୁର୍ମୁହୁ ଦଂଶନ କରିଛି!

ହେ ବାସୁଦେବ! ଏ ଦଂଶନର ଶେଷ କେବେ?

ତୁମକୁ ଭାବିବା ଆରମ୍ଭ କଲେ ମୁଁ ନିଷ୍ପ୍ରାଣ ହୋଇଯାଉଛି!

ତୁମକୁ କହିବା ଆରମ୍ଭ କଲେ ମୁଁ ଦେହଜ୍ଞାନ ହରାଉଛି !

ତୁମକୁ ଶୁଣିବା ଆରମ୍ଭକଲେ ମୁଁ ଜଡ଼ ପାଲଟିଯାଉଛି !

ତୁମକୁ ପଢ଼ିବା ଆରମ୍ଭକଲେ ମୁଁ ଆତ୍ମସତ୍ତା ହରେଇ ବସୁଛି!

ତୁମକୁ ଦେଖିବା ଆରମ୍ଭ କଲେ ଏକ ଶ୍ୟାମଳ ଅନ୍ଧକାର ମୋତେ ଘୋଡ଼େଇପକାଉଛି!

ଜୀବନର କୌଣସି ସ୍ୱତନ୍ତ୍ରତା କି ସ୍ୱାଧିନତା ମନ ଉହାଡ଼ରୁ କେତେବେଳେ କେମିତି ଉଙ୍କି ମାରୁମାରୁ ତୁମର ମୁରବିପଣିଆ ମୋତେ ଆକଟ କରୁଛି।

କଣ ପାଇଁ ?

ତୁମେ କଣ ଚାହଁ ମୁଁ ସବୁକାଳେ, ସବୁ ଯୁଗରେ କେବଳ କିଏ, କଣ, କାହିଁକି, କିପରି, କୋଉଠି, କାହାର, କାହାପାଇଁ,
କାହାଦ୍ୱାରା  ଭଳି ଗୁଡ଼ାଏ ପ୍ରଶ୍ନ ଭିତରେ ଛନ୍ଦି ହେଉଥାଏ ! ଯୁଗରୁ ଯୁଗାନ୍ତର ଯାଏଁ ଏମିତି ପ୍ରଶ୍ନିଳ ମନ ଓ ଆପେକ୍ଷିକ ଚରିତ୍ରଟିଏକୁ  ନେଇ ବଞ୍ଚିବା କେତେ ଆୟାଶସାଧ୍ୟ, ଏକଥା  ତୁମଠୁ ଆଉ ଅଧିକା କିଏ ଜାଣେ ଯେ?

ତୁମେ ପରା ପରାଧିନତାକୁ ସ୍ୱୀକାର କରନା କି ଅନ୍ୟର ତୋଷାମଦିକୁ ଗ୍ରହଣ କରନା ! ତୁମେ ପରା କାହାର ଉପଦେଶକୁ ଖାତିର କରନା କି କାହାର ବଚସ୍କର ହେବାକୁ ଭଲପାଅନା ! ତୁମେ ପରା କାହା ପାଖରେ ନଇଁ ପଡ଼ିବାକୁ ଅପମାନ ବୋଲି ଭାବ!

ତେବେ, ଅନ୍ୟଠାରେ ସେହି ଏକାକଥାକୁ ଆରୋପକରିବାକୁ ତୁମେ କାହିଁକି ବାଧ୍ୟ ହୁଅ? ଏହା ତୁମର ବାଞ୍ଛିତ କାର୍ଯ୍ୟ ନୁହେଁ ତ ଆଉ କଣ ?

ଏହା ତୁମର ବଡ଼ପଣିଆ ନା ବଡ଼ଲୋକୀର ଅହଂକାର ?

ଏହାକୁ ତୁମ ଦୋଷହୀନ ଚରିତ୍ରର ଦୋଷଦୃଷ୍ଟ ପ୍ରକୃତି ବୋଲି ଭାବିବି କି ?

ମୁଁ ତ ତୁମରି ପାଖରେ ବନ୍ଧା ପଡ଼ିଛି କାଳରୁ କାଳାନ୍ତର ଯାଏଁ ! ତୁମରି କଥାରେ ଉଠୁଛି, ତୁମରି କଥାରେ ବସୁଛି। ହସ, କାନ୍ଦ, ରାଗ, ରୁଷା, ଅଭିମାନ, କୋହ, ମୋର ତେଲଲୁଣ, ଜୀବନ ଆଉ ଯନ୍ତ୍ରଣା ସବୁ ତ ତୁମରି ପାଖରେ ବନ୍ଦୀ ! ତୁମକୁ କି କେବେ ଦୋଷ ଦେଇପାରେ ?

ଖାଲି ଟିକିଏ ଅଭିମାନ ! କେବେ ଭାବିବନି ଅଭିଯୋଗ ବୋଲି ମ ! ଏହାକୁ ତୁମେ ମୋର ଅନ୍ୟ ଏକ ଜିଜ୍ଞାସା ବୋଲି ଭାବିପାର !

ମୋ କଥାରେ ସେଦିନ ତମେ ଢେର ହସିଥିଲ! ଏମିତି ହସିଥିଲ ଯେ ସେ ହସ କେତେ ବାଟ ଲମ୍ବିଗଲା ଓ କେତେ ସମୟ ପାଇଁ ତାହା ମୁଁ ବୁଝି ପାରିଲିନି! ତମ ହସ ବନ୍ଦ ହେଲାବେଳକୁ ମୁଁ ମୋତେ ଅନ୍ୟ ଏକ ସ୍ଥାନରେ ଆବିଷ୍କାର କଲି!

ଏକ ନୂଆ ପରିବେଶ ଓ ପରିଜନଙ୍କ ଗହଣରେ !

ସବୁ ଓ ସମସ୍ତେ ଅପରିଚିତ!

ତୁମେ କିନ୍ତୁ ସେମିତି ସେଇ ଶେଷହୀନ ହସ ହସୁଥିଲ !

ମୋର ନୂଆ ପରିବେଶ ମୋତେ ଯେତିକି କୋଳେଇ କୋଳେଇ ନେଲା, ତୁମ ହସ ସେତିକି କମିକମି ଗଲା !

ହଠାତ୍ ଦିନେ ଦେଖିଲି ତୁମ ହସ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ଯେହେତୁ ମୁଁ ସେତେବେଳକୁ ମୋର ପରିବେଷ୍ଟନୀ ଏବଂ ପରିଜନଙ୍କ ସହିତ ଖୁବ୍ ଭାବେ ଆକ୍ରାନ୍ତ ଓ ସଂକ୍ରମିତ ହୋଇଯାଇଛି!

ସଂସାରୀ ସଂକ୍ରମଣ !

ସଂସାରୀ ସଂକ୍ରମଣର ଏକ ସୁଦୂରପ୍ରସାରୀ ପ୍ରଭାବ ଥାଏ ବୋଲି ଶୁଣିଥିଲି। ଏବେ ଅଙ୍ଗେ ନିଭେଇଲି। ତାହା ସବୁକିଛିକୁ ଭୁଲେଇଦେଲା - ଅତୀତ, ଭବିଷ୍ୟତ ଏମିତି କି ବର୍ତ୍ତମାନକୁ ବି !

ସବୁକୁ ଭୁଲିଗଲି ----- କୋଉଠି ଥିଲି, କୋଉଠୁ ଆସିଲି, କଣ ପାଇଁ ଆସିଲି, ମୋତେ କିଏ ପଠେଇଲା, ତାର ନାଁ, ଗାଁ, ଠିକଣା ସବୁ ଭୁଲିଗଲି ! ତୁମ ସହ ମୋର ଭାବ, ଅଭାବ, ରାଗ, ରଷା, ଅଭିମାନ, ହସ, କାନ୍ଦ ଏମିତିକି ତୁମ ହସକୁ ବି ଭୁଲିଗଲି !

ଆଜି କିନ୍ତୁ ସେହି ଅତୀତର କଥା ମନେପଡ଼ି ମୋତେ ଆକ୍ରାମାକ୍ରା କରୁଛି। ମନେ ପଡୁଛି ମୋର ସେଦିନର ତୁମ ପ୍ରତି କରିଥିବା ଅଭିମାନ ଓ ମୁଁ ପଚାରିଥିବା ସେହି ପ୍ରଶ୍ନ! ଯଦିଓ ସେ ପ୍ରଶ୍ନର ଉତ୍ତର ସେଦିନ ସେହି ହସ ଭିତରୁ ମୁଁ ପାଇଯାଇଥିଲି!

ତୁମ ହସ ମୋତେ କହିଥିଲା ଆରମ୍ଭର ଅଧିକର୍ତ୍ତା କେବଳ ମୁଁ ! ଆଉ ସମସ୍ତେ ହେଲେ ଶେଷର ସନ୍ତକ! ଶେଷରୁ ସୃଷ୍ଟି ଓ ଶେଷରେ ହିଁ ବିଲୟ ! ଆରମ୍ଭ କରିବାର ଦୁଃସାହସ କରନାହିଁ ! ଆରମ୍ଭରୁ ଆରମ୍ଭ କରିବାର ଆସ୍ପର୍ଦ୍ଧା ଯିଏ କରିଛି ତାର ବିଲୟ ଅବଶ୍ୟମ୍ଭାବୀ !

ଏହା ସମୟର କଥା - ଇତିହାସର କଥା !!!
(କ୍ରମଶଃ)

**ବେଗୁନିଆ, ଜି- ଖୋରଧା**
ମୋ - ୯୪୩୮୭୩୪୮୧୬



# କରୋନା ପାଇଁ ବିଶେଷ ଆୟୁରର୍ବେଦିକ୍ ଉପଚାର

**ଡ. ରାଜଶ୍ରୀ ଉପାଧ୍ୟାୟ**



ସାରା ବିଶ୍ୱରେ କରୋନାର ତାଣ୍ଡବ ଲୀଳା କାୟା ବିସ୍ତାର କରି ଅସ୍ତବ୍ୟସ୍ତ କରିସାରିଲାଣି। ଦୈନ୍ୟଦିନ ଜୀବନଶୈଳୀରେ ବାଧାପ୍ରାପ୍ତ ହେଉଛି ଯେତେ ଶୁରକ୍ଷିତ ରହିଲେ ବି କମ୍ ଲାଗୁଛି। ଆଶାହରା ନହୋଇ ଜୀବନ ଯୁଦ୍ଧରେ ହାରି ନଯାଇ ମହାମାରୀଠାରୁ ଦୂରେଇ ରହିବା ପାଇଁ ନିଜ ମନ, ଶରୀର, ଚିନ୍ତାଧାରାକୁ ଦୃଢ଼ ରଖି ଜୀବନ ଅତିବାହିତ କଲେ କେବେ ବି ପଥଶ୍ରାନ୍ତ ହେବାନାହିଁ। ଆଜି ନିଜ ପରୀକ୍ଷା ନିଜ ହାତରେ। ଆସନ୍ତୁ ଜାଣିବା କିଛି ନୂତନ ତଥ୍ୟ ଯାହା ଆମର ଅର୍ନ୍ତନିହତ ଶକ୍ତିକୁ ବଢ଼ାଇ ପାରିବ।

୧. ଦିବାରାତ୍ରୀ ଓ ଋତୁ ଅନୁସାରେ ଖାଦ୍ୟ ପଦାର୍ଥ ସେବନ କରିବା।
୨. ନିୟମିତ ୧-୨ ଘଣ୍ଟା ଯୋଗ ପ୍ରାଣାୟମ ଅଭ୍ୟାସ ରଖିବା।
୩. ପ୍ରାତଃ ସମୟରେ ଚା, କଫି ବଦଳରେ ଉଷୁମ ପାଣି ପିଇବା।
୪. ବିରୁଦ୍ଧ ଆହାର ବିହାରକୁ ତ୍ୟାଗ କରିବା। କାରଣ ଏହା ନାନା ରୋଗର କାରର ହୋଇଥାଏ।
୫. ଆୟୁରର୍ବେଦ ଶାସ୍ତ୍ର ଓ ଯୋଗ ଶାସ୍ତ୍ରକୁ ଆପଣେଇବା ଓ ପୂର୍ଣ୍ଣ ଆରୋଗ୍ୟ ଲାଭ କରିବା।
୬. ରାତ୍ରୀରେ ଶୋଇବା ସମୟରେ ଗରମ କ୍ଷୀର ସହିତ ଅଶ୍ୱଗନ୍ଧା ଚୂର୍ଣ୍ଣ ହଳଦୀ ମିଶାଇ ସେବନ କରିବା।
୭. ମଦ୍ୟ ପାନ, ଦୂଷିତ ଖାଦ୍ୟ, ଅତ୍ୟଧିକ ତେଲ ମସଲା ଠାରୁ ଦୂରରେ ରହିବା ଭଲ।
୮. ବିଶେଷ କିଛି କାମ ନଥିଲେ ବାହରକୁ ଯିବା ନାହିଁ। ଦୂରତା ରକ୍ଷା କରିବା, ହାତ ବାରମ୍ବାର ପ୍ରକ୍ଷାଳନ କରିବା ଓ ତତ୍‌ସହିତ ଆଗାମୀ ପଢ଼ିକୁ ଉଚିତ୍ ଶିକ୍ଷା ପ୍ରଦାନ କରିବା।

ଉକ୍ତ ପଦ୍ଧତିକୁ ଅବଲମ୍ବନ କଲେ ଆମେ ନିଜକୁ ସୁସ୍ଥ ରଖିବା ସହିତ ସୁସ୍ଥ ସମାଜ ଗଠନ କରିପାରିବା ଏବଂ ମହାମାରୀଠାରୁ ସମ୍ପୂର୍ଣ୍ଣ ଭାବରେ ଜିତିପାରିବା।

**ମାଧପୁର**
**କେନ୍ଦୁଝର, ଦୂରଭାଷ : ୯୦୭୮୪୩୯୧୧୯**



# ଗଜପତି ନରସିଂହ ଦେବ

**(୧୬୨୧-୧୬୭୪)**

**ଡ. ପ୍ରସନ୍ନ କୁମାର ଜେନା**

ପୁରୁଷୋତ୍ତମ ଦେବଙ୍କ ପରେ ଗଜପତି ନରସିଂହ ଦେବ ଖୋର୍ଦ୍ଧାର ରାଜା ହେଲେ। ପୁରୁଷୋତ୍ତମ ଦେବ ମୋଗଲ ଶାସନ ବିରୁଦ୍ଧରେ ରଣପୁର, ବାଣପୁର, ରାଜମହେନ୍ଦ୍ରୀର ରାଜାଙ୍କୁ ଏକାଠି କରିବାକୁ ଉଦ୍ୟମ କରିଥିଲେ। ଖୋର୍ଦ୍ଧା ରାଜ୍ୟର ଜମିଦାରମାନେ ରାଜାଙ୍କ ସହିତ ଥିଲେ। ଖୋର୍ଦ୍ଧାରେ କିମ୍ବା ଖୋର୍ଦ୍ଧା ଅଞ୍ଚଳରେ ରାଜାଙ୍କର ଉପସ୍ଥିତି ଯେକୌଣସି ସମୟରେ ବିଦ୍ରୋହ ସୃଷ୍ଟି କରିପାରେ ବୋଲି ମୋଗଲ ସୁବାଦାରଙ୍କର ଆଶଙ୍କା ଥିଲା। ଗଜପତି କଟକରେ ଅବସ୍ଥାନ କଲେ ମୋଗଲ ସୁବାଦାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିବେ ଓ ବିଦ୍ରୋହ କରିପାରିବେ ନାହିଁ, ଏହି ବିଚାରରେ ଗଜପତି ନରସିଂହ ଦେବ ସୁବାଦାରଙ୍କର ପ୍ରକୃତ ଉଦ୍ଦେଶ୍ୟ ସଠିକ ଅନୁମାନ କରି କଟକ ଗଲେନାହିଁ। ଏହି ଆଦେଶର ଅବମାନନା କରିବାରୁ ସୁବାଦାର ଅହମଦବେଗ ନରସିଂହ ଦେବଙ୍କୁ ପରିବାର ସହିତ କଟକରେ ଅବସ୍ଥାନ କରିବାକୁ ନିର୍ଦ୍ଦେଶ ଦେଲେ। ଅହମଦବେଗ ଖୋର୍ଦ୍ଧା ଆକ୍ରମଣ କଲେ। ଆଗରୁ ସତର୍କ ଥିବା ନରସିଂହ ଦେବଙ୍କ ସେନା ମଙ୍ଗଳାଯୋଡିଠାରେ ତାଙ୍କୁ ଘେରିଗଲେ। ବହୁ କଷ୍ଟରେ ଘେରାଭାଙ୍ଗି ଅହମଦବେଗ କଟକ ଫେରିଗଲେ। ମାଦଳାପାଞ୍ଜି ଅନୁସାରେ 'ଏ ମହାରାଜାଙ୍କ ୪ଅଙ୍କେ ଅହମଦବେଗ ବୋଇଲା କୁଟୁମ୍ବ ରାଜାଙ୍କର କଟକ ନିଅ। ଏଥକୁ ରାଜା ଅନ୍ଧାର ମହିମଠାରୁ ଭାଙ୍ଗି ମାଣତ୍ରି କଟକକୁ ବିଜେ କରିଥିଲେ। ତାଟିଭିତରୁ ପରମେଶ୍ୱରଙ୍କଠାରୁ ବ୍ରହ୍ମମାନ ବାହାର କରି ଦଇତାପତି ଲୁଗାରେ ପୂରାଇ ମାଣତିରି କଟକ ଶ୍ରୀନଅରେ ବିଜେ କରାଇଥିଲେ।ଏ ମହାରାଜା ଏ ଅହମଦବେଗଙ୍କୁ ଦରବନ୍ଧା କରିଥିଲେ। ମଙ୍ଗଳାଯୋଡିଠାରେ ଦରବନ୍ଧାରୁ ପେଲି ହୋଇ କଟକ ଗଲେ।'

## ଶାହାଜାହାନ ଓ ଓଡ଼ିଶା :-

ଗଜପତି ନରସିଂହ ଦେବଙ୍କ ସମୟର ଏକ ପ୍ରମୁଖ ଘଟଣା ହେଲା, ମୋଗଲ ଯୁବରାଜ ଶାହାଜାହନଙ୍କ ବିଦ୍ରୋହ ଓ ଦକ୍ଷିଣରୁ ଉତ୍ତରକୁ ଯିବା ପଥରେ ଓଡିଶା ଅଧିକାର। ଶାହାଜାହନ ଖୋର୍ଦ୍ଧାରେ ପହଞ୍ଚିବା ବେଳେ ନରସିଂହ ଦେବ ତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କର ବଶ୍ୟତା ସ୍ୱୀକାର କରିଥିଲେ ଓ ତାଙ୍କଦ୍ୱାରା ସମ୍ବର୍ଦ୍ଧିତ ହୋଇ ଫେରିଥିଲେ। ତାପରେ ଦୀର୍ଘ ୪ବର୍ଷକାଳ ସ୍ଥାନାନ୍ତର ହୋଇଥିବା ବିଗ୍ରହମାନଙ୍କୁ ଶ୍ରୀ ମନ୍ଦିରରେ ବିଜେ କରାଇ (୧୬୨୪) ଶଂଖୁଡି ମଣୋହି ବା ମହାପ୍ରସାଦ ସେବା ପୁନଃପ୍ରଚଳନ କରାଇଥିଲେ। ଏହା ପଛରେ ଶାହାଜାହାନଙ୍କର ଜଣେ ହିନ୍ଦୁ ସେନାପତି ରାଜା ଭୀମ ସିଂହଙ୍କ ସହଯୋଗ ଓ ସମର୍ଥନ ଥିଲା। ଶାହାଜାହନଙ୍କ ଦ୍ୱାରା ନିଯୁକ୍ତ ସୁବାଦାର ଶାହକୁଲ୍ଲି ଖାଁ କୌଣସି ପ୍ରତିବାଦ କରି ନଥିଲେ। ଉଲ୍ଲେଖନୀୟ ସୁବାଦାର ଅହମ୍ମଦବେଗ ଶାହାଜାହନଙ୍କ ଆଗମନ ଖବର ପାଇ ଭୟରେ କଟକରୁ ବର୍ଦ୍ଧମାନ ପଳାଇଥିଲେ। ଘଟଣାକ୍ରମର ସୁଯୋଗ ନେଇ ନରସିଂହ ଦେବ ଶ୍ରୀ ମନ୍ଦିରରେ ବିଗ୍ରହମାନଙ୍କୁ ସ୍ଥାପନ କରିଥିଲେ। ମାଦଳା ପାଞ୍ଜି କହେ 'ଅ୫ଙ୍କେ ଦକ୍ଷିଣରୁ ସାହାଜାନ ପାତିଶା ଅଇଲେ। ରାଜାଙ୍କ ଭେଟ ହୋଇଲା-----। ରାଜା ଏହାଙ୍କ ସଙ୍ଗେ ଜାଜପୁର ଜାଏ ଗଲେ। ସେଠାରୁ ହାଥୀ ଶ୍ରୀପା ହୋଇ ବାହୁଡିଲେ। ପାତିଶା ପାଟଣା ଗଲେ। ପରମେଶ୍ୱର ଯେ ମାଣତିରି ବ୍ରହ୍ମ ବିଜେ କରିଥିଲେ। ଏଠାରେ ଶୀତଳ ମୁଣୋହି ହେଉଥିଲେ। ରାଜା ଭୀମ ପୁରୁଷୋତ୍ତମ ଅଇଲାକୁ ରାତିରାତି ବ୍ରହ୍ମ ଆଣି ବିଜେ କରାଇ ସଂଖୁଡି ଭୋଗ ମୁଣୋହି ହୋଇଲା। ଶାହାଜାହାନ ବିଦ୍ରୋହରେ ପରାଜିତ ହୋଇ ଦାକ୍ଷିଣାତ୍ୟକୁ ଫେରିବା ସମୟରେ ବିଗ୍ରହମାନଙ୍କୁ ଖୋର୍ଦ୍ଧା ନେଇ ମେରଦାରେ ରଖିଲେ। ଶାହାଜାହାନ ଓଡିଶା ଛାଡିବା ପରେ ବିଗ୍ରହମାନଙ୍କୁ ପୁନର୍ବାର ଶ୍ରୀ ମନ୍ଦିର ରତ୍ନ ସିଂହାସନରେ ବିଜେ କରାଇଥିଲେ।'

ଶାହାଜାହାନ ଫେରିଯିବା ପରେ (୧୬୨୫) ଅହମଦବେଗ ପୁନର୍ବାର ଓଡ଼ିଶା ସୁବାର ଦାୟିତ୍ୱ ନେଇଥିଲେ। କିନ୍ତୁ ଖୋର୍ଦ୍ଧା କିମ୍ବା ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରି ନଥିଲେ। ତାଙ୍କ ପରେ ବକର ଖାଁ ଓଡିଶାର ସୁବାଦାର ରୂପେ ସମ୍ରାଟ ଶାହାଜାହାନଙ୍କ ଦ୍ୱାରା ନିଯୁକ୍ତ ହେଲେ (୧୬୨୮)। ସମ୍ରାଟ ଶାହାଜାହାନଙ୍କ ସମୟରେ ଖୋର୍ଦ୍ଧା ରାଜ୍ୟରେ ପରିସ୍ଥିତି ଶାନ୍ତ ଥିଲା। କିନ୍ତୁ ଓଡିଶାରେ ଶାନ୍ତି ନଥିଲା। ବକର ଖାଁ ଖୋର୍ଦ୍ଧା ରାଜ୍ୟ ବିରୁଦ୍ଧରେ କୌଣସି ସାମରିକ ଅଭିଯାନ କରି ନଥିଲେ। କିନ୍ତୁ ସେ କୋଣାର୍କ ମନ୍ଦିର ଆକ୍ରମଣ କରିଥିଲେ (୧୬୨୮)। ସୂର୍ଯ୍ୟ ଦେବଙ୍କ ବିଗ୍ରହକୁ ସ୍ଥାନାନ୍ତର କରି ଜଗନ୍ନାଥ ମନ୍ଦିର ବେଢାରେ ଥିବା ନିଳାଦ୍ରି ମହୋତ୍ସବ ମନ୍ଦିରରେ ରଖାଯାଇଥିଲା। ନରସିଂହ ଦେବ ବିଗ୍ରହଶୂନ୍ୟ କୋଣାର୍କ ମନ୍ଦିର ପରିଦର୍ଶନରେ ଯାଇଥିଲେ। ମାଦଳା ପାଞ୍ଜି ଅନୁସାରେ 'କୋଣାରଖ କ୍ଷେତ୍ରରୁ ଚନ୍ଦ୍ର ସୂର୍ଯ୍ୟଙ୍କୁ ଆଣି ଦେଉଳ ଭିତରେ ଇନ୍ଦ୍ରଙ୍କ ଦେଉଳ ବସାଇଲେ।'

୧୬୩୦ ମସିହାରେ ବକର ଖାଁ ଗୋଲକୁଣ୍ଡା ରାଜ୍ୟ ବିରୁଦ୍ଧରେ ସାମରିକ ଅଭିଯାନରେ ଯାଇ 'ମନସୁର ଗଡ' (ଗୋପାଳ ପୁର) ଅଧିକାର କରିଥିଲେ। ସେ ଦକ୍ଷଥିଲେ କିନ୍ତୁ ଅତ୍ୟାଚାରୀ ଥିଲେ। ବକର ଖାଁ ଓଡିଶାର ଜମିଦାରମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରି ପ୍ରଚୁର ଅର୍ଥ (୪୦ ଲକ୍ଷ) ଆଦାୟ କରିଥିଲେ। ୭୦୦ ଜଣ ବନ୍ଦୀଙ୍କୁ ହତ୍ୟାକରିଥିଲେ। ତାଙ୍କୁ ଫେରାଇ ନିଆଗଲା। ତାଙ୍କ ପରବର୍ତ୍ତୀ ସୁବାଦାର ମୁତାକ୍ୱାବ ଖାଁ ବା ମିର୍ଜା ମାକି (୧୬୩୨-୪୧) ଓ ଶାହ ନୱାଜ ଖାଁ (୧୬୪୧-୪୨) ଉଦାର ଥିଲେ।

## ବିଦ୍ରୋହ ଷଡ଼ଯନ୍ତ୍ର ଓ ମୃତ୍ୟୁ :-

୧୬୪୨ ମସିହାରେ ଓଡିଶାକୁ ପୁନର୍ବାର ବଙ୍ଗ ସୁବା ସହିତ ମିଶାଇ ଦିଆଗଲା। ବଙ୍ଗର ସୁବାଦାର ଶାହ ସୁବାଙ୍କ ଅଧିନରେ ଜଣେ ଉପସୁବାଦାର ରହିଲେ। ଉପସୁବାଦାର ମୁତାକ୍ସାବଙ୍କ ସମୟରେ ଗଜପତି ନରସିଂହ ଦେବ ଷଡଯନ୍ତ୍ରର ଶିକାର ହୋଇ ନିହତ ହୋଇଥିଲେ (୧୬୪୭)।

କୋକଲ ଗଡର ଜମିଦାର ରାୟପ୍ରିତମ ବଂଶ ଓ ଖୋର୍ଦ୍ଧା ରାଜବଂଶ ମଧ୍ୟରେ ଶତ୍ରୁତା ଥିଲା। କୋକଲ ଗଡର ଧରମୁ ରାୟପ୍ରିତମ ପ୍ରଭାବଶାଳୀ ତଥା ବିଭବଶାଳୀ ନାୟକ ଥିଲେ। ରାଜାଙ୍କୁ ମାନୁନଥିଲେ। ରାଜାଙ୍କୁ କର ନଦେଇ କଟକ ସୁବାରେ ଦାଖଲ କରିବାରୁ ତାଙ୍କୁ କୈଫିୟତ ମଗା ଯାଇଥିଲା। ଗଜପତିଙ୍କର ମନ୍ତ୍ରୀ କହ୍ନାଇ ବିଦ୍ୟାଧର ସୁବାଦାରଙ୍କ ସହିତ ସୁସଂପର୍କ ରଖିଥିଲେ। ସେ ବାଖର ଖାଁଙ୍କ ସହିତ ମିଶି ଅନ୍ଧାରୀ ଗଡ ଆକ୍ରମଣ ଯୋଜନା କଲେ। ବାଖର ଖାଁ ତାଙ୍କୁ ଭେଟିବାକୁ ଆସିଥିବା ରାୟପିତମଙ୍କୁ ଅଟକ ରଖି ଅନ୍ଧାରୀ ଗଡ ଦଖଲ କଲେ। ଧର୍ମୁ ରାୟପ୍ରିତମ କୋକଲ ଗଡରେ ଆଶ୍ରୟ ନେଲେ। କହ୍ନାଇ ବିଦ୍ୟାଧର ମୋଗଲ ସୁବାଦାରଙ୍କ ପ୍ରତିନିଧି ଭାବେ ଅନ୍ଧାରୀ ଗଡ ଦାୟିତ୍ୱରେ ରହିଲେ। (ପରେ ଅନ୍ଧାରୀଗଡ ଛାଡି ଦେଇ ପୁର୍ବ ଦୁଆରର ମାହଲକୁ ଜାଗିର ରୁପେ ପାଇଲେ। ଏହା 'ବକ୍ସିବାଡ' ମାହାଲ୍ ରୂପେ ପଞ୍ଜିକୃତ ହୋଇଥିଲା)। ଧର୍ମୁ ରାୟପିତମ ଙ୍କର ଜଣେ ନାତି ଅନିରୁଦ୍ଧ ରାୟପ୍ରିତମ ଷଡଯନ୍ତ୍ର କରି ମୁତାକ୍ସାବଙ୍କର ଜଣେ ସେନାନାୟକ ଫତେ ଖାଁଙ୍କୁ ନେଇ ବାଲିସାହି ନଅର ଭିତରେ ପଶି ବିଶ୍ୱାସଘାତକତା କରି ନରସିଂହ ଦେବଙ୍କୁ ମରାଇଥିଲେ। ଫତେ ଖାଁ ରାଜ ଉଆସ ଓ ମନ୍ଦିର ଲୁଣ୍ଠନ କରିଥିଲା। ମାଦଳା ପାଞ୍ଜିରେ ବର୍ଣ୍ଣନା ଅଛି 'ଏ ମହାରାଜାଙ୍କ ୩୨ ଅଙ୍କ ମିଥୁନ ୭ଦିନ ରାତ୍ର ପାହିବାକୁ ନବାବ ମତମତି ଖାଁର ଅମରା ଫତେ ଖାଁ ଆସି ଶ୍ରୀ ପୁରୁଷୋତ୍ତମ ଦକ୍ଷିଣ ପାରୁଶ ନଅରେ ରାଜାଙ୍କ ଅନିରୁଦ୍ଧ ରାୟେ ପିତାମହଙ୍କୁ ସାଙ୍ଗ କରି ରାଜା ଠାକୁରଙ୍କ ମୁଣ୍ଡ କାଟିଦେଲା। ଶ୍ରୀ ନଅର ଦ୍ରବ୍ୟଯାକ ନେଲା। ପରମେଶ୍ୱରଙ୍କ ଭଣ୍ଡାର ସବୁନେଲା।'

ଗଜପତି ନରସିଂଦେବ ସିଂହାସନ ଆରୋହଣ କରିବା ସମୟରେ ରାଜ୍ୟର ସ୍ଥିତି ଭଲ ନଥିଲା। ଶ୍ରୀମନ୍ଦିରରେ ବିଗ୍ରହ ନଥିଲେ। ମୋଗଲ ସୁବାଦାର ଖୋର୍ଦ୍ଧା ଆକ୍ରମଣ କରିଥିଲେ। ଶାହାଜାହନଙ୍କ ଆଗମନ ପରେ ପରିସ୍ଥିତିରେ ପରିବର୍ତ୍ତନ ହୋଇଥିଲା। ମନ୍ଦିର ଓ ରାଜ୍ୟ ଉପରେ ମୋଗଲ ଆକ୍ରମଣ ହୋଇନଥିଲା। ରାଜ୍ୟରେ ଶାନ୍ତି ଥିଲା। ନରସିଂହ ଦେବ ରାଜା ଭୀମସିଂଙ୍କ ସହଯୋଗ ଓ ଶାହାଜାହନଙ୍କ ଅନୁମତି ହାସଲ କରି ଦୀର୍ଘ ୪ ବର୍ଷଧରି ମନ୍ଦିର ବାହାରେ ରହିଥିବା ବିଗ୍ରହମାନଙ୍କୁ ଶ୍ରୀମନ୍ଦିରରେ ଅବସ୍ଥାପିତ କରିଥିଲେ ଓ ଅନ୍ନପ୍ରସାଦ ବା ସଙ୍ଖୁଡି ଭୋଗ ପୁଣି ଆରମ୍ଭ ହୋଇଥିଲା। ବାରମ୍ବାର ଆକ୍ରମଣରେ ଖଣ୍ଡିଆଖାବରା ହୋଇଥିବା ମନ୍ଦିରର ଜୀର୍ଣ୍ଣ ସଂସ୍କାର ତାଙ୍କ ସମୟରେ କରାଯାଇଥିଲା। ଚୁନ ପଲସ୍ତରା ହୋଇଥିଲା। ଏହି କାର୍ଯ୍ୟରେ ୯୧୫୩୮ କାହାଣ ୨ ପଣ ୧୦ ଗଣ୍ଡା କଉଡି ଖର୍ଚ୍ଚ ହୋଇଥିଲା। ଏହି ସମୟରେ ପାତ୍ର ନୀଳ ପଟ୍ଟନାୟକ ନୀଳମାଧବ ମନ୍ଦିରର ମଣ୍ଡପ ନିର୍ମାଣ କରିଥିଲେ। ନରସିଂହ ଦେବ ପ୍ରଥମେ ମହାପ୍ରଭୁଙ୍କର ବସନ୍ତ ଯାତ୍ରା ଆରମ୍ଭ କରିଥିଲେ। ଏହା ଚୈତ୍ରମାସ ଶୁକ୍ଳ ପକ୍ଷରେ ଅନୁଷ୍ଠିତ ହେଉଥିଲା ଓ ଏକ ବ୍ୟୟ ବହୁଳ ଉତ୍ସବ ଥିଲା। ନିଜର ସ୍ୱତନ୍ତ୍ର ମହାନତା ଓ ପ୍ରତିଷ୍ଠା ଉଦ୍ଦେଶ୍ୟରେ ସେ ଏହି ଉତ୍ସବ ଆରମ୍ଭ କରିଥିଲେ। ଗଜପତି ପରମ୍ପରା ଅନୁକରଣରେ ନରସିଂହ ଦେବ ବୀର ନରସିଂହ ପୁର ଶାସନ ପ୍ରତିଷ୍ଠା କରିଥିଲେ। ତାଙ୍କର ସାନ ଭାଇ ବିଶ୍ୱନାଥ ରାୟ ବିଶ୍ୱନାଥପୁର ଶାସନ, ମନ୍ତ୍ରୀ କହ୍ନାଇ ବିଦ୍ୟାଧର ବିଦ୍ୟାଧର ପୁର ଶାସନ, ଦାମୋଦର ଛୋଟରାୟ ଦାମୋଦର ପୁର ଶାସନ ଓ ପାତ୍ର ବାସୁଦେବ ସାମନ୍ତରା ବାସୁଦେବ ପୁର ଶାସନ ପ୍ରତିଷ୍ଠା କରିଥିଲେ।

ଗଜପତି ନରସିଂହ ଦେବ ଦକ୍ଷ ଓ ସ୍ୱାଭିମାନୀ ଥିଲେ। ମୋଗଲ ସୁବାଦାରଙ୍କ ନିର୍ଦ୍ଦେଶ ଅବମାନନା କରିବାର ଦୃଢ଼ତା ପ୍ରଦର୍ଶନ କରିଥିଲେ। ସେ ବାସ୍ତବବାଦୀ, ଚତୁର, ଓ ପରିସ୍ଥିତିର ସଦୁପଯୋଗ କରିବାରେ ସିଦ୍ଧହସ୍ତ ଥିଲେ। ଶାହାଜାହାନଙ୍କୁ ସ୍ୱାଗତକରି ବାସ୍ତବବାଦୀ ରାଜନୈତିକ ବିଜ୍ଞତାର ପରିଚୟ ଦେଇଥିଲେ। ଗଜପତି ପୁରୁଷୋତ୍ତମ ଦେବଙ୍କ ସମୟରୁ ବାରମ୍ବାର ମୋଗଲ ଆକ୍ରମଣ ହେତୁ ରାଜ୍ୟ ଦୁର୍ବଳ ହେବାକୁ ଆରମ୍ଭ କରିଥିଲା। ବିଭବଶାଳୀ ସାମନ୍ତମାନଙ୍କର ଉଚ୍ଚାକାଂକ୍ଷା ରାଜ୍ୟରେ ଅସ୍ଥିରତା ଓ ବିଦ୍ରୋହର ବାତାବରଣ ସୃଷ୍ଟି କରିଥିଲା। ସେମାନଙ୍କୁ ଦମନ କରିବାକୁ ରାଜାଙ୍କର ଶକ୍ତିନଥିଲା। ନିଜେ ଗଜପତି ନରସିଂହଦେବ ଷଡଯନ୍ତ୍ରର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ରାଜ ଶକ୍ତିର ଦୁର୍ବଳତା ପ୍ରମାଣିତ ହୋଇଥିଲା।

ଏସବୁ ସତ୍ତ୍ୱେ ନରସିଂହଦେବ ଶ୍ରୀମନ୍ଦିରରେ ବିଗ୍ରହଙ୍କ ପୁନଃସ୍ଥାପନ, ଅନ୍ନପ୍ରସାଦ ପ୍ରଚଳନ, ମନ୍ଦିରର ଜୀର୍ଣ୍ଣ ସଂସ୍କାର, ବସନ୍ତ ଯାତ୍ରା ଆରମ୍ଭ ଆଦି ଅନେକ ସ୍ୱାଗତ ଯୋଗ୍ୟ କାର୍ଯ୍ୟକରି ଖୋର୍ଦ୍ଧା ଇତିହାସରେ ଏକ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଆସିଛନ୍ତି ।

**ଦୂରଭାଷ : ୯୮୬୧୦୧୬୩୪୯**

# ଜୀବନ



**ଶ୍ରୀମତୀ ସୁକେଶିନୀ ଶତପଥି**

ଗଛଟି ସିନା କଣ୍ଟକମୟ ଫୁଲ ଫୁଟାଏ ସେ ଗୋଲାପ
ଜୀବନଟା ସିନା ଯନ୍ତ୍ରଣାଗ୍ରସ୍ତ କରୁଥାଏ ମିଠା ଆଳାପ ।
ଗୋଲାପ ସୁନ୍ଦର ଆଳାପ ମଧୁର ଲୁଚିଯାଏ କଣ୍ଟା ଯନ୍ତ୍ରଣା
ଆକର୍ଷଣ କରେ ବ୍ୟକ୍ତିବିଶେଷ ବିଛାଇ ପାଖୁଡ଼ା ବିଛଣା ।
ଭୁଲିଯାଏ ସିଏ ତୋଳିଛି ଯିଏ ସେ ପାଇଛି ଯେ କେତେ ଆଘାତ
ପ୍ରିୟା ମିଠାକଥା ଭୁଲାଏ ତାହାକୁ ଯନ୍ତ୍ରଣା କଷ୍ଟ ବିଷାଦ ।
ଫୁଲପାଇଁ ସିନା ଗଛର ଆଦର କରିଥାନ୍ତି ବ୍ୟକ୍ତିବିଶେଷ
ଯନ୍ତ୍ରଣାମୟ ହେଲେ ହେଁ ଜୀବନ ସଂସାର ଭିତରେ ସର୍ବସ୍ୱ ।
ଫୁଲ ଝରିଯାଏ ଜୀବନ ବି ଯାଏ ରହିଯାଏ କୀର୍ତ୍ତି ଆମର
ଫୁଲପରି ଆମେ ସୁବାସିତ ହେଲେ ମୃତ୍ୟୁପରେ ହେବା ଅମର ।


**ପ୍ରଧାନଶିକ୍ଷୟିତ୍ରୀ,ସରକାରୀ ଉଚ୍ଚ ବିଦ୍ୟାଳୟ,**
**କୁଶମାଟି, ଛଣଘର**



# ଡ. ପ୍ରାଣକୃଷ୍ଣ ପରିଜା

**ଡ.ଶରଚ୍ଚନ୍ଦ୍ର ମହାପାତ୍ର**

ଡ. ପ୍ରାଣକୃଷ୍ଣ ପରିଜା ଯଥାର୍ଥରେ ଥିଲେ ଶିକ୍ଷାଜଗତର ଜଣେ କିମ୍ବଦନ୍ତୀ ପୁରୁଷ। ପଙ୍କରୁ ପଦ୍ମର ଉଦ୍‌ଭବ ହେଲାଭଳି ଇଚ୍ଛାପୁର ଭଳି ସେ ସମୟର ଏକ ଅଖ୍ୟାତ ଅଗମ୍ୟ ପଲ୍ଲୀରେ ପ୍ରାଣକୃଷ୍ଣ ପରିଜାଙ୍କର ଜନ୍ମ ହୋଇଥିଲା। ପଦ୍ମର ସୌରଭ ଭଳି ତାଙ୍କର ପ୍ରତିଭାର ବିକାଶ ଘଟିଥିଲା। ଏହି ଇଚ୍ଛାପୁର ଗ୍ରାମଟି ବର୍ତ୍ତମାନର ଜଗତ୍‌ସିଂପୁର ଜିଲ୍ଲାର ବାଲିକୁଦାର ନିକଟବର୍ତ୍ତୀ। ୧୮୯୧ ମସିହା ଏପ୍ରିଲ ୧ ତାରିଖରେ ତାଙ୍କର ଜନ୍ମ ହୋଇଥିଲା। ତାଙ୍କର ପରିବାର ଥିଲା ଏକ ଏକାନ୍ନବର୍ତ୍ତୀ ପରିବାର। ପିତାଙ୍କ ନାମ ରଘୁନାଥ ପରିଡ଼ା ଓ ମାତାଙ୍କ ନାମ ଜୟନ୍ତୀ ଦେବୀ। ପିଲାଦିନେ ଅବଧାନଙ୍କ ପାଖରେ ସେ ପଢ଼ିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲାଭଳି ପିଲାଦିନରୁ ତାଙ୍କର ପ୍ରତିଭାର ପରିଚୟ ମିଳିଥିଲା। ପିତା ତାଙ୍କର ସୁଦୂର ମୟୂରଭଞ୍ଜରେ ବନରକ୍ଷୀ ଭାବରେ କାର୍ଯ୍ୟ କରୁଥିଲେ।



ପରିଜା ବାଲିକୁଦାରେ ମାଇନର ପଢ଼ିଲେ। ଗ୍ରାମଠାରୁ ସ୍କୁଲର ଦୂରତା ୩ ମାଇଲ। ଏଣୁ ଦିନକୁ ୬ ମାଇଲ ବାଟ ଚାଲୁଥିଲେ। ତାଙ୍କର ମାଆ ରାତିରେ ପୁଅ କିଭଳି ପଢ଼ିବ ସେଥିପାଇଁ କିରୋସିନି ସଞ୍ଚୟକରି ରଖିଥାଆନ୍ତି। ସେଇଥିରେ ବତୀଜାଳି ସେ ପଢ଼ନ୍ତି। କିନ୍ତୁ ନାମଲେଖାର ଏକବର୍ଷ ପରେ ପିତାଙ୍କର ବିୟୋଗ ହୁଏ ଓ ଏହାର ଏକବର୍ଷ ପରେ ମାତାଙ୍କର ବିୟୋଗ ହେଲା। ପିତୃମାତୃହୀନ ପରିଜା ଜେଜେଙ୍କ ତତ୍ତ୍ୱାବଧାନରେ ରହିଲେ। ସ୍କୁଲର ପ୍ରଧାନଶିକ୍ଷକ ତାଙ୍କୁ ବହୁତ ଭଲପାଉଥିଲେ। କାରଣ, ସେ ଭଲଛାତ୍ର ଥିଲେ ଓ ସୁଶୀଳ ଥିଲେ। ପ୍ରଧାନଶିକ୍ଷକଙ୍କ ପ୍ରତି ତାଙ୍କର ଏଭଳି ଭକ୍ତିଥିଲା ଯେ, ପରବର୍ତ୍ତୀ ସମୟରେ ମଧ୍ୟ ତାଙ୍କ ସମ୍ମୁଖରେ ସେ ଚୌକୀରେ ବସୁନଥିଲେ। ସପ୍ତମଶ୍ରେଣୀ ପରୀକ୍ଷାରେ ସେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ବୃତ୍ତିଲାଭ କଲେ। ସେ ସମଗ୍ର ଓଡ଼ିଶାରେ ପ୍ରଥମ ହୋଇଥିଲେ। ଏହାପରେ ତାଙ୍କର ନାମ କଲେଜିଏଟ୍ ସ୍କୁଲରେ ଲେଖାଗଲା। ଯେଉଁଦିନ ସେ ପ୍ରଥମେ ଶ୍ରେଣୀଭିତରେ ପ୍ରବେଶ କଲେ ସଂସ୍କୃତ ପଣ୍ଡିତ ବିଶ୍ୱନାଥ ଶତପଥୀ ତାଙ୍କୁ ଦେଖି କହିଲେ ଯେ, "ମୋତେ ଜଣାଯାଉଛି ତୁମର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ।" ପ୍ରକୃତରେ ପଣ୍ଡିତଙ୍କ ଭବିଷ୍ୟତବାଣୀ ସତ୍ୟ ପ୍ରମାଣିତ ହେଲା। ପ୍ରକୃତରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ସେ ବଙ୍ଗ, ବିହାର, ଆସାମ ଓ ଓଡ଼ିଶାର ସମସ୍ତ ପରୀକ୍ଷାର୍ଥୀଙ୍କ ଭିତରେ ୭ମ ଓ ଓଡ଼ିଶାରେ ପ୍ରଥମ ହୋଇ ୨୦ଟଙ୍କିଆ ବୃତ୍ତି ଲାଭକଲେ। ରେଭେନ୍ସାରେ ବିଜ୍ଞାନ ପଢ଼ି +୨ ସାଇନ୍ସ ପରୀକ୍ଷାରେ ସବୁ ଛାତ୍ରଛାତ୍ରୀଙ୍କ ଭିତରେ ୪ର୍ଥ ଓ ଓଡ଼ିଶାରେ ପ୍ରଥମ ହୋଇଥିଲେ। ପୁନର୍ବାର ୨୦ ଟଙ୍କିଆ ବୃତ୍ତିଲାଭ କଲେ। ତେବେ ରେଭେନ୍ସାରେ ବି.ଏସ୍.ସି ପଢ଼ିବାର ସୁବିଧା ନଥିବାରୁ କଲିକତା ପ୍ରେସିଡ଼େନ୍ସି କଲେଜରେ ନାମ ଲେଖାଇ ଗଣିତ ଅନର୍ସ ନେଇଥିଲେ। ବି.ଏସ୍.ସି ପରୀକ୍ଷାରେ ମଧ୍ୟ ଅନର୍ସ ସହିତ ଉତ୍ତୀର୍ଣ୍ଣ ହେଲେ। ଏହାପରେ ଏମ୍.ଏସ୍.ସି ପଢ଼ିବା ସମୟରେ ତାଙ୍କର ଛାତ୍ର ଜୀବନର କୃତିତ୍ୱକୁ ବିଚାରକରି ତାଙ୍କୁ ବୃତ୍ତିଦେଇ ସରକାର ଇଂଲଣ୍ଡ ପଠାଇଲେ। ସେଠାରେ କଠିନ ଟ୍ରାଇପସ୍ ପରୀକ୍ଷାରେ ପ୍ରଥମଶ୍ରେଣୀ ଲାଭକରି ଫ୍ରାଙ୍କସ୍ମାର୍ଟ ବୃତ୍ତିପାଇଲେ। ସେ କେମ୍ବ୍ରିଜ୍‌ରେ ପଢ଼ିଥିଲେ ଓ ଉଚ୍ଚତର ଗବେଷଣା କ୍ଷେତ୍ରରେ ଅପୂର୍ବ ସଫଳତା ଲାଭକରିଥିଲେ।

ଯେଉଁ ସଭା ଯେଉଁ ସମୟରେ ହେବାକଥା ଆରମ୍ଭ ହେଉଥିଲା ଠିକ୍ ସେହି ସମୟରେ। ଅନେକ ଅଧ୍ୟାପକ ବା ଛାତ୍ର ଡ଼େରିରେ ଆସିଲେ ମଧ୍ୟ ତାଙ୍କପାଇଁ ଅପେକ୍ଷା କରାଯାଉନଥିଲା। ପୁନଶ୍ଚ ଶୃଙ୍ଖଳିତ ଭାବରେ କାର୍ଯ୍ୟସୂଚୀ ଅନୁସାରେ ସବୁକାମ ହେଉଥିଲା। ତାଙ୍କର ପ୍ରଶାସନିକ ଦକ୍ଷତା ଅତି ଉଚ୍ଚକୋଟିର ଥିଲା।

୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆରମ୍ଭ ହେଲା। ପରିଜା ତାହାର ପ୍ରଥମ କୁଳପତି ଥିଲେ। ସେ ଏହି ପଦରେ ୧୯୪୩ ରୁ ୧୯୪୮ ମସିହା ପର୍ଯ୍ୟନ୍ତ ଥିଲେ। କାମ ଅତ୍ୟନ୍ତ କଠିନ ଥିଲା। ବିଭିନ୍ନ କଲେଜକୁ ବିଶ୍ୱବିଦ୍ୟାଳୟ ଅଧୀନରେ ଆଣିବା ଓ ପରୀକ୍ଷା ସୁଚାରୁ ରୂପେ ପରିଚାଳନା କରାଯିବା ଓ ବିଭିନ୍ନ ବିଭାଗ ଖୋଲିବା ଏସବୁ କାର୍ଯ୍ୟ ତାଙ୍କର ତତ୍ତ୍ୱାବଧାନରେ ହେଉଥିଲା। ଏହାପରେ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରୋ-ଭାଇସ୍ ଚାନସେଲର ମଧ୍ୟ ହେଲେ। ଏଠାରେ ଯେଉଁ ଓଡ଼ିଆ ଛାତ୍ରମାନେ ଅଧ୍ୟୟନ କରୁଥିଲେ ପରିଜା ସେମାନଙ୍କୁ ବିଶେଷ ଭାବରେ ସାହାଯ୍ୟ କରୁଥିଲେ। ପୁନର୍ବାର ସେ ଏହି ସମୟରେ ସୁଭାଷ ବୋଷଙ୍କ ସହ ତାଙ୍କର ଘନିଷ୍ଠତା ବଢ଼ିଚାଲିଲା। ବ୍ଲାକମ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ଉଦ୍ଭିଦର ଶ୍ୱାସକ୍ରିୟା ଉପରେ

---

ଦୁର୍ଜନ ଯଦି ବିଦ୍ୱାନ ହୋଇଥାଏ, ତେବେ ମଧ୍ୟ ତା'ର ସଙ୍ଗ କରିବା ଉଚିତ୍ ନୁହେଁ।
କାରଣ ମଣିଯୁକ୍ତ ସର୍ପ କ'ଣ ଭୟଙ୍କର ହୋଇନଥାଏ ?

ସେ ଗବେଷଣା କରି ଯେଉଁ ତତ୍ତ୍ୱ ବାହାରକଲେ ତା'ର ନାମ ହେଲା 'ବ୍ଲାକ୍‌ମ୍ୟାନ୍ ପରିଜା ଥିଓରି' । ଏହା ଆନ୍ତର୍ଜାତିକ ସ୍ତରରେ ଉଚ୍ଚ ପ୍ରଶଂସା ଲାଭକଲା ଓ ପରିଜା ବିଦେଶରେ ମଧ୍ୟ ପ୍ରସିଦ୍ଧ ହୋଇଗଲେ। ଏଠାରେ ଅଧ୍ୟୟନ ଶେଷକରି ଭାରତକୁ ଫେରିଆସି ୧୯୨୧ ମସିହାରେ ରେଭେନ୍‌ସା କଲେଜରେ ବଟାନି ଡିପାର୍ଟମେଣ୍ଟରେ ଯୋଗଦେଲେ। ଏତେବେଳକୁ ସେ ୨ ଇ.ଏସ୍ ଗ୍ରେଡ୍ ଲାଭକରିଥିଲେ। ଓଡ଼ିଶାରେ ଶ୍ୟାମସୁନ୍ଦର ତ୍ରିପାଠୀ ଓ ପରିଜା ଉଭୟେ ଏ ଯୋଗ୍ୟତା ଲାଭ କରିଥିଲେ। ସେ ବଟାନି ବିଭାଗର ଅଧ୍ୟାପକ ହେଲେ। ପରେ ବିଭାଗୀୟ ମୁଖ୍ୟ ହେଲେ ଓ ପରିଶେଷରେ ରେଭେନ୍‌ସାରେ ଅଧକ୍ଷ ହେଲେ। ତାଙ୍କୁ କି ଛାତ୍ର କି ଅଧ୍ୟାପକ ଭକ୍ତି କରୁଥିଲେ। ସେ ଅନୁଷ୍ଠାନର ଉନ୍ନତିପାଇଁ ସର୍ବଦା ଚେଷ୍ଟା କରୁଥିଲେ। ବହୁ ଅଭାବୀ ଛାତ୍ରଙ୍କୁ ସେ ଅର୍ଥ ସାହାଯ୍ୟ ଦେଉଥିଲେ। ମାତ୍ର ଦୁଇଟି ବିଷୟ ଉପରେ ସେ ବିଶେଷ ଗୁରୁତ୍ୱ ଦେଉଥିଲେ, ଶୃଙ୍ଖଳା ଓ ସମୟାନୁବର୍ତ୍ତିତା । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ରହିଲେ ୧୯୫୫ ରୁ ୧୯୬୫ ପର୍ଯ୍ୟନ୍ତ। ବାଣୀବିହାରକୁ ବିଶ୍ୱବିଦ୍ୟାଳୟ ସ୍ଥାନାନ୍ତରିତ ହେଲାପରେ ଅନେକ ସମସ୍ୟା ଦେଖାଗଲା। କିନ୍ତୁ ପରିଜା ଏସବୁର ସମାଧାନ କରିପାରୁଥିଲେ। ଅନେକ ନୂତନ ବିଷୟ ମଧ୍ୟ ଏଠାରେ ଆରମ୍ଭ ହେଲା। ପରିଜା ଭାରତ ବିଖ୍ୟାତ ବ୍ୟକ୍ତିଥିଲେ। ଶିକ୍ଷାବିଭାଗରେ ଯେଉଁମାନେ ଅତ୍ୟନ୍ତ କ୍ଷମତାଶାଳୀ ଥିଲେ ସେମାନଙ୍କର ପରିଜାଙ୍କ ପ୍ରତି ଯଥେଷ୍ଟ ସମ୍ମାନଥିଲା। ଏଣୁ ଉତ୍କଳ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ପରିଜାଙ୍କ ଅନୁରୋଧକୁ ସମ୍ମାନଜଣାଇ ତାହା ପୂରଣ କରିବାରେ ସାହାଯ୍ୟ କରୁଥିଲେ। ପରିଜାଙ୍କ ଯୋଗୁଁ ବିଶ୍ୱବିଦ୍ୟାଳୟର ସମ୍ମାନ ଓ ଗୌରବ ବଢ଼ିଲା ଓ ସର୍ବଭାରତୀୟ ସ୍ତରରେ ଏହା ପ୍ରତିଷ୍ଠାଲାଭ କଲା। ୧୯୬୨ ମସିହାରେ ଭାରତ ବିଜ୍ଞାନ କଂଗ୍ରେସର ଯେଉଁ ଅଧିବେଶନ କଟକରେ ଅନୁଷ୍ଠିତ ହେଲା ପରିଜାଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇଥିଲା। ସେ ନିଜେ ବିଜ୍ଞାନ କଂଗ୍ରେସ ସହ ସଂପୃକ୍ତ ଥିଲେ ଓ ସମ୍ମିଳନୀମାନଙ୍କରେ ଉଚ୍ଚକୋଟୀର ପ୍ରବନ୍ଧ ପାଠକରୁଥିଲେ ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ପ୍ରୋତ୍ସାହନ ଦେଉଥିଲେ। ସେ ନିଜେ ମଧ୍ୟ ଏହି ଅଧିବେଶନରେ ସଭାପତିତ୍ୱ କରିବାର ଗୌରବଲାଭ କରିଥିଲେ।

ପରିଜାଙ୍କର ପ୍ରଶାସନିକ କାର୍ଯ୍ୟ ପ୍ରଶଂସନୀୟ ଥିଲା। ସଦାବେଳେ ସେ ଶୃଙ୍ଖଳା ଓ ମର୍ଯ୍ୟାଦା ବିଷୟରେ ସଚେତନ ଥିଲେ। ଧୈର୍ଯ୍ୟର ସହିତ କାର୍ଯ୍ୟକୁ ସୁରୁଖୁରୁରୂପେ ସମ୍ପନ୍ନ କରୁଥିଲେ। ଟିକିଏ ବିଶୃଙ୍ଖଳାକୁ ପ୍ରଶୟ ଦେଉନଥିଲେ। ତାଙ୍କର ଧୈର୍ଯ୍ୟ ଓ ଶୃଙ୍ଖଳା ଜ୍ଞାନ ବିଷୟରେ ଗୋଟିଏ ଦୁଇଟି ଉଦାହରଣ ଦିଆଯାଇପାରେ। ଥରେ ତାଙ୍କର ବିଶ୍ୱବିଦ୍ୟାଳୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ମିଟିଙ୍ଗ୍ ଥିଲା ଓ ଗଭର୍ଣ୍ଣରଙ୍କ ସହ ଦେଖା କରିବାର ଥିଲା। ସେଦିନ ସକାଳେ ସେ ତାଙ୍କ କନ୍ୟାଙ୍କର ମୃତ୍ୟୁସମ୍ବାଦ ପାଇଲେ। ସମସ୍ତେ ଭାବିଲେ ଯେ ସେ ଆସିପାରିବେନି ଓ ତାଙ୍କର କାର୍ଯ୍ୟକ୍ରମ ବାତିଲ ହୋଇଯିବ କିନ୍ତୁ ଏଥିରେ ସାମାନ୍ୟତମ ବ୍ୟତିକ୍ରମ ହୋଇନଥିଲା ଓ ପୂର୍ବଭଳି ସେ ସମସ୍ତ କାର୍ଯ୍ୟ ଧୀରସ୍ଥିର ଭାବରେ ସମ୍ପନ୍ନ କରିଥିଲେ। ଏତେବଡ଼ ଦୁଃଖ ସହିଛନ୍ତି ବୋଲି କେହି ଜାଣିପାରିଲେନି।

ତାଙ୍କର ପୁଅ ଲଲାଟେନ୍ଦୁ ପରିଜା ନିଜ ବାପାଙ୍କ ଧୈର୍ଯ୍ୟ ବିଷୟରେ ଏକ ଉଦାହରଣ ଗୋଟିଏ ପ୍ରବନ୍ଧରେ ଦେଇଛନ୍ତି। ଥରେ କୌଣସି ସଭାରେ ସେ ମଞ୍ଚାସୀନ ଥିଲେ। ହଠାତ୍ ଜାଣିପାରିଲେ ଯେ, ତାଙ୍କର ସାର୍ଟତଳେ ଗୋଟିଏ ଝିଟିପିଟି ରହିଯାଇଛି କିନ୍ତୁ ସେ ସେଠାରେ ଧୈର୍ଯ୍ୟର ସହିତ ବସିରହିଲେ। ମିଟିଙ୍ଗ୍ ସରିଲାପରେ ସେ ଝିଟିପିଟିକୁ ବାହାରକଲେ।

ତାଙ୍କର ସାହିତ୍ୟପ୍ରତି ବିଶେଷ ଆଗ୍ରହଥିଲା। ଉତ୍କଳ ସାହିତ୍ୟ ସମାଜର ସେ ଦୁଇଥର ସଭାପତି ଥିଲେ। ସେ ଭାଷଣ ଦେଲାବେଳେ ଅନେକ ଢଗଢମାଳିର ଅବତାରଣା କରି ଶ୍ରୋତାଙ୍କର ମନୋରଞ୍ଜନ କରିପାରୁଥିଲେ।

ପ୍ରଶାସନିକ କ୍ଷେତ୍ରରେ ସେ କଠୋରତା ଅବଲମ୍ବନ କରିଥିଲେ ମଧ୍ୟ ତାଙ୍କର ହୃଦୟ ଅତ୍ୟନ୍ତ କୋମଳ ଥିଲା। ସେ ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ଆନନ୍ଦ ଅନୁଭବ କରୁଥିଲେ। ଜନସାଧାରଣ ତାଙ୍କୁ ବହୁତ ସମ୍ମାନ ଦେଉଥିଲେ। ୧୯୫୨ ମସିହାରେ ସେ କଂଗ୍ରେସର ଜଣେ ଟାଣୁଆନେତା ଭାଗୀରଥୀ ମହାପାତ୍ରଙ୍କୁ ପରାସ୍ତକରି ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

ତାଙ୍କ ଜୀବନ ଅତ୍ୟନ୍ତ ପ୍ରେରଣାଦାୟୀ ଓ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ଉତ୍କଳର ଏହି ମହାନ୍ ବରପୁତ୍ରଙ୍କ ଜୀବନର ଅବସାନ ଘଟିଲା ୧୯୭୮ ମସିହାରେ। ଯଥାର୍ଥରେ ସେ ଥିଲେ ଜଣେ ପ୍ରବାଦପୁରୁଷ। ସେ ଏଭଳି ବ୍ୟକ୍ତିତ୍ୱ ଥିଲେ ଯାହାଙ୍କ ନିକଟରେ ମସ୍ତକ ସ୍ୱତଃ ଅବନତ ହୋଇଯାଏ। ତାହାଙ୍କ ସମ୍ପର୍କରେ ଡ.ସଦାଶିବ ମିଶ୍ର ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ସ୍ମରଣୀୟ। ଏଭଳି କେତେକ ବ୍ୟକ୍ତିଅଛନ୍ତି ଯାହାଙ୍କ ପାଖକୁ ଗଲେ ସ୍ୱତଃ ହାତ ଯୋଡ଼ିହୋଇଯାଏ, ମସ୍ତକ ଅବନତ ହୋଇପଡ଼େ, ଅନ୍ତର ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଆସେ। ଏଭଳି ବ୍ୟକ୍ତିତ୍ୱ ଅତିବିରଳ। ଡ. ପରିଜା ଏଭଳି ଶ୍ରେଣୀର ଅନ୍ତର୍ଭୁକ୍ତ। ତାଙ୍କଠାରେ ଥିଲା ଏକ ବିରାଟ ଅସାଧାରଣ ବ୍ୟକ୍ତିତ୍ୱଦୂରଭାଷ ସେ ଚିରନମସ୍ୟ ।

ଦୂରଭାଷ-୯୮୬୧୮୮୦୭୨୮

# ସୁ-ଡୋକୁ

**ସୁ-ଡୋକୁ ଏକ ଗାଣିତିକ ଧନ୍ଦାର ଉତ୍ତର ୨୬ ପୃଷ୍ଠାର**

| | | | | | | | | |
|---|---|---|---|---|---|---|---|---|
| 5 | 3 | 8 | 6 | 1 | 7 | 2 | 4 | 9 |
| 1 | 2 | 9 | 3 | 4 | 8 | 6 | 5 | 7 |
| 6 | 4 | 7 | 5 | 2 | 9 | 1 | 3 | 8 |
| 3 | 9 | 6 | 8 | 7 | 5 | 4 | 1 | 2 |
| 8 | 1 | 4 | 9 | 3 | 2 | 7 | 6 | 5 |
| 7 | 5 | 2 | 4 | 6 | 1 | 8 | 9 | 3 |
| 2 | 6 | 5 | 7 | 9 | 4 | 3 | 8 | 1 |
| 4 | 8 | 1 | 2 | 5 | 3 | 9 | 7 | 6 |
| 9 | 7 | 3 | 1 | 8 | 6 | 5 | 2 | 4 |

# ଗାନ୍ଧୀଙ୍କ ଛି - ଛି, ମାଂସ ଖାଇବିନାହିଁ କି ମିଛ କହିବିନାହିଁ



**ଜବାହରଲାଲ ସୁବୁଦ୍ଧି**

ଗାନ୍ଧିଜୀଙ୍କ ପୂରାନାମ ମୋହନ ଦାସ କରମଚାନ୍ଦ ଗାନ୍ଧୀ । ସେ ମୋହନ ଭାବରେ ଜଣାଶୁଣା । କରମଚାନ୍ଦ ତାଙ୍କ ପିତାଙ୍କ ନାମ । ସେମାନେ ଗୁଜୁରାଟର ଅଧିବାସୀ ଥିଲେ । ସେଠାକାର ରୀତିନୀତି ଅନୁସାରେ ପୁଅନାମ ସହିତ ବାପାଙ୍କ ନାମ ଯୋଡ଼ାଯାଏ । ମୋହନଙ୍କ ମାଆଙ୍କ ନାମ ପୁତୁଲିବାଈ । ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଗୁଜୁରାଟର ପୋରବନ୍ଦରଠାରେ ଗାନ୍ଧିଜୀଙ୍କର ଜନ୍ମ । ପିଲାଦିନେ ମୋହନ ଭାରି ଲାଜକୁଳା ଥିଲେ । ବାପାମାଆଙ୍କ ସୁଗୁଣ ତାଙ୍କ ପାଖରେ ଥିଲା ।

ପିଲାଦିନେ ମୋହନ ବାପାମାଆଙ୍କୁ ଅନୁକରଣ କରୁଥିଲେ । ସାତବର୍ଷଯାଏ ମୋହନ ପୋରବନ୍ଦର ଓ ପରେ ହାଇସ୍କୁଲରେ ପଢ଼ାଶୁଣା କରିଥିଲେ । ପାଠପଢ଼ା ସମୟରେ ଗାନ୍ଧୀ କିଛି ଖରାପ ସାଙ୍ଗଙ୍କ ହାବୁଡ଼ରେ ପଡ଼ିଗଲେ । ସାଙ୍ଗଦୋଷ କହିଲେ ଖରାପ ସାଙ୍ଗଙ୍କ ସହିତ ମିଶିବା ଦୋଷ । ସେହି ସାଙ୍ଗମାନେ ଆମିଷାଶୀ ଥିଲେ । ଗାନ୍ଧୀ ପରିବାର କିନ୍ତୁ ନିରାମିଷାଶୀ । ସେମାନେ ଥିଲେ ବୈଷ୍ଣବ ପରିବାର । ପରିବାରରେ ରସୁଣ ଓ ପିଆଜ ପଶେନାହିଁ । ସାଙ୍ଗମାନେ ଯୋଜନା କଲେ କିପରି ମୋହନଙ୍କୁ ମାଂସ ଖୁଆଇବେ । ସେମାନେ କଥାଛଳରେ ମୋହନଙ୍କୁ କହିଲେ, ତୁ ଯଦି ଗୋରାସାହେବଙ୍କ ପରି ମାଂସ ଖାଇବୁ, ତୁ ତାଙ୍କପରି ବହୁତ ବଳୁଆ ହୋଇ ପାଠପଢ଼ି ସାହେବ ହେବୁ ଓ ଦେଶ ଶାସନ କରିବୁ । ଲୋକମାନେ ତୋତେ ସମ୍ମାନ ଦେବେ, ତୁ ବଡ଼ଲୋକ ହେବୁ । ଆସେ, ଆମ ସାଙ୍ଗରେ ମାଂସ ଖାଇବୁ । ମୋହନ ଏ ବାବଦରେ କିଛି ସମୟ ଭାବିଲେ । ମାଂସ ଖାଇବେ କି ନଖାଇବେ ବାରବାର ଚିନ୍ତାକଲେ । ସାଙ୍ଗମାନେ ତାଙ୍କୁ ଟାଣିନେଇ ତାଙ୍କୁ ମାଂସ ଖୁଆଇଲେ । ପ୍ରଥମେ ପ୍ରଥମେ ମୋହନଙ୍କୁ ଏହା ଆଦୌ ରୁଚୁନଥିଲା । ଏପରିକି ସେ ବାନ୍ତି କରିଦେଉଥିଲେ । ହେଲେ ସାଙ୍ଗଦୋଷ ଯୋଗୁ ସେ ମାଂସ ଖାଇଲେ । ଏ ସମସ୍ତ କାର୍ଯ୍ୟ ତାଙ୍କ ବାପାମାଆଙ୍କ ଅଜାଣତରେ ଘଟିଗଲା । ବିଦ୍ୟାଳୟ ଛୁଟିପରେ ଗୋଟେ ନିଛାଟିଆ ଯାଗାରେ ସେମାନେ ମାଂସଖାଇଲେ ।

ଗାନ୍ଧୀ ନିଜ ଆତ୍ମକଥାରେ ଲେଖିଛନ୍ତି - "ଏସବୁର ପ୍ରଭାବ ମୋ ମନ ଉପରେ ପଡ଼ିଥିଲା । ମୁଁ ତରଳି ଯାଇଥିଲି । ମାଂସାହାର ଭଲକଥା, ଖାଇଲେ ମୁଁ ବଳୁଆ ଓ ନିର୍ଭୀକ ହେବି, ସମସ୍ତ ଦେଶବାସୀ ଯଦି ମାଂସ ଖାଇବେ, ଇଂରେଜଙ୍କୁ ଦୂରେଇ ପାରିବେ - ଏହା ମୁଁ ମାନିଗଲି ।" (ଆତ୍ମକଥା ଗାନ୍ଧୀ) ଗାନ୍ଧୀଙ୍କ ବନ୍ଧୁଟି ସେହି ବର୍ଷକ ଭିତରେ ଗାନ୍ଧୀଙ୍କୁ ନେଇଆଡ଼େ ନିଛାଟିଆ ଯାଗାରେ, ସରକାରୀ ଡାକବଙ୍ଗଳାରେ ପାଞ୍ଚଛଅଥର ମାଂସ ଖୁଆଇଦେଲେ ।

ପରବର୍ତ୍ତୀ ସମୟରେ ଗୋପନରେ ମାଂସ ଖାଇଥିବାରୁ ମା' ଖାଇବାକୁ ଡାକିଲେ ମିଛକହେ ଯେ, ଆଜି ରାତିରେ ଖାଇବିନାହିଁ । ବାହାନା କରେ ଆଜି ଭୋକ ହେଉନି ତ କେତେବେଳେ ହଜମ ହୋଇନାହିଁ । ଏମିତି ପ୍ରତିଥର ମା'ଙ୍କୁ ମିଛ କହିଲାବେଳେ ଗାନ୍ଧୀଙ୍କୁ ଭାରିବାଧେ । ଏତେ ମିଛ, ତା' ପୁଣି ମା ଆଗରେ । ତେଣୁ ଗାନ୍ଧିଜୀ ଶପଥ ନେଲେ ଯେ, ବାପା-ମାଆଙ୍କ ଜୀବଦଶାରେ ଆଉ ମାଂସ ଖାଇବେନାହିଁ । ଏଇ ଶପଥ କଥା ବନ୍ଧୁଙ୍କୁ ଜଣାଇଦେଲେ । ସାରାଜୀବନ ସେ ଏହାକୁ ବ୍ରତରୂପେ ପାଳନକଲେ ।

ମଣିଷ ନିଜର ଇଚ୍ଛାଶକ୍ତି ବଳରେ ନିଜର କୁଅଭ୍ୟାସ ଛାଡ଼ିପାରେ, କୁସଙ୍ଗ କରିନପାରେ । ସତରେ ଏ ଜଗତରେ ମଣିଷ ରହିଁଲେ ତା'ପକ୍ଷରେ ଅସମ୍ଭବ ବୋଲି କିଛିନାହିଁ । ଏହାହିଁ ଆମେ ସମସ୍ତେ ଗାନ୍ଧିଙ୍କଠାରୁ ଶିଖିବା ଉଚିତ୍ । ଜୀବନରେ ମିଛକହିବା ମହାପାପ ।

**ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**
**ବଡ଼ତୋଟା, ଜଟଣୀ, ଖୋରଧା**
**ମୋ - ୯୪୩୮୩୫୨୩୭୬**

## ଦେହାତୀତ



**ଦେବଯାନୀ ରାୟ**

ସେଇ ନିଟୋଳ ରୂପରେ
ସମର୍ପି ଦେଇ ନିଜକୁ
ସ୍ୱପ୍ନ ଡ଼େଣାରେ ରଙ୍ଗ ମାଖିଛି
ବିଭୋର ପଣର
ଅବଚେତନାରେ ରହିଁଛି
ତୋ ଦେହବେଦୀର ମୁଖଶାଳାକୁ ..... ।

ପୁଣି ବି ସାଉଁଟିଛି
ନିଃ... ସ୍ୱ... ହେବାର ଧୃଷ୍ଟତା
ଉପଲବ୍ଧ କରିଛି
ଅସ୍ଥିମଜ୍ଜାରେ ପ୍ରତିଟି ରକ୍ତକଣିକାକୁ...... ।

ଶତପଦ୍ମରେ ଭାସ୍ୱର
ଦୀପ୍ତିମନ୍ତ ନିଶବ୍ଦ ସ୍ୱରର
ଚିର ଇପ୍ସିତ ମାର୍ଗ - ମର୍ଗାନ୍ତରରୁ
ଆସିବାକୁ ହେବ
ଆଲୋକର ବର୍ଣ୍ଣବିଭାକୁ...... ।

ପ୍ରଜ୍ଞା - ପାଣ୍ଡିତ୍ୟର କପଟ ପ୍ରବଞ୍ଚନା
ସରଳ ଶଠତା ଭେଦି
ପାପ - ପୁଣ୍ୟ
ନୀତି - ଅନୀତି
ରିଆଜ ସୁର୍ ର ଧାରେ
ଉର୍ଦ୍ଧତାର ଗର୍ବ ଗହ୍ୱରର
ଗୁଞ୍ଜରିତ ପ୍ରଣବ ମନ୍ତ୍ର
ଦେହଂ ଦେହୀ ର ଓଁ କାର
ବିଜୟ ସ୍ୱରର ଅନ୍ତଃକରଣରେ
ଦକ୍ଷ ଅଲଂଘ୍ୟତାରେ
ଦେହାତୀତ ହେବାକୁ...... ।

**ଜଟଣୀ, ଖୋର୍ଦ୍ଧା**

# ପୋଖରୀ ପାଣିରେ ଧଣ୍ଡ ସାପ


ପ୍ରାଧାପକ ମନୋଜ କୁମାର ମହାପାତ୍ର



ପୃଥିବୀ ପୃଷ୍ଠରେ ପ୍ରାୟ ୫୦୦ପ୍ରଜାତିର ସାପ ଦେଖାଯାଆନ୍ତି। କିନ୍ତୁ ଅଧିକାଂଶ ସାପ ବିଷହୀନ ସାପ ଅଟନ୍ତି। ଆମ ଓଡ଼ିଶାରେ ବିଶେଷ କରି ପୋଖରୀ, ଧାନ ବିଲ, ଗାଡିଆ, ପାଟ ଆଦିରେ ଏକ ପ୍ରକାର ବିଷହୀନ ସାପ ବାସ କରନ୍ତି ଯାହାର ନାମ ଧଣ୍ଡ ସାପ ବା ପାଣି ଧଣ୍ଡ। ଏମାନଙ୍କର ଇଂରାଜୀ ନାମ ହେଉଛି **ଡବପ୍ପରକ୍ସ ୫ଭବଲର** ଓ ବୈଜ୍ଞାନିକ ନାମ Atretium Schistosum ଏମାନେ ଆକାରରେ ମଧ୍ୟମ ଧରଣର ଓ ଦେହର ଲମ୍ବ ପ୍ରାୟ୪୫ସେ.ମି ରୁ ୧ମିଟର। ବେକଟି ସରୁ ଓ ମୁଣ୍ଡଠାରୁ ଅଲଗା ଅଟେ। ଏମାନଙ୍କର ଲାଞ୍ଜ ବହୁତ ଛୋଟ। ଦେହର ମଝି ଅଂଶ ମୋଟା। ଦେହର ରଙ୍ଗ ସବୁଜ ଓ ପିଠି ଉପର କାତି ନୌ ତଳାକାର ଓ ଚକ୍ ଚକ୍ ଦିଶେ। ପେଟ ପାଖ ହଳଦିଆ କିମ୍ବା କମଳା ରଙ୍ଗ ଏବଂ ପେଟର ଦୁଇପାର୍ଶ୍ୱ କେଳାଥିଆ ରଙ୍ଗ। ଆଖି ଚାରିପାଖ କଳା ଓ ନାକପୁଡା କଟାଦାଗ ପରି ଦେଖାଯାଏ। ଉପର ଓ ତଳଓଠର ଢାଲଗୁଡିକ ଧଳାରଙ୍ଗ ଓ ପ୍ରତି ଆଖିର ପଛକୁ ଥିବା ୩ଟି ଢ଼ାଲ ମଧ୍ୟରୁ ମଝି ଢ଼ାଲଟିର ପଛରୁ ଗୋଟିଏ ଲେଖାଏଁ କଳାଗାର ଆରମ୍ଭ ହୋଇଥାଏ। ଏହି ଗାର ପିଠି ଉପରରେ ସବୁଜରଙ୍ଗ ଭାବେ ଦେଖାଯାଏ। ଦେହର ମଝିଅଂଶ ତଥା ପିଠି ଉପରେ ୧୯ଧାଡିର କାତି ସଜ୍ଜିତ ହୋଇ ରହିଛି। ପେଟତଳେ କାତି ଓସାରିଆ ଓ ଉଭୟ ପାର୍ଶ୍ୱରେ ୧୨୯-୧୫୭ଟି କାତି ଧାଡି ଧାଡି ହୋଇ ରହିଥାଏ। ମଳଦ୍ୱାର ଉପରେ ଥିବା କାତିଟି ଦୁଇଭାଗରେ ବିଭକ୍ତ। ପେଟତଳେ ଥିବା କାତିଟି ମଧ ତିନିଭାଗରେ ବି ଭ କ୍ତ ଥାଏ।

ଏମାନଙ୍କର ୮ଟି ଅଧିଓଷ୍ଠୀୟ ଢ଼ାଲ ରହିଛି ଓ ସେଥିରୁ ୩ୟ ଓ ୪ର୍ଥ ଢ଼ାଲ ଆଖିକୁ ଛୁଇଁ ଥାଏ। ଆଠଗୋଟି ଢ଼ାଲ ମଧ୍ୟରୁ ଗୋଟିଏ ପୂର୍ବ ଅକ୍ଷିକ ଢ଼ାଲ ଓ ୩ଟି ପଛ ଅନୁଅକ୍ଷିକ ଢ଼ାଲ ଓ ସେହିପରି ଗୋଟିଏ ଅଧିଅକ୍ଷିକ ଢ଼ାଲ ରହିଛି। ତଳପାଟିରେ ୭ଗୋଟି ଅଧଓଷ୍ଠୀୟ ଢ଼ାଲ, ୪ଟି ଢ଼ାଲ ଅବଜିହ୍ୱା ଢ଼ାଲ ସହିତ ଏକ ଚିବୁକୀୟ ରେଖା ରହିଛି।

ଏମାନେ ଦିନ ଓ ରାତ୍ରି ସମୟରେ ଚଳପ୍ରଚଳ କରିଥାନ୍ତି। ଏମାନଙ୍କର ମୁଖ୍ୟ ଖାଦ୍ୟ ହେଲା ବେଙ୍ଗ, ବେଙ୍ଗଫୁଲା ଓ ମାଛ। ଏପରିକି ପୋଖରୀ କୂଳ ଓ ଡ୍ରେନରେ ପଶି ମଶାଙ୍କର ଲାର୍ଭାଙ୍କୁ ମଧ ଖାଇଥାନ୍ତି। ପାଣି ଭିତରେ କିମ୍ବା ପାଣି ପାଖାପାଖି ଅଞ୍ଚଳରେ ଏମାନେ ରହିଥାନ୍ତି ଏବଂ ପୋଖରୀ, ପାଟ ଓ ଗାଡିଆ କୂଳରେ ଗାତ ଭିତରେ ଏପରିକି କଙ୍କଡାଗାତ ରେ ମଧ ରହିଥାନ୍ତି। ଡିସେମ୍ବରରୁ ମାର୍ଚ୍ଚମାସ ମଧ୍ୟରେ ମାଈସାପ ୧୨ ରୁ ୩୦ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଏମାନେ ଶାନ୍ତ ପ୍ରକୃତିର ସାପ। ଏମାନଙ୍କୁ ଆଘାତ ହେଲେ ରାଗିଯାଇ କାମୁଡିଥାନ୍ତି ଓ କ୍ଷତରୁ ରକ୍ତ ସ୍ରାବ ହୋଇଥାଏ। କିନ୍ତୁ ଏମାନଙ୍କଠାରେ ବିଷ ନଥିବାରୁ ମଣିଷ ମୃତ୍ୟୁମୁଖରେ ପଡିନଥାନ୍ତି। ବିଶେଷ କରି ମଶା ବଂଶ ନିପାତ ପାଇଁ ଏମାନେ ସାହାଯ୍ୟ କରିଆନ୍ତି। ଏମାନଙ୍କର ସୁରକ୍ଷା ଜରୁରୀ ଅଟେ।



**ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ**
**ବାଙ୍କୀ,କଟକ**

# ଇଂଲାଣ୍ଡ ବିପକ୍ଷରେ ନିର୍ଣ୍ଣାୟକ ବିଜୟ



**ଆଶିଷ କୁମାର ରାୟ**






ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଟେଷ୍ଟ ସିରିଜ୍‌ରେ ଐତିହାସିକ ବିଜୟ ହାସଲ କରିବା ପରେ ଘରୋଇ ପରିବେଶରେ ମୁକାବିଲା ଥିଲା ଇଂଲାଣ୍ଡ ସହିତ। ବିଶ୍ୱ ଟେଷ୍ଟ ଚାମ୍ପିଆନ୍‌ଶିପ୍‌ର ଫାଇନାଲରେ ପ୍ରବେଶ କରିବାକୁ ହେଲେ ଏହି ସିରିଜ୍‌ରେ ନିର୍ଣ୍ଣାୟକ ବିଜୟ ହାସଲ କରିବା ଥିଲା ନିହାତି ଜରୁରୀ। ଅଷ୍ଟ୍ରେଲିଆ ବିରୁଦ୍ଧରେ ୨-୧ରେ ଭାରତର ଟେଷ୍ଟ ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିଆନଶିପ୍ ପଏଣ୍ଟ ତାଲିକାରେ ଅଷ୍ଟ୍ରେଲିଆ କିଛିଟା କମଜୋର ପଡ଼ିଯାଇଥିଲା। ତେବେ ନ୍ୟୁଜିଲାଣ୍ଡ ଦଳ ଉନ୍ନତ ପ୍ରଦର୍ଶନ ବଳରେ ପହଞ୍ଚି ଯାଇଥିଲା ଫାଇନାଲରେ। ଭାରତ ଗସ୍ତରେ ଆସିବା ପୂର୍ବରୁ ଇଂଲାଣ୍ଡ ଦଳ ଶ୍ରୀଲଙ୍କା ବିପକ୍ଷରେ ଟେଷ୍ଟ ସିରିଜକୁ ୨-୦ରେ ଜିତି ନ୍ୟୁଜିଲାଣ୍ଡ ସହିତ ଫାଇନାଲ ଖେଳିବା ଲକ୍ଷ୍ୟରେ ଥିଲା। ଅନ୍ୟ ଦିଗରେ ଅଷ୍ଟ୍ରେଲିଆରେ ବିଜୟ ଲାଭ ସତ୍ତ୍ୱେ ଭାରତ ପାଇଁ ଥିଲା କର ବା ମର ଭଳି ସ୍ଥିତି। ଇଂଲାଣ୍ଡ ଦଳ ଭାରତରେ ଚାରି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଆସିବା ସମୟରେ ପରିସ୍ଥିତି ମଧ୍ୟ ସେହିଭଳି ଥିଲା। ଭାରତ ହେଉ ଅବା ଇଂଲାଣ୍ଡ ଯିଏ ସିରିଜ୍ ଜିତିବ ସିଏ ବିଶ୍ୱ ଟେଷ୍ଟ ଚାମ୍ପିଆନଶିପ୍‌ର ଫାଇନାଲରେ ପ୍ରବେଶ କରିବ, ଆଉ ଯଦି ସିରିଜ ଅମୀମାଂସିତ ରହେ ତେବେ ଅଷ୍ଟ୍ରେଲିଆ ଯିବ ଫାଇନାଲକୁ।

କରୋନା ମହାମାରୀ ଯୋଗୁଁ ଅନେକ ଦିନ ଧରି କ୍ରୀଡ଼ା କାର୍ଯ୍ୟକ୍ରମ ବନ୍ଦ ରହିବା ପରେ ଏହା ଥିଲା ଭାରତରେ ପ୍ରଥମ ଆନ୍ତର୍ଜାତିକ ସ୍ତରର କ୍ରିକେଟ ସିରିଜ୍‌ର ଆୟୋଜନ। ତେବେ ଚେନ୍ନାଇରେ ଆୟୋଜିତ ପ୍ରଥମ ଟେଷ୍ଟ ମ୍ୟାଚରେ ଇଂଲାଣ୍ଡ ଦଳ ୨୨୭ ରନରେ ବିଜୟୀ ହୋଇ ଭାରତୀୟ ଦଳକୁ ଆଶଙ୍କା ମଧ୍ୟକୁ ଠେଲିଦେଲା। ଇଂଲାଣ୍ଡର ଅଧିନାୟକ ଜୋ ରୁଟ୍‌ଙ୍କ ୨୧୮ରନର ପାଳି ମ୍ୟାଚ୍ ବିଜୟୀ ସାବ୍ୟସ୍ତ ହେଲା। ସେହି ସମୟରେ ଇଂଲାଣ୍ଡର ଫାଇନାଲରେ ପ୍ରବେଶ ସମ୍ଭାବନା ଥିଲା ଅଧିକ। ଏହାପରେ କିନ୍ତୁ ଯାହା ଘଟିଲା ତାହା ଥିଲା ଅବିସ୍ମରଣୀୟ। ଅଷ୍ଟ୍ରେଲିଆରେ ଭାରତ ଆଡିଲେଡରେ ଆୟୋଜିତ ପ୍ରଥମ ଟେଷ୍ଟରେ ପରାଜିତ ହେବା ପରେ ସଫଳ ପ୍ରତ୍ୟାବର୍ତ୍ତନ କରି ମେଲବୋର୍ଣ୍ଣ ଓ ବ୍ରିସବେନ୍‌ରେ ବିଜୟ ହାସଲ କରିବା ସହିତ ସିଡନୀ ଟେଷ୍ଟକୁ ଡ୍ର ରଖି ସିରିଜ୍ ବିଜୟୀ ହୋଇଥିଲା। ଏଠାରେ କିନ୍ତୁ ଆଉ ପାଦେ ଆଗକୁ ବଢ଼ି ବିରାଟ କୋହଲୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପରବର୍ତ୍ତୀ ତିନିଟି ଯାକ ଟେଷ୍ଟରେ ହାସଲ କଲା ନିର୍ଣ୍ଣାୟକ ବିଜୟ।

ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟ ମଧ୍ୟ ଖେଳାଯାଇଥିଲା ଚେନ୍ନାଇର ଏମ୍.ଏ. ଚିଦମ୍ବରମ ଷ୍ଟାଡିୟମରେ। ଏହି ମ୍ୟାଚରେ କିନ୍ତୁ ବାଜି ଓଲଟିଗଲା। ପ୍ରଥମ ଟେଷ୍ଟରେ ୨୨୭ରନରେ ପରାଜିତ ହୋଇଥିବା ଭାରତୀୟ ଦଳ ଦ୍ୱିତୀୟ ଟେଷ୍ଟରେ ବିଜୟୀ ହେଲା ୩୧୭ରନ ବ୍ୟବଧାନରେ। ପ୍ରଥମ ଇନିଂସରେ ଭାରତ ଯେଉଁ ୩୨୯ରନର ସ୍କୋର ଛିଡ଼ା କଲା, ସେଥିରେ ରୋହିତ ଶର୍ମାଙ୍କ ଅବଦାନ ଥିଲା ୧୬୧ରନର। ତାଙ୍କ ବ୍ୟତୀତ ଅଜିଙ୍କ୍ୟା ରାହାଣେ ଓ ଋଷଭ ପନ୍ତ ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବରେ ଇଂଲାଣ୍ଡ ଦଳ ମାତ୍ର ୧୩୪ରନ କରି କଷ୍ଟେମଷ୍ଟେ ଫଲୋଅନ୍‌ରୁ ରକ୍ଷା ପାଇଲା। ରବିଚନ୍ଦ୍ରନ ଅଶ୍ୱୀନ ୫ଟି ୱିକେଟ ଝାଡ଼ି ନେଇଥିବା ବେଳେ ଇଶାନ୍ତ ଶର୍ମା ଓ ଅକ୍ଷର ପଟେଲଙ୍କୁ ମିଳିଲା ଦୁଇଟି ଲେଖାଏଁ ୱିକେଟ। ଦ୍ୱିତୀୟ ଇନିଂସରେ ଜ୍ୟାକ୍ ଲିଚ୍ ଓ ମୋଇନ୍ ଅଲ୍ଲୀଙ୍କ ଚମତ୍କାର ସ୍ପିନ୍ ବୋଲିଂ ସତ୍ତ୍ୱେ ବିରାଟ କୋହଲୀ ଅର୍ଦ୍ଧଶତକ ଓ ରବିଚନ୍ଦ୍ରନ ଅଶ୍ୱୀନ ଚମତ୍କାର ଶତକ ହାସଲ କଲେ ଏବଂ ଭାରତ ୨୮୬ ରନ କରିବା ଦିଗରେ ସମର୍ଥ ହେଲା। ଇଂଲାଣ୍ଡ ଦଳ କିନ୍ତୁ ଅଶ୍ୱୀନ, ଅକ୍ଷର ଓ କୁଲଦୀପଙ୍କ ସ୍ପିନ୍ ବୋଲିଂର ସଫଳ ମୁକାବିଲା କରିନପାରି ୧୬୪ ରନରେ ଅଲ୍‌ଆଉଟ୍ ହେଲା। ନିଜ ଜୀବନର ପ୍ରଥମ ଟେଷ୍ଟ ଖେଳୁଥିବା ଅକ୍ଷର ପଟେଲ ଦ୍ୱିତୀୟ ଇନିଂସରେ ୫ଟି ୱିକେଟ ନେଇଥିବା ବେଳେ ରବିଚନ୍ଦ୍ରନ ଅଶ୍ୱୀନ ନିଜର ସୁନ୍ଦର ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁଁ ମ୍ୟାଚ୍‌ର ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

ପ୍ରକୃତରେ ଦେଖିବାକୁ ଗଲେ ଅଶ୍ୱୀନ ଓ ଅକ୍ଷର ହିଁ ଥିଲେ ଏହି ମହତ୍ତ୍ୱପୂର୍ଣ୍ଣ ସିରିଜ ବିଜୟର ଦୁଇ ନାୟକ। କେବଳ ଦ୍ୱିତୀୟ ଟେଷ୍ଟ ନୁହେଁ, ବରଂ ଅହମଦାବାଦର ବିଶାଳକାୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ



ଖେଳାଯାଇଥିବା ପରବର୍ତ୍ତୀ ଦୁଇଟି ଟେଷ୍ଟରେ ମଧ୍ୟ ଦେଖିବାକୁ ମିଳିଥିଲା ଏହି ଦୁଇ ତାରକାଙ୍କ ଯାଦୁ ଏବଂ ସେମାନଙ୍କ ଯାଦୁକରୀ ସ୍ପିନ୍ ବୋଲିଂ ଯୋଗୁଁ ହିଁ ଭାରତୀୟ ଦଳ ସହଜସାଧ୍ୟ ବିଜୟ ହାସଲ କରି ପହଞ୍ଚିଗଲା ବିଶ୍ୱ ଟେଷ୍ଟ ଚାମ୍ପିଆନଶିପ୍‌ର ଫାଇନାଲରେ। ତୃତୀୟ ଟେଷ୍ଟ ତ ଦୁଇଦିନ ମଧ୍ୟରେ ସମାପ୍ତ ହୋଇଗଲା। ଏହି ମ୍ୟାଚରେ ଇଂଲାଣ୍ଡ ଦଳ ଉଭୟ ଇନିଂସରେ ଯଥାକ୍ରମେ ୧୧୨ ଓ ୮୧ ରନ ହିଁ କରିପାରିଲା। ଭାରତ ମଧ୍ୟ ବେଶି କିଛି ରନ କରିନଥିଲା। ପ୍ରଥମ ଇନିଂସରେ ମାତ୍ର ୧୪୫ ରନରେ ଅଲଆଉଟ ହୋଇଯିବା ସତ୍ତ୍ୱେ ଇଂଲାଣ୍ଡର ବ୍ୟାଟସ୍‌ମ୍ୟାନମାନେ ଆହୁରି କମ ରନରେ ଆଉଟ ହେବା ଯୋଗୁଁ ମିଳିଲା ମାତ୍ର ୪୯ରନର ବିଜୟ ଲକ୍ଷ୍ୟ, ଯାହାକୁ ବିନା କ୍ଷତିରେ ପୂରଣ କରି କୋହଲୀଙ୍କ ଦଳ ୧୦ ୱିକେଟରେ ବିଜୟ ହାସଲ କରିନେଲା। ଏହି ଟେଷ୍ଟରେ ଅକ୍ଷର ପଟେଲ ଉଭୟ ଇନିଂସରେ ମିଶି ୧୧ଟି ୱିକେଟ ଦଖଲ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ଅଶ୍ୱୀନଙ୍କୁ ମିଳିଥିଲା ୭ଟି ୱିକେଟ।

ଚତୁର୍ଥ ତଥା ଚୂଡ଼ାନ୍ତ ଟେଷ୍ଟରେ ମଧ୍ୟ ଇଂଲାଣ୍ଡର ପରାଜୟ ଧାରା ଜାରି ରହିଲା। ଏହି ମ୍ୟାଚରେ ଅକ୍ଷର ପଟେଲ ନଅଟି ଓ ରବିଚନ୍ଦ୍ରନ ଅଶ୍ୱୀନ ଆଠଟି ୱିକେଟ ଦଖଲ କରି ପୁନର୍ବାର ଇଂଲାଣ୍ଡ ବ୍ୟାଟିଂ ଲାଇନ୍‌କୁ ଧ୍ୱସ୍ତବିଧ୍ୱସ୍ତ କରିଦେଲେ। ଇଂଲାଣ୍ଡ ଦଳ ପ୍ରଥମ ଇନିଂସରେ ୨୦୫ ରନରେ ଆଉଟ ହେବା ପରେ ଏକଦା ଭାରତୀୟ ଦଳ ୧୪୬ରେ ଛଅଜଣ ଖେଳାଳିଙ୍କୁ ହରାଇ ପ୍ରାୟ ସମାନ ସ୍ଥିତିରେ ଥିଲା। ତେବେ ଋଷଭ ପନ୍ତ ୧୦୧, ୱାସିଂଟନ ସୁନ୍ଦର ଅପରାଜିତ ୯୬ ଓ ଅକ୍ଷର ପଟେଲ ୪୩ରନ କରି ଦଳର ବିଜୟ ପାଇଁ ମଜଭୁତ ଆଧାର ଗଢ଼ିଦେଲେ। ଭାରତର ୩୬୫ରନର ସ୍କୋରକୁ ଅତିକ୍ରମ କରିବା ଇଂଲାଣ୍ଡ ପକ୍ଷେ ସମ୍ଭବ ହେଲା ନାହିଁ। ଦ୍ୱିତୀୟ ପାଳିରେ ମାତ୍ର ୧୩୫ରେ ସୀମିତ ରହି ସେମାନେ ପରାଜିତ ହେଲେ ଗୋଟିଏ ଇନିଂସ ଓ ୨୫ ରନରେ। ଋଷଭ ପନ୍ତ ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବେଳେ ନିଜର ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଅଶ୍ୱୀନ ହାତେଇ ନେଇଥିଲେ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର। ଏହି ସିରିଜ ବିଜୟର ଲକ୍ଷ୍ୟ ପୂରଣ ପରେ ଭାରତୀୟ ଦଳରେ ଆଗାମୀ ଲକ୍ଷ୍ୟ ହେଲା ଆସନ୍ତା ଜୁନ ମାସରେ ଇଂଲାଣ୍ଡର ସାଉଥ୍ ହାମ୍ପଟନ୍‌ରେ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଆନଶିପ୍‌ର ଫଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିବା ।

ଇଂଲାଣ୍ଡ ବିରୁଦ୍ଧରେ ଯେ ଭାରତ କେବଳ ଟେଷ୍ଟ ସିରିଜ୍ ବିଜୟର ଲକ୍ଷ୍ୟ ରଖିଥିଲା ତାହା ନୁହେଁ ବରଂ କ୍ରକେଟର ତିନିଟିଯାକ ଶୈଳୀରେ ବିଜୟୀ ହେବା ଥିଲା ଅନ୍ୟ ଏକ ଲକ୍ଷ୍ୟ। ଟି-ଟ୍ୱେଣ୍ଟିରେ ୩-୨ରେ ବିଜୟ ମିଳିଥିବା ବେଳେ ଏକଦିବସୀୟ ସିରିଜକୁ ଭାରତ ଜିତିନେଲା ୨-୧ ମ୍ୟାଚର ବ୍ୟବଧାନରେ। ଟି-ଟ୍ୱେଣ୍ଟି ସିରିଜର ପ୍ରଥମ ମ୍ୟାଚରେ ଶ୍ରେୟସ ଆୟାର ୬୭ରନ ସତ୍ତ୍ୱେ ଇଂଲାଣ୍ଡ ଏହାକୁ ଆଠ ୱିକେଟରେ ଜିତିନେଲା। ଦ୍ୱିତୀୟ ମ୍ୟାଚକୁ କିନ୍ତୁ ସାତ ୱିକେଟରେ ଜିତି ଭାରତ ସମାନ ସ୍ଥିତିକୁ ଆସିଗଲା। ନିଜର ପ୍ରଥମ ମ୍ୟାଚ ଖେଳୁଥିବା ଇଶାନ କିଶନ ୫୬ ଓ ଅଧିନାୟକ କୋହଲୀଙ୍କ ୭୩ରନ ସହାୟତାରେ ଭାରତ ୧୬୫ରନର ଲକ୍ଷ୍ୟ ପାର କରିଯାଇଥିଲା। ତୃତୀୟ ମ୍ୟାଚରେ ବିରାଟ କୋହଲୀଙ୍କ ଅପରାଜିତ ୭୭ରନ ଉପରେ କିନ୍ତୁ ଜୋସ ବଟଲରଙ୍କ ଅପରାଜିତ ୮୩ରନ ଭାରି ପଡ଼ିଲା ଏବଂ ଆଠ ୱିକେଟରେ ବିଜୟୀ ହେଲା ଇଂଲାଣ୍ଡ। ଏହାପରେ ଚତୁର୍ଥ ଓ ପଞ୍ଚମ ମ୍ୟାଚ ଦୁଇଟିକୁ ଜିତି ଭାରତ ସିରିଜ ହାତେଇନେଲା। ଏହି ଦୁଇ ମୁକାବିଲାରେ ଯଥାକ୍ରମେ ସୂର୍ଯ୍ୟକୁମାର ଯାଦବ ଓ ଭୁବନେଶ୍ୱର କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିବା ବେଳେ ଅଧିନାୟକ କୋହଲୀଙ୍କୁ ମିଳିଥିଲା ମ୍ୟାନ୍ ଅଫ୍ ଦି ସିରିଜ୍‌ର ପୁରସ୍କାର। ପଞ୍ଚମ ଟି-ଟ୍ୱେଣ୍ଟିରେ କୋହଲୀ ୮୦ରନ ଓ ରୋହିତ ଶର୍ମା ୬୪ ରନ କରିଥିଲେ। ଶାର୍ଦ୍ଦୁଲ ଠାକୁର ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବୋଲିଂ ମଧ୍ୟ ଅନ୍ତିମ ଦୁଇଟି ମ୍ୟାଚରେ ଦଳ ପାଇଁ ବେଶ୍ ସହାୟକ ହୋଇଥିଲା।



ପରିଶେଷରେ ଖେଳାଯାଇଥିବା ଏକଦିବସୀୟ ସିରିଜ ମଧ୍ୟ ଥିଲା ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାମୂଳକ। ପ୍ରଥମ ମ୍ୟାଚରେ ଭାରତ ୬୬ରନରେ ବିଜୟୀ ହେବା ପରେ ଦ୍ୱିତୀୟ ମ୍ୟାଚରେ ଇଂଲାଣ୍ଡ ବିଜୟୀ ହେଲା ୬ ୱିକେଟରେ। ଅନ୍ତିମ ମୁକାବିଲାରେ ଭାରତ ୩୨୯ରନ କରି ବିଜୟୀ ହେଲା ମାତ୍ର ସାତ ରନରେ। ଏହି ସିରିଜରେ ଶିଖର ଧାୱନ, ବିରାଟ କୋହଲି, କେ.ଏଲ. ରାହୁଲ, ଋଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା ଓ କୃନାଲ ପାଣ୍ଡ୍ୟାଙ୍କ ବ୍ୟାଟିଂ ତଥା ନବାଗତ ପ୍ରସିଦ୍ଧ କ୍ରିଷ୍ଣା, ଶାର୍ଦ୍ଦୁଲ ଠାକୁର ଓ ଭୁବନେଶ୍ୱର କୁମାରଙ୍କ ବୋଲିଂ ଭାରତ ପାଇଁ ବିଜୟ ଆଣି ଦେଇଥିଲା। ତେବେ ସିରିଜର ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ ଇଂଲାଣ୍ଡର ଜନୀ ବେୟାରଷ୍ଟୋ।

ମୋ-୯୪୩୭୬୨୭୫୧୪

# ସମ୍ବାଦ ବିଚିତ୍ରା

୧. କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ୨୦ଟି ଭାଷାରେ ପୁରସ୍କାର ଘୋଷଣା କରାଯାଇଛି। ଏଥିରେ ସାତଟି କବିତା ପୁସ୍ତକ, ଚାରିଟି ଉପନ୍ୟାସ, ଚାରିଟି କ୍ଷୁଦ୍ରଗଳ୍ପ, ଗୋଟିଏ ଅନୁସନ୍ଧାନମୂଳକ ପ୍ରବନ୍ଧ ଏବଂ ଗୋଟିଏ ମହାକାବ୍ୟ ଚୟନ କରାଯାଇଛି ?

୨. ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିଦ୍ୱାରା ପରିଚାଳିତ ଏମ୍.ବି.ବି.ଏସ୍ ଏବଂ ବି.ଡ଼ି.ଏସ୍. ପାଠ୍ୟକ୍ରମରେ ନାମଲେଖା ପାଇଁ ଅଗଷ୍ଟ ୧ ତାରିଖରେ ସାରାଦେଶରେ ପରୀକ୍ଷା ଅନୁଷ୍ଠିତ ହେବ।

୩. ଓଡ଼ିଶା ରାଜ୍ୟରେ ଅପରାଧ କମାଇବା ଏବଂ ଅପରାଧୀଙ୍କ ତଥ୍ୟ ଜାଣିବାପାଇଁ ପୋଲିସ୍ "ଅତିଥି" ଆପ୍ ଜାରୀକରିଛି।

୪. ଓଡ଼ିଶାରେ ଆସନ୍ତା ଏପ୍ରିଲ ମାସରୁ ରବିବାର ଦିନ ସ୍କୁଲସବୁ ବନ୍ଦରହିବ।

୫. ଓଡ଼ିଶା ଜୁଡ଼ିସିଆଲ ସର୍ଭିସ୍ ପରୀକ୍ଷାରେ ଇର୍ଷିତା କେଶରଓ୍ୱାନି ଟପର୍ ହୋଇଛନ୍ତି।

୬. ଓଡ଼ିଶାର ପାରାଦ୍ୱୀପରେ ୧୦୬ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ପ୍ଲାଷ୍ଟିକ୍ ପାର୍କ ପ୍ରତିଷ୍ଠିତ ହେବ।

୭. ଆଗାମୀ ଏକବର୍ଷ ମଧ୍ୟରେ ସମସ୍ତ ଟୋଲ ପ୍ଲାଜା ବନ୍ଦ କରାଯିବାପାଇଁ ସରକାର ଘୋଷଣା କରିଛନ୍ତି।

୮. କୁସ୍ତି ଖେଳାଳି ରିତିକା ଫୋଗଟ୍ ଫାଇନାଲ ମ୍ୟାଚ୍ ହାରିଯିବା ଦୁଃଖ ସହିନପାରି ଆତ୍ମହତ୍ୟା କରିଛନ୍ତି।

୯. ପରମବୀର ସିଂଙ୍କ ସ୍ଥାନରେ ହେମନ୍ତ ନଗରାଲେଙ୍କୁ ମୁମ୍ବାଇ ପୋଲିସ୍ କମିଶନର ପଦବୀରେ ନିଯୁକ୍ତି ମିଳିଛି।

୧୦. ୬୨ ବର୍ଷୀୟ ରାମ ସ୍ୱରୂପା ଶର୍ମା ବିଜେପି ସାଂସଦଙ୍କର ମୃତଦେହ ଦିଲ୍ଲୀ ବାସଭବନରୁ ଉଦ୍ଧାର କରାଯାଇଛି।

୧୧. ଓଡ଼ିଶା ଟିକାଦାନ କ୍ଷେତ୍ରରେ ଗୋଟିଏ ଦିନରେ ଏକଲକ୍ଷ ବରିଷ୍ଠ ନାଗରିକମାନଙ୍କୁ ଟିକାଦାନକରି ରେକର୍ଡ଼ ସୃଷ୍ଟିକରିଛି।

୧୨. ଭୁବନେଶ୍ୱର ମହାନଗର ନିଗମର ବର୍ଦ୍ଧିତ ହୋଲଡ଼ିଂ ଟାକ୍ସ ସ୍ଥଗିତ ରଖାଯାଇଛି ?

୧୩. ଓଡ଼ିଶାର ପ୍ରତି ବ୍ଲକ୍‌ରେ ମିଶନଶକ୍ତି କାର୍ଯ୍ୟାଳୟ ଖୋଲିବ।

୧୪. ଓଡ଼ିଶାରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ପାଶ୍ କରିବେ ବୋଲି ଗଣଶିକ୍ଷାମନ୍ତ୍ରୀ ସୂଚନା ଦେଇଛନ୍ତି।

୧୫. ଓଡ଼ିଶାରେ ଆଠଟି ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ ମିଳିଛି।

୧୬. ଶ୍ରୀ ଜଗନ୍ନାଥଙ୍କର ୨୯୦୦୦ ଏକର ଜମିବିକ୍ରି ଖବର ମିଛ ଅଟେ।

୧୭. ଓଡ଼ିଶା ସରକାର ମନ୍ତ୍ରୀମଣ୍ଡଳ ବ୍ୟତୀତ ୩୩ଜଣଙ୍କୁ ମନ୍ତ୍ରୀ ପାହ୍ୟା ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ୬ଜଣ କେବିନେଟ୍ ପାହ୍ୟା, ୨୬ ଜଣ ରାଷ୍ଟ୍ରପାହ୍ୟା ଏବଂ ଜଣେ ଉପମନ୍ତ୍ରୀ ପାହ୍ୟା ପାଇଛନ୍ତି।

୧୮. ୨୦୨୦ ମଇ ୫ ତାରିଖରୁ ପେଟ୍ରୋଲ ଲିଟର ପିଛା ଟ.୩୩ ଓ ଡିଜେଲ ଲିଟରପିଛା ଟ. ୩୨ ରାଜସ୍ୱ ସଂଗ୍ରହ କରୁଛନ୍ତି କେନ୍ଦ୍ର ସରକାର।

୧୯. ବିଗତ ୩ବର୍ଷରେ ଓଡ଼ିଶାରେ ବଜ୍ରପାତରେ ୯୭୦ଜଣଙ୍କର ମୃତ୍ୟୁ ହୋଇଛି।

୨୦. କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ସୂଚନା ଅନୁସାରେ ଭାରତରେ ୦ ରୁ ୧୪ ବର୍ଷ ପିଲାଙ୍କୁ କୋଭିଡ୍ ସଂକ୍ରମଣ ଅତି ନଗଣ୍ୟ ଅଟେ।

୨୧. ୨୦୧୭ ରୁ ୨୦୨୧ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୧୨,୮୬୭ ଜଣ ଶିଶୁଙ୍କୁ ଭାରତୀୟମାନେ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରିଥିବାବେଳେ ବିଦେଶୀଙ୍କ ସଂଖ୍ୟା ୨୦୯୪ ଅଟେ।

୨୨. କେନ୍ଦ୍ର ସରକାର ଔଷଧ ନିର୍ମାତାଙ୍କୁ ଆନୁଆଲ ହୋଲସେଲ ପ୍ରାଇସ ଇଣ୍ଡେକ୍ସରେ ୦.୫% ବୃଦ୍ଧିପାଇଁ ଅନୁମତି ଦେଇଛନ୍ତି।

୨୩. ଭାରତରେ ବିମାନଭଡ଼ା ୫% ବୃଦ୍ଧିପାଇଛି।

୨୪. ଭାରତରେ ଏବେ ମହିଳାମାନଙ୍କ ଆବଶ୍ୟକତା ଅନୁଯାୟୀ ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କରାଇବାକୁ ଆଇନଗତ ଅଧିକାର ମିଳିବ।

୨୫. ଭାରତୀୟ ଜୀବନବୀମାର ମ୍ୟାଚୁରୁଟି ପଲିସି ପେମେଣ୍ଟପାଇଁ ଦେଶର କୌଣସି ଶାଖାରେ ବି କାଗଜପତ୍ର ଜମାକରିବାର ସୁବିଧା ଦିଆଯାଇଛି।

୨୬. କୋଭିଡ୍ -୧୯ ଯୋଗୁଁ ଅଗଷ୍ଟମାସରେ ଟୋକିଓରେ ହେବାକୁଥିବା ଗ୍ରୀଷ୍ମକାଳୀନ ଆଲମ୍ପିକକୁ ସମସ୍ତ ବିଦେଶୀ ଦର୍ଶକଙ୍କୁ ବାସନ୍ଦ କରାଯାଇଛି ବୋଲି ଅଲମ୍ପିକ୍ କମିଟି ଘୋଷଣା କରିଛି।

୨୭. ମୁଖ୍ୟମନ୍ତ୍ରୀ 'ମୋ କଲେଜ' ଅଭିଯାନ ସହ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ୫୧ଟି ସରକାରୀ କଲେଜ, ୫୫୮ଟି ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ୧୩ଟି ବିଶ୍ୱବିଦ୍ୟାଳୟ ଏବଂ ସଂସ୍କୃତି ବିଭାଗର ଗୋଟିଏ ବିଶ୍ୱବିଦ୍ୟାଳୟ ଭଳି ୭୫୫ଟି ଶିକ୍ଷା ଅନୁଷ୍ଠାନ 'ମୋ କଲେଜ' ଅଭିଯାନରେ ସାମିଲ ହେବ।

୨୮. ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନୀ ବିଶ୍ୱର ଶ୍ରେଷ୍ଠ ୧୦ଜଣ ଧନୀ ମଧ୍ୟରେ ଜଣେ ଅଟନ୍ତି। ସେ ଗୋଟିଏ ଦିନରେ ୨୧,୯୪୯ କୋଟି ଟଙ୍କା ଆୟ କରିଛନ୍ତି।

୨୯. ୨୦୨୫ ରେ ୫ମ ସର୍ବବୃହତ୍ ଅର୍ଥ ବୃହତ୍ ବ୍ୟବସ୍ଥାଭାବେ ବ୍ରିଟେନକୁ ଅତିକ୍ରମ କରିବ ଭାରତ, ଏଥିସହିତ ୨୦୩୦ ସୁଦ୍ଧା ଭାରତ ୩ୟ ସ୍ଥାନକୁ ଉନ୍ନୀତ ହେବବୋଲି ବ୍ରିଟେନ୍ ଅର୍ଥନୈତିକ ରେଟିଂ ସଂସ୍ଥା ଆକଳନ କରିଛି।

୩୦. ଜାତୀୟ ରାଜଧାନୀ ଦିଲ୍ଲୀରେ ଲେପ୍‌ନାଣ୍ଟ ଗଭର୍ଣ୍ଣରଙ୍କୁ ଅଧିକ କ୍ଷମତା ଦେବାଲାଗି କେନ୍ଦ୍ର ସରକାର ଆଣିଥିବା ଜି.ଏନ୍.ସି.ଟି.ଡ଼ି ବିଧେୟକ ବିଲ୍ ପାର୍ଲାମେଣ୍ଟର ଉଭୟ ଗୃହରେ ଗୃହୀତ ହୋଇଯାଇଛି।

୩୧. ଯକ୍ଷ୍ମା ନିରାକରଣ ଦିଗରେ ଶ୍ରେଷ୍ଠ ୧୦ଟି ଜିଲ୍ଲା ମଧ୍ୟରେ ଓଡ଼ିଶାର ୪ଟି ଜିଲ୍ଲା ସ୍ଥାନପାଇଛି।

୩୨. ବସ୍ତି ବାସିନ୍ଦାଙ୍କୁ ଅତି କମ୍‌ରେ ୩୦ ବର୍ଗମିଟର ଜମି ମିଳିବ।

୩୩. ପେଟ୍ରୋଲ ଡିଜେଲକୁ ଜି.ଏସ୍.ଟି. ଅନ୍ତର୍ଗତ କରିବାଲାଗି ଅନ୍ୟୁନ ୮ ରୁ ୧୦ବର୍ଷ ଲାଗିଯିବ ବୋଲି ବିଜେପି ନେତା ସୁଶୀଲ ମୋଦି କହିଛନ୍ତି।

୩୪. ଓଡ଼ିଶା ରାଜ୍ୟରେ ନିଖୋଜ ଶିଶୁଙ୍କୁ ଉଦ୍ଧାର ଉଦ୍ଦେଶ୍ୟରେ ୩୬ ପୁଲିସ୍ ଜିଲ୍ଲା ତରଫରୁ ୩୭ଟି ମାନବ ଚାଲାଣ ବିରୋଧି ସ୍ୱତନ୍ତ୍ର ଇଉନିଟ୍ ଖୋଲାଯାଇଛି।

୩୫. ୨୦୧୮ ରେ ଆସିଥିବା 'ସୁନ୍ଦରୀ' ମଣିଷଖିଆ ବାଘୁଣୀ ମାର୍ଚ୍ଚ ୨୩ ୨୦୨୧ରେ ମଧ୍ୟପ୍ରଦେଶକୁ ସ୍ଥାନାନ୍ତର କରାଯାଇଛି।

୩୬. ୧ ଅପ୍ରେଲରୁ ଓଡ଼ିଶାରେ ହେଲମେଟ ଚେକିଂ କଡ଼ାକଡ଼ି ଭାବେ ହେବ।

୩୭. ୬୬ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୧୯ ରେ 'ଛିଛୋରେ' କୁ ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ଭାବେ ପୁରସ୍କୃତ କରାଯାଇଛି।

୩୮. ଆମେରିକାର ଶିଖ୍‌ମାନଙ୍କ ସହାୟତାରେ ଏଚ.ଜି.ପି.ସି ସ୍ୱର୍ଣ୍ଣମନ୍ଦିର କମ୍ପ୍ଲେକ୍ସରେ ଏକ ସୋଲାର୍ ଶକ୍ତି ବ୍ୟବସ୍ଥା ସ୍ଥାପନ କରିବ।

୩୯. ଅପ୍ରେଲ ଶେଷ ପର୍ଯ୍ୟନ୍ତ ବନ୍ଦରହିବ ଅନ୍ତର୍ଜାତୀୟ ବିମାନସେବା।

୪୦. ଉତ୍ତରାଖଣ୍ଡର ଗ୍ଲାସିଅର ବିସ୍ଫୋରଣ ଘଟଣାରେ ପ୍ରାୟ ୧୩୦ ଜଣ ଲୋକ ଏବେ ସୁଦ୍ଧା ନିଖୋଜ ଅଛନ୍ତି ।

୪୧. କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁଯାୟୀ ୨୦୧୪ ରୁ ଏପର୍ଯ୍ୟନ୍ତ ୮୦୦ ଜବାନ ଆତ୍ମହତ୍ୟା କରିଛନ୍ତି।

୪୨. ଓ୍ୱାର୍ଲ୍ଡ ହାପିନେସ୍ ରିପୋର୍ଟ ୨୦୨୧ ଅନୁସାରେ ଭାରତ ୧୩୯ ତମ ସ୍ଥାନରେ ଅଛି।

# ସାଧାରଣ ଜ୍ଞାନ

## (1) ABBREVIATION

1. EEFC - Exchange Earner's Foreign Currency
2. PRIs - Panchayati Raj Institutions
3. NCPCR - National Commission for Protection of Child Rights
4. DNA - Deoxyribo Nucleic Acid
5. RNA - Ribo Nucleic Acid
6. NDSAP - National Data Sharing & Accessibility Policy
7. IPC - Indian Penal Code
8. IUCN - International Union for Conservation of Nature
9. UAS - Unmanned Aircraft System
10. WWF - World Wildlife Fund for Nature

## (୨) ପୁସ୍ତକ ଓ ଲେଖକ

1. Whereabouts - Jhumpa Lahiri
2. 1857- The Sword of Mastann - Vineet Bajpai
3. Unfinished - Priyanka Chopra Jonas
4. Agriculture Acts 2020 - Justice A K Rajan
5. Because India Comes First - Ram Madhav

୬. ବାନପ୍ରସ୍ଥ - ବିଜୟ ମିଶ୍ର
୭. ଶ୍ରୀ ପଳାତକ - ରମାକାନ୍ତ ରଥ
୮. ଚଢେଇରେ ତୁ କି ଜାଣୁ - ସୀତାକାନ୍ତ ମହାପାତ୍ର
୯. ଅଭିଶପ୍ତ ଗନ୍ଧର୍ବ - ମହାପାତ୍ର ନୀଳମଣି ସାହୁ
୧୦. ଉଚ୍ଚୈଶ୍ରବା - ଶରତ ଚନ୍ଦ୍ର ପ୍ରଧାନ

## (୩) ଭାରତୀୟ ମୁଦ୍ରା ଛପାଖାନା

୧. ଦେଓ୍ୱାସ୍ - ମଧ୍ୟପ୍ରଦେଶ
୨. ନାସିକ୍ - ମହାରାଷ୍ଟ୍ର
୩. ମହୀଶୂର - କର୍ଣ୍ଣାଟକ
୪. ସାଲବଣୀ - ପଶ୍ଚିମବଙ୍ଗ

## (୪)କେନ୍ଦ୍ର ସରକାରଙ୍କ ଯୋଜନା

୧. ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା - ୨୪ ଅପ୍ରେଲ,୨୦୨
୨. ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର ଆତ୍ମ ନିର୍ଭର ନୀତି - ୦୧ଜୁନ ୨୦୨୦
୩. ନ୍ୟାସନାଲ ସ୍ପୋର୍ଟସ ଟ୍ୟାଲେଣ୍ଟ ସର୍ଚ୍ଚ ସ୍କିମ- ୨୦ ଫେବ୍ରୁଆରୀ,୨୦୧୫
୪. ଷ୍ଟାର୍ଟ ଅପ ଇଣ୍ଡିଆ ଷ୍ଟାଣ୍ଡ ଅପ ଇଣ୍ଡିଆ - ୧୬ ଜାନୁ୍ୟାରୀ, ୨୦୧୬
୫. ମେକ ଇନ ଇଣ୍ଡିଆ -୨୫ ସେପ୍ଟେମ୍ବର ,୨୦୧୪

## (୫) କେନ୍ଦ୍ରଶାସିତ ଅଞ୍ଚଳ / ରାଜ୍ୟ

୧. ରାଜ୍ୟର ନାମ - ହରିୟାଣା
୨. ରାଜ୍ୟପାଳ - ସତ୍ୟ ଦେବ ନାରାୟାଣ ଆର୍ଯ୍ୟ
୩. ମୁଖ୍ୟମନ୍ତ୍ରୀ - ମନୋହାର ଲାଲ ଖଟର
୪. ଗଠନ - ୧ ନଭେମ୍ବର ୧୯୬୬
୫. କ୍ଷେତ୍ରଫଳ - ୪୪,୨୧୨ବର୍ଗ କି.ମି.
୬. ରାଜଧାନୀ - ଚଣ୍ଡିଗଡ
୭. ଲୋକସଭା ସଭ୍ୟ ସଂଖ୍ୟା- ୧୦ ୮. ରାଜ୍ୟସଭା ସଭ୍ୟ ସଂଖ୍ୟା - ୫
୯. ବିଧାନ ସଭା ସଭ୍ୟସଂଖ୍ୟା- ୯୦ ୧୦.ବିଧାନ ପରିଷଦ - ୦୦
୧୧.ମୁଖ୍ୟ ଭାଷା - ହିନ୍ଦୀ,ପଞ୍ଜାବୀ
୧୨. ଜନସଂଖ୍ୟା ସମୁଦାୟ - ୨୫,୩୫୩,୦୮୧(୨୦୧୧)
ପୁରୁଷ - ୧୩୫୦୫୧୩୦
ମହିଳା - ୧୧୮୪୭୯୫୧
୧୩.ଜନସଂଖ୍ୟା ବୃଦ୍ଧିହାର - ୧୯.୯୦ %
୧୪.ଜନସଂଖ୍ୟା ଘନତ୍ୱ - ୫୭୩/ବର୍ଗ କି.ମି
୧୫.ଶିଶୁ ଲିଙ୍ଗ ଅନୁପାତ - ୮୭୭ ଝିଅ ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୮୩୦ମହିଳା ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୭୬.୬୪ %
ପୁରୁଷ- ୮୫.୩୮ % ମହିଳା- ୬୬.୭୭%
୧୮. ଜିଲ୍ଲା - ୨୧ ୧୯. ଗ୍ରାମ - ୬୭୬୪
୨୦.ସହର - ୧୦୬
୨୧. ମୁଖ୍ୟ ନଦୀ - ଯମୁନା, ଘୋଗର
୨୨.ଜଙ୍ଗଲ ଜମି - ୧୫୫୩ ବର୍ଗ କି.ମି.
୨୩.ପର୍ଯ୍ୟଟନ ସ୍ଥଳୀ - ସୁରଜକୁଣ୍ଡ, ବଡ଼ଖଲ ହ୍ରଦ, ସୁଲତାନପୁର ପକ୍ଷୀ ଅଭୟାରଣ୍ୟ, ପଞ୍ଚକୁଲା, ପିଞ୍ଜୋର ଉଦ୍ୟାନ, ଚକରଭାଟି ଲେକ୍, ହିସାର, କିଙ୍ଗଫିସର(ଆମ୍ବାଲା), ଶ୍ୟାମା(ଗୁରୁଗାଁଓ), ଦାବଚିକ୍(ହୋଡେଲ)

## (୬) ପୁରସ୍କାର

୧. ଅଂଜଳି ଭରଦ୍ୱାଜ - ଆନ୍ତର୍ଜାତିକ ଆଣ୍ଟି କରପସନ୍ ଚମ୍ପିଆନ ପୁରସ୍କାର
୨. ଇଉନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ - ୱାର୍ଲଡ୍ ଏଚ୍.ଆର.ଡ଼ି କଂଗ୍ରେସ ପୁରସ୍କାର
୩. ୨୦୨୦ ଟ୍ରି ସିଟି ଅଫ୍ ୱାର୍ଲଡ୍ - ହାଇଦ୍ରାବାଦ (ଭାରତ)
୪. ଏସ୍.ଥିଓଡ଼ର୍ ଭାସ୍କରନ୍ - ସଙ୍କ୍ଚୋରୀ ଲାଇଫ୍ ଟାଇମ୍ ସାଇନସ୍ ପୁରସ୍କାର ୨୦୨୦.
୫. ତାମିଲ୍ ଫିଲମ୍ "କୁଜ୍ ହାନ୍‌ଗଲ୍" - ଟାଇଗର ପୁରସ୍କାର ୨୦୨୦ ।

## (୭) ନିଯୁକ୍ତି

୧. ଅନୀସ୍ ଶାହ୍ - ଚେୟାରମ୍ୟାନ୍, ମହିନ୍ଦ୍ରା ଫାଇନାନ୍ସ
୨. ଆଣ୍ଡି ଜେସି - ଚିଫ୍ ଏକ୍ସିକୁଟିଭ୍ ଅଫିସର, ଆମାଜନ
୩.ଏସ୍.ଏନ୍.ସୁବ୍ରମଣ୍ୟନ୍ - ଚେୟାରମ୍ୟାନ୍, ନ୍ୟାସନାଲ ସେଫ୍‌ଟି କାଉନ୍‌ସିଲ୍
୪. ପ୍ରୀତି ସିହ୍ନା - ମୁଖ୍ୟ, ଇଉନାଇଟେଡ୍ ନେସନ୍ସ ଡେଭଲପମେଣ୍ଟ ଫଣ୍ଡ୍
୫. ଦୁଷ୍ମନ୍ତ ଚଉତଲା - ଅଧକ୍ଷ, ଟେବୁଲ୍-ଟେନିସ୍ ଫେଡ଼େରେସନ /ଭାରତ

## (୮) ଓଡ଼ିଶା

୧. କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ମର୍ଯ୍ୟାଦାଜନକ ବାଳ ସାହିତ୍ୟ ପୁରସ୍କାର ୨୦୨୦ କିଏ ପାଇଛନ୍ତି ?
(କ) ଦିଗରାଜ ବ୍ରହ୍ମା (ଖ) ଜ୍ୟୋତିର୍ମୟୀ ମହାନ୍ତି
(ଗ) ବସନ୍ତ କିଶୋର ସାହୁ (ଘ) ଡ. ରାମଚନ୍ଦ୍ର ନାୟକ

୨. କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଯୁବ ସାହିତ୍ୟରେ କିଏ ଏକାଡ଼େମୀ ପୁରସ୍କାର ୨୦୨୦ ପାଇଛନ୍ତି ?
(କ) ଅପର୍ଣ୍ଣା ତ୍ରିପାଠୀ (ଖ) ଚନ୍ଦ୍ରଶେଖର ହୋତା
(ଗ) ଦେବବ୍ରତ ଦାସ (ଘ) କ୍ଷୀରୋଦ ବିହାରୀ ବିଶ୍ୱାଳ

୩. ଡ. ରାମଚନ୍ଦ୍ର ନାୟକ, ବାଳ ସାହିତ୍ୟରେ କେଉଁ ପୁସ୍ତକପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି ?
(କ) ବଣ ଦେଉଳରେ ସୁନା ନେଉଳ (ଖ) ପିଲାଦିନ ଆମ ଫେରେଇଦିଅ
(ଗ) ବିଜ୍ଞାନ କଥା ଘୁରଇ ମଥା (ଘ) କୋଳାହଳ ନା ହଳାହଳ

୪. କେଉଁ ପୁସ୍ତକ ପାଇଁ ଚନ୍ଦ୍ରଶେଖର ହୋତା, କେନ୍ଦ୍ରସାହିତ୍ୟ ଏକାଡ଼େମୀର ଯୁବସାହିତ୍ୟରେ ୨୦୨୦ ପୁରସ୍କାର ଲାଭକରିଛି ? ?
(କ) ଚେତନାର ଅନ୍ୱେଷଣ (ଖ) ଅଇଁଠାପତର
(ଗ) କଳ୍ପନା ଅନୁଭବ ଓ ସାହିତ୍ୟ (ଘ) ମାୟା

୫. ପାସପୋର୍ଟକୁ ତୁରନ୍ତ ଯାଞ୍ଚ କରିବାପାଇଁ ଓଡ଼ିଶା ପୁଲିସ୍ ପକ୍ଷରୁ କେଉଁ ମୋବାଇଲ୍ ଆପ୍ ଆରମ୍ଭ କରାଯାଇଛି ? ?
(କ) ୫ – ଟି ଆପ୍ (ଖ) ୫ – ଟି ପୋଲିସ୍ ଆପ୍
(ଗ) ଏମ୍. ପୋଲିସ୍ ଆପ୍ (ଘ) ଓ୍ୱାଇ ପୋଲିସ୍ ଆପ୍

୬. ଓଡ଼ିଶାରେ ପୋଲିସ୍ ଦମ୍‌କଳ ଏବଂ ଆମ୍ବୁଲାନ୍ସ ସେବାପାଇଁ କେଉଁ ଗୋଟିଏ ନମ୍ବର ଜାରୀ କରାଯାଇଛି ?
(କ) ୧୦୦ (ଖ) ୧୦୧ (ଗ) ୧୦୮ (ଘ) ୧୧୨

୭. 'ମୋ ସାଇକେଲ୍' ଯୋଜନାରେ କେଉଁ କଂପାନୀକୁ ଓଡ଼ିଶା ସରକାର ବାଦ୍ ଦେବାପାଇଁ ଯୋଜନା କରୁଛନ୍ତି ?
(କ) ୟୁଲୁ (ଖ) ହେକ୍ସି (ଗ) ୟାନା (ଘ) କୌଣସିଟି ନୁହେଁ

୮. କଳିଙ୍ଗ କମର୍ସିଆଲ କରପୋରେସନ ଲିମିଟେଡ୍ ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ କେତେ କୋଟି ଟଙ୍କା ପ୍ରଦାନକରିଛି ?
(କ) ୧ କୋଟି (ଖ) ୨କୋଟି (ଗ) ୩ କୋଟି (ଘ)୪କୋଟି

୯. ସାକ୍ଷୀଗୋପାଳର କେଉଁଟି ଏକ ପରିଚିତ ଏବଂ ଆଦୃତ ଖାଦ୍ୟ ?
(କ) ଛେନାଝିଲ୍ଲୀ (ଖ) ପଇଡ଼ (ଗ) ମାଲପୁଆ (ଘ) ବରା

୧୦. ଶପ୍ତଶର୍ଯ୍ୟା ପାହାଡ଼ କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) ଖୋର୍ଦ୍ଧା (ଖ) ଯାଜପୁର
(ଗ) କୋରାପୁଟ (ଘ) ଢ଼େଙ୍କାନାଳ

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ
wise, gentle, honest, rude, arrogance
(କ) gentle (ଖ) honest (ଗ) rude(ଘ) arrogance

୨. Giant : Dwarf :: Genius : __?
(କ) Wicked (ଖ) Gentle(ଗ) Idiot (ଘ) Tiny

୩. କେଉଁ ଯୋଡିଟି ଦର୍ଶାଯାଇଥିବା ଯୋଡି ସହ ସମାନ
ହାଉସ୍ : ସିଲିଂ
(କ) ହଟ୍: ରୁଫ୍ (ଖ) ବିଲ୍ଡିଙ୍ଗ୍ : ଫ୍ଲୋର୍
(ଗ) ବେଡ୍ : ବେଡ୍‌ସିଟ୍ (ଘ) ଗ୍ରେପସ୍ : ଓ୍ୱାଇନ୍

୪ . ଯଦି ଡ୍ରାମା ସହ ଦୃଶ୍ୟ ସଂପୃକ୍ତ । ତେବେ ପୁସ୍ତକ ସହ କିଏ ସଂପୃକ୍ତ ଅଟେ ?
(କ) ଗଳ୍ପ (ଖ) ପୃଷ୍ଠା (ଗ) ଲେଖକ (ଘ)ଅଧ୍ୟାୟ

୫. କେଉଁଟି ଅଲଗା ?
DXCLQZ, PFZUBM, XGKNTY, NWMBHJ
(କ)DXCLQZ(ଖ)PFZUBM (ଗ) XGKNTY(ଘ) NWMBHJ

୬. ପ୍ରଶ୍ନବାଚକ ଚିହ୍ନଟି କେତେ ?
୧୩,୩୧,୬୩,୧୨୭,୨୫୫,?
(କ) ୫୧୩ (ଖ) ୫୧୧(ଗ)୫୧୭(ଘ)୫୨୭

୭. ଯଦି FRIEND କୁ HUMJTK କୋଡ୍ ଦିଆଯାଏ CANDLE ର କୋଡ୍ କ'ଣ ହେବ ?
(କ)EDRIRL(ଖ)DCQHQK (ଗ) ESJFME(ଘ) FYOBOC

୮. ଜଣେ ପୁରୁଷ ଏକ ସ୍ତ୍ରୀକୁ କହିଲା, "ତୁମର ମାଆଙ୍କର ସ୍ୱାମୀଙ୍କର ଭଉଣୀ ମୋର ପିଉସୀ/ମାଉସୀ " ତେବେ ସେ ପୁରୁଷ ସହ ସେ ସ୍ତ୍ରୀର ସମ୍ପର୍କ କ'ଣ ?"
(କ)ମାଆ (ଖ) ଭାଣିଜୀ (ଗ)ଝିଆରୀ(ଘ) ଭଉଣୀ

୯. ମହେଶ ଦକ୍ଷିଣ ଦିଗକୁ ମୁହଁ କରି ୩୦ ମିଟର ଚାଲିଲା । ଏବଂ ବାମକୁ ବୁଲି ୨୫ ମିଟର ଗଲା, ପୁଣି ବାମକୁ ବୁଲି ୩୦ ମିଟର ଗଲା । ସେ ବାହାରିବା ସ୍ଥାନରୁ କେତେ ଦୂରରେ ଅଛି ?
(କ)୨୫ ମିଟର ପଶ୍ଚିମ (ଖ)୨୫ ମିଟର ପୂର୍ବ
(ଗ)୩୦ ମିଟର ପଶ୍ଚିମ (ଘ)୩୦ ମିଟର ପୂର୍ବ

୧୦. ? ଚିହ୍ନଟି କେତେ ଅଟେ ?

| | | | | | | | | |
|---|---|---|---|---|---|---|---|---|
| | ୨ | | | ୩ | | | ୬ | |
| ୩ | ୩୩ | ୨ | ୪ | ୫୪ | ୨ | ୩ | ? | ୫ |
| | ୪ | | | ୫ | | | ୪ | |

(କ)୯୪ (ଖ) ୮୬ (ଗ)୮୨ (ଘ) ୬୮

**ଉତ୍ତର**

**୧.**(ଘ) ଡ. ରାମଚନ୍ଦ୍ର ନାୟକ **,୨.**(ଖ) ଚନ୍ଦ୍ରଶେଖର ହୋତା**, ୩.**(କ) ବଣ ଦେଉଳରେ ସୁନା ନେଉଳ**, ୪.**(କ) ଚେତନାର ଅନ୍ୱେଷଣ**, ୫.**(ଗ) ଏମ୍. ପୋଲିସ୍ ଆପ୍**, ୬.**(ଘ)୧୧୨ **, ୭.**(ଖ) ହେକ୍ସି**,** ୮.(କ) ୧ କୋଟି**, ୯.**(ଖ) ପଇଡ଼**, ୧୦.**(ଘ) ଢ଼େଙ୍କାନାଳ ।

**୧.**(ଘ) arrogance( noun). ୨.(ଗ) idiot**, ୩.** (କ) ହଟ୍: ରୁଫ୍, **୪.** (ଘ)ଅଧ୍ୟାୟ, **୫.** (ଖ)PFZUBM , **୬.** (ଖ) ୫୧୧(ଦୁଇଗୁଣ + ୧), **୭.** (କ)EDRIRL(First letter second alphabet, second third so on), ୮.(ଘ) ଭଉଣୀ**.** ୯.(ଖ)୨୫ ମିଟର ପୂବ, **୧୦.** (ଖ) ୮୬

## (୧୦) ଇତିହାସ

୧. ମଣିଷ କେଉଁ ଧାତୁ ପ୍ରଥମେ ବ୍ୟବହାର କରିଥିଲା ? ?

(କ) ତମ୍ବା (ଖ) ରୁପା (ଗ) ପିତ୍ତଳ (ଘ) ଲୌହ

୨. ସିନ୍ଧୁ ସଭ୍ୟତାର ମୁଖ୍ୟ ସ୍ୱତନ୍ତ୍ରତା କଣ ?

(କ) ନଗର ଯୋଜନା (ଖ) ରାସ୍ତା ଘାଟ

(ଗ) ପକ୍କାଗୃହ (ଘ) ନାଳ ବ୍ୟବସ୍ଥା

୩. ସିନ୍ଧୁ ସଭ୍ୟତା କେଉଁ ଯୁଗର ସଭ୍ୟତା ?

(କ) ପ୍ରାଚୀନ ପ୍ରସ୍ତର ଯୁଗ (ଖ) ନୂତନ ପ୍ରସ୍ତର ଯୁଗ

(ଗ) ମଧ୍ୟ ପ୍ରସ୍ତର ଯୁଗ (ଘ) ବରଫ ଯୁଗ

୪. ଦକ୍ଷିଣ ଭାରତର କେଉଁ ନଦୀ କୂଳରେ ସିନ୍ଧୁ ସଭ୍ୟତାର ଅବସ୍ଥିତି ସମ୍ବନ୍ଧରେ ସୂଚନା ମିଳେ ?

(କ)ଗୋଦାବରୀ (ଖ)କ୍ରିଷ୍ଣା (ଗ)କାବେରୀ (ଘ)କୌଣସିଟି ନୁହେଁ

୫. କେଉଁ ଯୁଗରେ ପ୍ରଦୂଷଣ ଭାବନା ସ୍ୱତନ୍ତ୍ର ଭାବେ ଉଦ୍‌ଭବ ହୋଇଥିଲା ?

(କ) ବୈଦିକ ଯୁଗ (ଖ) ବେଦ ପର ଯୁଗ

(ଗ) ଗୁପ୍ତଯୁଗ (ଘ) ମୌର୍ଯ୍ୟଯୁଗ

୬. ବୌଦ୍ଧ ଧର୍ମ ସାହିତ୍ୟ ପ୍ରଥମେ କେଉଁ ଭାଷାରେ ଲେଖାଯାଇଥିଲା ?

(କ) ପାଲି (ଖ) ପ୍ରାକୃତ (ଗ) ମାଗଧୀ (ଘ) ସଂସ୍କୃତ

୭. କେଉଁ ଶାସକ ପ୍ରଥମେ ମୁଦ୍ରାରେ ବୁଦ୍ଧଙ୍କ ପ୍ରତିଛବି ଖୋଦିତ କରିଥିଲେ ?

(କ) ଅଶୋକ (ଖ) ହର୍ଷ ବର୍ଦ୍ଧନ

(ଗ) କନିଷ୍କ (ଘ) ଅଜାତ ଶତ୍ରୁ

୮. ସୁଙ୍ଗ ରାଜବଂଶର ପ୍ରତିଷ୍ଠାତା କିଏ ?

(କ) ଅଜାତଶତ୍ରୁ (ଖ) ବିମ୍ବିସାର (ଗ) ପୁଷ୍ୟମିତ୍ର (ଘ) ଅଗ୍ନିମିତ୍ର

୯ ପ୍ରାଚୀନ ଭାରତରେ କେଉଁ ଲିପି ଡାହାଣରୁ ବାମ ଦିଗରେ ଲେଖା ଯାଇଥିଲା ?

(କ) ବ୍ରାହ୍ମୀ (ଖ) ଖରୋଷ୍ଠି

(ଗ) ନନ୍ଦନାଗରୀ (ଘ) କେହିନୁହେଁ

୧୦. ମହାନ ବ୍ୟାକରଣବିତ୍ ପାତଞ୍ଜଳି କେଉଁ ଶାସକଙ୍କର ସମସାମୟିକ ଥିଲେ ?

(କ) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ (ଖ) ପୁଷ୍ୟମିତ୍ର ସୁଙ୍ଗ

(ଗ) ହର୍ଷବର୍ଦ୍ଧନ (ଘ) ପ୍ରସେନଜିତ୍

## (୧୧) ବାଣିଜ୍ୟ

୧. ହୁରନ୍ ଇଣ୍ଡିଆ ସଂପତ୍ତି ରିପୋର୍ଟ ଅନୁସାରେ ଆମଦେଶରେ କୋଟିପତିଙ୍କ ସଂଖ୍ୟା କେତେ ଲକ୍ଷରେ ପହଞ୍ଚିଛି ?

(କ) ୯.୧୨ ଲକ୍ଷ (ଖ) ୮.୨ ଲକ୍ଷ

(ଗ) ୧୦.୧୨ ଲକ୍ଷ (ଘ) ୯ ଲକ୍ଷ

୨. ନୀତି ଆୟୋଗ ଉପାଧକ୍ଷ ରାଜୀବ କୁମାରଙ୍କ ମତରେ ୨୦୨୧ ଏବଂ ୨୦୨୨ ରେ ଆର୍ଥିକ ଅଭିବୃଦ୍ଧି କେତେ ରହିବ ବୋଲି ସେ ମତ ଦେଇଛନ୍ତି ?

(କ) ୧୧ ଶତକଡ଼ା (ଖ) ୧୩ ଶତକଡ଼ା

(ଗ) ୧୦ ଶତକଡ଼ା (ଘ) ୧୫ ଶତକଡ଼ା

୩. କରୋନା ମହାମାରୀ ପ୍ରଭାବରେ ବହୁସଂଖ୍ୟାରେ ନିଯୁକ୍ତି କାଟ ପାଇଁ ୯ ମାସ ମଧ୍ୟରେ କର୍ମଚାରୀଙ୍କ ଭବିଷ୍ୟତ ନିଧିପାଣ୍ଠି ଗଠନ ଦେୟ ଭରିବାରେ ଇ.ପି.ଏଫ୍ ଓ କେତେ ଲକ୍ଷ ଆକାଉଣ୍ଟ ବନ୍ଦ କରିଦେଇଛି ?

(କ) ୭୦ ଲକ୍ଷ (ଖ) ୭୧ ଲକ୍ଷ (ଗ) ୮୦ ଲକ୍ଷ (ଘ) ୯୦ ଲକ୍ଷ

୪. କେଉଁ ବର୍ଷଠାରୁ ୨୦୦୦ ଟଙ୍କିଆ ନୋଟ୍ ବନ୍ଦ ରହିଛି ?

(କ) ଅପ୍ରେଲ ୨୦୧୮ (ଖ) ଅପ୍ରେଲ ୨୦୧୯

(ଗ) ଅପ୍ରେଲ ୨୦୧୭ (ଘ) ଅପ୍ରେଲ ୨୦୨୦

୫. କେନ୍ଦ୍ର ସରକାର କେଉଁ ମସିହା ନଭେମ୍ବର ମାସଠାରୁ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ବନ୍ଦ କରିଦେଇଥିଲେ ?

(କ) ୨୦୧୪ (ଖ) ୨୦୧୫ (ଗ) ୨୦୧୬ (ଘ) ୨୦୧୭

୬. ରିଜର୍ଭ ବ୍ୟାଙ୍କଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୯ - ୨୦ରେ ଭାରତରେ ବ୍ୟାଙ୍କିଙ୍ଗ୍ ଠକେଇ ସଂଖ୍ୟା ୧୬୯ ରହିଥିଲାବେଳେ ଏହା ପୂର୍ବବର୍ଷଠାରୁ କେତେଗୁଣ ଅଧିକ ଅଟେ ?

(କ) ୪.୫ (ଖ) ୩.୫ (ଗ) ୨.୫ (ଘ) ୬.୫

୭. କେନ୍ଦ୍ରୀୟ କର୍ମଚାରୀ ଏବଂ ପେନ୍‌ସନ୍ ଭୋଗୀ କର୍ମଚାରୀମାନେ କେବେଠାରୁ ସେମାନଙ୍କର ମହଙ୍ଗାଭତ୍ତା ପାଇବେ ?

(କ) ଜାନୁୟାରୀ ୨୦୨୫ (ଖ) ଅଗଷ୍ଟ ୨୦୨୧

(ଗ) ଜୁଲାଇ ୨୦୨୧ (ଘ) ଫେବୃୟାରୀ ୨୦୨୧

୮. ଓଡ଼ିଶାରେ କେତୋଟି କୋଲ୍ ବ୍ଲକ୍ ନିଲାମକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି ?

(କ) ୧୪ (ଖ) ୧୫ (ଗ) ୧୬ (ଘ) ୧୭

୯. ବାହନ ସଂପର୍କିତ ସବୁ ଡକ୍ୟୁମେଣ୍ଟର ବୈଧତାକୁ ଭାରତ ସରକାର କେଉଁ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ?

(କ) ୩୦ ଅପ୍ରେଲ ୨୧ (ଖ) ୩୦ ଜୁନ୍ ୨୦୨୧

(ଗ) ୩୦ ଜୁଲାଇ ୨୧ (ଘ) ୩୧ ଜୁଲାଇ ୨୧

୧୦. ୨୦୧୪ ମସିହାରୁ ସଞ୍ଜୟ ସିଂହ ମାଲିକାନାରେ ଚାଲୁଥିବା ଭୂଷଣ ଷ୍ଟିଲ କାରଖାନାକୁ କିଏ ଏବେ କିଣି ନେଇଛି ?

(କ) ଜିନ୍ଦଲ୍ ଷ୍ଟିଲ୍ ଲିମିଟେଡ୍ (ଖ) ଟାଟା ଷ୍ଟିଲ ଲିମିଟେଡ୍

(ଗ) ରାଉରକେଲା ଷ୍ଟିଲପ୍ଲାଣ୍ଟ (ଘ) ମୁକେଶ ଅମ୍ବାନୀ

**ଉତ୍ତର**

୧. (କ) ତମ୍ବା, ୨.(କ) ନଗର ଯୋଜନା , ୩.(ଖ) ନୂତନ ପ୍ରସ୍ତର ଯୁଗ, ୪.(ଖ)କ୍ରିଷ୍ଣା, ୫.(ଖ) ବେଦ ପର ଯୁଗ, ୬.(କ) ପାଲି, ୭.(ଗ) କନିଷ୍କ, ୮. (ଗ) ପୁଷ୍ୟମିତ୍ର , ୯.(ଖ) ଖରୋଷ୍ଠି , ୧୦. (ଖ) ପୁଷ୍ୟମିତ୍ର ସୁଙ୍ଗ ।

୧.(କ)୯.୧୨ ଲକ୍ଷ, ୨.(କ)୧୧ ଶତକଡ଼ା, ୩.(ଖ) ୭୧ ଲକ୍ଷ, ୪.(ଖ) ଅପ୍ରେଲ ୨୦୧୯, ୫.(ଗ)୨୦୧୬ , ୬.(ଗ)୨.୫ଗୁଣ, ୭.(ଗ) ଜୁଲାଇ ୨୦୨୧, ୮.(କ)୧୪, ୯.(ଖ)୩୦ ଜୁନ୍ ୨୦୨୧, ୧୦.(କ) ଜିନ୍ଦଲ୍ ଷ୍ଟିଲ୍ ଲିମିଟେଡ୍ ।

## (୧୨) ଅର୍ଥନୀତି

୧. ଭାରତର ଅର୍ଥନୀତି ୨୦୨୧ ମସିହାରେ କେତେ ପ୍ରତିଶତ ବୃଦ୍ଧିପାଇଛି ବୋଲି 'ମୁଡ଼ିସ୍' ଅନୁମାନ କରିଛି ?
(କ) ୭ % (ଖ) ୧୨% (ଗ) ୧୦% (ଘ) ୧୨%

୨. ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ରିପୋର୍ଟ ଅନୁସାରେ ବ୍ୟାଙ୍କର୍ ଡିଜିଟାଲ୍ ଟ୍ରାନ୍‌ସେକସନ୍ କେତେ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧିପାଇଛି ?
(କ) ୬୮% (ଖ) ୭୦% (ଗ) ୬୭% (ଘ) ୮୦

୩. ନ୍ୟାସନାଲ କଂପାନୀ 'ଲ' ଟ୍ରିବୁନାଲ ଭାରତରେ କେତୋଟି କଂପାନୀକୁ କରୋନା ମହାମାରୀ ସମୟରେ ଦେବାଳିଆ ଘୋଷଣା କରିଛନ୍ତି ?
(କ) ୩୦୦ (ଖ) ୨୮୦ (ଗ) ୨୯୦ (ଘ) ୨୦୦

୪. ବୀମା ସଂଶୋଧନ ବିଲ୍ ୨୦୨୧ ଅନୁସାରେ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ନିବେଶର ସୀମା ୪୯% ରୁ କେତେ ପ୍ରତିଶତ ବୃଦ୍ଧି କରିବାର ପ୍ରସ୍ତାବ ରହିଛି ?
(କ) ୭୬% (ଖ) ୭୪% (ଗ) ୮୦% (ଘ) ୮୪%

୫. ନୂଆ ନିୟମାନୁସାରେ ଆର୍ଥିକ ବର୍ଷରେ ଭବିଷ୍ୟନିଧିରେ କେତେ ଲକ୍ଷଟଙ୍କା ଜମା ହେଉଥିଲେ ଏହା ଉପରେ ଶୁଳ୍କ ପଡ଼ିବନାହିଁ ?
(କ) ୨.୫ ଲକ୍ଷ (ଖ) ୩ ଲକ୍ଷ
(ଗ) ୪.୫ ଲକ୍ଷ (ଘ) ୫ ଲକ୍ଷ

୬. ୨୦୨୧ ବଜେଟ୍ ଅନୁସାରେ କେତେ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ ଆୟକର ରିଟର୍ଣ୍ଣିଂ ଦାଖଲ କରିବାକୁ ପଡ଼ିବନାହିଁ ?
(କ) ୭୦ ବର୍ଷ (ଖ) ୭୫ ବର୍ଷ
(ଗ) ୮୦ ବର୍ଷ (ଘ) ୬୫ ବର୍ଷ

୭. କେଉଁ ତାରିଖରୁ ୧୫ ବର୍ଷରୁ ଅଧିକ ସରକାରୀ ଗାଡ଼ିଗୁଡ଼ିକର ରେଜିଷ୍ଟ୍ରେସନ ନବିକରଣ ହେବନାହିଁ ?
(କ) ୧.୪.୨୨ (ଖ) ୧.୪.୨୧
(ଗ) ୧.୪.୨୫ (ଘ) ୧.୪.୨୬

୮. ସଂସଦରେ ଖଣି ଓ ଖଣିଜପଦାର୍ଥ (ବିକାଶ ଓ ନିୟମାବଳୀ) ସଂଶୋଧନ ବିଲ୍ ୨୦୨୧ ଗୃହୀତ ହୋଇଛି । ଯାହାଦ୍ୱାରା ପ୍ରାୟ ଖଣିକ୍ଷେତ୍ରରେ କେତେଲକ୍ଷ ରୋଜଗାର ସୃଷ୍ଟିହୋଇପାରିବ ?
(କ) ୪୦ (ଖ) ୪୫
(ଗ) ୫୫ (ଘ) ୬୦

୯. ଡିଏପି ସାର ମୂଲ୍ୟ ଇଫକୋ କେତେ ପ୍ରତିଶତ ବୃଦ୍ଧି କରିଛନ୍ତି ।ହା ଅପ୍ରଲେ ୦୧ ଠାରୁ ଲାଗୁ ହୋଇଛି ?
(କ)୫୦.୮୩ (ଖ) ୫୮.୩୩ (ଗ) ୬୦.୧ (ଘ)୪୫.୨

୧୦. ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ବା ଆଇଏମଏଫ୍‌ର ରିପୋର୍ଟ ଅନୁସାରେ ୨୦୨୦ରେ କରଜ-ଜିଡିପି ଅନୁପାତ ହାର ୭୫ପ୍ରତିଶତରୁ କେତେ ଛୁଇଁଛି ?
(କ)୮୦% (ଖ) ୮୫% (ଗ) ୯୦% (ଘ) ୯୫%

## (୧୩) କ୍ରୀଡ଼ା

୧. ନିକଟରେ ସମାପ୍ତ ହୋଇଥିବା ୨୦୨୦-୨୧ର ଭାରତ-ଇଂଲାଣ୍ଡ ଟେଷ୍ଟ ସିରିଜରେ କିଏ ମ୍ୟାନ୍ ଅଫ୍ ଦ ସିରିଜ୍ ହୋଇଥିଲେ ?
(କ) ଅକ୍ଷର ପଟେଲ (ଖ) ରବିଚନ୍ଦ୍ରନ ଅଶ୍ୱୀନ
(ଗ) ରୋହିତ ଶର୍ମା (ଘ) ଋଷଭ ପନ୍ତ

୨. ଗତ ମାର୍ଚ୍ଚ-୨୦୨୧ରେ ଭାରତ ଓ ଇଂଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଟି-ଟ୍ୱେଣ୍ଟି ସିରିଜ୍‌ରେ କିଏ ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଛନ୍ତି ?
(କ) ବିରାଟ କୋହଲୀ (ଖ) ଭୁବନେଶ୍ୱର କୁମାର
(ଗ) ରୋହିତ ଶର୍ମା (ଘ) ଋଷଭ ପନ୍ତ

୩. ଗତ ମାର୍ଚ୍ଚ-୨୦୨୧ରେ ଭାରତ ଓ ଇଂଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଏକଦିବସୀୟ ସିରିଜ୍‌ରେ କିଏ ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଛନ୍ତି ?
(କ) ବିରାଟ କୋହଲୀ (ଖ) ଶିଖର ଧାୱନ
(ଗ) ସାମ୍ କରନ୍ (ଘ) ଜନୀ ବେୟାରଷ୍ଟୋ

୪. ଜୁନ୍-୨୦୨୧ରେ ଇଂଲାଣ୍ଡରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଆନଶିପ୍‌ର ଫାଇନାଲରେ ଭାରତ କାହା ସହିତ ଖେଳିବ ?
(କ) ଇଂଲାଣ୍ଡ (ଖ) ନ୍ୟୁଜିଲାଣ୍ଡ (ଗ) ଅଷ୍ଟ୍ରେଲିଆ (ଘ) ୱେଷ୍ଟଇଣ୍ଡିଜ୍

୫. ୨୦୨୧ର ଅଲ୍ ଇଂଲାଣ୍ଡ ବ୍ୟାଡମିଣ୍ଟନରେ ମହିଳା ସିଂଗଲ୍ସ ଚାମ୍ପିଆନ୍ କିଏ ହୋଇଛନ୍ତି ?
(କ) ପି.ଭି. ସିନ୍ଧୁ (ଖ) ନୋଜୋମି ଓକୁହାରା
(ଗ) ପି. ଚୋଚୁୱଙ୍ଗ୍ (ଘ) ରାତ୍‌ଚାନୋକ ଇନ୍ତାନୋନ୍

୬. ୨୦୨୧ର ଅଲ୍ ଇଂଲାଣ୍ଡ ବ୍ୟାଡମିଣ୍ଟନର ପୁରୁଷ ସିଂଗଲ୍ସ ଫାଇନାଲରେ ଭିକ୍ଟର୍ ଆକ୍ସେଲସନ୍‌ଙ୍କୁ ହରାଇ ଚାମ୍ପିଆନ୍ ହୋଇଥିବା ଲି ଜିଲ୍ ଜିଆ କେଉଁ ଦେଶର ଖେଳାଳି ଅଟନ୍ତି ?
(କ) ଚୀନ୍ (ଖ) ଦ. କୋରିଆ (ଗ) ମାଲେସିଆ (ଘ) ତାଇୱାନ

୭. ନୂଆ ଦିଲ୍ଲୀଠାରେ ସମ୍ପନ୍ନ ହୋଇଥିବା ୨୦୨୧ର ବନ୍ଧୁକ ଚାଳନା ବିଶ୍ୱକପ୍‌ରେ ଭାରତ କେତୋଟି ସ୍ୱର୍ଣ୍ଣ ପଦକ ହାସଲ କରିଛି ?
(କ) ୧୦ଟି (ଖ) ୧୨ଟି (ଗ) ୧୩ଟି (ଘ) ୧୫ଟି

୮. ନୂଆ ଦିଲ୍ଲୀଠାରେ ୨୦୨୧ର ବନ୍ଧୁକ ଚାଳନା ବିଶ୍ୱକପ୍‌ରେ ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମର୍ କେଉଁ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତିଛନ୍ତି ?
(କ) ୧୦ମି. ଏୟାର୍ ରାଇଫଲ୍ (ଖ) ଟ୍ରାପ୍ ଶୁଟିଂ
(ଗ) ୫୦ମି. ରାଇଫଲ ଥ୍ରୀ ପୋଜିସନ୍ (ଘ) ସ୍କିଟ୍ ଶୁଟିଂ

୯. ୨୦୨୧ର ବନ୍ଧୁକ ଚାଳନା ବିଶ୍ୱକପ୍‌ରେ କିଏ ଭାରତ ପାଇଁ ମହିଳା ୧୦ମି. ଏୟାର୍ ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତିଛନ୍ତି ?
(କ) ମନୁ ଭାକର୍ (ଖ) ଯଶସ୍ୱିନୀ ସିଂହ ଦେସୱାଲ
(ଗ) ଅପୂର୍ବୀ ଚାଣ୍ଡେଲା (ଘ) ତେଜସ୍ୱିନୀ ସାୱନ୍ତ

୧୦. ୨୦୨୧ର ବନ୍ଧୁକ ଚାଳନା ବିଶ୍ୱକପ୍‌ରେ କିଏ ଭାରତ ପାଇଁ ମହିଳା ୨୫ମି. ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତିଛନ୍ତି ?
(କ) ଚିଙ୍କି ଯାଦବ (ଖ) ରାହି ସର୍ଣ୍ଣୋବତ୍
(ଗ) ମନୁ ଭାକର୍ (ଘ) ଅଞ୍ଜୁମ୍ ମୁଦ୍‌ଗିଲ୍

**ଉତ୍ତର**

୧.(ଖ) ୧୨%,୨.(ଗ) ୬୭% ,୩.(ଖ) ୨୮୦, ୪.(ଖ) ୭୪%, ୫.(କ) ୨.୫ ଲକ୍ଷ, ୬.(ଖ) ୭୫ ବର୍ଷ , ୭.(କ) ୧.୪.୨୨ , ୮.(ଗ) ୫୫, ୯.(ଖ) ୫୮.୩୩ , ୧୦. (ଗ) ୯୦%

୧. (ଖ) ରବିଚନ୍ଦ୍ରନ ଅଶ୍ୱୀନ, ୨.(କ) ବିରାଟ କୋହଲୀ, ୩. (ଘ) ଜନୀ ବେୟାରଷ୍ଟୋ, ୪.(ଖ) ନ୍ୟୁଜିଲାଣ୍ଡ, ୫.(ଖ) ନୋଜୋମି ଓକୁହାରା, ୬.(ଗ) ମାଲେସିଆ, ୭.(ଘ) ୧୫ଟି, ୮. (ଗ) ୫୦ମି. ରାଇଫଲ ଥ୍ରୀ ପୋଜିସନ୍, ୯.(ଖ) ଯଶସ୍ୱିନୀ ସିଂହ, ୧୦.(କ) ଚିଙ୍କି ଯାଦବ

ଆବଶ୍ୟକତା ଯେତେ କମ୍ ହେବ ସୁଖ ସେତେ ବଢ଼ିବ । ଏଥିପାଇଁ ମହାତ୍ମାମାନେ ଅଟ୍ଟାଳିକାରେ ନରହି ଗଛତଳେ ଜୀବନ କଟାଇଦିଅନ୍ତି ।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ ୨୦୨୦ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଲାଭ କରିଥିବା ବଙ୍ଗଳା ଭାଷାର ଲେଖକ ଶଙ୍କରଙ୍କ ପୂରା ନାମ କଣ ?
(କ) ଶଙ୍କର ମୁଖୋପାଧ୍ୟାୟ (ଖ) ଶଙ୍କର୍ଷଣ ଚଟ୍ଟୋପାଧ୍ୟାୟ
(ଗ) ଶଙ୍କର ବନ୍ଦୋପାଧ୍ୟାୟ (ଘ) ମଣିଶଙ୍କର ମୁଖୋପାଧ୍ୟାୟ

୨. ହିନ୍ଦୀ ଭାଷା ପାଇଁ ୨୦୨୦ର କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପାଇଥିବା ମହିଳା ସାହିତ୍ୟିକଙ୍କ ନାମ କଣ ?
(କ) ଅନାମିକା (ଖ) ଚିତ୍ରା ମୁଦଗଲ୍ (ଗ) ରମା ସିଂହ(ଘ) ପ୍ରଭା ଠାକୁର

୩. ଭାରତର ପ୍ରସିଦ୍ଧ ରାଜନେତା ଏମ. ବୀରପ୍ପା ମୋଇଲି କେଉଁ ଭାଷା ପାଇଁ ୨୦୨୦ର କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପାଇଛନ୍ତି ?
(କ) ଇଂରାଜୀ (ଖ) ତେଲୁଗୁ (ଗ) କନ୍ନଡ଼ (ଘ) କୋଙ୍କଣୀ

୪. ବର୍ଷ ୨୦୨୦ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ବାଲ୍ ସାହିତ୍ୟ ପୁରସ୍କାର ଲାଭ କରିଥିବା ଓଡ଼ିଆ ସାହିତ୍ୟିକଙ୍କ ନାମ କଣ ?
(କ) ଇତି ସାମନ୍ତ (ଖ) ରାମଚନ୍ଦ୍ର ନାୟକ
(ଗ) ବୀରେନ୍ଦ୍ର ମହାନ୍ତି (ଘ) ବୀରେନ୍ଦ୍ର ସାମନ୍ତରାୟ

୫. ୨୦୨୦ ପାଇଁ ଘୋଷିତ ହୋଇଥିବା ୬୭ତମ ଜାତୀୟ ଚଳଚିତ୍ର ପୁରସ୍କାରରେ କିଏ ଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ ହୋଇଛନ୍ତି ?
(କ) ତପସୀ ପନ୍ନୁ (ଖ) କଙ୍ଗନା ରାଣାଓ୍ବତ
(ଗ) ପଲ୍ଲବୀ ଜୋଶୀ (ଘ) ଆଲିଆ ଭଟ୍ଟ

୬. ଏହି ପୁରସ୍କାରରେ ହିନ୍ଦୀ ଚଳଚିତ୍ର ଭୋଁସଲେ ପାଇଁ ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଥିବା ତାରକାଙ୍କ ନାମ କଣ ?
(କ) ଅଜୟ ଦେବଗନ୍ (ଖ) ସୈଫ୍ ଅଲୀ ଖାନ୍
(ଗ) ମନୋଜ ବାଜପେୟୀ (ଘ) ରଣବୀର ସିଂହ

୭. ତାମିଲ ଚଳଚିତ୍ର ଅସୁରନ୍ ପାଇଁ ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଥିବା ଅନ୍ୟ ଜଣେ ତାରକାଙ୍କ ନାମ କଣ ?
(କ) ବିଜୟ ସେତୁପତି (ଖ) କମଲ ହାସନ
(ଗ) ଜୟମ୍ ରବି (ଘ) ଧନୁଷ

୮. ୨୦୨୦ ପାଇଁ ଘୋଷିତ ଏହି ଜାତୀୟ ଚଳଚିତ୍ର ପୁରସ୍କାରରେ ମାରାକ୍କର-ଲାୟନ୍ ଅଫ୍ ଦି ଆରବିୟନ୍ ସି ଶ୍ରେଷ୍ଠ ଚଳଚିତ୍ର ବିବେଚିତ ହୋଇଛି । ଏହା କେଉଁ ଭାଷାର ଚଳଚିତ୍ର ?
(କ) ତାମିଲ (ଖ) ମାଲୟାଲମ (ଗ) ଇଂରାଜୀ (ଘ) ମରାଠୀ

୯. ଗୁଡ୍ ଫ୍ରାଇଡେର ପରବର୍ତ୍ତୀ ରବିବାର ଦିନ କେଉଁ ପର୍ବ ପାଳିତ ହୁଏ ?
(କ) ଲେଂଟ୍ (ଖ) ଗୁଡ୍ ସନ୍‌ଡେ (ଗ) କାର୍ନିଭାଲ୍ (ଘ) ଇଷ୍ଟର୍

୧୦. ଚୈତ୍ର ପୂର୍ଣ୍ଣିମା ଦିନ କେଉଁ ଦେବତାଙ୍କ ଜନ୍ମଦିନ ପାଳିତ ହୁଏ ?
(କ) ଗୌତମ ବୁଦ୍ଧ (ଖ) ବାମନ (ଗ) ନୃସିଂହ (ଘ) ହନୁମାନ

## (୧୫) ଭୂଗୋଳ

୧. କେଉଁଟି ଏକ ସାମୁଦ୍ରିକ ସ୍ରୋତ ?
(କ) କ୍ୟାନାରୀ ସ୍ରୋତ (ଖ) ଲାବ୍ରାଡ଼ର ସ୍ରୋତ
(ଗ) ଉତ୍ତର ଆଟ୍‌ଲାଣ୍ଟିକ ସ୍ରୋତ (ଘ) କ୍ୟୁରାଇଲ ସ୍ରୋତ

୨. ଦୁଇ ଉଚ୍ଚଭୂମିର ମଧ୍ୟରେ ଥିବା ଅବତଳ ଭୂମିକୁ କ'ଣ କୁହାଯାଏ ?
(କ) ଉପତ୍ୟକା (ଖ) ଅନ୍ତରୀପ
(ଗ) ଉପହ୍ରଦ (ଘ) ଅଧୋଭାଙ୍ଗ

୩. ଗାଙ୍ଗେୟ ସମତଳ ଭୂମିରେ ଦେଖାଯାଉଥିବା ନୂତନ ପଟୁମାଟିକୁ କ'ଣ କୁହାଯାଏ ?
(କ) ଭାଙ୍ଗର (ଖ) ଖଦର
(ଗ) ଭାବର (ଘ) କଙ୍କର

୪. ନିଜର କୌଣସି ଗତି ନଥିବା ଅତି କ୍ଷୁଦ୍ର ଭାସମାନ ଜାତୀୟ ସାମୁଦ୍ରିକ ଜୀବ କେଉଁ ଶ୍ରେଣୀୟ ?
(କ) ନେକ୍‌ଟନ୍ (ଖ) ବେନ୍‌ଥସ୍
(ଗ) ପ୍ଲାଙ୍କଟନ୍ (ଘ) ଜେଲି

୫. ତୁନ୍ଦ୍ରାଞ୍ଚଳର ଦକ୍ଷିଣକୁ ରୁଷ ଦେଶର ସାଇବେରିଆ ଅଞ୍ଚଳରେ ଦେଖା ଯାଉଥିବା ସରଳ ବର୍ଗୀୟ ଅରଣ୍ୟକୁ କ'ଣ କୁହାଯାଏ ?
(କ) ଟାଇଗା (ଖ) ଷ୍ଟେପ୍
(ଗ) ଗୋବି (ଘ) ପ୍ରେରୀ

୬. କେଉଁଟି ଏକ ଅଣ ପାରମ୍ପରିକ ଶକ୍ତି ଉତ୍ସ ?
(କ) ତାପଜ ବିଦ୍ୟୁତ୍ (ଖ) ପଥର କୋଇଲା
(ଗ) ପେଟ୍ରୋଲିୟମ (ଘ) ଜୈବ ବାଷ୍ପ

୭. ମଣ୍ଟି ଭିଡ଼ିଓ କେଉଁ ଦେଶର ରାଜଧାନୀ ?
(କ) ପାରାଗୁଏ (ଖ) ଉରୁଗୁଏ
(ଗ) କଲମ୍ବିଆ (ଘ) ଇକ୍ୱେଡ଼ର

୮. କେଉଁ ଦେଶଟି ଅଷ୍ଟ୍ରେଲିଆ ମହାଦେଶର ଅନ୍ତର୍ଗତ ନୁହେଁ ?
(କ) ଭାନୁଆଟୁ (ଖ) ଫିଜି
(ଗ) ବ୍ରୁନେଇ (ଘ) ଟୋଙ୍ଗା

୯. ଭାରତର ପ୍ରମାଣ ସମୟ ସହିତ ଆଉ କେଉଁ ଦେଶର ପ୍ରମାଣ ସମୟ ଏକଦମ୍ ସମାନ ଅଟେ ?
(କ) ନେପାଳ (ଖ) ଶ୍ରୀଲଙ୍କା
(ଗ) ଉଜ୍ ବେକିସ୍ତାନ (ଘ) ମାଲଡ଼ିଭ୍ସ୍

୧୦. ବରେହୀପାଣି ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) ମୟୂରଭଞ୍ଜ (ଖ) କେନ୍ଦୁଝର
(ଗ) ସୁନ୍ଦରଗଡ଼ (ଘ) ଦେବଗଡ଼

**ଉତ୍ତର**

**୧. (ଘ) ମଣିଶଙ୍କର ମୁଖୋପାଧ୍ୟାୟ, ୨.(କ) ଅନାମିକା, ୩. (ଗ) କନ୍ନଡ଼, ୪.(ଖ) ରାମଚନ୍ଦ୍ର ନାୟକ, ୫. (ଖ) କଙ୍ଗନା ରାଣାଓ୍ବତ, ୬. (ଗ) ମନୋଜ ବାଜପେୟୀ, ୭.(ଘ) ଧନୁଷ, ୮. (ଖ) ମାଲୟାଲମ, ୯.(ଘ) ଇଷ୍ଟର, ୧୦. (ଘ) ହନୁମାନ**

୧. (ଗ)ଉତ୍ତର ଆଟ୍‌ଲାଣ୍ଟିକ ସ୍ରୋତ, ୨.(କ)ଉପତ୍ୟକା, ୩. (ଖ)ଖଦର, ୪.(ଗ)ପ୍ଲାଙ୍କଟନ୍, ୫(କ)ଟାଇଗା, ୬.(ଘ)ଜୈବ ବାଷ୍ପ, ୭.(ଖ) ଉରୁଗୁଏ, ୮.(ଗ)ବ୍ରୁନେଇ, ୯.(ଖ)ଶ୍ରୀଲଙ୍କା, ୧୦. (କ)ମୟୂରଭଞ୍ଜ।

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. କିଏ ଗ୍ରାମ ପଞ୍ଚାୟତର ଜଣେ ସ୍ଥାୟୀ ସଦସ୍ୟ ?
(କ) ଓ୍ୱାର୍ଡ଼ମେମ୍ବର (ଖ) ନାଏବ ସରପଞ୍ଚ
(ଗ) ସମ୍ପାଦକ (ଘ) ସରପଞ୍ଚ

୨. ଆମ ରାଜ୍ୟରେ କେତୋଟି ପଞ୍ଚାୟତ ସମିତି ଅଛି ?
(କ) ୩୦୦ (ଖ) ୩୧୦
(ଗ) ୩୧୪ (ଘ) ୩୧୫

୩. ଜିଲ୍ଲା ପରିଷଦର କାର୍ଯ୍ୟକାଳ କେତେ ବର୍ଷ ?
(କ) ୨ (ଖ) ୩
(ଗ) ୫ (ଘ) ୬

୪. ୧ଲକ୍ଷରୁ ଅଧିକ ଲୋକସଂଖ୍ୟା ଥିବା ସହରରେ କେଉଁଟିଗଠନ କରାଯାଇ ଥାଏ ?
(କ) ମହାନଗର ନିଗମ (ଖ) ପୌରପାଳିକା
(ଗ) ଜିଲ୍ଲାପରିଷଦ (ଘ) ବିଜ୍ଞାପିତ ଅଞ୍ଚଳ ପରିଷଦ

୫. ଜିଲ୍ଲାପରିଷଦର ମୁଖ୍ୟଙ୍କୁ କ'ଣ କୁହାଯାଏ ?
(କ) ସରପଞ୍ଚ (ଖ) ମେୟର
(ଗ) ସମ୍ପାଦକ (ଘ) ଅଧ୍ୟକ୍ଷ

୬. ରାଜ୍ୟସଭା ସଦସ୍ୟ ହେବାପାଇଁ ସର୍ବନିମ୍ନ ବୟସ ସୀମା କେତେ ?
(କ) ୩୦ ବର୍ଷ (ଖ) ୩୧ ବର୍ଷ
(ଗ) ୩୨ ବର୍ଷ (ଘ) ୩୪ ବର୍ଷ

୭. କିଏ ସମଗ୍ର ଭାରତର ଐକ୍ୟର ପ୍ରତୀକ ଅଟନ୍ତି ?
(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ଉପରାଷ୍ଟ୍ରପତି (ଘ) ମନ୍ତ୍ରୀପରିଷଦ

୮. କିଏ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦିଅନ୍ତି ?
(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି
(ଗ) ପ୍ରଧାନମନ୍ତ୍ରୀ (ଘ) ବାଚସ୍ପତି

୯. କେଉଁ ତାରିଖକୁ ପ୍ରତିବର୍ଷ ମାନବିକ ଅଧିକାର ଦିବସ ରୂପେ ପାଳନ କରାଯାଉଛି ?
(କ) ଜାନୁୟାରୀ ୧୦ (ଖ) ଜୁନ୍ ୧୫
(ଗ) ଅଗଷ୍ଟ ୧୧ (ଘ) ସେପ୍ଟେମ୍ବର ୧୧

୧୦. ଭାରତକୁ କ୍ୟାବିନେଟ୍ ମିଶନ କେବେ ଆସିଥିଲେ ?
(କ) ୧୯୪୬ (ଖ) ୧୯୪୭
(ଗ) ୧୯୪୮ (ଘ) ୧୯୫୦

## (୧୭) କମ୍ପ୍ୟୁଟର୍ ଶିକ୍ଷା

୧. କେଉଁଟି ସିଆର ଓ CRO (Cathode Ray Oscilloscope) ଅଟେ ?
(କ) ମନିଟର (ଖ) ପ୍ରିଣ୍ଟର
(ଗ) ସ୍କାନର (ଘ) ଡ଼ିଜିଟାଲ କ୍ୟାମେରା

୨. କେଉଁ ସାଇନ୍‌ଟି ଫରମୁଲା ପାଇଁ ବ୍ୟବହାର କରାଯାଏ ?
(କ) = (ଖ) / (M) * (ଘ) -

୩. ଗୋଟିଏ ପାୱାର ପଏଣ୍ଟ ପ୍ରେଜେନ୍‌ଟେସନ୍‌ର କେଉଁ 'କି' ବ୍ୟବହାର କଲେ ପ୍ରେଜେନ୍‌ଟେସନ୍ ଚାଲୁରହିଥାଏ ।
(କ) F2 (ଖ) F3
(ଗ) F4 (ଘ) F5

୪. କମ୍ପ୍ୟୁଟରରେ ହାର୍ଡ଼ଡ଼ିକ୍ସଟି କେଉଁ ଡ୍ରାଇଭ୍‌ରେ ଦେଖାଦିଏ ?
(କ) C (ଖ) D
(ଗ) H (ଘ) E

୫. 'FAT' କହିଲେ କ'ଣ ବୁଝାଯାଏ ?
(କ) ଫାଇଲ୍ ଆକ୍ଟିଭିଟି ଟେବୁଲ
(ଖ) ଫାଇଲ୍ ଆଲୋକେସନ୍ ଟେବୁଲ୍
(ଗ) ଫାଇଲ୍ ଆସେସ୍ ଟେପ୍
(ଘ) ଫାଇଲ୍ ଆକୋମୋଡ଼େସନ୍ ଟେବୁଲ୍

୬. କେଉଁଥିରେ ଆମେ ୱେବ୍ ପେଜେସ୍ ଦେଖିପାରିବା ?
(କ) ମୋଲ୍ କ୍ଲାଏଣ୍ଟ (ଖ) ବ୍ରାଉଜର୍
(ଗ) ଏଫଟିପି କ୍ଲାଏଣ୍ଟ (ଘ) ମେସେଞ୍ଜର

୭. କେଉଁ ସର୍ଟକର୍ଟ 'କି'ରେ ଆମେ ଡକୁମେଣ୍ଟକୁ ସେଭ୍ କରିଥାଉ ?
(କ) F1 (ଖ) F6
(ଗ) F12 (ଘ) Ctrl+S

୮. ପ୍ରିଣ୍ଟରଟି କେଉଁ ପ୍ରକାର ଡ଼ିଭାଇସ୍ ଅଟେ ?
(କ) ଇନ୍‌ପୁଟ୍ (ଖ) ଆଉଟପୁଟ୍
(ଗ) ପ୍ରୋସେସର (ଘ) ସଫ୍‌ଓ୍ୱାର

୯. 'ବିଟ୍' ଟର୍ମଟି କାହାର ସର୍ଟନାମ ଅଟେ ?
(କ) ମେଗାବାଇଟ୍ (ଖ) ବାଇନାରୀ ଲାଙ୍ଗୁଏଜ୍
(ଗ) ବାଇନାରୀ ଡ଼ିଜିଟ୍ (ଘ) ବାଇନାରୀ ନମ୍ବର

୧୦. ଡ୍ରଇଂ ଟୁଲ୍‌ବାରରେ କେତୋଟି ଡ୍ରଇଂ ଅବ୍‌ଜେକ୍ଟ ଅଛି ?
(କ) ୪ (ଖ) ୫
(ଗ) ୧୦ (ଘ) ୧୨

**ଉତ୍ତର**

୧.(ଗ) ସମ୍ପାଦକ, ୨.(ଗ) ୩୧୪, ୩.(ଗ) ୫ , ୪.(ଖ) ପୌରପାଳିକା, ୫.(ଘ)ଅଧ୍ୟକ୍ଷ, ୬.(କ) ୩୦ ବର୍ଷ,୭.(କ) ରାଷ୍ଟ୍ରପତି,୮.(କ) ରାଷ୍ଟ୍ରପତି,୯.(କ) ଜାନୁୟାରୀ ୧୦, ୧୦.(କ)୧୯୪୬।

୧.(କ) ମନିଟର, ୨.(କ) =, ୩.(ଘ) F5, ୪.(ଖ) D, ୫. (ଖ) ଫାଇଲ୍ ଆଲୋକେସନ୍ ଟେବୁଲ୍, ୬.(ଖ) ବ୍ରାଉଜର, ୭.(ଘ) Ctrl+S, ୮.(ଖ) ଆଉଟପୁଟ୍, ୯.(ଗ) ବାଇନାରୀ ଡ଼ିଜିଟ୍, ୧୦.(ଗ) ୧୦

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. କେଉଁ ଦୁଇଟି ବିଶିଷ୍ଟ ସଂଖ୍ୟାରୁ ପ୍ରତ୍ୟେକ ଅଙ୍କକୁ ୧ କରି ବଢ଼ାଇଲେ ତାହା ମଧ୍ୟ ପୂର୍ଣ୍ଣ ବର୍ଗ ହୋଇଥାଏ ?
(କ)୧୬ (ଖ)୨୫ (ଗ) ୩୬ (ଘ) ୪୯

୨. '୪' ଦ୍ୱାରା ବିଭାଜ୍ୟ ହେଉଥିଲେ ମଧ୍ୟ ନିମ୍ନଲିଖିତ କେଉଁ ମସିହାରେ ଅଧିବର୍ଷ ପଡ଼ିବାର ନାହିଁ
(କ)୨୦୨୦ ଖ) ୨୦୬୦ (ଗ)୨୦୮୦ (ଘ)୨୧୦୦

୩. ୧ଦିନ କେତେ ସେକେଣ୍ଡ ?
(କ) ୮୬୪୦୦ (ଖ) ୪୩୨୦୦
(ଗ) ୧୭୨୮୦୦ (ଘ) ୨୧୬୦୦

୪. ୬ଟି ସରଳରେଖା ପରସ୍ପରକୁ ଅତିବେଶିରେ କେତୋଟି ବିନ୍ଦୁରେ ଛେଦ କରିପାରିବେ ?
(କ)୯ଟି (ଖ)୭ଟି (ଗ) ୮ଟି (ଘ) ୧୫ଟି

୫. ପ୍ରଥମ ୧୨ଟି ୭ର ଗୁଣିତକମାନଙ୍କର ସମଷ୍ଟି କେତେ ?
(କ) ୫୪୮ (ଖ) ୫୪୭
(ଗ) ୫୪୬ ୫୪୯

୬. ଜାହାଜରେ ସମୟ ନିରୂପଣ ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଇଥାଏ ?
(କ) ଫାଦୋମିଟର୍ (ଖ) କ୍ରୋନମିଟର୍
(ଗ) ଗଟ୍ୱାଚ୍ (ଘ) ଟାଇକୋମିଟର୍

୭ ସକାଳ ୯ଟାରୁ ସନ୍ଧ୍ୟା ୪ଟା ମଧ୍ୟରେ ସମୟ କେତେ ?
(କ) ୭ ଘଣ୍ଟା (ଖ) ୮ ଘଣ୍ଟା
(ଗ) ୫ ଘଣ୍ଟା (ଘ) ୨ ଘଣ୍ଟା

୮. ଜଣେ ସ୍ତ୍ରୀ ଲୋକ କହିଲା, ଯଦି ମୋର ବୟସକୁ ଲେଉଟାଇ ଦିଆଯାଏ ତାହା ମୋର ସ୍ୱାମୀଙ୍କର ବୟସ। ସେ ମୋଠାରୁ ବୟସ୍କ। ଆଉ ବୟସର ତଫାତ୍ ଉଭୟଙ୍କର ବୟସର ସମଷ୍ଟିର ୧/୧୧ ଅଟେ। ତେବେ ସେ ସ୍ତ୍ରୀ ଲୋକର ବୟସ କେତେ ?
(କ)୨୩ (ଖ) ୩୪ (ଗ) ୪୫ (ଘ) କୌଣସିଟିନୁହେଁ

୯. ଜଣେ ଲୋକ ପାଖରେ ୧ ଟଙ୍କିଆ, ୫ଟଙ୍କିଆ ଏବଂ ୧୦ ଟଙ୍କିଆ ମୁଦ୍ରା ଅଛି। ସବୁ ପ୍ରକାର ମୁଦ୍ରାର ସଂଖ୍ୟା ସମାନ ଓ ଏହାର ମୋଟ ମୁଲ୍ୟ ୪୮୦ଟଙ୍କା, ତେବେ ତା ପାଖରେ ସମୁଦାୟ ମୁଦ୍ରା ସଂଖ୍ୟା କେତେ ?
(କ)୪୫ (ଖ ) ୭୨ (ଗ) ୭୪(ଘ) ୯୦

୧୦.ଯଦି ୧୦୦ଟା ବିରାଡ଼ି ୧୦୦ଟି ମୂଷାକୁ ୧୦୦ ଦିନରେ ମାରନ୍ତି। ୪ଟା ମୂଷାକୁ୪ଟି ବିରାଡ଼ି କେତେ ଦିନରେ ମାରିବେ ?
(କ)୧ଦିନ (ଖ) ୪ଦିନ (ଗ)୪୦ଦିନ (ଘ)୧୦୦ଦିନ

## (୧୯) ସାଧାରଣ ବିଜ୍ଞାନ

୧. କେଉଁଥିରେ ଖାଦ୍ୟର ପ୍ରାୟ ସମସ୍ତ ଉପାଦାନ ଥାଏ ?
(କ) ଦୁଧ (ଖ) ଡ଼ାଲି
(ଗ) ମାଂସ (ଘ) ଛେନା

୨. କେଉଁ ଖାଦ୍ୟରେ ଶତକଡ଼ା ୧୦୦ଭାଗ ଶ୍ୱେତସାର ଥାଏ ?
(କ) ଚିନି (ଖ) ଆଳୁ
(ଗ) ରସଗୋଲା (ଘ) ଭାତ

୩. କେଉଁ ଜାତୀୟ ଖାଦ୍ୟରୁ ସର୍ବାଧିକ ଶକ୍ତି ମିଳିଥାଏ ?
(କ) ଧାତୁସାର (ଖ) ସ୍ନେହସାର
(ଗ) ଶ୍ୱେତସାର (ଘ) ପୁଷ୍ଟିସାର

୪. କେଉଁ ରୋଗଟି ସଂକ୍ରାମକ ଅଟେ ?
(କ) ଲହରାକଣ (ଖ) ଗଳକଣ୍ଡ
(ଗ) ମଧୁମେହ (ଘ) ହୃଦ୍‌ରୋଗ

୫. ଉଦ୍ଭିଦଜାତ ଖାଦ୍ୟରୁ କେଉଁ ଭିଟାମିନ୍ ମିଳେ ନାହିଁ ?
(କ) ବି୧ (ଖ) ବି୨
(ଗ) ବି୧୨ (ଘ) ବି୬

୬. ଧୂମପାନ ଯୋଗୁଁ କେଉଁ ରୋଗ ହୋଇଥାଏ ?
(କ) ମନ୍ଦପୁଷ୍ଟି (ଖ) ଗଳଗଣ୍ଡ
(ଗ) ହିମୋଫିଲିଆ (ଘ) କ୍ୟାନ୍‌ସର୍

୭. ପ୍ରୋଟିନ ଅଭାବଜନିତ ମନ୍ଦପୁଷ୍ଟିକୁ କଣ କହନ୍ତି ?
(କ) ମାରାସ୍‌ମସ୍ (ଖ) ଅନ୍ଧାରକଣ
(ଗ) କ୍ୱାସିଓର୍‌କର୍ (ଘ) ଗଳଗଣ୍ଡ

୮. ନିମ୍ନୋକ୍ତ କେଉଁ ଖାଦ୍ୟରେ ଆଦୌ ହାଇଡ୍ରେଟ୍ ନଥାଏ ?
(କ) ମାଂସ (ଖ) ମାଛ
(ଗ) ଡ଼ାଲି (ଘ) ପନିପରିବା

୯. ଶାରୀରିକ ପରିଶ୍ରମ କରୁଥିବା ଲୋକ କେଉଁ ଖାଦ୍ୟ ଖାଇବା ଉଚିତ୍ ?
(କ) ଜୀବସାର (ଖ) ଶ୍ୱେତସାର
(ଗ) ଧାତୁସାର (ଘ) ପୁଷ୍ଟିସାର

୧୦. କେଉଁଥିରେ ଭିଟାମିନ୍ - ଇ ଥାଏ ?
(କ) ସୋରିଷ ତେଲ (ଖ) ରାଶି ତେଲ
(ଗ) ନଡ଼ିଆ ତେଲ (ଘ) ବାଦାମ ତେଲ

**ଉତ୍ତର**

୧.(ଖ)୨୫,୨.(ଘ)୨୧୦୦,୩.(କ) ୮୬୪୦୦ , ୪.(ଘ)୧୫ଟି, ୫.(ଗ)୫୪୬, ୬.(ଖ)କ୍ରୋନମିଟର, ୭.(କ)୭ଘଣ୍ଟା ୪, ୮.(ଗ)୪୫, ୯.(ଘ)୯୦,୧ ୦. (ଘ)୧୦୦ଦିନ।

୧.(କ)ଦୁଧ, ୨.(କ)ଚିନି, ୩.(ଖ)ସ୍ନେହସାର, ୪.(କ)ଲହରାକଣ, ୫.(ଗ)ବି୧ , ୬.(ଘ)କ୍ୟାନ୍‌ସର,୭.(ଗ) କ୍ୱାସିଓର୍‌କର,୮.(କ)ମାଂସ, ୯.(ଖ)ଶ୍ୱେତସାର,୧୦.(ଖ) ରାଶି ତେଲ ।

(୨୦) କେନ୍ଦୁଝର ଜିଲ୍ଲା

୧. ଜିଲ୍ଲାର ନାମ - କେନ୍ଦୁଝର
୨. ଗଠନ - ୧ ଜାନୁଆରି ୧୯୪୮
୩. କ୍ଷେତ୍ରଫଳ - ୮୩୦୩ ବର୍ଗ କି.ମି
୪. ଜନସଂଖ୍ୟା - ୧୮୦୨୭୭୭
(କ) ପୁରୁଷ -୯୦୭୧୩୫
(ଖ) ମହିଳା -୮୯୫୬୪୨
୫. ଉପଖଣ୍ଡ -୦୩
୬. ତହସିଲ - ୧୩ (ହରିଚନ୍ଦନପୁର, ଘଟଗାଁ, ପାଟଣା, ସାହରପଡ଼ା, କେନ୍ଦୁଝର ସଦର, ଚମ୍ପୁଆ, ଯୋଡ଼ା, ଜୁମ୍ପୁରା, ଆନନ୍ଦପୁର, ଘଷିପୁରା, ହାଟଡ଼ିହି, ତେଲକୋଇ, ବାଂସପାଳ ।)
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) ୧୩ (ହରିଚନ୍ଦନପୁର, ଘଟଗାଁ, ପାଟଣା, ସାହରପଡ଼ା, କେନ୍ଦୁଝର ସଦର, ଚମ୍ପୁଆ, ଯୋଡ଼ା, ଜୁମ୍ପୁରା, ଆନନ୍ଦପୁର, ଘଷିପୁରା, ହାଟଡ଼ିହି, ତେଲକୋଇ, ବାଂସପାଳ ।)
୮. ଗ୍ରାମ ପଞ୍ଚାୟତ - ୨୮୬
୯. ଗ୍ରାମ - ୨୧୨୩
୧୦. ଥାନା - ୨୫
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) - ୦୩
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୧
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ -
ଟେଲକୋଇ(ST)-୨୧, ଘାସିପୁର-୨୧ ୨୧,ଆନନ୍ଦପୁର(SC)- ୨୨, ପାଟ୍ନା(ST) -୨୩, କେନ୍ଦୁଝର(ST) - ୨୪, ଚମ୍ପୁଆ- ୨୫
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୨୫୩୪୧୮(୯୫୭)
୧୫. ସାକ୍ଷରତା ହାର - ୬୯%
୧୬.ପୁରୁଷ ସାକ୍ଷରତା ହାର - ୭୯.୨୨ %
୧୭. ମହିଳା ସାକ୍ଷରତା ହାର- ୫୮.୭୦%
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୫.୪୨%
୧୯.ଜନସଂଖ୍ୟା ଘନତ୍ୱ - ୨୧୭/ ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା- ୯୮୭
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୫୨
୨୨. ନିଆଁଲିଭା କେନ୍ଦ୍ର - ୭
୨୩.ଲୋକସଭା ଆସନ ସଂଖ୍ୟା - ୧
୨୪ ଜଙ୍ଗଲ ଜମି - ୨୫୨୫.୦୮ ବର୍ଗ କି.ମି
୨୫.ହାରାହାରି ତାପମାତ୍ରା-ସର୍ବନିମ୍ନ ୪୩.୦୦-ସର୍ବୋଚ୍ଚ ୫.୨୦
୨୬. ସାଧାରଣ ବୃଷ୍ଟିପାତ - ୧୫୩୪.୫.୨ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୦୯
୨୮.ପର୍ଯ୍ୟଟନସ୍ଥଳୀ - ବଡ଼ଘାଗରା, ଦେଓଗାଁ, ଘଟଗାଁ, ଗୋନାସିକା, ଗୁଣ୍ଡିଚାଘାଇ, ହାଡ଼ଗଡ଼ା, ହାଣ୍ଡିଭଙ୍ଗା, କାଞ୍ଜିପାଣି, ଖଣ୍ଡାଧାର, ମୁର୍ଗା ମହାଦେବ, ରାଜନଗର, ସାନଘାଗରା, ସରାଇ, ସିତାବିଞ୍ଜି ।

## ପର୍ବପର୍ବାଣୀ

| ଅପ୍ରେଲ୍ ୨୦୨୧ | |
|---|---|
| ତା.୨ | ସ୍କନ୍ଦ ଷଷ୍ଠୀ ଓ ପଞ୍ଚୁଦୋଳ |
| ତା.୫ | ବୃହସ୍ପତି ଚଳନ ଓ ଶରଣ ଆରମ୍ଭ |
| ତା.୭ | ପାପମୋଚନୀ ଏକାଦଶୀ ଓ ହଳ ନିଷେଧ |
| ତା.୯ | ବାରଣୀ ସ୍ନାନ ଓ ଶରଣ ଶେଷ |
| ତା.୧୦ | ସ୍ନୁହୀ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ |
| ତା.୧୧ | ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳନିଷେଧ |
| ତା.୧୨ | ମଧୁ ଅମାବାସ୍ୟା, ବାସନ୍ତୀକ ନବଦିନାତ୍ମକ ପୂଜାରମ୍ଭ ଓ ସୋମମହତୀ ସ୍ନାନ |
| ତା.୧୩ | ସୃଷ୍ଟ୍ୟାରମ୍ଭ ଦିବସ ଓ ସମ୍ବତ୍ ୨୦୭୮ ପ୍ରବେଶ, ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ରମଜାନ ମାସ ଆରମ୍ଭ, ମାସାନ୍ତ ଓ ବର୍ଷ ଶେଷ |
| ତା.୧୪ | ମହାବିଷୁବ ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ହଳ ନିଷେଧ |
| ତା.୧୮ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ବିଲ୍ୱବରଣ ଓ ଶ୍ରୀ ମନ୍ଦିରରେ ଚୈତ୍ର ଗୁଣ୍ଡିଚା |
| ତା.୧୯ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ସପ୍ତମୀ ପୂଜା |
| ତା.୨୦ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା, ଅଶୋକାଷ୍ଟମୀ ଓ ଶ୍ରୀ ଲିଙ୍ଗରାଜ ଦେବଙ୍କର ରଥଯାତ୍ରା |
| ତା.୨୧ | ଶ୍ରୀରାମ ନବମୀ ଓ ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ନବମୀ ପୂଜା |
| ତା.୨୨ | ବାସନ୍ତୀକ ଦଶହରା ଓ ସୁଦଶା ବ୍ରତ |
| ତା.୨୩ | କାମଦା ଏକାଦଶୀ ଓ ହଳ ନିଷେଧ |
| ତା.୨୫ | ଅନଙ୍ଗ ତ୍ରୟୋଦଶୀ, ବିଷ୍ଣୁ ଓ ଶିବ ଦମନକ ଚତୁର୍ଦ୍ଦଶୀ ଓ ଶିବଚତୁର୍ଦ୍ଦଶୀ |
| ତା.୨୬ | ହିଙ୍ଗୁଳା ଯାତ୍ରା ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ତା.୨୭ | ଚୈତ୍ର ପୂର୍ଣ୍ଣିମା ଓ ବୈଶାଖ ବ୍ରତାରମ୍ଭଃ |

| ମଇ ୨୦୨୧ | |
|---|---|
| ତା.୨ | ଶରଣ ଆରମ୍ଭ |
| ତା.୭ | ବରୁଥିନୀ ଏକାଦଶୀ, ଶରଣ ଶେଷ ଓ ହଳ ନିଷେଧ |
| ତା.୧୦ | ସବେ - କଦର (ପୂର୍ବରାତ୍ରି), ଶିବ ଚତୁର୍ଦ୍ଦଶୀ ଓ ବେଢ଼ା |
| ତା.୧୧ | ରୁକ୍ମିଣୀ ଅମାବାସ୍ୟା, ଚନ୍ଦ୍ରକ୍ଷୟ, ନିଶିପାଳନ, ଗୋସହସ୍ରୀ ସ୍ନାନ ଓ ହଳ ନିଷେଧ |
| ତା.୧୩ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ |
| ତା.୧୪ | ଇଦୁଲ୍ ଫିତର ଓ ମାସାନ୍ତ |
| ତା.୧୫ | ବୃଷ ସଂକ୍ରାନ୍ତି, ଅକ୍ଷୟ ତୃତୀୟା ଓ ହଳ ନିଷେଧ |
| ତା.୧୭ | ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ |
| ତା.୧୮ | ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ |
| ତା.୨୦ | ନୀଳାଦ୍ରୀ ମହୋଦୟାଷ୍ଟମୀ |
| ତା.୨୧ | ସୀତା ନବମୀ |
| ତା.୨୨ | ଶନିଶ୍ଚର ଯଜ୍ଞ |
| ତା.୨୩ | ମୋହିନୀ ଏକାଦଶୀ, ରବି ନାରାୟଣ ବ୍ରତ ଓ ହ.ନି |
| ତା.୨୫ | ନୃସିଂହ ଚତୁର୍ଦ୍ଦଶୀ ଜନ୍ମ ଓ ଉପବାସ, ଶିବଚତୁର୍ଦ୍ଦଶୀ ଓ ବେଢ଼ା |
| ତା.୨୬ | ଚନ୍ଦନ ଓ ବୁଦ୍ଧ ପୂର୍ଣ୍ଣିମା, ବୈଶାଖ ବ୍ରତ ସମାପନ ଓ ଚନ୍ଦ୍ରପୂଜା |
| ତା.୨୯ | ଶରଣ ଆରମ୍ଭ ଓ ସମ୍ବତ୍ସର ପ୍ରବେଶ |

ବିବାହ : ତା. ୮/୯/୧୯/୨୦/୨୧/୨୨/୨୩/୨୪ ରିଖ।

## ବିଭିନ୍ନ ଦିବସ ପାଳନ

| ଅପ୍ରେଲ ୨୦୨୧ | |
|---|---|
| ତା ୧ - | ଉତ୍କଳ ଦିବସ, |
| ତା ୨ - | ବିଶ୍ୱ ଅଟିଜିମ୍ ଦିବସ |
| ତା ୫ - | ବିଶ୍ୱ ନୌବାହିନୀ ଦିବସ |
| ତା ୭ - | ବିଶ୍ୱ ସ୍ୱାସ୍ଥ୍ୟ ଦିବସ |
| ତା ୧୦ - | ରାଷ୍ଟ୍ରୀୟ ସୁରକ୍ଷିତ ମାତୃତ୍ୱ ଦିବସ |
| ତା ୧୧ - | ଜାତୀୟ ନିରାପଦ ମାତୃତ୍ୱ ଦିବସ |
| ତା ୧୨ - | ଶାରିରିକ ଶିକ୍ଷା ଦିବସ |
| ତା ୧୩ - | ଓଡ଼ିଶା ରାଜଧାନୀ ପ୍ରତିଷ୍ଠା ଦିବସ |
| ତା ୧୪ - | ଅଗ୍ନିସମ ସେବା ଦିବସ |
| ତା ୧୫ - | ହିମାଚଳ ପ୍ରଦେଶ ଦିବସ |
| ତା ୧୭ - | ବିଶ୍ୱ ହେମୋଫୋଲିଆ ଦିବସ |
| ତା ୧୮ - | ବିଶ୍ୱ ଐତିହ ଦିବସ |
| ତା ୧୯ - | ଜାତୀୟ ବୀମା ଦିବସ |
| ତା ୨୨ - | ଆର୍ନ୍ତଜାତୀକ (ପୃଥିବୀ) ଦିବସ |
| ତା ୨୩ - | ବିଶ୍ୱ ପୁସ୍ତକ ଓ ସ୍ୱତ୍ତ୍ୱାଧିକାର ଦିବସ |
| ତା ୨୪ - | ମାନବାଧିକାର ଦିବସ |
| ତା ୨୫ - | ବିଶ୍ୱ ମାଲେରିଆ ଦିବସ |
| ତା ୨୬ - | ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ |
| ତା ୨୮ - | ସ୍ୱାଭିମାନ ଦିବସ (ମଧୁସୂଦନ ଜୟନ୍ତୀ) |
| ତା ୩୦ - | ଶିଶୁ ଶ୍ରମିକ ଦିବସ |

| ମଇ ୨୦୨୧ | |
|---|---|
| ତା ୦୧ - | ଶ୍ରମିକ ଦିବସ, ମହାରାଷ୍ଟ୍ର ଦିବସ, ଗୁଜୁରାଟ ଦିବସ |
| ତା ୦୨ - | ବିଶ୍ୱ ହସ ଦିବସ (ଦ୍ୱିତୀୟ ରବିବାର) |
| ତା ୦୩ - | ପ୍ରେସ୍ ସ୍ୱାଧୀନତା ଦିବସ |
| ତା ୦୪ - | କୋଇଲା ଖଣି -ଶ୍ରମିକ ଦିବସ |
| ତା ୦୪ - | ଅଗ୍ନିଶମ ଶ୍ରମିକ ଦିବସ |
| ତା ୦୪ - | ବିଶ୍ୱ ଆସ୍ଥମା ଦିବସ(ପ୍ରଥମ ମଙ୍ଗଳବାର ) |
| ତା ୦୭ - | ବିଶ୍ୱ କ୍ରୀଡା ଦିବସ, ରବିନ୍ଦ୍ରନାଥ ଠାକୁର ଜୟନ୍ତୀ |
| ତା ୦୮ - | ବିଶ୍ୱ ରେଡ଼କ୍ରସ ଦିବସ |
| ତା ୦୮ - | ବିଶ୍ୱ ଥାଲାସେମିଆ ଦିବସ |
| ତା ୦୯ - | ବିଜୟୀ ଦିବସ |
| ତା ୧୧ - | ବିଶ୍ୱ ମାତୃ ଦିବସ (ମେ ମାସ ଦ୍ୱିତୀୟ ରବିବାର) |
| ତା ୧୩ - | ଜାତୀୟ ସଂହତି ଦିବସ |
| ତା ୧୬ - | ସିକିମ୍ ଜାତୀୟ ଦିବସ |
| ତା ୧୭ - | ବିଶ୍ୱ ଟେଲିଯୋଗାଯୋଗ ଦିବସ |
| ତା ୧୭ - | ବିଶ୍ୱ ରକ୍ତଚାପ ଦିବସ |
| ତା ୧୮ - | ପୋଖରାନ ପରମାଣୁ ପରୀକ୍ଷଣ ଦିବସ |
| ତା ୧୮ - | ବିଶ୍ୱ ଏଡସ୍ ଟିକା ଦିବସ |
| ତା ୧୮ - | ଅନ୍ତର୍ଜାତୀୟ ମ୍ୟୁଜିୟମ ଦିବସ |
| ତା ୨୧ - | ବିଶ୍ୱ ଆତଙ୍କବାଦୀ ବିରୋଧ ଦିବସ |
| ତା ୨୪ - | ରାଜ୍ୟଗୋଷ୍ଠୀ ଦିବସ |
| ତା ୨୯ - | ମାଉଣ୍ଟ ଏଭରେଷ୍ଟ ଦିବସ |
| ତା ୩୧ - | ବିଶ୍ୱ ତମାଖୁ ବର୍ଜନ ଦିବସ |




# About

Zemusi Tech Solutions Pvt. Ltd. is a global Information Technology company, who is backed with a dedicated team of designers and developers to provide enterprise services to clients across the world and to bring an end to end business solution to surround you with technology.

## We Offer The Best Service

- ☑ Website Design
- ☑ Website Developing
- ☑ Android Developing
- ☑ IOS Developing
- ☑ Application Development

Zemusi Tech Solutions Pvt. Ltd. M5/23, Acharya Vihar Bhubaneswar, Odisha-751013, India +91-674-297-3666 ,info@zemusitech.com

Postal Regd. No. : PURI-33/2019-21
Volume-11 I Issue No.-10 I Monthly I April-2021 I RNI Regn. No. ODIODI/2010/35051 I Page-52


# ସହଯୋଗ ହସ୍ପିଟାଲ୍

ଟି.ଏଲ୍.ସି ଇଲେକ୍ଟ୍ରିକ୍ ଅଫିସ୍ ସାମ୍ନା (ଖଣିପାଖ), ଖୋର୍ଦ୍ଧା

(ସେବାରୁ ଆରମ୍ଭ ସେବାରେ ଶେଷ)

SAHAJOG HOSPITAL

## ଆଡ୍‌ଭାନସ୍ ଲାପାରୋସ୍କୋପିକ୍ ଅପରେସନ୍ ସେଣ୍ଟର

ଏଠାରେ ଅତ୍ୟାଧୁନିକ ପଦ୍ଧତିରେ ଅପରେସନ୍ କରାଯାଏ

- ଲାପାରୋସ୍କୋପିକ୍ ଗଲ୍‌ବ୍ଲାଡର୍ ଷ୍ଟୋନ୍ ଅପରେସନ୍
- ଲାପାରୋସ୍କୋପିକ୍ ଆପେଣ୍ଡିକ୍ସ ଅପରେସନ୍
- ଲାପାରୋସ୍କୋପିକ୍ ଗର୍ଭାଶୟ (L.A.V.H.,T.L.H.) ଅପରେସନ୍
- ଲାପାରୋସ୍କୋପିକ୍ ଅଣ୍ଡକୋଷ (ଓଭାରି) ଅପରେସନ୍
- ଲାପାରୋସ୍କୋପିକ୍ ଟ୍ୟୁମର ଅପରେସନ୍
- ଲାପାରୋସ୍କୋପିକ୍ ହାର୍ନିଆ ଅପରେସନ୍
- ଲାପାରୋସ୍କୋପିକ୍ ଭେଣ୍ଟ୍ରାଲ୍ ହାର୍ନିଆ ଅପରେସନ୍
- ଲାପାରୋସ୍କୋପିକ୍ ପରିସ୍ରା ଥଳି ଅପରେସନ୍
- ଲାପାରୋସ୍କୋପିକ୍ ପରିସ୍ରା ନଳୀ ଅପରେସନ୍
- ଲାପାରୋସ୍କୋପିକ୍ ପ୍ରୋଷ୍ଟେଟ୍ ଅପରେସନ୍
- ଲାପାରୋସ୍କୋପିକ୍ କିଡ୍ନି ପଥର ଅପରେସନ୍

ସମ୍ପର୍କ : ୦୬୭୫୫-୨୨୧୩୨୧/୨୨୨୨୭୭, ୯୯୩୮୪୪୬୩୦୯
୮୫୯୮୦୮୦୫୨୯, ୯୯୩୭୦୫୪୩୨୬, ୯୯୩୭୨୩୨୭୦୦


Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash